# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୮/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, October 18/2023 | Page 16 | ₹ 7.00

୪୯ଶ ଭାଗ ୩୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 324 | ମୂଲ୍ୟ ₹୭/-






KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୮/୨୦୨୩ | Bhubaneswar, Wednesday, October 18/2023 | ପୃଷ୍ଠା-୧




## କିଶୋର ଜେନା ସମ୍ବର୍ଦ୍ଧିତ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଭେଲିନ ଥ୍ରୋୟର କିଶୋର ଜେନାଙ୍କୁ ଦେଢ଼ କୋଟି ଟଙ୍କା ପୁରସ୍କାର ସହ ସମ୍ବର୍ଦ୍ଧିତ କରିଛନ୍ତି।

୧୪

୧୧

## ବିବାହ ଶାଢ଼ି ପିନ୍ଧି ପୁରସ୍କାର ଗ୍ରହଣ କଲେ

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଜାତୀୟ ପୁରସ୍କାର ଗ୍ରହଣ କରିବା ସମୟରେ ନିଜ ବିବାହ ଶାଢ଼ି ପିନ୍ଧିଥିବା ଦେଖିବାକୁ ମିଳିଛି।



# ସମଲିଙ୍ଗୀ ବିବାହକୁ ସୁପ୍ରିମକୋର୍ଟଙ୍କ ନା

**ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ପୀଠ ମଙ୍ଗଳବାର ସମଲିଙ୍ଗୀ ବିବାହକୁ ସ୍ୱତନ୍ତ୍ର ବିବାହ ଆଇନ ଅଧୀନରେ ଆଇନଗତ ସ୍ୱୀକୃତି ଦେବାକୁ ମନାକରିଦେଇଛନ୍ତି। ଏପରି ମିଳନକୁ ବୈଧ କରିବା ସକାଶେ ଆଇନରେ ପରିବର୍ତ୍ତନ ପାଇଁ ପାର୍ଲାମେଣ୍ଟ ନିଷ୍ପତ୍ତି ନେଇପାରିବ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ଅସ୍ୱାଭାବିକ ବା ଅପ୍ରାକୃତିକ ଯୌନ ସମ୍ପର୍କ ରକ୍ଷାକାରୀ ବ୍ୟକ୍ତିମାନଙ୍କ ସୁରକ୍ଷା ଅଧିକାରଗୁଡ଼ିକୁ ପୀଠ ସ୍ୱୀକୃତି ପ୍ରଦାନ କରିଛନ୍ତି।**

ନୂଆଦିଲ୍ଲୀ,୧୭।୧୦

ବିନା ବିବାହରେ ଏକତ୍ର ରହି ସମ୍ପର୍କ ରଖୁଥିବା ସମଲିଙ୍ଗୀମାନେ ଯେପରି ଭେଦଭାବର ଶିକାର ନ ହେବେ, ସେଥିଲାଗି ଜନସାଧାରଣଙ୍କୁ ସଚେତନ କରାଯିବା ଉପରେ ଶୀର୍ଷ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି। ସୁପ୍ରିମକୋର୍ଟ ୪ଟି ପୃଥକ୍ ରାୟ ଦେଇଥିବାବେଳେ ବିବାହ ପାଇଁ କୌଣସି 'ଅଯୋଗ୍ୟ ଅଧିକାର ନାହିଁ' ଏବଂ ସମଲିଙ୍ଗୀ ଯୋଡ଼ି ଏହାକୁ ସମ୍ବିଧାନ ପ୍ରଦତ୍ତ ଏକ ମୌଳିକ ଅଧିକାର ରୂପେ ଦାବି କରିପାରିବେ ନାହିଁ ବୋଲି କହିଛନ୍ତି। ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରଦାନ ସକାଶେ ☞ପୃଷ୍ଠା-୨

### ସମଲିଙ୍ଗୀ ମିଳନକୁ ବୈଧ କରିବା ସକାଶେ ଆଇନରେ ପରିବର୍ତ୍ତନ କରିପାରିବ ପାର୍ଲାମେଣ୍ଟ: ସାମ୍ବିଧାନିକ ପୀଠ



ସାମ୍ବିଧାନିକ ପୀଠରେ ୫ ବିଚାରପତି ହେଲେ (ବାମରୁ) ଜଷ୍ଟିସ ହିମା କୋହଲି, ଜଷ୍ଟିସ ସଞ୍ଜୟ କେ. କୌଲ, ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ଏସ୍. ରବୀନ୍ଦ୍ର ଭଟ୍ଟ ଓ ଜଷ୍ଟିସ ପି.ଏସ୍. ନରସିଂହ।

### ୩୪ ଦେଶରେ ସମଲିଙ୍ଗୀ ବିବାହ ବୈଧ

ସୁପ୍ରିମକୋର୍ଟଙ୍କ ୫ ଜଣିଆ ସାମ୍ବିଧାନିକ ପୀଠ ମଙ୍ଗଳବାର ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବାକୁ ମନାକରିଛନ୍ତି। କିନ୍ତୁ ଏହା ପୂର୍ବରୁ ବିଶ୍ୱର ୩୪ ଦେଶରେ ସମଲିଙ୍ଗୀ ଯୋଡ଼ି ଆଇନଗତ ଭାବେ ବିବାହ କରିଆସୁଛନ୍ତି। ଏହାକୁ ସଦ୍ୟ ବୈଧ ମାନ୍ୟତା ଦେଇଥିବା ଦେଶ ହେଉଛି ଆଣ୍ଡୋରା। ସେହିପରି ୩୫ତମ ରାଷ୍ଟ୍ର ଭାବେ ଏଷ୍ଟୋନିଆରେ ଆସନ୍ତା ବର୍ଷରୁ ସମଲିଙ୍ଗୀ ବିବାହ ଆଇନଗତ ବୈଧତା ଲାଭ କରିବାକୁ ଯାଉଛି। ଆର୍ଜେଣ୍ଟିନା ୨୦୧୦ରେ ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେଇଥିବାବେଳେ ଅଷ୍ଟ୍ରେଲିଆ (୨୦୧୭), ଜର୍ମାନୀ (୨୦୧୭), ମେକ୍ସିକୋ (୨୦୧୦), ବ୍ରିଟେନ୍ (୨୦୧୪), ସ୍କଟ୍‌ଲାଣ୍ଡ (୨୦୧୪), ନର୍ଦନ ଆୟର୍ଲାଣ୍ଡ (୨୦୨୦)ରେ ଏହାକୁ ବୈଧ କରିଛି। ଆମେରିକାରେ ୨୦୧୫ ଜୁଲାଇ ୯ରୁ ସମଲିଙ୍ଗୀ ଯୋଡ଼ି ବିପରୀତ ଲିଙ୍ଗୀଙ୍କ ଭଳି ବିବାହ ପାଇଁ ଆଇନଗତ ସ୍ୱୀକୃତି ପାଇଆସୁଛନ୍ତି।

### ୩୫ ଦେଶରେ ସିଭିଲ ୟୁନିୟନ୍

୩୫ ଦେଶରେ ସିଭିଲ ୟୁନିୟନ୍ ବା ପଞ୍ଜୀକୃତ ସମ୍ପର୍କକୁ ଆଇନଗତ ସ୍ୱୀକୃତି ଦିଆଯାଇଛି। ସିଭିଲ ପାର୍ଟନରଶିପ୍ କୁହାଯାଉଥିବା ସିଭିଲ ୟୁନିୟନ୍ ହେଉଛି ବିବାହ ସଦୃଶ ଏକ ଆଇନଗତ ସ୍ୱୀକୃତିପ୍ରାପ୍ତ ବ୍ୟବସ୍ଥା। ଏହା ମୁଖ୍ୟତଃ ସମଲିଙ୍ଗୀ ଦମ୍ପତିଙ୍କୁ ଆଇନଗତ ସ୍ୱୀକୃତି ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ। ସିଭିଲ ୟୁନିୟନ୍ ବଳରେ ଦୁଇଜଣ ବ୍ୟକ୍ତି ଆଇନତଃ ସମ୍ପର୍କ ରଖିପାରିବେ। କିନ୍ତୁ ବିପରୀତ ଲିଙ୍ଗୀ ଦମ୍ପତିଙ୍କ ବିବାହ ଭଳି ଅଧିକାର ପାଇବେ ନାହିଁ। ଡେନ୍‌ମାର୍କ ହେଉଛି ପ୍ରଥମ ଦେଶ, ଯେଉଁଠି ସମଲିଙ୍ଗୀ ଯୋଡ଼ିଙ୍କୁ ୧୯୮୯ରେ ଏକାଠି ରହିବାକୁ ବୈଧ ଅନୁମତି ପ୍ରଦାନ କରାଯାଇଥିଲା। ସେହିପରି ବ୍ରାଜିଲରେ ୨୦୦୨ରୁ ସମଲିଙ୍ଗୀ ଯୋଡ଼ି ସିଭିଲ ୟୁନିୟନ୍ ଅଧିକାର ଉପଭୋଗ କରିଆସୁଛନ୍ତି। ଆଣ୍ଡୋରା (୨୦୧୪), ଚିଲି (୨୦୧୫), ଏଷ୍ଟୋନିଆ (୨୦୧୬) ଏବଂ ସ୍ଲୋଭେନିଆ ୨୦୧୭ରେ ଏହି ବ୍ୟବସ୍ଥାକୁ ସ୍ୱୀକୃତି ଦେଇଥିବାବେଳେ ଜାପାନର କେତେକ ପୌରପାଳିକାରେ ୨୦୨୧ ପୂର୍ବରୁ ସିଭିଲ ୟୁନିୟନ୍‌କୁ ଆଇନତଃ ମାନ୍ୟତା ପ୍ରଦାନ କରାଯାଇଛି।

## ବିଶ୍ୱକପରେ ଆଉ ଏକ ବିପର୍ଯ୍ୟୟ

### ଦକ୍ଷିଣ ଆଫ୍ରିକାକୁ ହରାଇଲା ନେଦରଲାଣ୍ଡ୍ସ

ଧର୍ମଶାଳା, ୧୭।୧୦

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ଦ୍ୱିତୀୟ ବିପର୍ଯ୍ୟୟ ଘଟାଇଛି ନେଦରଲାଣ୍ଡ୍ସ। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଅପେକ୍ଷାକୃତ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ୩୮ ରନରେ ପରାସ୍ତ କରିଛି। ବର୍ଷା ଯୋଗୁ ବିଳମ୍ବରେ ଖେଳ ଆରମ୍ଭ ହେବାରୁ ମ୍ୟାଚକୁ ୪୩ ଓଭର ବିଶିଷ୍ଟ କରାଯାଇଥିଲା। ଏହାପରେ ପିଚ୍ ବିଶେଷ କରି ବୋଲରଙ୍କୁ ସହାୟକ ହୋଇଥିଲା। ଅଧିନାୟକ ସ୍କଟ ଏଡୱାର୍ଡ୍ସଙ୍କ ଅର୍ଦ୍ଧଶତକ ସହାୟତାରେ ନେଦରଲାଣ୍ଡ୍ସ ନିର୍ଦ୍ଧାରିତ ୪୩ ଓଭରରେ ୮ ଉଇକେଟ ହରାଇ ୨୪୫ ରନ କରିଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଦକ୍ଷିଣ ଆଫ୍ରିକା ଚାପ ସ୍ଥିତିରୁ ମୁକୁଳି ନ ପାରି ୪୨.୫ ଓଭରରେ ୨୦୭ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଏହା ପୂର୍ବରୁ ଗତ ୧୫ ତାରିଖରେ ଦିଲ୍ଲୀରେ ଅନୁଷ୍ଠିତ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ହରାଇ ବିପର୍ଯ୍ୟୟ ଘଟାଇଥିଲା ଆଫଗାନିସ୍ତାନ। ଏବେ ନେଦରଲାଣ୍ଡ୍ସ ଦ୍ୱିତୀୟ ଦଳଭାବେ ଉଚ୍ଚ ର୍ୟାଙ୍କପ୍ରାପ୍ତ ଦଳ ବିପକ୍ଷରେ ନିଜର ଦକ୍ଷତା ଦେଖାଇଛି। ଆଇସିସି ଟୁର୍ନାମେଣ୍ଟରେ ☞ପୃଷ୍ଠା-୨



ଉଇକେଟ୍ ନେବା ପରେ ରୋଏଲଫ ଭାନ୍ ଡର୍ ମେରୱେ।

## ୨୯ରୁ ଭୁବନେଶ୍ୱରରୁ ଗୁଆହାଟୀକୁ ଉଡ଼ିବ ବିମାନ

ଭୁବନେଶ୍ୱର,୧୭।୧୦(ଅସମାପିକା ସାହୁ)

ଭୁବନେଶ୍ୱରରୁ ଗୁହାହାଟୀକୁ ଆସନ୍ତା ୨୯ ତାରିଖରୁ ବିମାନ ଚଳାଚଳ ଆରମ୍ଭ ହେବ। ଇଣ୍ଡିଗୋ ଏୟାରଲାଇନ୍ସ ପ୍ରତିଦିନ ଭୁବନେଶ୍ୱର-ଗୁହାହାଟୀ ମଧ୍ୟରେ ବିମାନ ଚଳାଚଳ କରାଇବ। ଭୁବନେଶ୍ୱରରୁ ଗୁହାହାଟୀ ମାତ୍ର ଦେଢ଼ଘଣ୍ଟା ଲାଗିବ। ପ୍ରତିଦିନ ଏହା ଅପରାହ୍ନ ୧ଟା ୨୫ରୁ ଭୁବନେଶ୍ୱରରୁ ଛାଡ଼ିବ ଓ ୨ଟା ୫୫ରେ ଗୁହାହାଟୀରେ ପହଞ୍ଚିବ। ସେହିପରି ଏହା ଗୁହାହାଟୀରୁ ଅପରାହ୍ନ ୩ଟା ୫୦ରେ ବାହାରି ୫ଟା ୨୦ରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ବିମାନସେବା ଆରମ୍ଭ ହେଲେ ଆକାଶମାର୍ଗରେ ଓଡ଼ିଶା ଉତ୍ତର-ପୂର୍ବାଞ୍ଚଳ ସହ ଯୋଡ଼ିହେବ। ଫଳରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟକୁ ଯାତାୟାତ ସମୟ କମିବ। ଏଠାରେ ଉଲ୍ଲେଖଯୋଗ୍ୟ, ୨୧ତମ ସ୍ଥାନ ଭାବେ ଭୁବନେଶ୍ୱରରୁ ଗୁହାହାଟୀକୁ ବିମାନ ଚଳାଚଳ କରିବ। ଆଗାମୀ ଦିନରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଜମ୍ମୁ, ଚଣ୍ଡିଗଡ଼ ଓ ସୁରଟକୁ ବିମାନ ଚଳାଚଳ ପାଇଁ ଯୋଜନା ରହିଥିବା ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି।

**ଆଜିର ସମ୍ପାଦକୀୟ**

**କୋରାପୁଟ କଫି**




**ଆଜିର ମନ୍ତବ୍ୟ**

“ଭାରତ ଏଭଳି ଏକ ରାଷ୍ଟ୍ର ରୂପେ ଉଭା ହୋଇଛି, ଯାହା ବିଶ୍ୱର ଭିରୋଧାଭାସ ମଧ୍ୟରେ ଉଚ୍ଚତର ଆତ୍ମବିଶ୍ୱାସ ଜନ୍ମାଇବାକୁ ସମର୍ଥ।
–ଏସ୍‌. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାବୁ ଥିଲେ ବାବୁ**
**ଟାବୁ ସରିଗଲେ କାବୁ**

ସାଧାରଣତଃ ପାଖରେ ଟଙ୍କା ପଇସା ଥିଲେ ସମସ୍ତେ ବାବୁ ବାବୁ କହି ସଲାମି ଦେଉଥାନ୍ତି ଏବଂ ବେଳ ଅବେଳରେ ତଥା ଦରକାର ପଡ଼ିଲେ ଗୋଡ଼ ତଳେ ମଧ ପଡ଼ିଯାଉଥାନ୍ତି। ତେବେ ହାତରୁ ଟଙ୍କା ସରିଗଲେ କେହି କାହାକୁ ନ ଚିହ୍ନିଲା ପରି ଦୂରରୁ ଦେଖି ମୁହଁ ବୁଲାଇଦେଉଥାନ୍ତି। ଏହାହିଁ ଦୁନିଆର ରୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଡାଆଣୀ,**
**ଆଖି ପକେଇ ଗଲାଣି**

ଜଣେ ଜଣେ ସ୍ତ୍ରୀଲୋକ ଅଛନ୍ତି ଯାହାଙ୍କ ନଜର ବା ଦୃଷ୍ଟି ପଡ଼ିଲେ ଛୋଟ ଛୋଟ ପିଲାଙ୍କ ଦେହ ଖରାପ ହେବା ସହ ଦେହ ଶୁଖିଯାଉଥିବାର ଦେଖିବାକୁ ମିଳିଥାଏ। ଏଭଳି ସ୍ତ୍ରୀଲୋକଙ୍କୁ ସାଧାରଣତଃ ଡାଆଣୀର ଆଖି ଦିଆଯାଉଥିବା ବେଳେ ଏହାକୁ ଲକ୍ଷ୍ୟକରି ଏପରି କୁହାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ୨୦୩୫ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ

### ୨୦୪୦ ବେଳକୁ ଚନ୍ଦ୍ରରେ ପହଞ୍ଚିବେ ପ୍ରଥମ ଭାରତୀୟ

ନୂଆଦିଲ୍ଲୀ,୧୭।୧୦

୨୦୩୫ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ସ୍ଥାପନ ଲକ୍ଷ୍ୟ ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ମହାକାଶ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ୨୦୪୦ ସୁଦ୍ଧା ଚନ୍ଦ୍ରରେ ପ୍ରଥମ ଭାରତୀୟ ପହଞ୍ଚାଇବା ପାଇଁ ସେ କହିଛନ୍ତି। ଭାରତର ଗଗନଯାନ ମିଶନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହେବା ଏବଂ ଦେଶର ଭବିଷ୍ୟତ ମହାକାଶ ଅଭିଯାନ ଅଭିଯାନ ନେଇ ଲକ୍ଷ୍ୟଧାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମହାକାଶ ବିଭାଗର ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଉକ୍ତ ବୈଠକରେ ମହାକାଶ ବିଭାଗ ଗଗନଯାନ ମିଶନ ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲା, ଯେଉଁଥିରେ ବିଭିନ୍ନ ବିକଶିତ ପ୍ରଯୁକ୍ତି ଯଥା ହ୍ୟୁମାନ-ରେଟେଡ୍ ଲଞ୍ଚ ଭେହିକିଲ (ଏଚ୍‌ଏଲ୍‌ଭିଏମ୍‌୩) ଏବଂ ସିଷ୍ଟମ୍ କ୍ୱାଲିଫିକେସନ ରହିଛି। ମହାକାଶକୁ ମାନବ ପ୍ରେରଣ ପୂର୍ବରୁ ୩ଟି ମାନବବିହୀନ ମିଶନ ସମେତ ମୋଟ ୨୦ଟି ବଡ଼ ପରୀକ୍ଷା କରାଯିବାର ଯୋଜନା ରହିଛି। କ୍ରୁ ଏସ୍କେପ୍ ସିଷ୍ଟମ୍ ଟେଷ୍ଟ ଭେହିକିଲର ପ୍ରଥମ ପରୀକ୍ଷାମୂଳକ ଉଡ଼ାଣ ଅକ୍ଟୋବର ୨୧ରେ କରିବାକୁ ସ୍ଥିର ହୋଇଛି। ୨୦୨୫ ସୁଦ୍ଧା ଗଗନଯାନ ଜରିଆରେ ଭାରତ ମହାକାଶକୁ ମାନବ ପଠାଇବା ଲକ୍ଷ୍ୟ ରଖୁଥିବାବେଳେ ଏଥିପାଇଁ ମିଶନ କେତେଦୂର ପ୍ରସ୍ତୁତ ହୋଇଛି ତାହାର ମୂଲ୍ୟାୟନ ବୈଠକରେ କରାଯାଇଥିଲା। ନିକଟରେ ଚନ୍ଦ୍ରଯାନ-୩ ଏବଂ ଆଦିତ୍ୟ-ଏଲ୍‌୧ ମିଶନ ସମେତ ଭାରତୀୟ ମହାକାଶ କାର୍ଯ୍ୟକ୍ରମର ସଫଳତା ଆଧାରରେ ୨୦୩୫ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ଏବଂ ୨୦୪୦ ସୁଦ୍ଧା ଚନ୍ଦ୍ରରେ ପ୍ରଥମ ଭାରତୀୟଙ୍କୁ ପହଞ୍ଚାଇବା ଭାରତର ନୂଆ ଲକ୍ଷ୍ୟ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ବାଣ କାରଖାନାରେ ବିସ୍ଫୋରଣ: ୧୪ ମୃତ

ଚେନ୍ନାଇ,୧୭।୧୦

ତାମିଲନାଡୁର ଶିବକାଶୀରେ ଥିବା ୨ଟି ବାଣ କାରଖାନାରେ ମଙ୍ଗଳବାର ବିସ୍ଫୋରଣ ଘଟି ୯ ମହିଳାଙ୍କ ସମେତ ୧୪ ଜଣ ପ୍ରାଣ ହରାଇଛନ୍ତି। ନମୁନା ପରୀକ୍ଷା ବେଳେ ବିସ୍ଫୋରଣ ଘଟିଥିଲା। ଉକ୍ତ କାରଖାନାର ବୈଧ ଲାଇସେନ୍ସ ରହିଥିବା ପୋଲିସ କହିଛି। ବିସ୍ଫୋରଣର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି। ବିସ୍ଫୋରଣରେ ମୃତ୍ୟୁକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌.କେ. ଷ୍ଟାଲିନ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ ଘୋଷଣା କରିଛନ୍ତି। ଗତ ୯ ତାରିଖରେ ତାମିଲନାଡୁର ଆରିୟାଲୁର ଜିଲାରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଆଗକୁ ଦୀପାବଳି ଥିବାରୁ ବାଣ କାରଖାନା ଗୁଡ଼ିକରେ ଉତ୍ପାଦନ ବୃଦ୍ଧି ପାଇଛି।

# ‘ପ୍ରତୀକ୍ଷା’କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

### ନନ୍ ଫିଚର୍ ବର୍ଗରେ ‘ଦ ହିଲିଙ୍ଗ ଟଚ୍’ ପୁରସ୍କୃତ

ଭୁବନେଶ୍ୱର,୧୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ‘ପ୍ରତୀକ୍ଷା’କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ମଙ୍ଗଳବାର ଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କାର ଅର୍ଥରାଶି ଓ ମାନପତ୍ର ଦିଆଯାଇଛି। ଏହି ଅବସରରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ଉପସ୍ଥିତ ଥିଲେ। ଆଞ୍ଚଳିକ ଭାଷାର ଫିଚର୍ ଫିଲ୍ମ ବିଭାଗରେ ଏହି ଚଳଚ୍ଚିତ୍ରଟି ବିଚାରକଙ୍କ ଦ୍ୱାରା ମନୋନୀତ ହୋଇଥିଲା। ପୁରସ୍କାର ଗ୍ରହଣ ପରେ ଅନୁପମ କହିଛନ୍ତି, ବହୁତ ଖୁସି ଲାଗୁଛି। ପ୍ରତ୍ୟେକ ଫିଲ୍ମ ନିର୍ମାତାଙ୍କ ଗୋଟିଏ ସ୍ୱପ୍ନ ଥାଏ ଜାତୀୟ ପୁରସ୍କାର ଗ୍ରହଣ କରିବା। ଆଜି ସେ ସ୍ୱପ୍ନ ପୂରଣ ହୋଇଛି। ଓଡ଼ିଶାରେ ଯେଉଁ ଫିଲ୍ମ ନିର୍ମାତାମାନେ ଅଛନ୍ତି ସେମାନଙ୍କ ପାଇଁ ଏହା ଏକ ‘ବୁଷ୍ଟ’ ହେବ। ଆଗକୁ ଭଲ ଭଲ ସିନେମା କରିବି। ନିର୍ମାତାମାନେ ଭଲ ଷ୍ଟୋରି କରିପାରିଲେ ନିହାତି ସମସ୍ତେ ଏଭଳି ପୁରସ୍କାର ପାଇପାରିବେ।

ବାପା ଆଉ ପୁଅର ଏକ ନିଆରା ସମ୍ପର୍କ ଏହି ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମ ଖୁବ୍ ପ୍ରଶଂସା ସାଉଣ୍ଟିଥିଲା। ଦର୍ଶକମାନେ ଏହାକୁ ବହୁତ ପସନ୍ଦ କରିଥିଲେ। ଅମିୟ ପ୍ରଡକ୍ସନ ପକ୍ଷରୁ ନିର୍ମିତ ଏହି ଫିଲ୍ମଟି କଥାକାର ଗୌରହରି ଦାସଙ୍କ ‘ବାପା’ ନାମକ ଏକ କ୍ଷୁଦ୍ରଗଳ୍ପ ଉପରେ ଆଧାରିତ। ଉକ୍ତ ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ରୋଶନ ବିଶୋଇ। ବର୍ଷା ପଟ୍ଟନାୟକ ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜିକା ରହିଛନ୍ତି। ଦୀପନ୍ୱିତ ଦାଶମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ବର୍ଷା ପଟ୍ଟନାୟକ, ସିଦ୍ଧାନ୍ତ ମହାପାତ୍ର, ଶ୍ରୀଲା ତ୍ରିପାଠୀ, ଅବକାଶ ମିଶ୍ର, ସୁଶୀଲ ମିଶ୍ର ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି। ଉକ୍ତ ଚଳଚ୍ଚିତ୍ର ୫୩ତମ ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫ୍‌ଏଫ୍‌ଆଇ)ର ଭାରତୀୟ ପାନୋରମା ବିଭାଗରେ ଏକମାତ୍ର ଓଡ଼ିଆ ଚଳଚ୍ଚିତ୍ର ଭାବେ ସ୍ଥାନ ପାଇଥିଲା। ସେହି ସମୟରେ ବଲିଉଡ୍‌ର ବିଶିଷ୍ଟ ଅଭିନେତା ଅନୁପମ ଖେର୍ ଏହି ଫିଲ୍ମ ଦେଖି ଭାବବିହ୍ୱଳ ହେବା ସହ ଏହାର ହିନ୍ଦୀ ଡେବ୍ୟୁ କରିବାକୁ ଘୋଷଣା କରିଥିଲେ। ଅନୁପମଙ୍କ ଏହି ସଫଳତା ପାଇଁ ଓଡ଼ିଆ ସିନେ ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପ୍ରତୀକ୍ଷା ଚଳଚ୍ଚିତ୍ରର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

ସେହିପରି ୨୦୨୧ରେ ଡ. ଶ୍ୱେତ କୁମାର ଦାଶଙ୍କ ଦ୍ୱାରା ପ୍ରସ୍ତୁତ ଚଳଚ୍ଚିତ୍ର ‘ଦ ହିଲିଙ୍ଗ ଟଚ୍’ ମଧ୍ୟ ନନ୍ ଫିଚର୍ ଫିଲ୍ମ ବର୍ଗରେ ପୁରସ୍କୃତ ହୋଇଛି। ଡ. ଦାଶ ଏହି ପୁରସ୍କାର ଗ୍ରହଣ କରି କହିଛନ୍ତି, ଆଗକୁ ଆହୁରି ଭଲ ଫିଲ୍ମ କରିବାକୁ ଚେଷ୍ଟା କରିବି। ଏହି ପୁରସ୍କାର ଏକ ଚ୍ୟାଲେଞ୍ଜ ଆଣିଦେଲା। କରୋନା ସମୟରେ ସ୍ୱାମୀ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଫୋନ୍ ମାଧ୍ୟମରେ ସ୍ତ୍ରୀ କିଭଳି ତାଙ୍କ ମାନସିକ ଅବସାଦ ଦୂର କରିବା ସହ ତାଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣିଛନ୍ତି ତାହା ଏହି ଫିଲ୍ମରେ ଦର୍ଶାଯାଇଛି। ଅଭିନେତ୍ରୀ ଗାର୍ଗୀ ମହାନ୍ତି ଓ ଗଜେନ୍ଦ୍ର ପାଢ଼ୀ ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

# ‘ବନ୍ଦ ସରକାରୀ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଉ’

### ଏଆଇଡିଏସ୍‌ଓ ପକ୍ଷରୁ ଗାନ୍ଧୀ ମାର୍ଗରେ ବିକ୍ଷୋଭ

ଭୁବନେଶ୍ୱର,୧୭।୧୦(ଅନୁରାଧା ମହାରଣା)

ରାଜ୍ୟରେ ବନ୍ଦ କରାଯାଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଅବିଳମ୍ବେ ଖୋଲିବା, ସ୍ଥାୟୀ ଭିତ୍ତିରେ ଆବଶ୍ୟକ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ, ଶିକ୍ଷା କର୍ମଚାରୀ ପଦବୀ ତୁରନ୍ତ ପୂରଣ କରିବା, ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବା, ଜାତୀୟ ଶିକ୍ଷା ନୀତି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ସହ ଅନ୍ୟାନ୍ୟ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ଗାନ୍ଧୀମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ରାଜ୍ୟର ପ୍ରାୟ ସମସ୍ତ ଜିଲାରୁ ହଜାର ହଜାର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ବିକ୍ଷୋଭ ପୂର୍ବରୁ ଆନ୍ଦୋଳନକାରୀ ଛାତ୍ରୀଛାତ୍ରମାନେ ମାଷ୍ଟରକ୍ୟାଣ୍ଟିନ ଛକରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ଚାଲୁଥିବା ଆନ୍ଦୋଳନରେ ସାମିଲ ହୋଇଥିବା ଅଭିଭାବକମାନେ ମଧ୍ୟ ଏହି ବିକ୍ଷୋଭରେ ଯୋଗଦେଇଥିଲେ। ବିକ୍ଷୋଭ ସ୍ଥଳରେ ଏଆଇଡିଏସ୍‌ଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସଭାପତି ସୋମନାଥ ବେହେରା, ଉପସଭାପତି ନିରୁପମା ବେହେରା ତଥା ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରୀଛାତ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିକ୍ଷୋଭ ସ୍ଥଳରୁ ସଭାପତି ବେହେରାଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ସମଲିଙ୍ଗୀ ବିବାହକୁ...

ସୁପ୍ରିମକୋର୍ଟ ସମେତ ଦେଶର ବିଭିନ୍ନ ହାଇକୋର୍ଟରେ ମୋଟ ୨୧ଟି ପିଟିଶନ ଦାଖଲ ହୋଇଥିଲା। ସର୍ବୋଚ୍ଚ ଅଦାଲତ ସବୁ ଆବେଦନକୁ ନିଜ ପାଖକୁ ସ୍ଥାନାନ୍ତର କରି ସେଗୁଡ଼ିକର ଶୁଣାଣି କରିଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠରେ ଥିବା ଅନ୍ୟ ୪ ବିଚାରପତି ହେଲେ ଜଷ୍ଟିସ୍ ସଞ୍ଜୟ କିଷାନ୍ କୌଲ, ଏସ୍. ରବୀନ୍ଦ୍ର ଭଟ୍ଟ, ହିମା କୋହଲି ଏବଂ ପି.ଏସ୍. ନରସିଂହ। ପୀଠ ମୁଖ୍ୟ ପ୍ରସଙ୍ଗ ଉପରେ ସର୍ବସମ୍ମତ ରାୟ ପ୍ରକାଶ କରି କହିଛନ୍ତି, ସମଲିଙ୍ଗୀ ବିବାହକୁ ସ୍ୱତନ୍ତ୍ର ବିବାହ ଆଇନ ଅଧୀନରେ ସୁପ୍ରିମକୋର୍ଟ ଆଇନଗତ ବୈଧତା ପ୍ରଦାନ କରିପାରିବେ ନାହିଁ। ଏହି ଦାୟିତ୍ୱ ପାର୍ଲାମେଣ୍ଟ ସମ୍ପାଦନ କରିପାରେ। ତେବେ ଜଷ୍ଟିସ୍ ଭଟ୍ଟ, କୋହଲି ଓ ନରସିଂହ କେତେକ ନିର୍ଦ୍ଦିଷ୍ଟ ଆଇନଗତ ଦିଗ ଉପରେ ଦୁଇଟି ପୃଥକ୍ ରାୟ ଦେଇ ସିଜେଆଇ ଏବଂ ଜଷ୍ଟିସ୍ କୌଲଙ୍କଠାରୁ ଭିନ୍ନମତ ପୋଷଣ କରିଛନ୍ତି।

ସେମ୍ ସେକ୍ସ ମ୍ୟାରେଜ୍‌ର ଆଇନଗତ ବୈଧତା ପାଇଁ ଦାଖଲ ପିଟିଶନଗୁଡ଼ିକ ଏକ ସହରୀ ସମ୍ଭ୍ରାନ୍ତ ବିଚାରଧାରାର ପ୍ରତିଫଳନ ବୋଲି କେନ୍ଦ୍ର ସରକାର ବାଢ଼ିଥିବା ଯୁକ୍ତିକୁ ସିଜେଆଇ ଚନ୍ଦ୍ରଚୂଡ଼ ସମାଲୋଚନା କରି କହିଥିଲେ, କ୍ୱିର୍‌ନେସ୍ (ଯୌନ ବିଲକ୍ଷଣତା) ଏକ ସହରୀ କିମ୍ବା ସମ୍ଭ୍ରାନ୍ତ ବିଚାରଧାରା ଅଥବା ବୈଶିଷ୍ଟ୍ୟ ନୁହେଁ। ଅପ୍ରାକୃତିକ ଯୌନ ସମ୍ପର୍କ ରକ୍ଷାକାରୀ (କ୍ୱିର୍) ଦମ୍ପତିଙ୍କ ପାଇଁ ପୋଷ୍ୟଗ୍ରହଣ ସମ୍ପର୍କିତ ଆଇନ ଲାଗୁ ହେବ ନାହିଁ। କାରଣ ଏଭଳି ନିୟମଗୁଡ଼ିକରେ କ୍ୱିର୍‌ମାନଙ୍କ ପ୍ରତି ବୈଷମ୍ୟଭାବ ରହିଛି। ଦମ୍ପତି ରୂପେ ପୌଷ୍ୟ ଗ୍ରହଣ କରିବା ଅଧିକାର ସେମାନଙ୍କର ନାହିଁ। ସିଜେଆଇଙ୍କ ମତରେ ଅସହମତି ପ୍ରକାଶ କରି ଜଷ୍ଟିସ୍ ଭଟ୍ଟ କହିଥିଲେ, କ୍ୱିର୍ ଦମ୍ପତିଙ୍କୁ ପୌଷ୍ୟଗ୍ରହଣ ଅନୁମତି ମିଳୁ ନ ଥିବା ଦିଗକୁ କେବଳ ଦେଖି ଏହି ନିୟମଗୁଡ଼ିକୁ ଅବୈଧ କୁହାଯାଇପାରିବ ନାହିଁ।

୨୦୧୮ରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟରେ ସମଲିଙ୍ଗୀ ସମ୍ପର୍କକୁ ଅପରାଧମୁକ୍ତ କରିଥିଲେ। ଏହି ଆଇନଗତ ଲଢ଼େଇରେ ଜିତିଥିବା ଏଲ୍‌ଜିବିଟିକ୍ୟୁଏଆଇ++ ବ୍ୟକ୍ତିମାନେ ସମଲିଙ୍ଗୀ ବିବାହ ଏବଂ ତଦ୍ ପରବର୍ତ୍ତୀ ସମୟରେ ପୋଷ୍ୟଗ୍ରହଣ, ସ୍କୁଲରେ ପିଲାର ନାମଲେଖା, ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଉତ୍ତରାଧିକାରୀ ସୂତ୍ର ଓ ବୀମା ସୁବିଧା ପ୍ରଦାନ ସକାଶେ ସେମାନଙ୍କୁ ମାତାପିତା ରୂପେ ପଞ୍ଜୀକରଣ କରାଯାଉ ବୋଲି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସୁପ୍ରିମକୋର୍ଟ ଏସବୁ ନିଷ୍ପତ୍ତି ପାର୍ଲାମେଣ୍ଟ ଉପରେ ଛାଡ଼ିଦେଇଛନ୍ତି। ସିଜେଆଇ କହିଥିଲେ, ଅଦାଲତ ଆଇନ ପ୍ରଣୟନ କରିପାରିବେ ନାହିଁ। କେବଳ ଆଇନର ବ୍ୟାଖ୍ୟା କରିପାରିବେ। ସ୍ପେଶାଲ ମ୍ୟାରେଜ୍ ଆକ୍ଟରେ ପରିବର୍ତ୍ତନ ଆଣିବା ସଂସଦର ଦାୟିତ୍ୱ। ସିଜେଆଇ ଏବଂ ଜଷ୍ଟିସ୍ କୌଲଙ୍କ ମତ ସହିତ ସହମତି ପ୍ରକାଶ କରି ଜଷ୍ଟିସ୍ ଭଟ୍ଟ କହିଥିଲେ, ସମ୍ବିଧାନ ବିବାହକୁ ମୌଳିକ ଅଧିକାର ରୂପେ ମାନ୍ୟତା ଦେଇନାହିଁ। ଏହି ପରିପ୍ରେକ୍ଷୀରେ ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ, ଉକ୍ତ ପ୍ରସଙ୍ଗରେ ୪ଟି ରାୟ ଦିଆଯାଇଛି। ଗୋଟିଏ ତାଙ୍କର ଏବଂ ଅନ୍ୟ ୩ଟି ଜଷ୍ଟିସ୍ କୌଲ, ଭଟ୍ଟ ଓ ନରସିଂହ ଦେଇଛନ୍ତି। କ୍ୱିର୍ ସମୁଦାୟ ବିରୋଧରେ ଯେପରି ଭେଦଭାବ କରା ନ ଯିବ, ତାହା କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସୁନିଶ୍ଚିତ କରିବେ ବୋଲି ସିଜେଆଇ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ୍ କୌଲ କହିଥିଲେ, କ୍ୱିର୍ ଯୋଡ଼ିଙ୍କୁ କେତେକ ନିର୍ଦ୍ଦିଷ୍ଟ ଅଧିକାର ପ୍ରଦାନ ସମ୍ପର୍କିତ ସିଜେଆଇଙ୍କ ମତ ସହ ସେ ଏକମତ। ସମଲିଙ୍ଗୀ ଓ ବିପରୀତ ଲିଙ୍ଗୀ ମିଳନକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ରୂପେ ଦେଖାଯିବା ଜରୁରୀ। ସମଲିଙ୍ଗୀ ମିଳନ ହେଉଛି ବିବାହ ସମାନତା ଦିଗରେ ଏକ ପଦକ୍ଷେପ।

ସିଜେଆଇ ରାୟର ମୂଳଭାଗ ଶୁଣାଇବାବେଳେ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସରକାରମାନଙ୍କୁ କ୍ୱିର୍ ବ୍ୟକ୍ତିଙ୍କ ଅଧିକାର ସମ୍ପର୍କରେ ଜନସଚେତନା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ଯୋଡ଼ିଙ୍କ ସମ୍ପର୍କକୁ ନେଇ ସେମାନଙ୍କ ବିରୋଧରେ ଏଫ୍‌ଆଇଆର୍ କରିବା ପୂର୍ବରୁ ପ୍ରାଥମିକ ତଦନ୍ତ କରିବା ପାଇଁ ପୋଲିସକୁ ସିଜେଆଇ ନିର୍ଦ୍ଦେଶ ଦେଇଥିଲେ। ସିଜେଆଇ ଆହୁରି କହିଥିଲେ, ବିବାହକୁ ଏକ ସ୍ଥିର ଓ ଅପରିବର୍ତ୍ତନୀୟ ଅନୁଷ୍ଠାନ କହିବା ଭୁଲ୍ ହେବ। ଜଣେ ଜୀବନସାଥୀଙ୍କୁ ଚୟନ କରିବା ସାମର୍ଥ୍ୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ଜୀବନ ଧାରଣ ଓ ସ୍ୱାଧୀନତା ଅଧିକାର ଅନ୍ତର୍ଗତ। ତେଣୁ ସମଲିଙ୍ଗୀମାନଙ୍କ ମିଳନ ବା ସାଥୀ ବାଛିବା ଅଧିକାରକୁ ସ୍ୱୀକୃତି ନ ଦେଲେ ସେମାନଙ୍କ ପ୍ରତି ଭେଦଭାବ ହେବ। କ୍ୱିର୍‌ଙ୍କ ସମେତ ସମସ୍ତ ବ୍ୟକ୍ତିଙ୍କ ନିଜ ନିଜ ଜୀବନର ନୈତିକ ଗୁଣବତ୍ତା ଉପରେ ବିଚାର ଅଧିକାର ରହିଛି।

ଜଷ୍ଟିସ୍ ଭଟ୍ଟ ନିଜ ରାୟରେ କହିଥିଲେ, କ୍ୱିର୍ ବ୍ୟକ୍ତିମାନଙ୍କର ସାଥୀ ଚୟନ ଅଧିକାର ରହିଛି। ସେମାନଙ୍କ ସମ୍ପର୍କର ପରିଣାମସ୍ୱରୂପ ଅଧିକାରଗୁଡ଼ିକୁ ସ୍ୱୀକୃତି ଦେବା ପାଇଁ ରାଷ୍ଟ୍ରକୁ ବାଧ୍ୟ କରାଯାଇପାରିବ ନାହିଁ। ସେମାନେ ବିନା କୌଣସି ପ୍ରତିବନ୍ଧକ ଓ ବାଧାରେ ଏକାଠି ବସବାସ କରିପାରିବେ। ଜଷ୍ଟିସ୍ ନରସିଂହ ନିଜ ରାୟରେ କହିଥିଲେ, ବିବାହ ପାଇଁ କୌଣସି ‘ଅଯୋଗ୍ୟ ଅଧିକାର ନାହିଁ’।

ପ୍ରକାଶ ଯେ, ଗତ ଏପ୍ରିଲ ୧୮ରେ ଏହି ପ୍ରସଙ୍ଗରେ ବିଚାର ଆରମ୍ଭ ହୋଇଥିଲା। ୧୦ ଦିନର ମାରାଥନ୍ ଶୁଣାଣି ପରେ ଗତ ମେ’ ୧୧ରେ ସାମ୍ବିଧାନିକ ପୀଠ ରାୟ ସଂରକ୍ଷିତ ରଖିଥିଲେ। ଶୁଣାଣି ବେଳେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାର ଯୁକ୍ତି ବାଢ଼ିଥିଲେ, ସମଲିଙ୍ଗୀ ବିବାହ ସପକ୍ଷରେ ଅଦାଲତ କୌଣସି ସାମ୍ବିଧାନିକ ଘୋଷଣା କଲେ ତାହା ଅନୁଚିତ ହେବ। କାରଣ ଏଥିରୁ ସୃଷ୍ଟି ହେବାକୁ ଥିବା ଅଡୁଆକୁ ଅଦାଲତ ଦେଖି ଓ ବୁଝିପାରିବେ ନାହିଁ।

## ବିଶ୍ୱକପରେ ଆଉ...

ଦକ୍ଷିଣ ଆଫ୍ରିକାକୁ ନେଦରଲାଣ୍ଡ୍ସ ହରାଇବା ଏହା ନୂଆ ନୁହେଁ। ୨୦୨୨ ଟି୨୦ ବିଶ୍ୱକପରେ ମଧ ଏହିଦଳ ବିପର୍ଯ୍ୟୟ ସୃଷ୍ଟି କରିଥିଲା ଏବଂ ଦକ୍ଷିଣ ଆଫ୍ରିକାକୁ ବିଦାୟ ପଥ ଦେଖାଇଥିଲା। ଚଳିତ ବିଶ୍ୱକପରେ ୩ ମ୍ୟାଚରୁ ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ପରାଜୟ। ପ୍ରଥମ ୨ ମ୍ୟାଚରେ ଏହି ଦଳ ଯଥାକ୍ରମେ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ସେହିପରି ନେଦରଲାଣ୍ଡ୍ସ ୩ ମ୍ୟାଚରୁ ଏଠାରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ପ୍ରଥମ ଦୁଇ ମ୍ୟାଚରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡଠାରୁ ହାରିଯାଇଥିଲା।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଦକ୍ଷିଣ ଆଫ୍ରିକା। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଦକ୍ଷିଣ ଆଫ୍ରିକା ବୋଲରମାନେ ୫୦ ରନ ମଧ୍ୟରେ ନେଦରଲାଣ୍ଡ୍ସର ୪ଟି ଉଇକେଟ ପକାଇ ଦେଇଥିଲେ। ମିଡିଲ ଅର୍ଡରରେ ଅଧିନାୟକ ସ୍କଟ ଏଡୱାର୍ଡ୍ସ ଅର୍ଦ୍ଧଶତକ ହାସଲ କରି ଅପରାଜିତ ରହିବାରୁ ଏହି ଦଳ ଏକ ସମ୍ମାନଜନକ ସ୍କୋର କରି ପାରିଥିଲା। ଏଡୱାର୍ଡ୍ସ ୬୯ ବଲ୍‌ରୁ ୭୮ (୧୦ ଚୌକା, ୧ ଛକା) ରନକରି ଅପରାଜିତ ରହିଥିଲେ। ଶେଷ ଭାଗରେ ରୋଏଲଫ ଭାନ୍ ଡର୍ ମେରୱେ ୧୯ ବଲ୍‌ରୁ ୨୯ ଓ ଆର୍ଯ୍ୟନ ଦତ୍ତ ୯ ବଲ୍‌ରୁ ୨୩* ରନ କରିବାରୁ ନେଦରଲାଣ୍ଡ୍ସ ନିର୍ଦ୍ଧାରିତ ୪୩ ଓଭରରେ ୨୪୫/୮ କରିବାକୁ ସକ୍ଷମ ହୋଇଥିଲା। ଦକ୍ଷିଣ ଆଫ୍ରିକା ବୋଲରମାନେ ଅତିରିକ୍ତଭାବେ ୩୨ ରନ ବ୍ୟୟ କରିଥିଲେ। ଏହା ମଧ୍ୟରେ ୨୧ଟି ୱାଇଡ୍ ଓ ୧୦ ନୋ-ବଲ୍ ସାମିଲ ଥିଲା। ଲୁନ୍‌ଗି ଏନଗିଡି, ମାର୍କୋ ଜାନସେନ ଓ କାଗିସୋ ରାବାଡ଼ା ୨ଟି ଲେଖାଏ ଏବଂ ଗେରାଲ୍ଡ କୋଏଜି ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ୪୪ ରନ ମଧ୍ୟରେ ଟପ୍ ଅର୍ଡରର ୪ ବ୍ୟାଟରଙ୍କୁ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫର୍ମରେ ଥିବା ୩ ଖେଳାଳି କ୍ୱିଣ୍ଟନ ଡି’କକ୍ ୨୦, ରସି ଭାନ୍ ଡର୍ ଡୁସେନ ୪, ଏଡେନ ମାରକ୍ରମ ୧ ଏବଂ ଅଧିନାୟକ ଟେମ୍ବା ବଭୁମା ୧୬ ରନକରି ପ୍ୟାଭିଲିୟନ ଫେରିବାରୁ ଏହି ଦଳ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ନେଦରଲାଣ୍ଡ୍ସ ବୋଲର ଭାନ୍ ଡର୍ ମେରୱେ, କଲିନ ଆକରମାନ ଓ ପଲ୍ ଭାନ୍ ମିକେରେନ ଏହି ବିପର୍ଯ୍ୟୟ ଘଟାଇଥିଲେ। ଡେଭିଡ ମିଲର ଓ ହେନରିଚ କ୍ଲାସେନ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ତେବେ ୫ମ ଉଇକେଟରେ ୪୫ ରନର ଭାଗୀଦାରି ପରେ କ୍ଲାସେନଙ୍କୁ ଆଉଟ କରି ଲୋଗାନ ଭାନ୍ ବିକ୍ ନେଦରଲାଣ୍ଡ୍ସକୁ ବ୍ରେକ୍‌ଥ୍ରୁ ଦେଇଥିଲେ। ମାର୍କୋ ଜାନସେନ ମଧ୍ୟ ମାତ୍ର ୯ ରନକରି ମିକେରେନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଦକ୍ଷିଣ ଆଫ୍ରିକାର ଶେଷ ଆଶା ଡେଭିଡ ମିଲର ଏକାକି ବେଶ୍ କିଛି ସମୟ ଲଢ଼େଇ କରିଥିଲେ ହେଁ ତାହା ଦଳକୁ ପରାଜୟରୁ ରକ୍ଷା କରିବାକୁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଦଳୀୟ ସ୍କୋର ୩୧ ଓଭରରେ ୧୪୫ ଥିବାବେଳେ ସେ ଭାନ୍ ବିକ୍‌ଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ୫୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମିଲର ୪ ଚୌକା ଓ ୧ ଛକା ସହାୟତାରେ ଦଳ ପକ୍ଷରୁ ସର୍ବାଧିକ ୪୩ ରନ ସ୍କୋର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନେଦରଲାଣ୍ଡ୍ସ ୪୩ ଓଭରରେ ୨୪୫/୮ (ସ୍କଟ ଏଡୱାର୍ଡ୍ସ-୭୮, ଲୁନ୍‌ଗି ଏନଗିଡି-୨/୫୭, ମାର୍କୋ ଜାନସେନ-୨/୨୭, କାଗିସୋ ରାବାଡ଼ା-୨/୫୬, ଗେରାଲ୍ଡ କୋଏଜି-୧/୫୭, କେଶବ ମହାରାଜ-୧/୩୮)। ଦକ୍ଷିଣ ଆଫ୍ରିକା ୪୨.୫ ଓଭରରେ ୨୦୭/ଅଲ୍‌ଆଉଟ (ଡେଭିଡ ମିଲର-୪୩, କେଶବ ମହାରାଜ-୪୦, ଲୋଗାନ ଭାନ୍ ବିକ୍-୩/୬୦, ଭାନ୍ ଡର୍ ମେରୱେ-୨/୩୪, ପଲ୍ ଭାନ୍ ମିକେରେନ-୨/୪୦, ବାସ ଡି ଲିଡ୍ସ-୨/୩୬, କଲିନ ଆକରମାନ-୧/୧୬)

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଯୋଗୁ ବ୍ୟସ୍ତ ରହିବେ। ଉପସ୍ଥିତି ବୁଦ୍ଧି ଓ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନରେ ଶାନ୍ତି ଅବ୍ୟାହତ ରହିବ। ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାରୁ ଦୁଃଖ ପ୍ରକାଶ କରିବେ।

**ବୃଷ**
ବିଭିନ୍ନ ସମସ୍ୟା ଜାଲରେ ଛନ୍ଦିହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବହନରେ କ୍ଷତି କିମ୍ବା ସମସ୍ୟାର ଆଶଙ୍କା ରହିଛି।

**ମିଥୁନ**
ସାହାଯ୍ୟ ସହଯୋଗ ଲାଭକରି ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟିହେବ। ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରି ପାରନ୍ତି। ସଙ୍ଗଠନ, ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ**
ବିଶେଷ ଖର୍ଚ୍ଚାନ୍ତ ଓ ପରିଶ୍ରମ କରିବା କାରଣରୁ ଟେନ୍‌ସନ କିଛି ମାତ୍ରାରେ ଲାଗି ରହିବ। ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ତର୍କ ବିତର୍କ ଲାଗିପାରେ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଖୁସି ହେବେ।

**ସିଂହ**
ନିକଟ ଅତୀତରେ ସୃଷ୍ଟି ହୋଇଥିବା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଆର୍ଥିକ ଦିଗରୁ ଉପକୃତ ହେବେ, କିନ୍ତୁ ପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବାରେ ସହାୟକ ହେବ। ମାତ୍ର କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ।

**କନ୍ୟା**
ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରୁ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। କୌଣସି ସମ୍ପର୍କୀୟ ବନ୍ଧୁଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା**
ଆଜି ଆକସ୍ମିକ ଭାବରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ଆନୁଷ୍ଠାନ ପାଇଁ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପିଲାଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତକରି ମନେ ମନେ ବିରକ୍ତ ହେବେ।

**ବିଛା**
ଯାହା ମନରେ ଆଶାବାନ୍ଧି ବସିଛନ୍ତି ଆଜି ତାହା ଅବଶ୍ୟ ପାଇବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସାମ୍ବାଦିକତା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନରେ ଟେନ୍‌ସନ ବଢ଼ିପାରେ।

**ଧନୁ**
ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନାହିଁ।

**ମକର**
ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହଠାତ୍ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡ଼ିବେ ନାହିଁ। ପରିହାସଯୁକ୍ତ କଥା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବାରେ ସାହାଯ୍ୟ କରିବ। ପାରିବାରିକ ସମସ୍ୟାରେ ଅସୁବିଧାର ସମ୍ମୁଖୀନ ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ହେବା ଜିନିଷ ହୋଇପାରିବ ନାହିଁ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ସମସ୍ୟା ସୃଷ୍ଟି କରିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ସଚେତନତା ଅଭାବରୁ ପୁରାତନ ରୋଗପୀଡ଼ାରୁ ବିଶେଷ କଷ୍ଟ ପାଇବେ।

**ମୀନ**
ଆଜି କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ ଶାନ୍ତ ପଡ଼ିଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଅର୍ଥ ଆଦାୟରେ ସକ୍ଷମ ହେବେ କିନ୍ତୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ଗର୍ଭଣା ସଂକ୍ରାନ୍ତି, ଆଶ୍ୱିନ ଶୁକ୍ଳ ଚତୁର୍ଥୀ ବୁଧବାର, ଅକ୍ଟୋବର ୧୮ ତାରିଖ। ରାଶି ନକ୍ଷତ୍ର -ଅନୁରାଧା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୫ ଗତେ, ଘ.୦୮।୦୪ ମଧ୍ୟେ, ଘ.୧୦।୨୨ ଗତେ, ଘ.୧୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୩୧ ଗତେ, ଘ.୧୨।୫୮ ମଧ୍ୟେ ରାହୁକାଳ।

# ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ହେବ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୧୭।୧୦(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ତୃତୀୟ ଦିନରେ ମୟୂରଭଞ୍ଜ, ବରଗଡ଼ ଓ ଦେବଗଡ଼ ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଆଭାସୀ ଜରିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳର ସର୍ବବିଧ ଉନ୍ନତି ବିଶେଷକରି ଡିଜିଟାଲ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ମୟୂରଭଞ୍ଜ ଜିଲାର ୫ଟି ନିର୍ବାଚନମଣ୍ଡଳୀକୁ ୧୧୧ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହି ନିର୍ବାଚନମଣ୍ଡଳୀଗୁଡ଼ିକ ହେଲା ବଡ଼ସାହି, ବାଙ୍ଗିରିପୋଷି, ବାରିପଦା, ମୋରଡ଼ା ଏବଂ ଉଦଳା। ଏହିସବୁ ନିର୍ବାଚନମଣ୍ଡଳୀର ୨୨୩ ପଞ୍ଚାୟତରେ ୩,୦୮୧ଟି ପ୍ରକଳ୍ପ ହେବ। ସେହିପରି ବରଗଡ଼ ଜିଲାର ୫ଟି ନିର୍ବାଚନମଣ୍ଡଳୀ ପାଇଁ ୧୨୬ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ନିର୍ବାଚନମଣ୍ଡଳୀଗୁଡ଼ିକ ହେଲା ଅତାବିରା, ବିଜେପୁର, ବରଗଡ଼, ପଦ୍ମପୁର ଓ ଭଟଲି।

## ଆମ ଓଡ଼ିଶା ନବୀନ ଓଡ଼ିଶା: ୩ ଜିଲାରେ ଶୁଭାରମ୍ଭ

- ମୟୂରଭଞ୍ଜର ୩୦୮୧ ପ୍ରକଳ୍ପ ପାଇଁ ୧୧୧.୫୦ କୋଟି ଟଙ୍କା ମଞ୍ଜୁର
- ବରଗଡ଼ର ୩୧୩୫ ପ୍ରକଳ୍ପ ନିମନ୍ତେ ୧୨୬.୫୦ କୋଟି
- ଦେବଗଡ଼ର ୯୯୧ ପ୍ରକଳ୍ପ ଲାଗି ୩୫ କୋଟି ମଞ୍ଜୁର
- ରୂପାନ୍ତର ଆଜି ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି: ୫-ଟି ସଚିବ

ଏଥିରେ ୨୫୩ ଗ୍ରାମପଞ୍ଚାୟତରେ ୩,୧୩୫ ପ୍ରକଳ୍ପ କରାଯିବ। ସେହିପରି ଦେବଗଡ଼ ଜିଲାର ଗୋଟିଏ ନିର୍ବାଚନମଣ୍ଡଳୀ ପାଇଁ ୩୫ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଏଥିରେ ୭୦ଟି ଗ୍ରାମପଞ୍ଚାୟତରେ ୯୯୧ ପ୍ରକଳ୍ପ କାର୍ଯ୍ୟକାରୀ ହେବ।

ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପୂଜାସ୍ଥଳୀର ବିକାଶ ଜରିଆରେ ଓଡ଼ିଶାର ସଂସ୍କୃତିର ମୂଳଭିତ୍ତିକୁ ସୁଦୃଢ଼ କରାଯିବା ସହିତ ଡିଜିଟାଲ ଭିତ୍ତିଭୂମିର ବିକାଶ କରାଯିବ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ଜାତି, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ଗାଁରେ ଇଣ୍ଟରନେଟ୍ ସଂଯୋଗ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମ ପାଇଁ ମୟୂରଭଞ୍ଜ ଜିଲାର ୫ଟି, ବରଗଡ ଜିଲାର ୫ଟି ଓ ଦେବଗଡ଼ ଜିଲାର ଗୋଟିଏ ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା। ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମନ୍ତ୍ରୀ ରୀତା ସାହୁ, ସାଂସଦ ମମତା ମହନ୍ତ, ବିଧାୟକ ରାଜକିଶୋର ଦାସ, ବିଧାୟକ ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟକ ବର୍ଷା ସିଂ ବରିହା, ଜିଲା ପରିଷଦ ସଭାପତି, ସଦସ୍ୟଗଣ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗ ନେଇ ଗାଁ ଗାଁରେ ବିକାଶର ନୂଆ ଯୁଗ ଆସିଛି ବୋଲି ମତପ୍ରକାଶ କରିଥିଲେ। ୫-ଟି ସଚିବଙ୍କ ଗସ୍ତ ଯୋଗୁ ଜିଲା ସ୍ତରରେ ବିକାଶ ତ୍ୱରାନ୍ୱିତ ହେବା ସହ ଅନେକ ସମସ୍ୟା ଦୂର ହୋଇଛି ବୋଲି ସେମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳ ପାଇଁ ଯେଉଁ ଯେଉଁ ପ୍ରକଳ୍ପସବୁ ମଞ୍ଜୁର କରିଛନ୍ତି, ସେ ସମ୍ପର୍କରେ ପାଣ୍ଡିଆନ ସୂଚନା ଦେଇଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଲୋକଙ୍କ ପ୍ରସ୍ତାବିତ ପ୍ରକଳ୍ପ ଓ ଆବଶ୍ୟକତାକୁ ଦେଖି ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ସବୁ ଜିଲା ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ମୟୂରଭଞ୍ଜ ଜିଲାର ବାରିପଦା ସହରର ରିଙ୍ଗରୋଡ୍ ତଥା ବନ୍ୟା ନିୟନ୍ତ୍ରଣ ବନ୍ଧ ପାଇଁ ୧୫୪.୧୨ କୋଟି, ବାରିପଦା ଏମ୍‌ପିସି କଲେଜର ଉନ୍ନତୀକରଣ ପାଇ ୧.୫୦ କୋଟି ଟଙ୍କା, ମାଣଡ୍ରୀଠାରେ ବାବା କଖାରୁଆ ବୈଦ୍ୟନାଥ ଶିବ ମନ୍ଦିରର ଉନ୍ନତୀକରଣ ପାଇଁ ୧ କୋଟି, ବାରିପଦାରୁ ପ୍ରତାପପୁର ବଡ଼ସାହି ଦେଇ ମାଣିଡ୍ରୀ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ୩୭.୦୪ କୋଟି, ବେତନଟୀ-ବଡସାହି ରାସ୍ତାର ଉନ୍ନତୀକରଣ ପାଇଁ ୧୯.୪୪ କୋଟି ମଞ୍ଜୁର କରାଯାଇଛି। ଜିଲାର ୫ଟି ପ୍ରକଳ୍ପ ପାଇଁ ୨୧୩.୧୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି।

ସେହିପରି ବରଗଡ଼ ଜିଲାରେ ଡୁରୁଙ୍ଗା ବୈଷ୍ଣୋଦେବୀ ମନ୍ଦିର ପାଇଁ ୧.୩୬ କୋଟି, ବରଗଡ଼ ମହିଳା କଲେଜ ପାଇଁ ୧.୨୫ କୋଟି, ବରଗଡ଼ ପଞ୍ଚାୟତ କଲେଜ ପାଇଁ ୧.୨୫ କୋଟି, ସରଣ୍ଡା ବିଶେଶ୍ୱର ମନ୍ଦିର ପାଇଁ ୨.୬୦ କୋଟି, ପପଙ୍ଗା ପାହାଡ଼ ପର୍ଯ୍ୟଟନ କେନ୍ଦ୍ର ପାଇଁ ୧.୮୦ କୋଟି, ଅତାବିରା ରାମଚଣ୍ଡୀ ମନ୍ଦିର ପାଇଁ ୧.୪୦ କୋଟି, ଲରମ୍ବା କଲେଜ ପାଇଁ ୧.୨୫ କୋଟିକୁ ମିଶାଇ ମୋଟ ୭ଟି ପ୍ରକଳ୍ପ ପାଇଁ ୧୦.୯୧ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ସେହିପରି ଦେବଗଡ଼ ଜିଲାରେ ଗୋହିରା ଡ୍ୟାମ୍ କେନାଲ ଲାଇନିଂ ପାଇଁ ୧୭.୬୮ କୋଟି, ତିଲେଇବଣି ହକି ଟ୍ରେନିଂ ସେଣ୍ଟରରେ ସିନ୍ଥେଟିକ ଟର୍ଫ ପାଇଁ ୧୨ କୋଟି ଟଙ୍କା, ଝାଡ଼େଶ୍ୱର ମନ୍ଦିରର ବିକାଶ ପାଇଁ ୩.୧୦ କୋଟି, ଦେବଗଡ଼ ମଡେଲ ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, ଦେବଗଡ଼ କଲେଜ ପାଇଁ ୧ କୋଟି, ପ୍ରଧାନପାଟ ଜଳପ୍ରପାତ ପର୍ଯ୍ୟଟନ ବିକାଶ ପାଇଁ ୦.୯୨ କୋଟି, କୁରୁଡକୋଟ ଜଳପ୍ରପାତ ପର୍ଯ୍ୟଟନ ବିକାଶ ପାଇଁ ୦.୭୫ କୋଟି, ଦେଓଝରଣ ଜଳପ୍ରପାତ ପର୍ଯ୍ୟଟନ ବିକାଶ ପାଇଁ ୦.୭୭ କୋଟି, ଗୋହିରା ନିକଟରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୦.୬୨ କୋଟି, ରିଆମାଳ ଯୋଗୀହୁଲି ପର୍ଯ୍ୟଟନ କ୍ଷେତ୍ର ପାଇଁ ୦.୬ କୋଟି ଏବଂ ରିଆମାଳ ଭିତରପଡ଼ାଠାରେ ଡୋକ୍ରା କାରିଗରମାନଙ୍କ ପାଇଁ କମନ ଫ୍ୟାସିଲିଟି ସେଣ୍ଟର ବିକାଶ ପାଇଁ ୦.୪୦ କୋଟି ଟଙ୍କାକୁ ମିଶାଇ ମୋଟ ୧୧ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୩୯ କୋଟି ୯ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। କାର୍ଯ୍ୟକ୍ରମରେ ୩ଟି ଜିଲାର ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁନିଆର ଆବଶ୍ୟକତାକୁ ବୁଝିଲେ ସ୍କିଲ୍ ଦୂରତାକୁ ହ୍ରାସ କରିପାରିବା: ଧର୍ମେନ୍ଦ୍ର




ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର)

ବଜାରର ଆବଶ୍ୟକତା ଏବଂ ଭିତ୍ତିଭୂମିର ବିକାଶ ପାଇଁ ଦରକାର ଥିବା ଦକ୍ଷତା ଉପରେ ମ୍ୟାପିଂ ହେବା ଦରକାର। ଦୁନିଆର ଆବଶ୍ୟକତାକୁ ବୁଝିଲେ ହିଁ ଆମେ ସ୍କିଲ୍ ଦୂରତାକୁ ହ୍ରାସ କରିପାରିବା ବୋଲି ମଙ୍ଗଳବାର ନୂଆଦିଲ୍ଲୀଠାରେ 'ଇଣ୍ଡିଆ ସ୍କିଲ୍ ୨୦୨୩-୨୪'ର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ସେହିପରି ସ୍କିଲ୍ ପ୍ରତିଯୋଗିତାରେ ୨୫ ଲକ୍ଷ ଲୋକଙ୍କୁ ଯୋଡ଼ିବା ପାଇଁ ଧର୍ମେନ୍ଦ୍ର ଆହ୍ୱାନ କରିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ୨୦୨୪ ସୁଦ୍ଧା ବିକଶିତ ଭାରତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଭାରତକୁ ବିକଶିତ କରିବାକୁ ହେଲେ ସମସ୍ତଙ୍କୁ ସ୍କିଲ୍‌ଡ କରିବାକୁ ହେବ। ଭାରତ ହେଉଛି ଯୁବଶକ୍ତିର ଦେଶ। ଯୁବବର୍ଗଙ୍କୁ ସ୍କିଲ୍‌ଡ ନ କଲେ ବିକଶିତ ଭାରତର ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ତେଣୁ ଶିଳ୍ପ, ଶିକ୍ଷାନୁଷ୍ଠାନ ସହ ମିଳିତ ଭାବେ ସମସ୍ତଙ୍କ ସାମର୍ଥ୍ୟକୁ ଜନଆନ୍ଦୋଳନରେ ପରିଣତ କରିବାକୁ ହେବ। ଦେଶରେ ବେରୋଜଗାରୀ ହ୍ରାସ ପାଇଛି। ଭାରତରେ ୨୦୧୭ରେ ବେରୋଜଗାରୀ ହାର ୬ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା ୩.୨ ପ୍ରତିଶତରେ ପହଞ୍ଚିଛି। କ୍ରମାଗତ ଭାବେ କର୍ମକ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ବଢୁଛି। ସମସ୍ତଙ୍କୁ ବିଶେଷ ଭାବେ କର୍ମ କ୍ଷେତ୍ରରେ ଥିବା ସବୁ ଗ୍ରୁପର ଲୋକଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ କରାଇବାକୁ ପଡ଼ିବ। ଭାରତର ହସ୍ତତନ୍ତ, ବୟନ ଶିଳ୍ପ ଦୁନିଆର କେଉଁ ସ୍ଥାନରେ ମିଳେନାହିଁ। ଏହା ହିଁ ଆମ ଭାରତର ଦକ୍ଷତା। ବିଶ୍ୱ ଏବେ ଭାରତକୁ ଅନୁସରଣ କରୁଛି। ଆମ ଦେଶରେ ପୁସ୍ତକର ମହତ୍ତ୍ୱ ଅଧିକ। ତେବେ ଡିଗ୍ରୀ ଅପେକ୍ଷା ଅଧିକ ସାମର୍ଥ୍ୟ ଉପରେ ଗୁରୁତ୍ୱ ଦେବା ଦରକାର। ଦେଶର ଛାତ୍ରୀଛାତ୍ରମାନେ ବିଶେଷ ପାଠ୍ୟକ୍ରମକୁ ଆପଣାଇବାରେ ଆଗକୁ ବଢୁଛନ୍ତି। ସମସ୍ତଙ୍କ ମଧ୍ୟରେ କିଛି ନା କିଛି ରୁଚି ଅଛି। ପିଲାଙ୍କ ରୁଚି ଅନୁସାରେ ପାଠ ପଢ଼ାଇବା ଉପରେ ଜାତୀୟ ଶିକ୍ଷା ନୀତିରେ ପ୍ରାଧାନ୍ୟ ଦିଆଯାଇଛି ବୋଲି ସେ କହିଛନ୍ତି। ଏହି ଅବସରରେ ୱାର୍ଲଡ ସ୍କିଲ୍ସ ୨୦୨୨ର ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା ସହ କେନ୍ଦ୍ରମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

# ନାବାଳିକାଙ୍କୁ ନିର୍ଯାତନା, ଏଏସ୍ଆଇ ଗିରଫ

ରାଇରଙ୍ଗପୁର,୧୭।୧୦
(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଯାମଦା ଥାନାର ଏଏସ୍ଆଇ ଆନନ୍ଦ ମାଝି ଜଣେ ନାବାଳିକାଙ୍କୁ ନିର୍ଯାତନା ଦେଇ ଗିରଫ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଏଏସ୍ଆଇ ମାଝି ଜଣେ ନାବାଳିକାଙ୍କୁ ଘରକୁ ଆଣି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ପରବର୍ତ୍ତୀ ସମୟରେ ସେ ନିର୍ଯାତନା ଦେଉଥିବା ନେଇ ନାବାଳିକାଙ୍କ ପିଉସୀ ଯାମଦା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୮୩/୨୩) ରୁଜୁ କରି ଏଏସ୍ଆଇ ମାଝିଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ବାରିପଦାସ୍ଥିତ ପକ୍‌ସୋ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

# ମହିଳାଙ୍କୁ ବଳାତ୍କାର ପରେ ହତ୍ୟା, ୨ ଅଟକ

ପାଟଣା,୧୭।୧୦
(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଆହାରପଡ଼ା ଫିଲଡ୍ ସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ମଙ୍ଗଳବାର ଜଣେ ବିଧବାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ଆହାରପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ତାଙ୍କର ୪ ପୁଅ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସୋମବାର ମହିଳାଜଣଙ୍କ ସମ୍ପର୍କୀୟଙ୍କ ଶୁଦ୍ଧିକାର୍ଯ୍ୟରେ ଯୋଗଦେବାକୁ ଆସିଥିଲେ। ମଙ୍ଗଳବାର ସକାଳେ ଫିଲଡ୍ ସାହି ନିକଟ ଏକ ବାଉଁଶ ବୁଦା ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ସହ କେନ୍ଦୁଝରର ଆସିଷ୍ଟାଣ୍ଟ ସାଇଣ୍ଟିଫିକ ଅଫିସର ଧର୍ମେନ୍ଦ୍ର ପାତ୍ର ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମା'ଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପୁଅମାନେ ଥାନାରେ ଅଭିଯୋଗ କରିଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଆଲଦା କହିଛନ୍ତି। ପାଟଣା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତିରୁ ଉକ୍ତ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଜଣାପଡୁଛି। ଏନେଇ ଥାନାରେ ଏକ ମାମଲା (ନଂ. ୧୮୭/୨୩) ରୁଜୁ ହୋଇଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ କରିଥିବା ଡ. ମନସ୍ମିତା ପ୍ରଧାନ ତାଙ୍କ ରିପୋର୍ଟରେ ମୃତ ମହିଳାଙ୍କୁ ବଳାତ୍କାର ପରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଦର୍ଶାଇଛନ୍ତି ବୋଲି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ଲକ୍ଷ୍ମଣ ମହାନ୍ତ କହିଛନ୍ତି।

# ୨୦ରେ ଲଘୁଚାପ: ୨୩ରୁ ୨୭ ଉପକୂଳରେ ବର୍ଷା

ଭୁବନେଶ୍ୱର,୧୭।୧୦(ଅନିଲ ଦାସ)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଆଣ୍ଡାମାନ ଉପକୂଳରେ ମଙ୍ଗଳବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୦ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ଅଧିକ ଘନୀଭୂତ ହୋଇ ୨୩ ତାରିଖ ବେଳକୁ ଡିପ୍ରେସନ(ଅବପାତ) ଓ ୨୪ରେ ଏହା ଡିପ୍ ଡିପ୍ରେସନ (ଗଭୀର ଅବପାତ)ରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଲଘୁଚାପ ସାମୁଦ୍ରିକ ଝଡ଼ ରୂପ ନେବ କି ନାହିଁ ତାହା ୨୦ ତାରିଖ ବେଳକୁ ସ୍ପଷ୍ଟ ହେବ। ସମ୍ଭାବ୍ୟ ଲଘୁଚାପ ଓଡ଼ିଶା ଉପକୂଳ ଦେଇ ପଶ୍ଚିମବଙ୍ଗର ସୁନ୍ଦରବନରେ ସ୍ଥଳଭାଗ ଛୁଇଁବ ବୋଲି ଅନୁମାନ କରାଯାଇଛି। ଲଘୁଚାପ ଅବପାତରେ ପରିଣତ ହେବା ପରେ ଉପକୂଳରେ ଘଣ୍ଟାକୁ ୪୦ରୁ ୬୦ କି.ମି. ବେଗରେ ପବନ ବହିବ। ବେଳେ ବେଳେ ଏହା ୮୦ କିଲୋମିଟରକୁ ମଧ୍ୟ ଛୁଇଁପାରେ। ଲଘୁଚାପ ଯୋଗୁ ଉପକୂଳ ଓଡ଼ିଶାରେ ଅକ୍ଟୋବର ୨୩ରୁ ୨୭ ମଧ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ବିଶେଷ କରି କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ମୟୂରଭଞ୍ଜ, ଢେଙ୍କାନାଳ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ।

## ୩ ଜିଲାକୁ ମିଳିଲାନି ସ୍ୱାଭାବିକ ମୌସୁମୀ ବର୍ଷା

ଦକ୍ଷିଣ-ପଶ୍ଚିମ ମୌସୁମୀ ଅକ୍ଟୋବର ୧୩ ତାରିଖରୁ ରାଜ୍ୟରୁ ବାହୁଡ଼ି ଯାଇଛି। ତେବେ ଚଳିତ ବର୍ଷ ରାଜ୍ୟର ୩ଟି ଜିଲାକୁ ଛାଡ଼ିଦେଲେ ମୌସୁମୀ ବର୍ଷା ସମସ୍ତ ଜିଲାରେ ସ୍ୱାଭାବିକ ହୋଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୧୧୫୦.୨ ମିଲିମିଟର ବର୍ଷା ହେବାକୁ ଥିବାବେଳେ ୧୧୧୫.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ତେବେ ଜୁନ୍ ପହିଲାରୁ ମୌସୁମୀ ବିଦାୟ ନେବା ପର୍ଯ୍ୟନ୍ତ (ଅକ୍ଟୋର ୧୩ ) ରାଜ୍ୟରେ ୧୨୧୫.୩ ମିଲିମିଟର ଜାଗାରେ ୧୧୮୮.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

# ଶହୀଦ ଯବାନଙ୍କ ଦଶାହରେ ଅଘଟଣ | ନଦୀରେ ବୁଡ଼ି ୨ ଭାଇ ମୃତ

## ବାରଡ଼ିଆରେ ଶୋକାକୁଳ ପରିବେଶ


ଶୁଭରଞ୍ଜନ ପାଲ


ସ୍ୱଦେଶ ପାଲ

ଜଗତ୍‌ସିଂହପୁର, ୧୭।୧୦
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକ ବାରଡ଼ିଆ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଯାଇଛି । ଏହି ଗାଁର ବିଏସ୍ଏଫ୍ ଯବାନ ସତ୍ୟନାରାୟଣ ପାଲ (୩୨)ଙ୍କ ଦଶାହ କର୍ମରେ ଯୋଗଦେବାକୁ ବାରଡ଼ିଆ ଦେବୀ ନଦୀ ପଠାକୁ ଯାଇଥିବା ୩ ଜଣ ସମ୍ପର୍କୀୟଙ୍କ ମଧ୍ୟରୁ ୨ ଜଣ ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ସେମାନେ ହେଲେ ମୃତ ଯବାନଙ୍କ ଭାଇ ଶୁଭରଞ୍ଜନ ପାଲ (୩୨) ଓ ସ୍ୱଦେଶ ପାଲ (୨୨)। ଶୁଭରଞ୍ଜନ ହାଇଦ୍ରାବାଦର ଏକ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ଥିବାବେଳେ ସ୍ୱଦେଶ କଟକ ଜିଲା ଅଡ଼ଶପୁରସ୍ଥିତ ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜିରେ ଯୁକ୍ତ ୩ ଶେଷବର୍ଷ ବିଜ୍ଞାନ ପରୀକ୍ଷା ଦେଇଥିବା ଛାତ୍ର। ଉଭୟଙ୍କୁ ସ୍ଥାନୀୟ ଲୋକେ ପାଣିରୁ ଉଦ୍ଧାର କରି ଅଡ଼ଶପୁରସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଦ୍ୱୟଙ୍କ ଏଭଳି ଅକାଳ ମୃତ୍ୟୁ ଖବର ସାରା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଅପରପକ୍ଷେ ମୃତ ଯବାନଙ୍କ ପୁତୁରା ଅନ୍ୱେଷ କୁମାର ପାଲ ପାଣିରେ ବୁଡ଼ିଯାଇଥିଲେ ସୁଦ୍ଧା ସୌଭାଗ୍ୟବଶତଃ ରକ୍ଷା ପାଇଯାଇଛନ୍ତି। ସେ ମଧ୍ୟ ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜିରେ ଶେଷବର୍ଷ ବିଜ୍ଞାନ ପରୀକ୍ଷା ଦେଇଛନ୍ତି। ସେ ଏବେ ସୁସ୍ଥ ଥିବା ପରିବାର ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ମୃତ ସତ୍ୟ ୧୦ ବର୍ଷ ହେବ ବିଏସ୍ଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିବାବେଳେ କୋଲକାତାରେ ପୋଷ୍ଟିଂ ହୋଇଥିଲେ। କିଛିଦିନ ପୂର୍ବରୁ ଛୁଟିରେ ଗାଁକୁ ଆସିଥିଲେ। କୌଣସି କାମରେ ଗତ ୮ ତାରିଖରେ ଭୁବନେଶ୍ୱର ଯାଇ ସନ୍ଧ୍ୟାରେ ଫେରୁଥିବାବେଳେ କଟକ ଜିଲା ଗୋବିନ୍ଦପୁର ଥାନା ଚୌପଡ଼ାଠାରେ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ୯ ତାରିଖରେ ଗ୍ରାମ ଶ୍ମଶାନରେ ବିଏସ୍ଏଫ ପକ୍ଷରୁ ତୋପ ସଲାମି ଓ ଗାର୍ଡ ଅଫ୍ ଅନର ଦିଆଯିବାପରେ ସତ୍ୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ସତ୍ୟଙ୍କ ଦଶାହ କର୍ମ ପାଇଁ ପରିବାର, ବନ୍ଧୁବାନ୍ଧବ ଓ ସମ୍ପର୍କୀୟମାନେ ବାରଡ଼ିଆ ଦେବୀ ନଦୀପଠାରେ ଏକତ୍ରିତ ହୋଇଥିଲେ। ଶୁଦ୍ଧିକ୍ରିୟା ଚାଲିଥିବା ବେଳେ ଶୁଭରଞ୍ଜନ, ସ୍ୱଦେଶ ଓ ଅନ୍ୱେଷ ସ୍ନାନ ପାଇଁ ନଦୀ ଭିତରକୁ ପ୍ରବେଶ କରିଥିଲେ। ପହଁରା ଶିଖି ନ ଥିବାରୁ ନଦୀ ଭିତରକୁ ଗଲାବେଳେ ହଠାତ୍ ସେମାନେ ବୁଡ଼ିଯାଇଥିଲେ। ଏହା ଦେଖି ଉପସ୍ଥିତ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଅନ୍ୱେଷ ରକ୍ଷାପାଇଯାଇଥିବାବେଳେ ଅନ୍ୟ ୨ ଜଣଙ୍କ ମୃତ୍ୟୁ ଘଟିଛି।



କୌଣସି ଏକ ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହଁ। ତାହା କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ ସେହି କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠିଯାଅ। ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର। **–ଶ୍ରୀଅରବିନ୍ଦ**

# କୋରାପୁଟ କଫି

କୋରାପୁଟ ଏକ ଆଦିବାସୀ ଅଧ୍ୟୁଷିତ ଜିଲା। ବହୁ ଲୋକଙ୍କ ଧାରଣା ଯେ, ଏହା ଏକ ଅନଗ୍ରସର ଅଞ୍ଚଳ। କିନ୍ତୁ ଯେଉଁମାନେ କୋରାପୁଟ ଯାଇଛନ୍ତି ସମସ୍ତେ ଜାଣନ୍ତି ଯେ, ପ୍ରାକୃତିକ ସୌନ୍ଦର୍ଯ୍ୟ ସହ କୋରାପୁଟରେ ଅନେକ ଆଧୁନିକ ଶିଳ୍ପ ଏବଂ କୃଷି କ୍ଷେତ୍ରରେ କାର୍ଯ୍ୟ କରାଯାଉଛି। ଏଠାରେ ଅନେକ ପ୍ରତିଷ୍ଠାନ ଗଢ଼ିଉଠିଛି ଯାହାକି ଏହି ଅଞ୍ଚଳର ମାନକୁ ଜାତୀୟ ସ୍ତରକୁ ନେଇପାରିଛନ୍ତି। ଏବେ ବୈଶ୍ୱିକ କଫି ମାନଚିତ୍ରରେ କୋରାପୁଟ ସ୍ଥାନ ପାଇପାରିଛି। ନିକଟରେ ବେଙ୍ଗାଲୁରୁରେ ଅନୁଷ୍ଠିତ ୫ମ ବିଶ୍ୱ କଫି ସମ୍ମିଳନୀରେ କୋରାପୁଟ ଉତ୍ପାଦିତ କଫି ୩ଟି ପୁରସ୍କାର ଲାଭ କରିଛି। ସେଠାରେ ଉତ୍ପାଦିତ ଗୋଟିଏ କିସମ(କୃତି କଫିର 'କିନ୍ଦିରିଗୁଡ଼ା ନେଚୁରାଲ୍ସ'୨୦୨୨-୨୩ ବ୍ୟାଚ୍)କୁ ସର୍ବୋତ୍କୃଷ୍ଟ ନେଚୁରାଲ କଫି ପୁରସ୍କାର ମିଳିଥିବାବେଳେ ଆଉ ଗୋଟିକୁ ସେମି ୱାଶ୍‌ଡ ବର୍ଗରେ ସବୁଠୁ ଭଲ ଓ ଅନ୍ୟ ଏକ କିସମକୁ ୱାଶ୍‌ଡ ବର୍ଗରେ ୫ମ ସ୍ଥାନ ମିଳିଥିବା କଫି ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଛି। କୋରାପୁଟ ଜିଲାର ପ୍ରାକୃତିକ ପରିବେଶରେ ଚାଷ କରାଯାଉଥିବା ସବୁଠୁ ପୁରାତନ କିସମର କଫି ଏବେ ବିଶ୍ୱ କଫି ପ୍ରତିଯୋଗିତାରେ ନିଜକୁ ଉତ୍କୃଷ୍ଟ ବୋଲି ସାବ୍ୟସ୍ତ କରିପାରିଛି। ଉଲ୍ଲେଖନୀୟ ଯେ, କୋରାପୁଟ କଫି ଚାଷର ଇତିହାସ ବହୁ ପୁରୁଣା। ପ୍ରଥମେ ଜୟପୁର ମହାରାଜା ରାଜବାହାଦୁର ରାମଚନ୍ଦ୍ର ଦେଓ ୧୯୩୦ରେ ଏହି ଚାଷ ଆରମ୍ଭ କରିଥିଲେ। ଜୟପୁର ଜମିଦାରି ଉଚ୍ଛେଦ ହେବା ପରେ ଏହା ପ୍ରାୟ ବନ୍ଦ ହୋଇଯାଇଥିଲା। ପରେ ୨୦୧୭ରେ ଜିଲା ପ୍ରଶାସନ କଫି ଡେଭଲପମେଣ୍ଟ ଟ୍ରଷ୍ଟ ଗଠନ କରି କୋରାପୁଟକୁ କଫି କେନ୍ଦ୍ର କରିବାକୁ ପ୍ରୟାସ ଜାରି ରଖିଛି। ଏବେ କୋରାପୁଟରେ ପାଖାପାଖି ୪ହଜାର ହେକ୍ଟର ଜମିରେ କଫି ଚାଷ କରାଯାଉଛି। ଏକ ସରକାରୀ ଅନୁଧ୍ୟାନରୁ ଜଣାପଡ଼ିଛି ,ଏହି ଜିଲାରେ ୧.୪୬ ଲକ୍ଷ ହେକ୍ଟର ଜମି କଫି ଚାଷ ପାଇଁ ଅନୁକୂଳ। ରାଜ୍ୟ ସରକାର ଚଳିତ ବର୍ଷ କଫି ମିଶନ ଘୋଷଣା କରିବା ପରେ କୃଷି ବିଭାଗ କଫିଚାଷକୁ ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ ଓ କେନ୍ଦୁଝରକୁ ବିସ୍ତାରକରି ଆଗାମୀ ୫ ବର୍ଷ ମଧ୍ୟରେ ଉତ୍ପାଦନ ୧୦ ଗୁଣ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ପ୍ରଥମେ କେବଳ ଆଦିବାସୀମାନେ ଏହି ଚାଷ କରୁଥିଲେ ଓ ଏବେ ଅଣ ଆଦିବାସୀମାନେ ଏଥିରେ ସାମିଲ ହୋଇଛନ୍ତି। କୋରାପୁଟ ଉତ୍ପାଦିତ କଫିକୁ ଆନ୍ଧ୍ର ବ୍ୟବସାୟୀ କିଣିନେଇ ତାହାକୁ 'ଆର୍‌କୁ' କଫି ନାମରେ ଦେଶବ୍ୟାପୀ ବିକୁଥିବା ଅନେକେ ଜାଣିଥିବେ। ତେବେ ଟ୍ରାଇବାଲ ଡେଭଲପ୍‌ମେଣ୍ଟ କୋ-ଅପରେଟିଭ କର୍ପୋରେଶନ ଅଫ୍ ଓଡ଼ିଶା ଲିମିଟେଡ୍(ଟିଡିସିସିଓଏଲ୍) କଫି ପ୍ରୋସେସିଂ କରି ତାହାକୁ କୋରାପୁଟ କଫି ବ୍ରାଣ୍ଡ୍‌ରେ ବିକ୍ରି କରୁଛି। ଏହା ଅନେକ ଶହ ପରିବାରର ଜୀବିକାର ମାଧ୍ୟମ ହୋଇଛି।

> **କୋରାପୁଟ କଫିର ବଜାର ଏବେ ପୁରୀ ଓ ଭୁବନେଶ୍ୱରରେ ସୀମିତ ଥିବା ଜଣାଯାଏ। ଏହାର ପ୍ରସାର ଗୋଟିଏ କମ୍ପାନୀକୁ ଦେବା ପରିବର୍ତ୍ତେ ସେଥିରେ ପ୍ରତିଯୋଗିତାମୂଳକ ବ୍ୟବସାୟକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବା ଉଚିତ।**

କଫି ଉତ୍ପାଦନରେ ବିଶ୍ୱରେ ଷଷ୍ଠ ସ୍ଥାନରେ ଅଛି ଭାରତ। କଫି ଉତ୍ପାଦନ ଓ ଏହାର ବଜାର ଅଭିବୃଦ୍ଧି ଲାଗି କଫି ବୋର୍ଡ ଅଫ୍ ଇଣ୍ଡିଆ ପ୍ରୟାସ ଜାରି ରଖିଛି। ଭାରତରେ ମୋଟ କଫି ଉତ୍ପାଦନର ୯୦% କର୍ଣାଟକ ଓ କେରଳରେ, ୫% ତାମିଲନାଡୁରେ ଏବଂ ଅବଶିଷ୍ଟ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ଆଦି ରାଜ୍ୟରେ ହେଉଛି। ଭାରତରେ ଯୁବବର୍ଗଙ୍କ ମଧ୍ୟରେ କଫିର ଆଦର ବଢୁଥିବାରୁ ଏହାର ବଜାର ବୃଦ୍ଧି ପାଉଛି। କାଫେ ସଂସ୍କୃତି ମଧ୍ୟ ସମୟ ସହ ତାଳଦେଇ ଆଗକୁ ବଢୁଛି। ସାଧାରଣ ଲୋକେ ମଧ୍ୟ ଚା' ବଦଳରେ କଫିର ସ୍ୱାଦ ଜାଣିଲେଣି । ନୂତନ ଯୁଗର କଫି ଚେନ୍ ବଜାରରେ ପ୍ରବେଶକରି ସେମାନଙ୍କ ସ୍ଥିତି ବଢ଼ାଇବାରେ ଲାଗିଛନ୍ତି। ଏହି କାଫେ ବିପ୍ଳବରେ ଚେନ୍ ଦୋକାନ ଭାବେ ବାରିଷ୍ଟା,କାଫେ କଫି ଡେ,କୁମ୍ଭାକୋନମ୍, ବ୍ରୁବେଣୀ ଭଳି କେତୋଟି ନାମ ଭାରତ ବ୍ୟାପୀ ସୁପରିଚିତ ହୋଇସାରିଲାଣି। ଏତଦ୍‌ବ୍ୟତୀତ ଆମେରିକାର କଫି ଚେନ୍ ଷ୍ଟାର୍ ବକ୍ ୨୦୧୨ରେ ଭାରତରେ ପ୍ରବେଶ କରିବା ପରେ ଏବେ ଦେଶର ୪୪ ସହରରେ ୩୬୦ ଷ୍ଟୋର ଖୋଲି ସାରିଲାଣି। ତେବେ ଓଡ଼ିଶାରେ ଉତ୍ପାଦିତ କୋରାପୁଟ କଫିକୁ ଜାତୀୟ ସ୍ୱୀକୃତି ମିଳିବା ପରେ ଏହାର ଉତ୍ପାଦନ ବୃଦ୍ଧି ଓ ବଜାରୀକରଣ ଆର୍ଥିକ ଦୃଷ୍ଟିକୋଣରୁ ଲାଭବାନ୍ ହୋଇପାରେ। ଏଣୁ କଫି ମିଶନର ଲକ୍ଷ୍ୟ ହାସଲ ପାଇଁ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଚାଷ କ୍ଷେତ୍ରରେ ଗବେଷଣା ଓ ଆଧୁନିକ ପଦ୍ଧତିକୁ ଗୁରୁତ୍ୱ ଦେଲେ ଓଡ଼ିଶା କଫି ଉତ୍ପାଦନରେ ଅଗ୍ରଣୀ ରାଜ୍ୟ ହୋଇପାରନ୍ତା। କଫି ଚାଷକୁ ୬ଜିଲାରେ ବ୍ୟାପକ କରାଗଲେ ତାହା ଚାଷୀଙ୍କୁ ସ୍ଥାୟୀ ଜୀବିକା ଯୋଗାଇଦେବ। କିନ୍ତୁ ଦୁଃଖର ବିଷୟ କେତେଜଣ ଅମଲାତନ୍ତ୍ରୀଙ୍କ ମସୁଧା ଯୋଗୁ ଓଡ଼ିଶାର କଫି ବ୍ୟବସାୟ ସମ୍ପୂର୍ଣ୍ଣ ଭାବେ ଟାଟା କମ୍ପାନୀକୁ ଧରାଇ ଦିଆଯାଇଛି, ଯାହାକି ଭବିଷ୍ୟତରେ ସାଧାରଣ ଚାଷୀଙ୍କୁ କ୍ଷତି ପହଞ୍ଚାଇପାରେ। କୋରାପୁଟ କଫିର ବଜାର ଏବେ ପୁରୀ ଓ ଭୁବନେଶ୍ୱରରେ ସୀମିତ ଥିବା ଜଣାଯାଏ। ଏହାର ପ୍ରସାର ଗୋଟିଏ କମ୍ପାନୀକୁ ଦେବା ପରିବର୍ତ୍ତେ ସେଥିରେ ପ୍ରତିଯୋଗିତାମୂଳକ ବ୍ୟବସାୟକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବା ଉଚିତ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | 9 | 1 | | | 3 |
| | | | | 3 | 4 | | | |
| | | | 6 | | 7 | | | |
| | 8 | 9 | 3 | 2 | | 1 | | |
| 5 | | 7 | | | | | | |
| | | | | | | | 3 | |
| | | | 8 | 1 | | 9 | | |
| 8 | | | | | | | | 5 |
| 7 | 5 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 9 | 5 | 2 | 4 | 7 | 6 |
| 4 | 5 | 9 | 7 | 8 | 6 | 3 | 2 | 1 |
| 7 | 6 | 2 | 4 | 1 | 3 | 5 | 8 | 9 |
| 9 | 3 | 5 | 8 | 2 | 7 | 1 | 6 | 4 |
| 2 | 4 | 6 | 1 | 9 | 5 | 7 | 3 | 8 |
| 8 | 1 | 7 | 6 | 3 | 4 | 9 | 5 | 2 |
| 1 | 2 | 3 | 5 | 6 | 9 | 8 | 4 | 7 |
| 5 | 7 | 8 | 2 | 4 | 1 | 6 | 9 | 3 |
| 6 | 9 | 4 | 3 | 7 | 8 | 2 | 1 | 5 |

ଗତକାଲିର ଉତ୍ତର

# ରୋଜଗାର ମେଳା ଓ ବେରୋଜଗାରି



ଶୈଳେନ୍ଦ୍ର ଦ୍ୱିବେଦୀ

ନିକଟରେ (ସେପ୍ଟେମ୍ବର ୨୩, ୨୦୨୩) ଦେଶବ୍ୟାପୀ (୪୬ ସ୍ଥାନରେ) ଅନୁଷ୍ଠିତ ହୋଇଥିବା 'ପ୍ରତୀୟମାନ' ବା 'ଭର୍ଚୁଆଲ' ରୋଜଗାର ମେଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫୧,୦୦୦ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏଇଠି କହିରଖେ, ଏସବୁ ନିଯୁକ୍ତି ସହ ସାମିଲ ବେଶ୍ କିଛି ସରକାରୀ ବିଭାଗ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ। ଏଣେ ସରକାରୀ ବିଭାଗଗୁଡ଼ିକ ମଧ୍ୟରେ ରହିଛି ଡାକ ବିଭାଗ, ଅଡିଟ୍ ଓ ଆକାଉଣ୍ଟସ, ରାଜସ୍ୱ , ଉଚ୍ଚଶିକ୍ଷା, ଆଣବିକ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପ୍ରତିରକ୍ଷା ପରି ବିଭାଗ। ସରକାରଙ୍କ ତରଫରୁ କୁହାଯାଇଛି, ୨୦୨୨ରୁ ଆରମ୍ଭ ହୋଇଥିବା ରୋଜଗାର ମେଳା ଆମ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ନେଇ ରହିଥିବା ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ଓ ପ୍ରତିବଦ୍ଧତାକୁ ଇଙ୍ଗିତ କରୁଛି। ଏହା ବାଦ୍ ଦେଶର ସର୍ବାଙ୍ଗୀନ ଉନ୍ନତିରେ ଯୁବପିଢ଼ିକୁ ଆଗକୁ ନେବାକୁ ପ୍ରୋତ୍ସାହିତ କରୁଛି। ଜଣାପଡ଼ିଛି, ନୂତନ ଭାବେ ଯୋଗଦେବାକୁ ଥିବା ପ୍ରାର୍ଥୀମାନେ କର୍ମଯୋଗୀ ପ୍ରାରମ୍ଭ ଇ-ପୋର୍ଟାଲ ମାଧ୍ୟମରେ ୬୮୦ କିସମର ଇ - ଲର୍ଣ୍ଣିଂ କୋର୍ସ କରିବାର ସୁଯୋଗ ପାଇବେ। ଭଲ କଥା। ସତସତିକା ପ୍ରଗତି ହେଉ ବା ନ ହେଉ, ଗତ କେତେ ବର୍ଷ ଧରି ଭାରତର ଇ-ପ୍ରଗତି/ଡି-ପ୍ରଗତି ବା ଡିଜିଟାଲ ପ୍ରଗତି ବାରି ହୋଇପଡୁଛି।

ସରକାରୀ ସୂତ୍ର ଅନୁସାରେ ଗତ ଅକ୍ଟୋବର ୨୦୨୨ରୁ ଏ ପର୍ଯ୍ୟନ୍ତ ୫.୫ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ଦିଆସରିଲାଣି ଏବଂ ଏହି କାର୍ଯ୍ୟକ୍ରମରେ ଅନ୍ତତଃ ୧୦ ଲକ୍ଷ ନିଯୁକ୍ତି ଦେବାପାଇଁ ଯୋଜନା ରହିଛି। ପାଠକେ, ଏଇଠି କହିରଖେ ଯେ ନିକଟରେ ଆମ ପ୍ରଧାନମନ୍ତ୍ରୀ ଖୋଦ୍ ସ୍ପଷ୍ଟ କରିଛନ୍ତି- କେବଳ ଗତ ୫ ବର୍ଷ ଭିତରେ ୧୩.୫୦ କୋଟି ଭାରତୀୟ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିବା ପାଇଁ ସମର୍ଥ ହୋଇଛନ୍ତି (ନୀତି ଆୟୋଗ ରିପୋର୍ଟ ଆଧାରରେ)। ନିକଟରେ ସେ ଏକଥା ମଧ୍ୟ କହିଛନ୍ତି, ଯେତେବେଳେ ସକାରାତ୍ମକ ଭାବନା ନେଇ କୌଣସି ନିଷ୍ପତ୍ତି ନିଆଯାଏ, ଅର୍ଥାତ୍ ଏହା ପଛରେ ନିହିତ ଉଦ୍ଦେଶ୍ୟ ସକାରାତ୍ମକ ରହିଥାଏ ଏବଂ ତାହା ଶୃଙ୍ଖଳା ଓ ସଂହତିର ସହ ସମ୍ପନ୍ନ ହୁଏ ସେତେବେଳେ ସମ୍ପୂର୍ଣ୍ଣ ବାତାବରଣରେ ରଚନାତ୍ମକ ତରଙ୍ଗ ଭରପୂର ହୋଇଯାଏ। ସେ କହିଛନ୍ତି, ଅମୃତ କାଳର ପ୍ରଥମ ବର୍ଷରେ ଦାରିଦ୍ର୍ୟ ହ୍ରାସ ପାଇବା ସହ ସମୃଦ୍ଧି ବୃଦ୍ଧି ପାଇବା ଖୁବ୍ ଭଲ ଖବର। ପ୍ରକୃତରେ ଶୁଣିବାକୁ କେତେ ଭଲ ନ ଲାଗୁଛି!

ପାଠକମାନଙ୍କ ପାଇଁ ଉଲ୍ଲେଖ କରୁଛି ଯେ ନୀତି ଆୟୋଗ ତଥ୍ୟ ମୁତାବକ ଦେଶରେ ଗତ ୯ ବର୍ଷ ଭିତରେ ଆୟକରଦାତାଙ୍କ ସଂଖ୍ୟା କ୍ରମଶଃ ବଢୁଛି। ୨୦୧୪ରେ ହାରାହାରି ଆୟକରଦାତାଙ୍କ ବାର୍ଷିକ ଆୟ ୪ଲକ୍ଷ ଟଙ୍କା ଥିଲା, ଯାହା ୨୦୨୩ରେ ବୃଦ୍ଧିପାଇଛି ୧୩ ଲକ୍ଷ ଟଙ୍କାକୁ। ଅର୍ଥାତ୍ ଆୟ ବି ଭଲ ବଢୁଛି। ପ୍ରଧାନମନ୍ତ୍ରୀ ଏକଥା ବି କହିଛନ୍ତି, ତମାମ ଦେଶବାସୀ ଅଧିକରୁ ଅଧିକ ସରକାରଙ୍କ ଉପରେ ଭରସା ରଖିଛନ୍ତି। ତେଣୁ ଦେଶର ବିକାଶ ପାଇଁ ଆଗକୁ ବାହାରି ସେମାନେ ଅଧିକରୁ ଅଧିକ କର ଦେବାପାଇଁ ପ୍ରସ୍ତୁତ ଅଛନ୍ତି। ତାହା ହିଁ କାରଣ ଭାରତୀୟ ଅର୍ଥନୀତି ଯାହା ୨୦୧୪ ପୂର୍ବରୁ ୧୦ ନମ୍ବରରେ ଥିଲା ଏବେ ୫ ନମ୍ବରରେ ରହିଛି। ସ୍କାମ୍‌ର ସମୟ ଆଉ ନାହିଁ। ଦୁର୍ନୀତିର ଆପାତତଃ ଅନ୍ତ ଘଟିଛି। ଏବେ ଯାହା ଗରିବ ଲୋକଙ୍କର ପ୍ରାପ୍ୟ ତାହା ସିଧାସଳଖ ଯାଉଛି ଲୋକଙ୍କ ଆକାଉଣ୍ଟକୁ।



ପାଠକେ, ପ୍ରାୟ ନିକଟରେ ଅଜିମ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ତରଫରୁ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ୨୦୨୧-୨୨ରେ ଶିକ୍ଷିତ ଯୁବତୀଯୁବକଙ୍କ ମଧ୍ୟରେ ଭାରତରେ ବେରୋଜଗାରି ରେକର୍ଡ ଛୁଇଁଥିଲା। 'ଷ୍ଟେଟ୍ ଅଫ୍ ୱାର୍କିଂ ଇଣ୍ଡିଆ , ୨୦୨୩' ଅନୁସାରେ ୪୨ ପ୍ରତିଶତ ଭାରତୀୟ ସ୍ନାତକ (୨୫ ବର୍ଷ ବୟସ ତଳେ) ବେରୋଜଗାରିକୁ ସାମ୍ନା କରୁଥିଲେ। ଯଦିଓ ମହାମାରୀ ପରେ ଅନେକ କ୍ଷେତ୍ରରେ ସ୍ଥିତି ସୁଧୁରିଛି ତଥାପି ଆଗକୁ ରହିଛି ଅନେକ ଅନ୍ଧାର। ଭାରତରେ ବେରୋଜଗାରିଙ୍କ ସଂଖ୍ୟା ବଢୁଛି , ତେବେ ତା' ସହ ବୈଷମ୍ୟର ସ୍ଥିତି ଅଧିକ ଚିନ୍ତାଜନକ। ସମୃଦ୍ଧି ଭେଦିଛି ଖୁବ୍ କମ୍ ଲୋକଙ୍କୁ , ଯେଉଁମାନେ ଶିଢ଼ିର ଉପର ପାହାଚରେ ଅଛନ୍ତି। ଅନୁସୂଚିତ ଜନଜାତିଙ୍କ ମଧ୍ୟରୁ ୨୨ ପ୍ରତିଶତ କର୍ମକ୍ଷେତ୍ରରୁ ନିୟମିତ ବେତନ ପାଉଥିବା ବେଳେ ଅନ୍ୟମାନଙ୍କ ତୁଳନାରେ ସେଇମାନେ ହିଁ ଅଧିକ ନିଯୁକ୍ତ ଅଣସଙ୍ଗଠିତ କ୍ଷେତ୍ରଗୁଡ଼ିକରେ, ଯେଉଁଠି ନିୟମିତ ମଜୁରି/ଦରମା, ଛୁଟି, ବୀମା ଏବଂ ସ୍ୱାସ୍ଥ୍ୟ ସେବା ଇତ୍ୟାଦି ସୁବିଧା ସୁଯୋଗ ନାହିଁ। ଉଦ୍ୟୋକ୍ତାମାନଙ୍କ ସଂଖ୍ୟା ଦେଶରେ ତ ବଢୁଛି, କିନ୍ତୁ ଉଭୟ ଅନୁସୂଚିତ ଜାତି ଓ ଜନଜାତିଙ୍କ ମଧ୍ୟରେ ଉଦ୍ୟୋଗୀ ସଂଖ୍ୟା ଯଥେଷ୍ଟ କମ୍। ୨୦ରୁ ଅଧିକ କର୍ମଚାରୀ ରଖିଥିବା ଉଦ୍ୟୋଗପତିମାନେ କଦାଚିତ ଏଇ ବର୍ଗମାନଙ୍କ ଭିତରୁ ଆସିଛନ୍ତି। ମହିଳାମାନଙ୍କ ନିଯୁକ୍ତିକୁ ନେଇ ବୈଷମ୍ୟ ହ୍ରାସ ପାଉଥିଲେ ହେଁ ଏହା ଆଦୌ ସନ୍ତୋଷଜନକ ନୁହେଁ। ପୁରୁଷମାନେ ଯାହା ରୋଜଗାର କରନ୍ତି ମହିଳାମାନେ ପାଆନ୍ତି ତା'ର ୭୬ ପ୍ରତିଶତ। କେବଳ ସେତିକି ନୁହେଁ, ସର୍ବାଧିକ ମହିଳା ନିଯୁକ୍ତି ଅଣସଙ୍ଗଠିତ କ୍ଷେତ୍ରଗୁଡ଼ିକରେ ଓ ଗ୍ରାମାଞ୍ଚଳରେ ଯେଉଁଠି ଲିଙ୍ଗଗତ ହିଂସା ସମ୍ଭାବନା ଅଧିକ।

ରିପୋର୍ଟ ଉଲ୍ଲେଖ କରିଛି, ଅଧିକ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିବା ସହ ନିଯୁକ୍ତି ସୁଯୋଗ ବଢ଼ିବାର ସମାନୁପାତିକ ସମ୍ପର୍କ ନାହିଁ। ୨୦୦୪-୧୯ ଭିତରେ ନିଯୁକ୍ତି ସୁଯୋଗ ଖାସ୍ କରି ସୁହାଉଛି ପାରିବା ଲୋକଙ୍କୁ। କରୋନା ପରବର୍ତ୍ତୀ ସମୟରେ ନିଯୁକ୍ତି ସୁଯୋଗ ବଢ଼ିଛି, ଯାହା ୨୫ ବର୍ଷ ବୟସ ତଳେ ରହିଥିବା ସ୍ନାତକମାନଙ୍କ ଭିତରୁ ୪୨ ପ୍ରତିଶତଙ୍କୁ ତଥାପି ବେରୋଜଗାର ରଖିଥିବା ବେଳେ ମୋଟାମୋଟି ୧୫ପ୍ରତିଶତ ସ୍ନାତକଙ୍କୁ ବେକାରି ଭେଟି ଦେଇଛି। ଚିନ୍ତାଜନକ ହେଉଛି ବର୍ତ୍ତମାନ ସମୟରେ ଭାରତରେ ବି ଜାତି, ଲିଙ୍ଗ ଏବଂ ଧର୍ମ ସହ ଯୋଡ଼ିହୋଇ ରହିଛି ନିଯୁକ୍ତି ସୁଯୋଗ। ଅନ୍ୟପକ୍ଷରେ ରିପୋର୍ଟ ଦର୍ଶାଇଛି ୨୦୦୪-୧୮ ଭିତରେ ଅସ୍ଥାୟୀ ନିଯୁକ୍ତି ବଢ଼ିଛି। ଏକଥା ଯଦିଓ ନୁହେଁ ଯେ ଯାହା ବାପାଙ୍କ ଜୀବନରେ ଘଟିଛି (ଅସ୍ଥାୟୀ ନିଯୁକ୍ତିରେ) ତା' ପୁଅ ବି ସମାନ ନିଯୁକ୍ତିରେ, ସମାନ ଅଧ ସ୍ୱପ୍ନରେ ସନ୍ତୁଷ୍ଟ ହେବ, କିନ୍ତୁ ଏତେ ବେଶି ସୁଯୋଗ ବି କାହିଁ ମୋଦିଙ୍କ ନୂତନ ଭାରତରେ, ଯେଉଁଠି ଦିନରେ ୨/୩ ଘଣ୍ଟା ପକୁଡ଼ି ବିକୁଥିବା ପିଲାଟିର ରୋଜଗାର ହିସାବ ରଖିବା ପାଇଁ ପରିସଂଖ୍ୟାନବିତ୍ ପରିଶ୍ରମ କରୁଛନ୍ତି ! ଜଣାପଡ଼ିଛି ବୟସ ବଢ଼ିବା ସଙ୍ଗେ ସଙ୍ଗେ ସ୍ନାତକମାନଙ୍କ ନିଯୁକ୍ତି ସମ୍ଭାବନା ଅବଶ୍ୟ ବଢୁଛି, ତେବେ ତାହା ସ୍ଥାୟୀ ନିଯୁକ୍ତି ନୁହେଁ। ରିପୋର୍ଟରେ ଉଲ୍ଲେଖ ରହିଛି, ଦିନକୁ ଦିନ ଅଧିକ ଲୋକେ ଚାଷରୁ ମୁହଁ ଭାଙ୍ଗି ନେଉଛନ୍ତି। ଆପଣ ଚିନ୍ତା କରିପାରନ୍ତି।


ମୋ-୯୪୩୭୧୩୭୦୬୦

sailendradwivedi@gmail.com


# ଖାଉଣିଆ



ଦ୍ୱିତୀ ଚନ୍ଦ୍ର ସାହୁ

ସାମ୍ନାରେ ଥିବ କଞ୍ଚା ଆମ୍ବ। ତାକୁ ଲାଗି ରହିଥିବ ଲୁଣ, ଲଙ୍କାଗୁଣ୍ଡ ଓ ଛୁରି। ଆପଣ ଦେଖୁ ଦେଖୁ ଖାଇବାକୁ ବ୍ୟାକୁଳ ହେବେ ନିଶ୍ଚିତ। ଆମ୍ବକୁ ତୁରନ୍ତ କାଟି ଲୁଣ ଲଙ୍କାରେ ବୁଡାଇ ପାକୁଳି କରିଚାଲିବେ ଓ ସ୍ୱାଦକୁ ଅନୁଭବ କରିବେ। ହଁ ଆଜ୍ଞା, ଏତିକି ପଢୁ ପଢୁ ଆପଣଙ୍କର ପାଟିରେ ଲାଳ ଭରି ଯାଇଥିବ ନିଶ୍ଚିତ। ତାକୁ ତୁରନ୍ତ ଗିଳି ପକାନ୍ତୁ। ନ ହେଲେ ପାଟି ଦେଇ କାଳେ ବାହାରକୁ ବୋହିଯାଇପାରେ! ନିଜ ପସନ୍ଦର ଖାଦ୍ୟ ଖାଇବାକୁ କାହାକୁ ଭଲ ନ ଲାଗେ। ମିଳୁଛି ଯଦି ଅପେକ୍ଷା ନ କରି ସଭିଏଁ ଖାଇ ଚାଲିବେ। ପେଟ ଭରି ଗିଳିବାକୁ ତର ସହିବନି। ସେଥିପାଇଁ ତ ଭୋଜି ହେଉ କି ପାର୍ଟିରେ ଟିକେ ଅଧିକ ଖାଇବାକୁ ଇଚ୍ଛା ହୁଏ। ଅଧିକାଂଶ ଲୋକଙ୍କର ଖାଦ୍ୟରେ ରୁଚି ରହିଛି। ସେଥିରୁ ଆଉ କିଛି ଅଛନ୍ତି ପେଟୁ ବା ଖାଉଣିଆ ଗୋଷ୍ଠୀର। ତେବେ ମନପସନ୍ଦର ଖାଇବା ମିଳିଲେ ବି କେତେ ଖାଇବେ ଆପଣ ? ଅତି ବେଶିରେ ସାଧାରଣ ଦିନଠାରୁ ସାମାନ୍ୟ ଅଧିକ ଖାଇବେ। ତା'ଠାରୁ ବେଶି ଅଧିକ ଖାଇବାକୁ ରୁଚିବନି। ଅଧିକା ଭୋଜନ ବଦହଜମି ହେବ। ଡାକ୍ତରଖାନାକୁ ଯିବାକୁ ପଡିବ। କିନ୍ତୁ ଏଠି ଆମେ ଯେଉଁ ଖାଦ୍ୟର କଥା କହୁଛୁ ତାହା ଯେତେ ଖାଇଲେ ବି କିଛି ହେବନି। ରଙ୍କଠାରୁ ଧନୀ, ଧନୀଠାରୁ ମାନି ସମସ୍ତଙ୍କର ତା' ପ୍ରତି ପ୍ରବଳ ଲୋଭ! ଯେତେ ଅଧିକା ଦେବେ ସେତେ ସେତେ ଖାଇବେ ପଛେ ମନା କରିବେନି କେହି।

ଏଇ ଖାଦ୍ୟ ଖାଉଣିଆଙ୍କ ବିଶେଷ ପସନ୍ଦର। ପେଟ ଭରିବା ଲାଗି ଏମିତିଆ ଖାଦ୍ୟ ଅବଶ୍ୟ ଖିଆ ଯାଏନି। ମନ ଓ ହୃଦୟ ଭରିବା ଲାଗି ଖିଆଯାଏ। ହେଲେ ମନ କୋଉଠି କେବେ ଭରେ ଯେ ଖାଇବା ଛାଡି ହୁଏ ! ସମୟ ଅନୁଯାୟୀ ନିର୍ଦ୍ଦିଷ୍ଟ ଧରଣର ଖାଦ୍ୟ ଖାଇବାର ଏକ ଅଲିଖିତ ନିୟମ ଅଛି। ଅଥଚ ଖାଉଣିଆମାନେ ଏଇ ଅପୂର୍ବ ଖାଦ୍ୟକୁ ଖାଇବା ଲାଗି ବେଳକାଳ ଦେଖନ୍ତିନି। ଠିଆ ହୋଇ, ବସି ବସି, ଘରେ, ବାହାରେ, ଦିନରେ ଓ ରାତିରେ ସବୁଠି ସବୁସ୍ଥିତିରେ ଖାଉଣିଆମାନେ ସହଜରେ ଖାଇପାରନ୍ତି। ଅବସ୍ଥା ଭିତରେ ବ୍ୟବସ୍ଥା କରିପାରନ୍ତି। ଭଲକୁ ଭେଲ ଓ ଖରାପକୁ ଗେଲ କରିପାରନ୍ତି। କିଛି ନିର୍ଦ୍ଦିଷ୍ଟ ଜାତୀୟ ଲୋକଙ୍କୁ ଖାଉଣିଆ ବୋଲି ସାଧାରଣରେ ଗଣା ଯାଉଥିଲେ ବି ଏହି ତାଲିକା ଏବେ ବହୁତ ଲମ୍ବା। ଭାରତରେ ଏମିତି ଖାଉଣିଆଙ୍କ ସଂଖ୍ୟା ପ୍ରବଳ ବେଗରେ ଓ ପ୍ରବଳ ସଂଖ୍ୟାରେ ବଢୁଥିବାରୁ ବିଶ୍ୱରେ ଦୁର୍ନୀତି ଦେଶ କ୍ରମରେ ଆମ ଦେଶ ୮୬ତମ ସ୍ଥାନରେ। ଭିନ୍ନ ଭିନ୍ନ ମାର୍ଗରେ ଖାଉଣିଆମାନେ ସହଜରେ ଲାଞ୍ଚ ଖାଇପାରନ୍ତି। ଲାଞ୍ଚ ଖାଇବା ରୋକିବାକୁ ବହୁ ସଂସ୍ଥା ରହିଥିଲେ ବି ଦେଶରୁ ଦୁର୍ନୀତିକୁ ହଟାଯାଇ ପାରୁନି। ଖାଉଣିଆମାନେ ଅର୍ଥ ଖାଇବା ଲାଗି ବହୁ ଉପାୟ ଅବଲମ୍ବନ କରନ୍ତି। ସହଜିଆ କାମକୁ ଜାଣିଶୁଣି ଅଧିକ ଜଟିଳ କରିଦିଅନ୍ତି। ସେଥିରୁ ମୁକୁଳିବା ଲାଗି ଶରଣାଗତଙ୍କ ତଣ୍ଟିକୁ ଧରି ଖାଉଣିଆମାନେ ଶୋଷି ଚାଲନ୍ତି । ଆଉ କିଛି ମୂଳରୁ ସର୍ବସ୍ୱାହା କରିବାରେ ପାରିବାର। ଭାରି ଦମ୍ଭର ସହ ସବୁ ଚଳୁ କରିପାରନ୍ତି ଅକ୍ଳେଶରେ। ଅନୁଦାନକୁ ଏମିତି ବାଗରେ ବ୍ୟୟ କରିବେ ଯେମିତି ସବୁକିଛି ଠିକ୍‌ଠାକ୍ ଥିବ। ମାତ୍ର ଭିତରେ ଫମ୍ପା ହୋଇ ସାରିଥିବ। କୋଉଠି ସ୍ତର ସ୍ତର ଦେଇ ଏସବୁ ହୁଏ। ଭାଗବଣ୍ଟା ବି ଠିକ୍‌ଠାକ୍ ଭାବେ ହେବା ଜରୁରୀ, ଯାହାର ଯେତିକି ପ୍ରାପ୍ୟ ସେଇ ପରିମାଣରେ ତା' ନିକଟରେ ଠିକ୍ ସମୟରେ ପହଞ୍ଚିବା ଦରକାର। ନ ହେଲେ କାମ ହାସଲର ଗତି ବିଗିଡ଼ି ଯାଇପାରେ।



ସବୁ କ୍ଷେତ୍ରରେ ଏବଂ ସବୁ ସ୍ତରରେ ଏମିତି ଖାଉଣିଆ ଅଛନ୍ତି ବୋଲି ଗୋଟେ ବିଧିବଦ୍ଧ ଧାରଣା ହୋଇଗଲାଣି ସମସ୍ତଙ୍କର। ଅବଶ୍ୟ ତାରି ଭିତରେ କିଛି ଭଲ ଲୋକ ଅଛନ୍ତି ବୋଲି ଏଇ ନେଣଦେଣ, ଠକାମି ଆଦି କଲାବେଳେ ବହୁ ସର୍ତ୍ତକତା ଅବଲମ୍ବନ କରିବାକୁ ପଡେ। ସେଇ ଭଲ ଲୋକଟି ପ୍ରତି ବାକି ଖାଉଣିଆଙ୍କ ପ୍ରବଳ ଭୟ ଥାଏ। ସବୁ ଖାଉଣିଆମାନେ ନିଜକୁ ଧୂର୍ତ୍ତ ଓ ଚାଲକି ବୋଲି ଭାବନ୍ତି ସତ। ସ୍ୱଚ୍ଛତାର ବେଶି ଜୟଗାନ କରନ୍ତି। ନିଜକୁ ଅଧିକ ସାଧୁ ବୋଲି ପ୍ରକାଶ କରିବାରେ କୁଣ୍ଠା କରନ୍ତିନି। ଏମିତିକି ଦୁର୍ନୀତିକୁ ନେଇ ଲମ୍ବାଚୌଡା ସୁନ୍ଦର ଭାଷଣ ବି ଝାଡିପାରନ୍ତି। ନିଜକୁ ଜଣେ ଦକ୍ଷ ଓ ଅତ୍ୟନ୍ତ ସଚ୍ଚୋଟ ବୋଲି ଅଭିହିତ କରିଥାନ୍ତି କଥାରେ କଥାରେ। କିନ୍ତୁ ସେମାନଙ୍କ ସମସ୍ତ କାରନାମାକୁ ପାଖାପାଖି ଲୋକ ବେଶ୍ ଜାଣନ୍ତି। ବିଶେଷତଃ ନିଜର ବିଶ୍ୱସ୍ତ ଅଧସ୍ତନ ବା ଅନୁଗାମୀମାନେ ହିଁ ଖାଉଣିଆଙ୍କ ଗୁମରକୁ ଧୀରେ ଖୋଲି ଦେଇଥାନ୍ତି। ସବୁକିଛି ଠିକ୍‌ଠାକ୍ ଥିଲେ ଗାଡି ଆରାମରେ ଗଡିଚାଲେ। ଅସାଧୁ ମେଣ୍ଟ ଭିତରେ ସାମାନ୍ୟ ଓଲମବିଲମ ହେଲେ ଅସନ୍ତୁଷ୍ଟ ବର୍ଗ ଅଡୁଆ ସୂତାର ଗଣ୍ଠିକୁ ଖୋଲି ଦିଅନ୍ତି ପ୍ରକାଶ୍ୟରେ। ସେଇଠୁ ଆରମ୍ଭ ହୁଏ ଅଧଃପତନ ଖାଉଣିଆଙ୍କର।

ଏଇକ୍ରମରେ ଥୋକାଏ ଅଧସ୍ତନ ବି ଖାଉଣିଆଙ୍କ ସହ ଜଡିତ ହୋଇ ଭୟରେ ସବୁବେଳେ ଛନଛନ ହୋଇ ରହନ୍ତି। କ'ଣ କିଛି ଘଟିଗଲେ ଚଡକ ବି ସେମାନଙ୍କ ମୁଣ୍ଡରେ ପଡିପାରେ ଏକଥା ନିଶ୍ଚିତ ଥାଆନ୍ତି। ତଥାପି ସ୍ୱଭାବକୁ ଛାଡିପାରନ୍ତିନି। ମୋହରେ ଉବୁଟୁବୁ ହେଉଥାନ୍ତି। ବାକି କିଛି ଲୋକ ସମୟ ସବୁକିଛି ଠିକ୍ କରିଦେବ ଭାବି ଚୁପ ରହନ୍ତି। ଅନେକଙ୍କୁ ଅଧା ନଈରେ ବୁଡିବାକୁ ହୁଏ। ସମୟ ସୁଅରେ ଅନେକ ଖସି ଯାଆନ୍ତି ନିଜ ଭାଗ୍ୟର ଜୋରରେ। ଅଥଚ ଭଗବାନଙ୍କ ଦରବାରରୁ ମୁକୁଳି ପାରନ୍ତିନି ସେମାନେ। ବ୍ୟକ୍ତିଗତ ଜୀବନରେ ସବୁଥାଇ ବଞ୍ଚିବା ଲାଗି ଦହଗଞ୍ଜ ହୁଅନ୍ତି। ରୋଗ, କ୍ଲେଶ ଓ ଯନ୍ତ୍ରଣା ଭିତରେ ଛଟପଟ ହୁଅନ୍ତି। ଖାଉଣିଆମାନେ ହେଜନ୍ତୁ- ସତରେ ସମୟ ବଡ ବଳବାନ! ଆପଣମାନେ ଯେଉଁ ଯେଉଁ ମାର୍ଗରେ ଖାଇବା ଅଭ୍ୟାସ କରିଛନ୍ତି ସମୟ ଆସିଲେ ସେଥି ଭିତରୁ କୋଉ ମାର୍ଗରେ ଆପଣଙ୍କ ତଣ୍ଟି ଏମିତି ଚିପି ହୋଇଯିବ ଯେ ମୁକୁଳିବା ଲାଗି ଛଟପଟ ହେଉଥିବେ ଅଥଚ କେହି ସହାୟତା କରିବାକୁ ଆସିବେନି। ଏମିତିକି ବିଶ୍ୱସ୍ତ ବୋଲାଉଥିବା ଅଧସ୍ତନ ମୁହଁକୁ ଚାହିଁବେନି। ଆପେ ବଞ୍ଚିଲେ ବାପର ନାଁ ନ୍ୟାୟରେ କରଛଡା ହୋଇଯିବେ କିଛି ନ ଜାଣିବା ପଣରେ। ମଧୁମେହ ରୋଗୀ ଖାଇବା ଲାଳସାରେ ନିଜର ଅବସ୍ଥା ଜାଣି ବି ସୁବିଧା ସୁଯୋଗ ମିଳିଲେ ପାଟିରେ ମିଠା ପୂରେଇଦିଏ ଏବଂ ପଛରେ ବହୁତ ଭୋଗିବା ଭଳି ଖାଉଣିଆଙ୍କ ଏଇ ନିଆରା ବଦଭ୍ୟାସ ନିଜକୁ ସହଜରେ ସଙ୍କଟ ଭିତରକୁ ଟାଣିନିଏ। କାରଣ ଅତି ହେଲେ ପରା ଇତି ହୁଏ। ସୁତରାଂ ଖାଉଣିଆ ସାବଧାନ! ବେଳ ଥାଉ ଥାଉ ସୁଧୁରିଯାଅ!


**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା**

**ମୋ:୯୪୩୭୯୦୯୬୭୧**


## ଏଇ ଭାରତରେ

ପରିବାର ଚଳାଇବା ଲାଗି ପିତାଙ୍କ ସହ ମାଛ ବିକୁଥିବା ଝିଅଟିଏ ବିଶ୍ୱର ସବୁଠୁ ଉଚ୍ଚ ରାସ୍ତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ରେକର୍ଡ କରିଛନ୍ତି। ଛାପ୍ରା ଜିଲା ବାସିନ୍ଦା ସବିତା ମାହାତୋ ସମୁଦ୍ର ପତ୍ତନରୁ ୧୯,୦୦୦ ଫୁଟ ଉଚ୍ଚରେ ଥିବା ଲଦାଖର ଉମଲିଙ୍ଗ ଲା ପାସ୍‌ରେ ସାଇକେଲରେ ପହଞ୍ଚିଛନ୍ତି। ଏହା ପୃଥିବୀର ଉଚ୍ଚତମ ରାସ୍ତା। ସେ ମାଛ ବିକିବା ସମୟରେ ଖେଳିବାକୁ ଚାହିଁଥିଲେ ଓ ଜାତୀୟସ୍ତରର ଭଲିବଲ ଖେଳାଳି ହୋଇପାରିଥିଲେ। ପରେ ସେ ଉମଲିଙ୍ଗ ଲା ପାସ୍‌ରେ ପହଞ୍ଚିବା ଲାଗି ଲକ୍ଷ୍ୟରଖି ଅଭ୍ୟାସ ଆରମ୍ଭ କରିଥିଲେ। ସେ ସାଇକେଲରେ ଦିଲ୍ଲୀରୁ ଉମଲିଙ୍ଗ ଲା ପାସ୍‌ରେ ପହଞ୍ଚିବାରେ ପ୍ରଥମ ମହିଳା ହୋଇପାରିଛନ୍ତି। ମନାଲିଠାରୁ ସେ ପାଦରେ ଚାଲି ୫୭୦ କି.ମି. ଅତିକ୍ରମ କରି ଉମଲିଙ୍ଗ ଲାରେ ବି ପହଞ୍ଚିପାରିଛନ୍ତି। ଏଥିପାଇଁ ତାଙ୍କୁ ୧୮ ଦିନ ସମୟ ଲାଗିଥିଲା। ପ୍ରତିଦିନ ସେ ୪୦-୪୫ କିଲୋମିଟର ଚାଲୁଥିଲେ। ଏହା ବ୍ୟତୀତ ସବିତା ସାଇକେଲରେ ଉଚ୍ଚସ୍ଥାନରେ ଥିବା ୩୩,୦୦୦ କି.ମି ରାସ୍ତା ଅତିକ୍ରମ କରିବା ସହ ୧୨ଟି ପାହାଡ଼ ଚଢିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଅକ୍ଟୋବର ୧୯୯୮

- ଭାରତର ପ୍ରମୁଖ ତୀରନ୍ଦାଜ ଲିମ୍ବାରାମଙ୍କୁ ରାଜସ୍ଥାନ ସରକାର ପକ୍ଷରୁ ଖେଳରତ୍ନ ପୁରସ୍କାର ପ୍ରଦାନ।
- କେତେକ ଅଜ୍ଞାତ ବନ୍ଧୁକଧାରୀ ମଣିପୁର ରାଜ୍ୟ ପରିବହନ ନିଗମର ଏକ ଟ୍ରକ ଉପରେ ଆକ୍ରମଣ କରିବା ଦ୍ୱାରା ମଣିପୁର ରାଇଫଲ ବାହିନୀର ଜଣେ ଯବାନ ଓ ଜଣେ ମହିଳାଙ୍କ ସମେତ ୧୧ ନିହତ।
- ଶ୍ରୀନଗରର ଯୋର୍ଶିମାଥ ଅଞ୍ଚଳରେ ଏକ ବିଶାଳ ବରଫ ଖଣ୍ଡ ଗଡ଼ିଆସିବା ଫଳରେ ସୀମାନ୍ତ ସଡ଼କ ସଙ୍ଗଠନର ୧୫ ଜଣ ଶ୍ରମିକଙ୍କ ମୃତ୍ୟୁ।
- ବାଂଲାଦେଶର ପ୍ରମୁଖ ବିରୋଧୀଦଳ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ମୁଖ୍ୟ ଭାବେ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆ ପୁନଃ ନିର୍ବାଚିତ।

## ଚିରନ୍ତନୀ

ସବୁ ଅରଗଳ ଆଜି କରିଦିଅ ବନ୍ଦ,<br>
ଏକାକୀ ଏ କକ୍ଷେ ମୁହିଁ ରହିଥିବି ଅନ୍ଧ<br>
ଏକା ଘୋର ଅନ୍ଧକାରେ<br>
ପଖାଳେଁ ଲୋତକ ଧାରେ<br>
ସବୁ ମୋର ସକରୁଣ ଆଶା ନିରାନନ୍ଦ<br>
ଲୁଚାଇବି ହୃଦତଳେ ବେଦନାର ଛନ୍ଦ।

-(ବନ୍ଦୀର ବିଳାପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦାଦାବଟିକୁ ପ୍ରଶ୍ରୟ ନାହିଁ

ମହାଶୟ,

ପୂଜାପାର୍ବଣ ସମୟରେ ଗାଡ଼ି ମାଲିକମାନଙ୍କଠାରୁ ବେଆଇନ ଭାବରେ ଦାଦାବଟି ଆଦାୟ କରିବା ଏକ ଜଘନ୍ୟ ଅପରାଧ । ରାଜ୍ୟର ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଅପରାଧୀମାନେ ଧମକଚମକ ଦେଇ ବଟି ଆଦାୟ କରୁଛନ୍ତି। ପୂର୍ବରୁ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ବିପୁଳ ପରିମାଣରେ ବଟି ଆଦାୟ କରାଯାଉଥିଲା , ଯାହା ଏବେ କିଛିଟା ପରିମାଣରେ କମିଛି। ପୋଲିସ ପ୍ରଶାସନ ଜାଣିଛି ବଟି କିଏ ଆଦାୟ କରୁଛି, କେମିତି କରୁଛି। ଏହି ସମୟରେ ପୋଲିସ ସଜାଗ ରହି ଏହିପରି ଅପରାଧୀମାନଙ୍କୁ ସାବାଡ଼ କରିବା ଉଚିତ। ବଟି ଆଦାୟ ଏକ ଜଘନ୍ୟ ଅପରାଧ, ଯେଉଁଠି ବି ଏହା ଘଟୁଛି ତୁରନ୍ତ ପୋଲିସକୁ ସୂଚାଇଲେ ଏମାନେ କାର୍ଯ୍ୟାନୁଷ୍ଠାନ ନେବେ।

**-ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର**


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଦେଶୀ



@ ଦୀପକ



@ ସମ୍ପର୍କ



@ ସୁଜିତ



@ ସୂର୍ଯ୍ୟକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଘରକୁ ଫେରୁଛନ୍ତି ୧୦ ପ୍ରବାସୀ ଶ୍ରମିକ

## ବିଦେଶରେ ୩୫ ଶ୍ରମିକ ଫସିରହିବା ଘଟଣା

ରାଜକନିକା,୧୭।୧୦ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଞ୍ଚଳର ୩୫ ଜଣ ଶ୍ରମିକ ମ୍ୟାନ୍‌ମାର ଓ ଚାଇନା ମଧ୍ୟବର୍ତ୍ତୀ ଲାଓସ୍‌ରେ ଫସି ରହିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହସ୍ତକ୍ଷେପ କରିଥିଲେ। ଫସି ରହିଥିବା ଶ୍ରମିକମାନଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରମ କମିଶନର ଲାଓସ୍ ଭାରତୀୟ ଦୂତାବାସ ସହ ଏହି ପ୍ରସଙ୍ଗରେ କଥା ହୋଇଥିଲେ। ଏହି ପ୍ରସଙ୍ଗରେ ଓଡ଼ିଶା ପରିବାରର ନିର୍ଦ୍ଦେଶକ ଦିଲୀପ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଓଏସ୍‌ଡି ପ୍ରୀତୀଶ ପଣ୍ଡା ଫସି ରହିଥିବା ଶ୍ରମିକ ଓ କମ୍ପାନୀର ମାଲିକଙ୍କ ସହ ଏ ବାବଦରେ ଆଲୋଚନା କରିଥିଲେ। ସୋମବାର ରାତି ପ୍ରାୟ ୧୨.୪୫ ମିନିଟ୍‌ରେ ସେଠାରୁ ସ୍ୱଦେଶ ଫେରୁଛନ୍ତି ବୋଲି ଜଣାପଡିଛି। ଫେରୁଥିବା ୧୦ ଶ୍ରମିକ ହେଲେ ଜଗନ୍ନାଥ ପ୍ରଧାନ, ହରିହର ପଲାଇ, ମଜବୁଲା ଖାଁ, ପରବେଶ ପ୍ରସାଦ, ଭରତ ବେହେରା, ବସନ୍ତ ଜେନା, ତରୁଣ ବାରିକ, ବିଶ୍ୱନାଥ ପ୍ରଧାନ, ରଞ୍ଜନ ନାୟକ ଓ ଜଗେନ୍ଦ୍ର ମଲ୍ଲିକ। ଏହି ୧୦ଜଣ ଶ୍ରମିକ ଲାଓସ୍‌ରୁ ନିଜ ଘରକୁ ପ୍ରଥମ ପର୍ଯ୍ୟାୟରେ ଫେରିବେ। ଏମାନେ କୋଲକାତାସ୍ଥିତ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ନିଜ ଘରକୁ ଫେରିବା ପାଇଁ କମ୍ପାନୀ ପକ୍ଷରୁ ୩୦ ଡଲାର ଲେଖାଏ ଦିଆଯାଇଥିବା ସୂଚନା ମିଳିଛି। ଅନ୍ୟ ୨୫ଜଣ ଶ୍ରମିକଙ୍କର ଭିଜାର ଅବଧି ସରିଯାଇଥିବା ଯୋଗୁ କମ୍ପାନୀ କର୍ତ୍ତୃପକ୍ଷ ୭ଦିନ ମଧ୍ୟରେ ସେମାନଙ୍କୁ ଘରକୁ ପଠାଇ ଦିଆଯିବ ବୋଲି କହିଥିବା ସୂଚନା ଦେଇଛନ୍ତି ଓଡ଼ିଶା ପରିବାରର ଓଏସ୍‌ଡି ପଣ୍ଡା। ଏହା ସହ ଶ୍ରମିକମାନଙ୍କର ଖାଇବାରେ ଅସୁବିଧା ତୁରନ୍ତ ଦୂରକରିବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ମଧ୍ୟ କଥା ହୋଇଛନ୍ତି ବୋଲି ସେ କହିଛନ୍ତି। ସୂଚନା ଥାଉକି କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳରୁ ୩୫ ଜଣ ଶ୍ରମିକ ରୋଜଗାର ଅନ୍ୱେଷଣରେ ଲାଓସ୍‌କୁ ଯାଇଥିଲେ। ସେଠାକାର ଆଟାପେୟୁ ପ୍ରୋଭିନ୍ସରେ ଥିବା ଏକ ପ୍ଲାଏଉଡ୍ କମ୍ପାନୀରେ କାମ କରୁଥିଲେ। ତେବେ ଠିକାଦାର ଚୁକ୍ତି ଖିଲାପକରି ସେମାନଙ୍କୁ ଅଧିକ ସମୟ ଖଟାଉଥିବା ବେଳେ ଖାଇବା, ପିଇବାକୁ ଠିକ୍ ସମୟରେ ଦେଉ ନ ଥିଲେ। ଏପରିକି ଚୁକ୍ତି ମୁତାବକ ସେମାନଙ୍କୁ ପାରିଶ୍ରମିକ ମଧ୍ୟ ମିଳି ନ ଥିଲା। ଶ୍ରମିକମାନେ ଏହାର ପ୍ରତିବାଦ କରିବାରୁ ଗତ ୨ ମାସ ହେବ ସେମାନଙ୍କୁ ଆଦୌ ପାରିଶ୍ରମିକ ମିଳି ନ ଥିବା ଅଭିଯୋଗକରି ଏକ ଭିଡିଓ ତାଙ୍କ ସମ୍ପର୍କୀୟଙ୍କ ପାଖକୁ ପଠାଇଥିଲେ। ଅନ୍ୟପକ୍ଷରେ କମ୍ପାନୀ ମାଲିକ ସେମାନଙ୍କଠାରୁ ପାସ୍‌ପୋର୍ଟ ଓ ଭିଜା ଛଡ଼ାଇନେବା ସହ ସେମାନଙ୍କୁ କାରଖାନାରେ ନଜରବନ୍ଦୀ କରି ରଖିଥିଲେ। ଏ ନେଇ ଫସିରହିଥିବା ଶ୍ରମିକମାନେ ଏକ ଭିଡିଓ ଜାରି କରି ସହାୟତା ପାଇଁ ନିବେଦନ କରିଥିଲେ। ଏହି ଭାଇରାଲ ଭିଡିଓକୁ ଭିତ୍ତିକରି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।



ଭାରତକୁ ଫେରିବା ଲାଗି ଲାଓସ୍‌ରୁ ବାହାରିଥିବା ପ୍ରବାସୀ ଶ୍ରମିକମାନେ ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଘରୋଇ ଡ୍ରାଇଭର ଦରକାର ।
ଯୋଗାଯୋଗ:
9437300994

APPOINTMENT
Urgently Required
Female Trained Qualified
Nurse cum Attendant
24 hour Service in
Bhubaneswar.
Contact:9937203178

# ହୋଟେଲ ମାଲିକଙ୍କ ବିରୋଧରେ ଏତଲା

## ଶିଶୁ ଶ୍ରମିକ ଉଦ୍ଧାର ଘଟଣା

ଯାଜପୁର,୧୭।୧୦(ହର୍ଷବର୍ଦ୍ଧନ ବେହେରା)

ଗତ ୩ ମାସ ପରେ ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରି ଆସୁଥିବା ହୋଟେଲ ମାଲିକଙ୍କ ବିରୋଧରେ ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଏତଲା ହୋଇଛି। ସୂଚନାଯୋଗ୍ୟ , ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଛକରେ ଥିବା ହୋଟେଲ କ୍ରିଷ୍ଣାରୁ ଜୁଲାଇ ୩୧ରେ ଜିଲାପାଳଙ୍କ ନିର୍ଦ୍ଦେଶରେ ୨ ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିଲେ। ମାତ୍ର ଉଦ୍ଧାର ଶିଶୁମାନଙ୍କ ଥଇଥାନ ତଥା ମାଲିକ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଏପରି କି ହୋଟେଲ ମାଲିକଙ୍କ ବିରୋଧରେ ଏତଲା ବି ହୋଇ ନ ଥିଲା। ତେଣୁ ଉଦ୍ଧାର ହୋଇଥିବା ୨ ଶିଶୁ ପୁନର୍ବାର ହୋଟେଲରେ କାମ କରୁଥିବା ଜଣାପଡିଥିଲା । ଏହି ଘଟଣାକୁ ଜିଲାପାଳ ସମେତ ବିଭାଗୀୟ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ୧୭।୧୦।୨୦୨୩ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହି କ୍ରମରେ ମଙ୍ଗଳବାର ଘଟଣାର ସତ୍ୟାସତ୍ୟ ପାଇଁ ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ହୋଟେଲ ଉପରେ ଚଢ଼ାଉ କରାଯାଇଥିଲା। ହେଲେ ଚଢ଼ାଉ ପୂର୍ବରୁ ହୋଟେଲ ମାଲିକ କୌଣସି ସୂତ୍ରରୁ ଖବର ପାଇ ନିୟୋଜିତ ଶିଶୁ ଶ୍ରମିକମାନଙ୍କୁ କୁଆଡେ ପଠାଇ ଦେଇଥିଲେ। ଏହାପରେ ଶିଶୁ ଶ୍ରମିକଙ୍କ ପରିବାରବର୍ଗ, ହୋଟେଲ ମାଲିକ ସମେତ ପଡ଼ୋଶୀଙ୍କ ମତାମତରୁ ଜଣାପଡିଥିଲା ଯେ ଶିଶୁ ୨ ଜଣ ପୁନର୍ବାର ହୋଟେଲରେ ଶ୍ରମିକ ଭାବେ କାମ କରୁଥିଲେ । ମଙ୍ଗଳବାର ପୂର୍ବାହ୍ନରେ ଶିଶୁମାନେ ସେହି ହୋଟେଲରେ କାମ କରୁଥିଲେ ବୋଲି ତଦନ୍ତରେ ଜଣାପଡିଥିଲା। ଯାହାଫଳରେ ଶିଶୁ ସୁରକ୍ଷା ୟୁନିଟର ସଦସ୍ୟ ମିହିର ଜେନା ଓ ଶିଶିର ମଲିକ ହୋଟେଲ ମାଲିକଙ୍କ ବିରୋଧରେ ଶିଶୁ ସୁରକ୍ଷା ଆଇନ ଅନୁଯାୟୀ କୁଆଖିଆ ଥାନାରେ ଏତଲା ଦେଇଛନ୍ତି।

ସୂଚନା ଅନୁଯାୟୀ, ଉଭୟ ଶିଶୁଙ୍କୁ ଉଦ୍ଧାର ପରେ କେବଳ ନାମକୁ ମାତ୍ର ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ଦିଆଯାଇଥିଲା । କିନ୍ତୁ ଶିଶୁଙ୍କ ପାରିବାରିକ ଆର୍ଥିକ ସ୍ଥିତିର ସୁଦୃଢ଼ କରିବା ପାଇଁ ଡିସିପିୟୁ ଓ ଶିଶୁ ମଙ୍ଗଳ କମିଟି କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା । ଏପରି କି ଶିଶୁମାନଙ୍କ ପରିବାର ପାଖରେ ରାଶନ କାର୍ଡ ଟିଏ ବି ନ ଥିଲା। ଶିଶୁମାନଙ୍କ ଉଦ୍ଧାର କରିବାର ୩ ମାସ ମଧ୍ୟରେ ଶିଶୁଙ୍କ ପରିବାରକୁ ରାଶନକାର୍ଡ ଦେବାର କୌଣସି ପ୍ରକାର ବ୍ୟବସ୍ଥା କରାଯାଇ ନ ଥିଲା । ଫଳରେ ଶିଶୁମାନେ ପୁଣି ସେହି ହୋଟେଲରେ ଶିଶୁ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ ବୋଲି ସୂଚନା ମିଳିଥିଲା ।



ଶିଶୁ ଶ୍ରମିକଙ୍କ ଘରେ ଶିଶୁ ସୁରକ୍ଷା ୟୁନିଟ୍‌ର ସଦସ୍ୟ ।

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
Roles and Responsibilities:-
- Lead and own all market related needs of the company - Distributor, Agents, and Retailers.
- Work with the circulation team of Company and Distributor to achieve company objectives.
- Action all the market related plans with respect to distribution and visibility of our brands.
- Competitive tracking and analysis to identify and pursue target accounts.
- Work with ad sales and marketing team to create and package to drive circulation.
- Achieve sales targets for bulk sales.

Requirements:-
- 5-6 years sales experience in frontline sales in print media.
- Ability to develop custom marketing proposals and ideas.
- Proficiency in MS-Office.

Apply immediately to :
recruitment@dharitri.com
Attractive salary commensurate with experience

REQUIREMENT OF BUILDING/HOUSE FOR THE PURPOSE OF DEFENCE ESTATES OFFICE, ODISHA CIRCLE, BHUBANESWAR

Please refer this office advertisement dated 14.10.2023 published in "Times of India" and "Dharitri" for office accommodation of DEO, Odisha Circle, Bhubaneswar, the following amendments made as under follows:
FOR:-
Defence Estates Office, Bhubaneswar requires accommodation approximately floor area measuring 450 Sq. Mtr. or 4843 Sq.Ft. on rental basis for a period of 3 years w.e.f. 28th December, 2023 in Bhubaneswar for the purpose of office accommodation.
READ:-
Defence Estates Office, Bhubaneswar requires accommodation approximately plinth area measuring 6500 Sq.Ft. on rental basis for a period of 5 years w.e.f. 01st January, 2024 in Bhubaneswar for the purpose of office accommodation.
The rest will remain unchanged.
The interested property owners will submit their property details with valid ownership documents in the following address on or before 15th November 2023.
The Defence Estates Officer,
Govt. of India, Ministry of Defence,
Defence Estates Office, Odisha Circle
163, Prachi Enclave, Chandrasekharpur,
Bhubaneswar, Odisha - 751016
Tele: 06742747631, 345, E-mail- deobhub-stats@nic.in

# ଯାଜପୁର ଏନ୍‌ସି କଲେଜ ଚାମ୍ପିୟନ

## ଆନ୍ତଃ କଲେଜ ଫୁଟ୍‌ବଲ ଟୁର୍ନାମେଣ୍ଟ

ରାଜକନିକା,୧୭।୧୦(ସଞ୍ଜୟ କୁମାର ଦାଶ)

ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଶେଷ ହୋଇଯାଇଛି। ଉଦ୍‌ଯାପନୀ ଖେଳ ଏନ୍‌ସି କଲେଜ ଯାଜପୁର ଓ ଢେଙ୍କାନାଳ ସ୍ୱୟଂଶାସିତ କଲେଜ ମଧ୍ୟରେ ହୋଇଥିଲା। ଏନ୍‌ସି କଲେଜ ଯାଜପୁର ଢେଙ୍କାନାଳ ସ୍ୱୟଂଶାସିତ କଲେଜକୁ ୪–୦ ଗୋଲ ବ୍ୟବଧାନରେ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସଭାରେ ଅଧ୍ୟାପକ ମିର୍ଜା ଇବ୍ରାହିମ ବେଗ୍‌ଙ୍କ ମଞ୍ଚ ପରିଚାଳନାରେ ଅଧ୍ୟକ୍ଷା ସୁରେଖା ରାଉତ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜକନିକା ବିଡିଓ ରବିନାରାୟଣ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ରାଜକନିକା ଥାନା ଅଧିକାରୀ ଦିଲୀପ କୁମାର ଧଳ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍ ଓ ରନର୍ସଅପ୍ ଟିମ୍‌କୁ ସାର୍ଟିଫିକେଟ ସହ ଟ୍ରଫି ପ୍ରଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଜ୍ୟୋତିର୍ମୟ ଦାସ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଅରୁଣ କୁମାର ବାରିକ ଖେଳ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ଶରତ କୁମାର ଜେନା, ଶିବପ୍ରସାଦ ମଲ୍ଲିକ, ପ୍ରହ୍ଲାଦ ଜେନା ଓ ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ବିଶ୍ୱଭୂଷଣ ପ୍ରଧାନ, ଅଧ୍ୟାପକ ଅଜୟ କୁମାର କୁଣ୍ଡ, ଅଧ୍ୟାପକ ରଞ୍ଜନ ରଥ, ଅଧ୍ୟାପକ ସଞ୍ଜୟ ମହାନ୍ତି, କେଶବ ଚରଣ ସେଠୀ, ଜ୍ୟୋତି ରଞ୍ଜନ ରାଉତ, ଅଧ୍ୟାପିକା ପ୍ରଯୁକ୍ତା ପ୍ରିୟଦର୍ଶିନୀ, ମମତା ବୀରଗାଣ୍ଡିଆ, କୀର୍ତ୍ତି କଳ୍ପିତା ସିଂ, ଲକ୍ଷ୍ମଣ ସାହୁ, ଜୟନ୍ତ ମଥାନ ପ୍ରମୁଖଙ୍କ ସହ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

# ଜଳପଥରେ ଗୋରୁ ଚାଲାଣ ଘଟଣାରେ ୯ଜଣ କୋର୍ଟ ଚାଲାଣ

ରାଜନଗର, ୧୭।୧୦ (ଭାସ୍କର ରାଉତରାୟ)

ରାଜନଗର ଅଞ୍ଚଳରୁ ଜଳପଥରେ ଡଙ୍ଗାରେ ୭ଟି ଗୋରୁ ଚାଲାଣ ବେଳେ ସ୍ଥାନୀୟ ଲୋକେ ଗୋରୁ ସହ ୯ଜଣଙ୍କୁ ସୋମବାର କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ । ମଙ୍ଗଳବାର ରାଜନଗର ପୋଲିସ ନଂ. ୬୦୯ / ୨୩ରେ ମାମଲା ରୁଜୁ କରିଛି। ଗୋଚାଲାଣକାରୀ ହେଲେ ରାଜକନିକା ଥାନା ଅନ୍ତର୍ଗତ ଲୁହାରମାହି ଗାଁର ଏସ୍.କେ. ସକିଲ, ଏସ୍.କେ. ସଗିର, ଝଡାମାଳ ଗାଁର ନରୋତ୍ତମ ନାୟକ, ଶଶିକାନ୍ତ ନାୟକ ଏବଂ ରାଜନଗର ଗୁହାଳକଣି ଗାଁର ଚନ୍ଦନ ଦାସଙ୍କ ସମେତ ୯ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

ପୂର୍ବ ତଟ ରେଳପଥ
Tender No.: 32-KUR-TRD-OT-2023-24,
ତାରିଖ: 10.10.2023
କାର୍ଯ୍ୟର ନାମ : ପାରାଦ୍ୱୀପଠାରେ, ଡିପୋଜିଟ୍ ଟର୍ମସ୍‌ରେ, ମେସର୍ସ ପାରାଦୀପ ପୋର୍ଟ ଟ୍ରଷ୍ଟର ଜାତୀୟ ରାଜପଥ ଠାରୁ ବ୍ରିଜ୍ ନଂ ୪ ଠାରେ ଅତିରିକ୍ତ ପୋର୍ଟ ସଂଯୋଗୀକରଣର ଏକ ଅଂଶ ଭାବରେ, ପାରାଦୀପ ଠାରେ ୨ୟ ପ୍ରସ୍ଥାନ ରାସ୍ତା ସହ ଫ୍ଲାଏଓଭରର ନିର୍ମାଣ ସମ୍ବନ୍ଧିତ OHE ରୂପାନ୍ତରଣ କାର୍ଯ୍ୟ ସମ୍ପାଦନ।
ବିଜ୍ଞାପିତ ମୂଲ୍ୟ : ₹ 38,61,081.55
EMD : ₹ 77,200/-
କାର୍ଯ୍ୟ ସମାପ୍ତିର ଅବଧି : 180 (ଏକ ଶହ ଅଶୀ) ଦିନ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.01.11.2023 ରିଖ 1300 ଘଟିକାରେ।
ଟେଣ୍ଡର କାଗଜାତ୍ ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (TRD)
PR-666/O/23-24
ଖୋର୍ଦ୍ଧା ରୋଡ

झारखण्ड सरकार
ग्रामीण कार्य विभाग मुख्य अभियंता का कार्यालय
102, द्वितीय तल्ला, अभियंत्रण भवन, कचहरी रोड, राँची

ई–अल्पकालीन पुनर्निविदा आमंत्रण सूचना

ई–अल्पकालीन पुनर्निविदा संख्या:- 239/RII/2023-24/RWD/LOHARDAGA दिनांक :- 16.10.2023
मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1. | RWD/ LOHARDAGA/ 13 /SRPKG-03/ 2022-23 | (i) आर0ई0ओ0 रोड माराडीह से ढोवा मोड़ तक पथ का विशेष मरम्मति कार्य (लं– 3.200 कि0मी0)<br>(ii) पी0एम0जी0एस0वाई0 रोड मन्हो से बिजली ऑफिस तक पथ का विशेष मरम्मति कार्य (लं– 2.850 कि0मी0)<br>(iii) जीमा से चटकपुर तक पथ का विशेष मरम्मति कार्य (लं– 2.710 कि0मी0)<br>(iv) महुवा टोली से कुजरा तक पथ का विशेष मरम्मति कार्य (लं– 2.900 कि0मी0)<br>(v) हिरही (हर्रा टोली) से लोहरदगा कुडू मेन रोड से हिरही पाड़ा टोली तक पथ का विशेष मरम्मति कार्य (लं– 2.600 कि0मी0)<br>(vi) डी0ए0भी0 स्कूल जुरिया से पुरनाडीह सेमर टोली तक पथ का विशेष मरम्मति कार्य (लं– 2.350 कि0मी0) | 6,46,01,499.00 | छः करोड़ छियालीस लाख एक हजार चार सौ निनानवे रू0 मात्र | 09 माह | तृतीय |

2.वेबसाईट में निविदा प्रकाशन की तिथि:– 20.10.2023
3.ई–निविदा प्राप्ति की अंतिम तिथि एवं समय:– 01.11.2023 अपराह्न 5.00 बजे तक।
4.निविदा खोलने की तिथि एवं समय:– 02.11.2023 अपराह्न 3.30 बजे।
5.निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
6.ई–निविदा प्रकोष्ठ का दूरभाष सं0– 0651–2913010
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
नोडल पदाधिकारी
ई–प्रोक्युर्मन्ट सेल
PR309305 (Rural Work Department)23-24*D

OFFICE OF DISTRICT MANAGER
ODISHA STATE CIVIL SUPPLIES CORPORATION LTD. (OSCSC Ltd.)
SAMBALPUR
Phone: 9438200058, District Website: www.sambalpur.nic.in
Tender No.4071/4072 Dt. 16.10.2023
District Manager, Odisha State Civil Supplies Corporation Ltd., SAMBALPUR invites tenders in Double cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of foodgrains from RRCs to Retail Centers (FPS) of SMC and Maneswar Block |
| 2 | Availability of bid document in the portal | From 17.10.2023 |
| 3 | Last date / time for receipt of bids in the portal | Dt.30.10.2023 upto 5.00 P.M. |
| 4 | Date / time of opening of technical bid | Dt.31.10.2023 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., SAMBALPUR |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
Sd./- District Manager
OSCSC Ltd., SAMBALPUR

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବିଦେଶୀ


@ ଦୀପକ


@ ସମ୍ପର୍କ


@ ସୁଜିତ


@ ସୂର୍ଯ୍ୟକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସ୍ତା ପାଇଁ ୧୪ ବର୍ଷର ସଂଗ୍ରାମ

- ଭୋଟ ବର୍ଜନ ଚେତାବନୀ ଦେଲେ ଆଦିବାସୀ
- ବ୍ୟକ୍ତିଗତ ରାସ୍ତା ବନ୍ଦ ପରେ ତେଜିଲା ଦାବି
- ଅତିରିକ୍ତ ଜିଲାପାଳଙ୍କୁ ଫେରାଦ
- ବ୍ଲକ୍ ଠାରୁ ଦେଢ଼ କିମି ଦୂର ଗାଁ ଢ଼ିପିସାହି


ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।


ଗାଁରେ ଥିବା ଅଣଓସାରିଆ ରାସ୍ତା।

ନୟାଗଡ଼,୧୭।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ ଢ଼ିପିସାହି ଗାଁକୁ ସବୁଦିନିଆ ରାସ୍ତା ନାହିଁ। ଏହାର ପ୍ରତିବାଦରେ ଆଦିବାସୀମାନେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଏନେଇ ଆଦିବାସୀମାନେ ମଙ୍ଗଳବାର ଅତିରିକ୍ତ ଜିଲାପାଳଙ୍କୁ ଭେଟି ରାସ୍ତା ପାଇଁ ୧୪ ବର୍ଷ ଧରି ସଂଗ୍ରାମ କରିଥିଲେ ମଧ୍ୟ ସେମାନଙ୍କ ଅଭିଯୋଗକୁ କେହି ଶୁଣୁ ନ ଥିବା କହିଛନ୍ତି। ବ୍ୟକ୍ତିଗତ ଜମିରେ ଗାଁକୁ ପଡିଥିବା ରାସ୍ତା ବନ୍ଦ ପରେ ଆଦିବାସୀମାନେ ସେମାନଙ୍କ ରାସ୍ତା ନିର୍ମାଣ ଦାବିକୁ ତ୍ୱରାନ୍ୱିତ କରିଛନ୍ତି । ଉକ୍ତ ଗାଁ ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ଓ ୫୭ ନଂ.ଜାତୀୟ ରାଜପଥଠାରୁ ମାତ୍ର ଦେଢ଼ କିମି ଦୂରତାରେ ରହିଥିଲେ ହେଁ ସେଠାକାର ଆଦିବାସୀ ଅଭିଶପ୍ତ ଜୀବନ ଜିଉଥିବା ଅଭିଯୋଗ ହୋଇଛି ।

**ଦମକଳ ଓ ଆମ୍ବୁଲାନ୍ସ ଆସି ପାରୁନି:** ପାଦଚଲା ରାସ୍ତାରେ ଗାଁକୁ ଦମକଳ ଓ ଆମ୍ବୁଲାନ୍ସ ଯାଇ ପାରୁନି । ଘରପୋଡ଼ି ଓ କେହି ରୋଗରେ ପଡିଲେ ଚିନ୍ତା ବଢ଼ୁଛି । ଗାଁ ଲୋକ ଓ ଆଖପାଖ ଲୋକ ନିଆଁ ଲିଭାନ୍ତି । ରୋଗୀଙ୍କୁ ଦୋଳା ଅଥବା ଖଟିଆରେ ବୋହି ନେବାକୁ ହେଉଛି। ଗାଁକୁ ରାସ୍ତା ହେଲେ ସବୁ ସମସ୍ୟା ସମାଧାନ ହୋଇ ପାରନ୍ତା । ୨୦୦୯ରୁ ବିଧାୟକ, ଏମ୍‌ପି, ଜିଲାପାଳ, ଉପଜିଲାପାଳ, ବିଡିଓ, ସରପଞ୍ଚଙ୍କୁ ରାସ୍ତା ପାଇଁ ନିବେଦନ କରି ଆସୁଛୁ । ହେଲେ ଆମେ ରାସ୍ତା ନିର୍ମାଣ ପାଇଁ ୧୪ ବର୍ଷ ହେଲା ସଂଗ୍ରାମ କରି ସଫଳତା ପାଇ ନାହୁଁ। ଏଣୁ ମଙ୍ଗଳବାର ଜିଲାପାଳଙ୍କୁ ଭେଟିବାକୁ ଆସିଥିଲୁ । ଜିଲାପାଳ ନ ଥିବାରୁ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଆମ ଦୁଃଖ ଜଣାଇଛୁ ବୋଲି ସସ୍ମିତା ମାଝି କହିଛନ୍ତି ।

**ବିକାଶ ଭେଳିକି:** ମୋ ଗାଁ ସମ୍ପଡା ରାଜସ୍ୱ ଗାଁର ପଡା ଗାଁ ଅଟେ । ଏଠାରେ ୩୫ ଆଦିବାସୀ ପରିବାରର ୧୫୦ ଜଣ ବାସ କରନ୍ତି । ଏଥିରୁ ୮୦ ଜଣ ଭୋଟର ଥିଲେ ମଧ୍ୟ ଗାଁ ପାଇଁ ବିକାଶ ଅପହଞ୍ଚ ହୋଇ ରହିଛି। ଦେଶ ସ୍ୱାଧୀନତା ପାଇବାର ୭୫ ବର୍ଷ ବିତିଥିଲେ ମଧ୍ୟ ଗାଁକୁ ରାସ୍ତା ଟିଏ ହୋଇ ପାରି ନ ଥିବାରୁ ଅଭିଶପ୍ତ ଜୀବନ ନେଇ ବଞ୍ଚିଛୁ। ଆଖପାଖ ଅଞ୍ଚଳ ସବୁ ସରକାରୀ ସୁବିଧା ସୁଯୋଗ ପାଉଥିବାବେଳେ ଆମେ କାହିଁକି ଅଣଦେଖା ହୋଇ ରହିଛୁ ବୁଝି ପାରୁନି। ଏଥିପାଇଁ ଭୋଟ ବର୍ଜନ କରି ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇ ଆଗକୁ ବଢ଼ିଛୁ । ଆଶା ରଖିଛୁ ନିଶ୍ଚିତ ଆମ ଦାବି ସରକାରଙ୍କ ପାଖରେ ପହଞ୍ଚିବ ବୋଲି ଫକୀର ପ୍ରଧାନ କହିଛନ୍ତି।

**ବର୍ଷା ଋତୁରେ ବିଚ୍ଛିନ୍ନାଞ୍ଚଳ:** ମୋ ଗାଁ ବ୍ଲକଠାରୁ ଦେଢ଼ କିମି ଦୂରରେ ଥାଇ ଉପେକ୍ଷିତ ଓ ଅବହେଳିତ। ଗାଁକୁ ରାସ୍ତା କରିବାକୁ ସ୍ଥାନୀୟ ବାସିନ୍ଦା ଜମି ଛାଡିଥିବାବେଳେ କିଛି ସରକାରୀ ଜମି ରହିଛି । ପ୍ରଶାସନ ରାସ୍ତା ନିର୍ମାଣ କଲେ କିଛି ଅସୁବିଧା ନାହିଁ । ପୁଣି ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରି ଅନେକ ଯୋଜନା ଅଛି । ସରକାରୀ ଅନୁଦାନର ଅଭାବ ନାହିଁ । ଏ ସବୁ ସତ୍ତ୍ୱେ ଗାଁକୁ ରାସ୍ତା ନ ଥିବାରୁ ପ୍ରାୟ ଦେଢ଼ କିମି ରାସ୍ତା ପାଇଁ ବର୍ଷା ଋତୁରେ ଗାଁ ବିଚ୍ଛିନ୍ନାଞ୍ଚଳ ହୋଇ ଯାଏ । ଅନ୍ଧାରରେ ବିଲ ହୁଡାରେ ଯିବା ଆସିବା ସମ୍ଭବ ହୁଏ ନାହିଁ ବୋଲି ଗ୍ରାମର ତୁଳା ବେହେରା କହିଛନ୍ତି।

**ରାସ୍ତା ପାଇଁ ମିଳିଲା ପ୍ରତିଶ୍ରୁତି:** ରାସ୍ତା ପାଇଁ ପ୍ରଶାସନର ପ୍ରତିଶ୍ରୁତି ମିଳିଛି । ଆଦିବାସୀମାନେ ଅତିରିକ୍ତ ଜିଲାପାଳଙ୍କୁ ଭେଟିବା ପରେ ଶୀଘ୍ର ରାସ୍ତା ହେବ ବୋଲି ଆଶା ରଖିଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ କୁହନ୍ତି, ରାସ୍ତା କେଉଁଥି ପାଇଁ କରାଯାଇନି, କ'ଣ ଅସୁବିଧା ରହିଛି ସେନେଇ ସମୀକ୍ଷା ହେବ । ତେବେ ଜିଲାପାଳଙ୍କ ସହ ଆଲୋଚନା କରି ଗାଁକୁ କିପରି ରାସ୍ତା ହେବ, ଆଦିବାସୀମାନେ ଏହାର ସୁଫଳ ନେବେ ସେନେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ନୟାଗଡ଼ର ଆଇନଜିବୀ ସ୍ୱଦେଶ ମିଶ୍ର କୁହନ୍ତି ମୋ ଗାଁ ଢ଼ିପିସାହିରେ। ପ୍ରଶାସନ ସହ ଆଲୋଚନା କରି ତୁରନ୍ତ ରାସ୍ତା କରାଯିବାକୁ ବ୍ୟବସ୍ଥା କରାଯିବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଘରୋଇ ଡ୍ରାଇଭର ଦରକାର ।
ଯୋଗାଯୋଗ:
9437300994

APPOINTMENT
Urgently Required
Female Trained Qualified
Nurse cum Attendant
24 hour Service in
Bhubaneswar.
Contact:9937203178

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
Roles and Responsibilities:-
- Lead and own all market related needs of the company - Distributor, Agents, and Retailers.
- Work with the circulation team of Company and Distributor to achieve company objectives.
- Action all the market related plans with respect to distribution and visibility of our brands.
- Competitive tracking and analysis to identify and pursue target accounts.
- Work with ad sales and marketing team to create and package to drive circulation.
- Achieve sales targets for bulk sales.
Requirements:-
- 5-6 years sales experience in frontline sales in print media.
- Ability to develop custom marketing proposals and ideas.
- Proficiency in MS-Office.
Apply immediately to :
recruitment@dharitri.com
Attractive salary commensurate with experience

# ପ୍ରତିଭା ପ୍ରଦର୍ଶନର ଉତ୍ତମ ମାଧ୍ୟମ ସାଜିଛି 'ସୁରଭି'

ନୂଆଗାଁ,୧୭।୧୦ (ଧନେଶ୍ୱର ସାହୁ)

**ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୩ ଉଦ୍‌ଯାପିତ**


ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସମ୍ପଡ଼ା ୟୁଜିଏମ୍‌ଇ ସ୍କୁଲ ପରିସରରେ ମଙ୍ଗଳବାର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ଓ ଓଡ଼ିଶା ମିଲେଟ୍‌ସ ପ୍ରତିଯୋଗିତା ସୁରଭି ଅନୁଷ୍ଠିତ ହୋଇଯାଇଛି । ନୂଆଗାଁ ବ୍ଲକ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି ସୁରଭି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀ, ଅତିରିକ୍ତ ଶିକ୍ଷାଧିକାରୀ କବିତା ଦାସ, ସାମାଜିକ କର୍ମୀ ଶଙ୍କର୍ଷଣ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିବାର ଉତ୍ତମ ମାଧ୍ୟମ ହେଉଛି ସୁରଭି କାର୍ଯ୍ୟକ୍ରମ। ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ଏଭଳି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମର ମୁଖ୍ୟଅତିଥି ଅଧ୍ୟକ୍ଷା ବେହେରା କହିଥିଲେ। ପୂର୍ବରୁ ପ୍ରତି ସ୍କୁଲରେ ହୋଇଥିବା ସୁରଭି କାର୍ଯ୍ୟକ୍ରମରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନେ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ୨୮ଟି ପ୍ରତିଯୋଗିତା ପାଇଁ ନୂଆଗାଁ ବ୍ଲକର ୧୩ଟି କ୍ଲଷ୍ଟରର ୩୭୦ ଜଣ ପ୍ରତିଯୋଗୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ପ୍ରତି ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ। କୁନି କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ନାଚ ଗୀତ ଅତିଥିମାନଙ୍କୁ ବହୁ ସମୟ ଧରି ମଞ୍ଚ ଉପରେ ବାନ୍ଧି ରଖିଥିଲା । କୋରଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ନାଟକ ସ୍ୱାସ୍ଥ୍ୟ ହିଁ ସଂପଦ ମଞ୍ଚସ୍ଥ ହୋଇଥିଲା । ସନ୍ଧ୍ୟାରେ ଉଦଯାପନୀ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି ଯୋଗ ଦେଇଥିବା ବେଳେ ସମ୍ପଡା ୟୁଜିଏମ୍‌ଇ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

ପୂର୍ବ ତଟ ରେଳପଥ
Tender No.: 32-KUR-TRD-OT-2023-24, ତାରିଖ: 10.10.2023
କାର୍ଯ୍ୟର ନାମ : ପାରାଦ୍ୱୀପଠାରେ, ଡିପୋଜିଟ୍ ଟର୍ମସ୍‌ରେ, ମେସର୍ସ ପାରାଦୀପ ପୋର୍ଟ ଟ୍ରଷ୍ଟର ଜାତୀୟ ରାଜପଥ ଠାରୁ ବ୍ରିଜ୍ ନଂ ୪ ଠାରେ ଅତିରିକ୍ତ ପୋର୍ଟ ସଂଯୋଗୀକରଣର ଏକ ଅଂଶ ଭାବରେ, ପାରାଦୀପ ଠାରେ ୨ୟ ପ୍ରସ୍ଥାନ ରାସ୍ତା ସହ ଫ୍ଲାଏଓଭରର ନିର୍ମାଣ ସମ୍ବନ୍ଧିତ OHE ରୂପାନ୍ତରଣ କାର୍ଯ୍ୟ ସମ୍ପାଦନ।
ବିଜ୍ଞାପିତ ମୂଲ୍ୟ : ₹ 38,61,081.55
EMD : ₹ 77,200/-
କାର୍ଯ୍ୟ ସମାପ୍ତିର ଅବଧି : 180 (ଏକ ଶହ ଅଶୀ) ଦିନ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.01.11.2023 ରିଖ 1300 ଘଟିକାରେ।
ଟେଣ୍ଡର କାଗଜାତ୍ ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (TRD) ଖୋର୍ଦ୍ଧା ରୋଡ
PR-666/O/23-24

# ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ


ସୁରଭି ଉତ୍ସବରେ ମଞ୍ଚାସୀନ ଅତିଥି।

**ରଣପୁର,୧୭।୧୦(ସୁକାନ୍ତ କିଶୋର ଡାକୁଆ):** ମଙ୍ଗଳବାର ରଣପୁର ବି.ସି. ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ମୁଖ୍ୟବକ୍ତା ନୟାଗଡ଼ ଜିଲା ଶିକ୍ଷା ଅଧିକାରିଣୀ ରାଜଶ୍ରୀ ପଟ୍ଟନାୟକ, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ରଣପୁର ବିଜ୍ଞାପିତ ପରିଷଦ ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରିଣୀ ଶାନ୍ତିଲତା ଦେଇ, ବି.ସି. ହାଇସ୍କୁଲ ପରିଚାଳନା କମିଟି ସଭାପତି ରଙ୍ଗନାଥ ମିଶ୍ର, ବି.ସି. ହାଇସ୍କୁଲ ବରିଷ୍ଠ ଶିକ୍ଷୟିତ୍ରୀ ତିଳୋତ୍ତମା ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ ଶିକ୍ଷା ଅଧିକାରିଣୀ ବନଲତା ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରଣପୁର ବ୍ଲକର ୧୮ଟି କ୍ଲଷ୍ଟରର ୨୦୫ ବିଦ୍ୟାଳୟରୁ ପ୍ରାୟ ୫୦୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଜ୍ୟୋତି ରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ପିଲାମାନଙ୍କ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, ରଚନା, ହସ୍ତାକ୍ଷର ଲିଖନ, କୁଇଜ, ମିଲେଟ୍ସ ରଚନା, ବିତର୍କ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଚାରକ ଭାବେ ଶାନ୍ତି କଳା ବିଦ୍ୟା ନିକେତନର ଅଧକ୍ଷ ସତ୍ୟ ନାରାୟଣ ମହାପାତ୍ର, ସଙ୍ଗୀତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ମୂଲ୍ୟାୟନ କରିଥିଲେ। ସଙ୍ଗୀତ ଶିକ୍ଷକ ଭାସ୍କର ଚନ୍ଦ୍ର ସ୍ୱାଇଁ, ଶରତ ଚନ୍ଦ୍ର ମହାପାତ୍ର, ଶ୍ୱେତ ମିଶ୍ର ପ୍ରମୁଖ ସଙ୍ଗୀତ କାର୍ଯ୍ୟକ୍ରମର ମୂଲ୍ୟାୟନ କରିଥିଲେ। ଉଦଯାପନୀ ସଭାରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରିଣୀ ଶାନ୍ତିଲତା ଦେଇ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ରାଉତ, ରସାନନ୍ଦ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଙ୍ଗନାଥ ମିଶ୍ର ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଶକ୍ତି ପ୍ରସାଦ ଆଚାର୍ଯ୍ୟ, କୈଳାଶ ଚନ୍ଦ୍ର ମାଝି, ସୁଶୀଲ ରଣା, ଜ୍ୟୋତି ରଞ୍ଜନ କର ବିଭିନ୍ନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଶିକ୍ଷକ ସଂଘ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ସୁରଭି ଉତ୍ସବରେ ଉପସ୍ଥିତ ଥିବା ଛାତ୍ରୀଛାତ୍ର।

झारखण्ड सरकार
ग्रामीण कार्य विभाग मुख्य अभियंता का कार्यालय
102, द्वितीय तल्ला, अभियंत्रण भवन, कचहरी रोड, राँची

ई–अल्पकालीन पुनर्निविदा आमंत्रण सूचना

ई–अल्पकालीन पुनर्निविदा संख्या:- 239/RII/2023-24/RWD/LOHARDAGA दिनांक :- 16.10.2023
मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेण्डर कॉल नं0 |
| --- | --- | --- | --- | --- | --- | --- |
| 1. | RWD/ LOHARDAGA/ 13 /SRPKG-03/ 2022-23 | (i) आर0ई0ओ0 रोड माराडीह से ढोवा मोड़ तक पथ का विशेष मरम्मति कार्य (लं– 3.200 कि0मी0)<br>(ii) पी0एम0जी0एस0वाई0 रोड मन्हो से बिजली ऑफिस तक पथ का विशेष मरम्मति कार्य (लं– 2.850 कि0मी0)<br>(iii) जीमा से चटकपुर तक पथ का विशेष मरम्मति कार्य (लं– 2.710 कि0मी0)<br>(iv) महुवा टोली से कुजरा तक पथ का विशेष मरम्मति कार्य (लं– 2.900 कि0मी0)<br>(v) हिरही (हर्रा टोली) से लोहरदगा कुडू मेन रोड से हिरही पाड़ा टोली तक पथ का विशेष मरम्मति कार्य (लं– 2.600 कि0मी0)<br>(vi) डी0ए0भी0 स्कूल जुरिया से पुरनाडीह सेमर टोली तक पथ का विशेष मरम्मति कार्य (लं– 2.350 कि0मी0) | 6,46,01,499.00 | छः करोड़ छियालीस लाख एक हजार चार सौ निनानवे रू0 मात्र | 09 माह | तृतीय |

2.वेबसाईट में निविदा प्रकाशन की तिथि:– 20.10.2023
3.ई–निविदा प्राप्ति की अंतिम तिथि एवं समय:– 01.11.2023 अपराह्न 5.00 बजे तक।
4.निविदा खोलने की तिथि एवं समय:– 02.11.2023 अपराह्न 3.30 बजे।
5.निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
6.ई–निविदा प्रकोष्ठ का दूरभाष सं0– 0651–2913010
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
नोडल पदाधिकारी
ई–प्रोक्युर्मन्ट सेल
PR309305 (Rural Work Department)23-24*D

REQUIREMENT OF BUILDING/HOUSE FOR THE PURPOSE OF DEFENCE ESTATES OFFICE, ODISHA CIRCLE, BHUBANESWAR

Please refer this office advertisement dated 14.10.2023 published in "Times of India" and "Dharitri" for office accommodation of DEO, Odisha Circle, Bhubaneswar, the following amendments made as under follows:
FOR:-
Defence Estates Office, Bhubaneswar requires accommodation approximately floor area measuring 450 Sq. Mtr. or 4843 Sq.Ft. on rental basis for a period of 3 years w.e.f. 28th December, 2023 in Bhubaneswar for the purpose of office accommodation.
READ:-
Defence Estates Office, Bhubaneswar requires accommodation approximately plinth area measuring 6500 Sq.Ft. on rental basis for a period of 5 years w.e.f. 01st January, 2024 in Bhubaneswar for the purpose of office accommodation.
The rest will remain unchanged.
The interested property owners will submit their property details with valid ownership documents in the following address on or before 15th November 2023.
The Defence Estates Officer,
Govt. of India, Ministry of Defence,
Defence Estates Office, Odisha Circle
163, Prachi Enclave, Chandrasekharpur,
Bhubaneswar, Odisha - 751016
Tele: 06742747631, 345, E-mail- deobhub-stats@nic.in

OFFICE OF DISTRICT MANAGER
ODISHA STATE CIVIL SUPPLIES CORPORATION LTD. (OSCSC Ltd.)
SAMBALPUR
Phone: 9438200058, District Website: www.sambalpur.nic.in
Tender No.4071/4072 Dt. 16.10.2023
District Manager, Odisha State Civil Supplies Corporation Ltd., SAMBALPUR invites tenders in Double cover System through ONLINE MODE ONLY for the works below:

| | | |
| --- | --- | --- |
| 1 | Name of the work | Selection and appointment of Level-II Transport Contractor for transportation of foodgrains from RRCs to Retail Centers (FPS) of SMC and Maneswar Block |
| 2 | Availability of bid document in the portal | From 17.10.2023 |
| 3 | Last date / time for receipt of bids in the portal | Dt.30.10.2023 upto 5.00 P.M. |
| 4 | Date / time of opening of technical bid | Dt.31.10.2023 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., SAMBALPUR |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
Sd./- District Manager
OSCSC Ltd., SAMBALPUR

# ରସୁଲପୁର ତହସିଲରେ ଚାଲିଛି ବେଆଇନ ବାଲିଘାଟ

**ରସୁଲପୁର,୧୭।୧୦(ରଞ୍ଜିତ ରାଉତ)**

ଯାଜପୁର ଜିଲା ରସୁଲପୁର ତହସିଲ ଅଧୀନ ସମସ୍ତ ବାଲିଘାଟର ନିଲାମ ରାଜସ୍ୱ ବିଭାଗ ଦ୍ୱାରା ହୋଇପାରିବ ନାହିଁ। ଆଗକୁ ତହସିଲ ପକ୍ଷରୁ ବାଲିଘାଟ ହାତେଇ ଥିବା ସମସ୍ତ ଲିଜଧାରୀମାନଙ୍କୁ ଘାଟର ନିଲାମ ପାଇଁ ଅନୁମତି ଯାଜପୁର ରୋଡସ୍ଥିତ ଲଘୁ ଖଣିଜ ଉପନିର୍ଦ୍ଦେଶାଳୟ ନିକଟରୁ ହାସଲ କରିବାକୁ ପଡିବ ବୋଲି ତହସିଲ ସୂତ୍ରରୁ ଜଣାପଡିଛି। ଏହିକ୍ରମରେ ତହସିଲ ଅଧୀନ ସମସ୍ତ ବାଲିଘାଟର ଲିଜଧାରୀମାନଙ୍କୁ ଖଣି ଉପନିର୍ଦ୍ଦେଶାଳୟ ନିକଟରେ ଆବେଦନ କରିବାକୁ ହେବ। ତେବେ ଏଯାଏ ବିଭାଗ ପକ୍ଷରୁ କୌଣସି ଗୋଟିଏ ହେଲେ ବାଲିଘାଟକୁ ଅନୁମତି ମିଳି ନ ଥିବା ବିଭାଗ ସୂତ୍ରରୁ ଜଣାପଡିଛି। ହେଲେ ତହସିଲ ଅଞ୍ଚଳରେ ବେଆଇନ ଭାବେ ବାଲିଘାଟରୁ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହେଉଛି।

ରସୁଲପୁର ତହସିଲର ଦକ୍ଷିଣ ପାର୍ଶ୍ୱରେ ବ୍ରାହ୍ମଣୀ, ଉତ୍ତରପାର୍ଶ୍ୱରେ ଖରସ୍ରୋତା ନଦୀ ରହିଛି। ବ୍ରାହ୍ମଣୀ ନଦୀର ଯାବରା ପଞ୍ଚାୟତସ୍ଥିତ କଣ୍ଟିଆକଣ, ଶ୍ରୀବନ୍ତପୁରର

### ବିଭାଗର ବିନା ଅନୁମତିରେ ଉତ୍ତୋଳନ ହେଉଛି ଲଘୁ ଖଣିଜ ଦ୍ରବ୍ୟ

ମାନପୁର, କଲଣର ନୂଆହାଟ, ସିଂହାପୁରର ବ୍ରାହ୍ମଣବାଡ, ବାରବାଟୀର ଭଗତପୁର, ଦୁର୍ଗାପୁର କୁଦ-୧ ଓ ୨, ରାଜେନ୍ଦ୍ରପୁରର କରଜଙ୍ଗା, ସାମନ୍ତରାପୁରର ଚଅପୋଇ, ମଙ୍ଗରାଜପୁରର ଲଙ୍କାବାଲି ସାହି, ବ୍ରହ୍ମବରଦା ଓ ମହେଶ୍ୱରପୁରର ଚାନ୍ଦପୁର, ବନ୍ଧଡିହ ପଞ୍ଚାୟତର ସାହାପଡା, ସେହିପରି ଖରସ୍ରୋତା ନଦୀର ରସୁଲପୁର ପଞ୍ଚାୟତର ଖଣ୍ଡିତର, ବାହାଦଲାପୁର ପଞ୍ଚାୟତର ପରିଡାବାଦ ଆଦି ସ୍ଥାନରେ ତହସିଲ ପକ୍ଷରୁ ବାଲିଘାଟ ନିଲାମ ଦିଆଯାଇଥିଲା। ଉକ୍ତ ଘାଟଗୁଡିକର ପରିଚାଳନା ଦାୟିତ୍ୱ ଲଘୁ ଖଣିଜ ବିଭାଗ ଉପରେ ନ୍ୟସ୍ତ ହୋଇଛି। ବାଲି ଉତ୍ତୋଳନ ଅନୁମିତଠାରୁ ଆରମ୍ଭ କରି ୱାଇ ଫର୍ମ ଇସ୍ୟୁ କରିବା, ନିଲାମଧାରୀ କେତେ ଜମିରୁ ବାଲି ଉତ୍ତୋଳନ କରିବେ, କେତେ ପରିମାଣର ଉତ୍ତୋଳନ କରିବେ



ଏସବୁ ଦାୟିତ୍ୱ ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ବିଭାଗ ନିକଟରେ ମାନବ ସମ୍ବଳ ନ ଥିବାରୁ ବେଆଇନ ପରିବହନ ଓ ଉତ୍ତୋଳନ ଆଦି ଉପରେ ଚଢାଉ କରିବା ଦାୟିତ୍ୱ ତହସିଲ ପ୍ରଶାସନ ଉପରେ ନ୍ୟସ୍ତ କରାଯାଇଛି। ଏହି ହିସାବରେ ରସୁଲପୁର ବ୍ଲକ ଅଧୀନରେ ଗୋଟିଏ ହେଲେ ଘାଟରୁ ବାଲି ଉତ୍ତୋଳନ ପାଇଁ ଅନୁମତି ଦିଆଯାଇନାହିଁ। ରସୁଲପୁର ତହସିଲ ପକ୍ଷରୁ ନିଲାମ ଦିଆଯାଇ ଥିବା ବାଲିଘାଟ ଗୁଡିକର ତାଲିକା ବିଭାଗର ହସ୍ତଗତ ହୋଇଥିବା ଜଣାଯାଇଛି। ଚଳିତବର୍ଷଠାରୁ ନିଲାମ ଘାଟଗୁଡିକରୁ ବାଲି ଉତ୍ତୋଳନ ପୂର୍ବରୁ ଲିଜ୍‌ଧାରୀମାନେ ବିଭାଗ ନିକଟରୁ ଅନୁମତି ହାସଲ କରିବା ପରେ ବାଲି ଉତ୍ତୋଳନ କରିପାରିବେ। ଏଭଳି ସ୍ଥିତିରେ ବିନା ଅନୁମତିରେ କେତେଗୋଟି ଘାଟରୁ ବାଲି ପରିବହନ କରାଯାଉଥିବା ଅଭିଯୋଗ ହେଉଛି। ସେଥିମଧ୍ୟରୁ ଭଗତପୁର ବାଲି ଘାଟକୁ ଉଦାହରଣ ଭାବେ ନିଆଯାଇ ପାରେ। ଏହି ଘାଟରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ବେଳେ ଗ୍ରାମବାସୀ ବିରୋଧ କରିବା ସହ ବାଲି ଉତ୍ତୋଳନରେ ବ୍ୟବହାର ହେଉଥିବା ଗାଡି ଗୁଡିକୁ ଜବତ କରିଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ଏଭଳି ଭାବେ ଆହୁରୀ କେତେଗୋଟି ଘାଟରୁ ବାଲି ପରିବହନ ହେଉଛି। ମାତ୍ର ସେମାନଙ୍କ ନିକଟରେ ବିଭାଗୀୟ ଅନୁମତି ନାହି। ଏ ସମ୍ପର୍କରେ ତହସିଲ ପ୍ରଶାସନ ଅବଗତ ଥାଇ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଏ ଦିଗରେ ଲଘୁ ଖଣିଜ ବିଭାଗର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ତାଙ୍କ ଜାଣିବାରେ ଧର୍ମଶାଳା ତହସିଲ ଅଞ୍ଚଳର କେତେଗୋଟି କଳାପଥର କ୍ୱାରୀକୁ ଛାଡି ଦେଲେ ରସୁଲପୁର ତହସିଲ ଅଧୀନରେ କୌଣସି ବାଲି ଘାଟକୁ ବିଭାଗ ପକ୍ଷରୁ ଅନୁମତି ମିଳିନାହିଁ। ଅନୁମତି ମିଳିବା ପରେ ଲିଜ୍‌ଧାରୀମାନେ ୧/୪ଏମ ସଫ୍ଟ ଓ୍ୱାରକୁ ବ୍ୟବହାର କରି ଅନ୍‌ଲାଇନରୁ ୱାଇ ଫର୍ମ ହାସଲ କରିବା ପରେ ବାଲି ଉତ୍ତୋଳନ କରିପାରିବେ। କେତେଗୋଟି ସ୍ଥାନରେ ଆଇନକୁ ଉଲଂଘନ କରାଯାଇ ବାଲି ଉତ୍ତୋଳନ ହେଉଥିବା ସୂଚନା ତାଙ୍କ ନିକଟକୁ ଆସୁଛି। ବିଭାଗ ନିକଟରେ କର୍ମଚାରୀ ଅଭାବ ଥିବାରୁ ସେମାନେ ସିଧାସଳଖ ଚଢାଉ କରିପାରୁନାହାନ୍ତି। ଅନିୟମିତତା ସମ୍ପର୍କରେ ସୂଚନା ମିଳିଲେ ତହସିଲ ପ୍ରଶାସନ ଓ ତାଙ୍କ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇ ବେଆଇନ କାର୍ଯ୍ୟକୁ ବନ୍ଦ କରିବେ ବୋଲି ସେ କହିଛନ୍ତି।

# ୩ୟ ଦିବସରେ ଗଡ଼ିଲା ମା’ ବିରଜାଙ୍କ ସିଂହଧ୍ୱଜ ରଥ

### ୧୨ ଦିନରେ ମା’ ବିରଜାଙ୍କ ଷୋଡ଼ଶୋପଚାର ପୂଜା ସମାପନ

**ଯାଜପୁର ଟାଉନ,୧୭।୧୦ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଚଳିତ ବର୍ଷର ପାର୍ବଣ ଯାତ୍ରା ଅବସରରେ ମା’ ବିରଜାଙ୍କ ୧୨ଦିନରେ ଷୋଡ଼ଶୋପଚାର ପୂଜା ସମାପନ ହୋଇଥିବାବେଳେ ୩ୟ ଦିନରେ ରଥଯାତ୍ରା ସମାପନ ହୋଇଛି। ମଙ୍ଗଳବାର ସକାଳ ୭ଟାରେ ୩୦ରୁ ଊର୍ଦ୍ଧ୍ୱ ଶାସନ ବ୍ରାହ୍ମଣ ଆଣିଥିବା ବୈତରଣୀ ଜଳରେ ମା’ଙ୍କ ସ୍ନାନ କରାଯାଇଥିଲା। ପରେ ଗର୍ଭ ଗୃହକୁ ଭକ୍ତମାନେ ପ୍ରବେଶ କରି ମା’ଙ୍କୁ ଦର୍ଶନ କରିଥିଲେ। ଏହାପରେ ସାଧାରଣ ବେଶ, ଚନ୍ଦନ ବେଶ ଓ ବାଲ୍ୟ ଭୋଗ କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ପୂଜା କରାଯାଇ ୩ଟାରେ ସମାପନ କରାଯାଇଥିଲା। ପରେ କଳସପୂଜା କରାଯାଇ ୩ଟା୩୦ରେ ପହଡ଼ କରାଯାଇଥିଲା। ୧ ଘଣ୍ଟା ପହଡ଼ ପରେ ଅପରାହ୍ନ ୪ଟା ୪୫ରେ ମନ୍ଦିର ପହଡ଼ ଖୋଲାଯାଇ ରଥଯାତ୍ରାର ଆୟୋଜନ କରାଯାଇଥିଲା। ରଥ ଉପରକୁ ଆର୍ଶା ଦଣ୍ଡ, ଛତ୍ର, ତରାଶ, ଚାମର ବିଜେ କରିବା ପରେ ପୋଲିସ



କଟକଣା ମଧ୍ୟରେ ସେବାୟତମାନେ ରଥଚାଳନା ଆରମ୍ଭ କରିଥିଲେ। ୧ ବେଢ଼ାରୁ ଊର୍ଦ୍ଧ୍ୱ ରଥ ଚାଳନା କରାଯାଇ ଦକ୍ଷିଣ ପଶ୍ଚିମ ଦିଗରେ ରଥ ରଖାଯାଇଛି। ରଥରୁ ଆର୍ଶାଦଣ୍ଡ ଆସିବା ପରେ ସନ୍ଧ୍ୟାରେ ମା’ଙ୍କ ସନ୍ଧ୍ୟା ଆଳତୀ କରାଯାଇ ରାତିରେ ଷୋଡ଼ଶୋପଚାର ପୂଜା ଆୟୋଜନ କରାଯାଇଛି। ହଜାର ହଜାର ପୁରୁଷ ଓ ମହିଳା ଭକ୍ତ ଆନନ୍ଦ ଉଲ୍ଲାସର ସହିତ ହରିବୋଲ ହୁଳହୁଳି ଦେଇ ରଥକୁ ଟାଣି ନେଇଥିଲେ। ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ବିଧାନସଭା ସବ୍ କମିଟିର ଯାଜପୁର ଜିଲା ଗସ୍ତ



ଯାଜପୁର ଜିଲା ଗସ୍ତରେ ଆସିଥିବା ଓଡ଼ିଶା ବିଧାନସଭାର ପବ୍ଲିକ ଆକାଉଣ୍ଟ ସବ୍‌କମିଟିର ସଦସ୍ୟ ଓ ଅନ୍ୟମାନେ।

**କଳିଙ୍ଗନଗର,୧୭।୧୦(ଶୁଭାଶିଷ ରାଉତ):**

ଓଡ଼ିଶା ବିଧାନସଭାର ପବ୍ଲିକ ଆକାଉଣ୍ଟ ସବ୍‌କମିଟି ମଙ୍ଗଳବାର ଯାଜପୁର ଜିଲା ଗସ୍ତ କରିଛି। କମିଟି ସଦସ୍ୟ ପୂର୍ବାହ୍ନରେ ଧର୍ମଶାଳା ତହସିଲ ଅଞ୍ଚଳରେ କଳାପଥରରେ ହୋଇଥିବା ଅନିୟମିତତା ଓ ଅପରାହ୍ନରେ କଳିଙ୍ଗନଗର ଶିଳ୍ପାଞ୍ଚଳର ରାଜସ୍ୱ ଉତ୍ସ ଗୁଡିକର ଅନୁଧ୍ୟାନ କରିଛନ୍ତି। ଅପରାହ୍ନରେ କଳିଙ୍ଗନଗର ଅଞ୍ଚଳକୁ କମିଟି ସଦସ୍ୟ ଗସ୍ତ କରିବା ପରେ ଯାଜପୁର ରୋଡସ୍ଥିତ ଓଏମ୍‌ସି କାର୍ଯ୍ୟାଳୟରେ ଜିଲାପାଳ ଓ ଅନ୍ୟଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଏହାପୂର୍ବରୁ ତିନି ଜଣିଆ ଦଳ କଳିଙ୍ଗନଗର ଶିଳ୍ପାଞ୍ଚଳର ମିଶ୍ରିଲାଲ ଫେରୋଆଲଏଜ କାରଖାନା ଗସ୍ତ କରିଥିଲେ। କାରଖାନାରେ ଭୂତଳଜଳର ବହୁଳ ବ୍ୟବହାର ହେଉଥିବା ଏବଂ ସୁରକ୍ଷାର ଅନୁପାଳନ ହେଉ ନ

### ବିଭିନ୍ନ ଅନିୟମିତତାର ଯାଞ୍ଚ କଲେ

ଥିବା ସଦସ୍ୟ ଦେଖିବାକୁ ପାଇଥିଲେ। ଭୂତଳଜଳର ବ୍ୟବହାର ଯୋଗୁ ସ୍ଥାନୀୟ ଗ୍ରାମବାସୀ ଜଳ କଷ୍ଟ ଭୋଗୁଛନ୍ତି।

ସେହିପରି ଯାଜଦାନୀ କାରଖାନାରେ ପ୍ରଦୂଷଣ ନିୟମ ପାଳନ ହେଉ ନ ଥିବା କମିଟି ସଦସ୍ୟ ଦେଖିଥିଲେ। କାରଖାନା ହେବାଠାରୁ ଇଟିପି ବ୍ୟବସ୍ଥା କାର୍ଯ୍ୟକ୍ଷମ ନ ଥିବା ବେଳେ କାରଖାନାରୁ ବାହାରୁଥିବା କ୍ଷତିକାରକ ବର୍ଜ୍ୟବସ୍ତୁ ପରିଚାଳନା ହେଉ ନ ଥିବା କମିଟି ଅଧ୍ୟକ୍ଷ ମୋହନ ମାଝି ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ସେହିପରି ଶିଳ୍ପାଞ୍ଚଳରେ ବକେୟା ଜଳକର ଆଦାୟ ହେଉ ନ ଥିବା ସମ୍ପର୍କରେ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଧର୍ମଶାଳା ଅଞ୍ଚଳରେ ଅନୁମତି ବାହାରେ ଅତ୍ୟଧିକ ଲଘୁ ଖଣିଜ ଦ୍ରବ୍ୟ ଖନନ ହୋଇଥିବାବେଳେ ଏ ବାବଦରେ ୨୯୯ କୋଟି ଟଙ୍କାର ଜରିମାନା କରାଯାଇଥିଲା। ଯାହାକି ଅଦ୍ୟାବଧି ଅନାଦେୟ ରହିଛି ବୋଲି ମାଝି କହିଛନ୍ତି। କମିଟି ଅଧ୍ୟକ୍ଷ ମୋହନ ମାଝିଙ୍କ ନେତୃତ୍ୱରେ ବିଧାୟକ ନାଉରୀ ନାୟକ ଓ ବିଧାୟକ ସୁକାନ୍ତ କୁମାର ନାୟକ ଏଥିରେ ସାମିଲ ରହିଥିଲେ। ଗସ୍ତ ସମୟରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, କଟକ ବନଖଣ୍ଡ ଅଧିକାରୀ ଅଜିତ କୁମାର ଶତପଥୀ, ଦାନଗଦି ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ତହସିଲଦାର ନାରାୟଣ ଚନ୍ଦ୍ର ଦୀକ୍ଷିତ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରମୋଦ ବେହେରା ଓ ଖଣି ଉପନିର୍ଦ୍ଦେଶକ ବିଭୂତି ଭୂଷଣ ବେହେରା ଉପସ୍ଥିତ ଥିଲେ।

# ମହିଳା ମହାସଂଘକୁ ୧୦ ସ୍କୁଟି ପ୍ରଦାନ

**ପାଣିକୋଇଲି,୧୭।୧୦(ବିକାଶ ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତରେ ଶନିବାର ମିଶନ ଶକ୍ତି ମହାସଂଘକୁ ୧୦ଟି ସ୍କୁଟି ପ୍ରଦାନ କରାଯାଇଛି। ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ କରଦା ପଞ୍ଚାୟତ ଏକ ଉଦାହରଣ ପାଲଟିଛି। ପଞ୍ଚାୟତରେ ୧୧୭ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟକରୁଥିବାବେଳେ ନିୟମିତ ସେମାନଙ୍କୁ ପଞ୍ଚାୟତ ଓ ବ୍ଲକ ପକ୍ଷରୁ ତାଲିମ ପ୍ରଦାନ କରାଯାଉଛି। ମହିଳାମାନେ ଏହା ଦ୍ୱାରା ଆର୍ଥିକ ସ୍ୱାବଲମ୍ବୀ ହେବା ଦେଖିବାକୁ ମିଳିଛି। ପୂର୍ବରୁ ୩୦ ସ୍ୱୟଂସହାୟକ ଗୋଷ୍ଠୀକୁ ଆଧୁନିକ ଯନ୍ତ୍ରପାତି, କୃଷି ଉପକରଣ ଯନ୍ତ୍ରାଂଶ ମାଗଣା ଯୋଗଯାଇଥିଲା। ସ୍କୁଟି ପ୍ରଦାନ ପରେ ସେମାନେ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଯାତାୟାତ କରିବା ସହ ଗ୍ରୁପର ଦାୟିତ୍ୱ ପୂରଣ ଦିଗରେ ଆଉ ପାଦେ ଅଗ୍ରସର ହୋଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ସ୍କୁଟି ପ୍ରଦାନ କାର୍ଯ୍ୟକ୍ରମରେ ସରପଞ୍ଚ ଅନିମା ମଳିକ, ସମିତିସଭ୍ୟା ପଙ୍କଜିନୀ ସାହୁ, ପୂର୍ବତନ ସରପଞ୍ଚ ଗଣେଶ ସାହୁ ଓ ବ୍ଲକ ମିଶନ ଶକ୍ତି କୋ ଅଡିନେଟର ପ୍ରୀୟଙ୍କା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ଶ୍ରମିକଙ୍କ ବକେୟା ପାଉଣା ଦେଉନି ଠିକାସଂସ୍ଥା



ଅତିରିକ୍ତ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନେ।

**ଯାଜପୁରରୋଡ୍,୧୭।୧୦(ପବିତ୍ର ରଞ୍ଜନ ମହାନ୍ତି):**

କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଜିଏମ୍ ଏଣ୍ଟରପ୍ରାଇଜର୍ସ ଶ୍ରମିକମାନଙ୍କୁ ସେମାନଙ୍କ ବକେୟା ପାଉଣା ଦେଉନାହିଁ। ଏନେଇ ଯାଜପୁରୋଡସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ନିକଟରେ ଶ୍ରମିକମାନେ ପୂର୍ବରୁ ଅଭିଯୋଗ କରିଥିଲେ। ଏହାର ସମାଧାନ ପାଇଁ ଶ୍ରମବିଭାଗ କମ୍ପାନୀର କର୍ତ୍ତୃପକ୍ଷଙ୍କୁ ମଙ୍ଗଳବାର ଉପସ୍ଥିତ ରହି ଆଲୋଚନା ମାଧ୍ୟମରେ ଅଭିଯୋଗ ସମାଧାନ କରିବାକୁ ଧାର୍ଯ୍ୟ କରିଥିଲେ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଶ୍ରମ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ଆସି ନ ଥିଲେ। ଫଳରେ ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକଙ୍କୁ ଉପଯୁକ୍ତ ପାଉଣା ଅବିଳମ୍ବେ ପ୍ରଦାନ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଯାଜପୁର

- ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ ପରେ ମଧ ହେଉନି ସମାଧାନ
- କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ

ସିଭିଲ ସୋସାଇଟି ଫୋରମର ସମ୍ପାଦକ ବିଶ୍ୱନାଥ ପାତ୍ର ଓ ଉପେକ୍ଷିତ ଶ୍ରମିକମାନେ ଚେତାବନୀ ଦେଇଛନ୍ତି।

ଏହି ଠିକା ସଂସ୍ଥା ଅଧୀନରେ ୪୩ରୁ ଊର୍ଦ୍ଧ୍ୱ ଶ୍ରମିକ ୨୦୧୭ରୁ କାର୍ଯ୍ୟ କରି ଆସୁଥିଲେ। ସେମାନଙ୍କୁ ଗେଟ୍ ପାସ ଦିଆଯାଇ ପିଏଫ୍ ମଧ କଟାଯାଉଥିଲା। ଓଭର ଡ୍ୟୁଟି ବ୍ୟତୀତ ଦୈନିକ ୬୦୦ ଟଙ୍କା ମଜୁରି ପ୍ରଦାନ କରାଯାଉଥିଲା। ହେଲେ ଡିସେମ୍ବର ୨୦୨୨ରୁ ଏପ୍ରିଲ ୨୦୨୩ ପର୍ଯ୍ୟନ୍ତ ଶ୍ରମିକମାନେ ନିୟମିତ କାର୍ଯ୍ୟ କରିଆସୁଥିଲେ ବି ସେମାନଙ୍କୁ ମଜୁରି ସହ ଫାଇନାଲ ପେମେଣ୍ଟ ଦିଆଯାଉ ନ ଥିଲା। ଏନେଇ ସେକ୍ ସାଜିଦ, ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ରାମଚନ୍ଦ୍ର ବେହେରାଙ୍କ ସହ ୪୩ ଶ୍ରମିକ ଯାଜପୁରରୋଡ୍ ଅତିରିକ୍ତ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପରେ ସହ ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓ ସମ୍ପୃକ୍ତ ଠିକା ସଂସ୍ଥାକୁ ଜୁନ ୬, ୨୭ ଓ ଜୁଲାଇ ୨୬ରେ ଚିଠି ଦ୍ୱାରା ୩ ଥର ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସଂସ୍ଥା ହାଜିର ହେଉ ନ ଥିବା ଦେଓ କହିଛନ୍ତି। ଏ ସମ୍ପର୍କରେ ଶ୍ରମିକମାନେ କାରଖାନାର ମାନବ ସମ୍ବଳ ଅଧିକାରୀ ଗୌରାଙ୍ଗ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ିଥିଲେବି କୌଣସି ସମାଧାନର ବାଟ ବାହାରି ନ ଥିବା ଜଣାପଡ଼ିଛି। ଏନେଇ ସହ ଶ୍ରମ ଅଧିକାରୀ ଦେଓଙ୍କୁ ପଚାରିବାରୁ ସେ କହିଛନ୍ତି, କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହେବ। ଏ ସମ୍ପର୍କରେ ସମ୍ପୃକ୍ତ ଠିକା ସଂସ୍ଥାର ପ୍ରତିକ୍ରିୟା ମିଳିପାରିନାହିଁ।

# ସାମାଜିକ କର୍ମୀଙ୍କ ପରଲୋକ

**ବରୀ,୧୭।୧୦(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଅଧୀନ ବାଲିବିଲ ପଞ୍ଚାୟତ କୋରଡ଼ାପିପଲ ଗ୍ରାମର ସାମାଜିକ କର୍ମୀ ଅନଙ୍ଗ ମତଗଜ ସିଂଙ୍କ ହୃଦ୍‌ଘାତରେ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସୋମବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଶିବ ପ୍ରସାଦ ସାମଲ ମୁଖାଗ୍ନି ଦେଇଛନ୍ତି। ସେ ଜଣେ ଚାଷୀ ହିସାବରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହିଥିଲେ। ନିଷ୍ଠାପର କାର୍ଯ୍ୟ ପାଇଁ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବରୀ ବିଧାୟିକା ସୁନନ୍ଦା ଦାସ, ବାଲିବିଲ ସରପଞ୍ଚ ମଧୁସ୍ମିତା ସାମଲ, ସମିତିସଭ୍ୟା ସୁଧାଂଶୁବାଳା ସାମଲ, ଶ୍ୟାମସୁନ୍ଦର ସାହୁ, ଶିକ୍ଷାବିତ ଅଶୋକ ସାମଲ, ୨୪ନଂ. ଜିଲା ପରିଷଦସଭ୍ୟ ସନ୍ତୋଷ ସାମଲ ଓ ପ୍ରାକ୍ତନ ଜିଲା ପରିଷଦ ସଭ୍ୟା ଅଞ୍ଜନା ସାମଲ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଟ୍ରଲି ଉପରେ ବନ୍ଧାପଡ଼ିଛି ଜୀବନ ଜୀବିକା

**ରସୁଲପୁର,୧୭।୧୦(ରଞ୍ଜିତ ରାଉତ)**

ବିଭିନ୍ନ ଗାଁ ଗଣ୍ଡା, ଜାତୀୟ ରାଜପଥ, ଭୋଜିଭାତ ହେଉଥିବା ଘର ଓ ମଣ୍ଡପ, ମେଳା ମହୋତ୍ସବ ପଡ଼ିଆ ବୁଲି ପଲିଥିନ, ପ୍ଲାଷ୍ଟିକ ବ୍ୟାଗ୍ ଓ ବୋତଲ ଆଦି ଗୋଟାଇ ଜୀବନ ବଞ୍ଚାନ୍ତି ସେମାନେ । ଏହା ସେମାନଙ୍କ ଜୀବିକା । କେବଳ ସେତିକି ନୁହେଁ, ଏହି ଜୀବିକା ସହ କୋମଳମତି ପିଲାମାନଙ୍କ ବି ଜୀବନ ବନ୍ଧା ପଡିଯାଇଛି। ବିଭିନ୍ନ ସ୍ଥାନରୁ ଗୋଟାଇ ଥିବା ନାନା ବ୍ୟବହୃତ ସାମଗ୍ରୀକୁ ଏକ ଟ୍ରଲି ଉପରେ ଲଦି କବାଡିଆ ଦୋକାନକୁ ମା’ବାପାମାନେ ନେଇଥାଆନ୍ତି । ସେହି ବସ୍ତା ଉପରେ ଶିଶୁମାନେ ଅସୁରକ୍ଷିତ ଭାବେ ବସିଥାଆନ୍ତି। ଏହି ଚିତ୍ରକୁ ଯେ କେହି ଦେଖିନ୍ତି ଟ୍ରଲି ଉପରେ ଜୀବନ ଜୀବିକା ବନ୍ଧା ପଡିଛି ବୋଲି କୁହନ୍ତି । ପିଲାମାନେ ମା’ବାପାଙ୍କ ସହ ବିଭିନ୍ନ ସ୍ଥାନ ବୁଲନ୍ତି । ୧୦ରୁ ୧୨ବର୍ଷର ହୋଇଗଲେ ବିଭିନ୍ନ କାମରେ ନିୟୋଜିତ ହୋଇ ରୋଜଗାର ପନ୍ଥାକୁ ଆପଣେଇ ନେଇଥାଆନ୍ତି । ସେମାନଙ୍କ ପିଲାମାନେ ବିଦ୍ୟାଳୟ ମାଟି ମାଡି ନାହାଁନ୍ତୁ । ଏଭଳି ଘଟଣା କୋରେଇ, ରସୁଲପୁର, ଧର୍ମଶାଳା ବ୍ଲକ ଅଞ୍ଚଳରେ ବସବାସ କରୁଥିବା ଯାଯାବର ପରିବାରରେ ଦେଖିବାକୁ ମିଳୁଛି ।

- ପ୍ଲାଷ୍ଟିକ ବୋତଲ ଗୋଟାଇଲେ ପେଟ ପୂରୁଛି
- ବିଦ୍ୟାଳୟ ମାଟି ମାଡୁ ନାହାଁନ୍ତି ପିଲାମାନେ

ଏହି ଯାଯାବର ପରିବାର କେଉଁ ପାର୍ବତ୍ୟା ଅଞ୍ଚଳରୁ ଆସି ସମତଳ ଅଞ୍ଚଳରେ ବସବାସ କରୁଛନ୍ତି । ଦୀର୍ଘବର୍ଷ ଧରି ସେମାନେ ଉପରୋକ୍ତ ବ୍ଲକ ଅଞ୍ଚଳରେ ରହି ଆସୁଥିଲେ ବି ସେମାନଙ୍କ ଚାଲିଚଳନ, ବେଶଭୂଷା, ବେଉସାରେ କୌଣସି ପରିବର୍ତ୍ତନ ଘଟିନାହିଁ। ରମା ମୁଣ୍ଡା ଓ ବିଜୟ ମୁଣ୍ଡାଙ୍କ ଭଳି ବହୁ ଯାଯାବର ପରିବାର ଲୋକଙ୍କ କ୍ଷେତ୍ରରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି । ଉପରୋକ୍ତ ପରିବାର କେନ୍ଦୁଝର ଜିଲାର ଘଟଗାଁ ଅଞ୍ଚଳରୁ ଆସି ପାଣିକୋଇଲି ଥାନା ଅନ୍ତର୍ଗତ ମଣିପୁର, ରସୁଲପୁର ବ୍ଲକ ଅନ୍ତର୍ଗତ ସାରଙ୍ଗପୁର, ହରିପୁର, ସାମନ୍ତରାପୁର, ଧର୍ମଶାଳା ଅଞ୍ଚଳର ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ଅଞ୍ଚଳ, ହାଟ ବଜାର ଆଦି ସ୍ଥାନରେ ଚାଳିଆ, ଭଙ୍ଗା କୁଡିଆ, ପଲିଥିନ ତଳେ ବସବାସ କରୁଛନ୍ତି । କାଁ ଭାଁ କ୍ଷେତରେ ମୁଲିଆ ମଜୁରିଆ ଭାବେ କାର୍ଯ୍ୟ କରୁଛନ୍ତି ତ ଆଉ କେତେବେଳେ ରାସ୍ତାଘାଟ ନିର୍ମାଣ ଓ ମରାମତି କାର୍ଯ୍ୟରେ ନିୟୋଜିତ



ଟ୍ରଲିରେ ଅଦରକାରୀ ସାମଗ୍ରୀ ବସ୍ତା ଉପରେ ଏକ ଶିଶୁ ଅସୁରକ୍ଷିତ ଭାବେ ବସି ରହିଛନ୍ତି।

ହେଉଛନ୍ତି । ଏମାନଙ୍କୁ ବର୍ଷସାରା କାମ କରିବାର ସୁଯୋଗ ସୃଷ୍ଟି ହେଉ ନ ଥିବାରୁ ସେମାନେ ବିଭିନ୍ନ ସ୍ଥାନରେ ବୁଲି ପଲିଥିନ, ପ୍ଲାଷ୍ଟିକ ବୋତଲ ଆଦି ଗୋଟାଉଛନ୍ତି । ଏମତି ଦିନେ ଦୁଇଦିନ ବୁଲିଲେ ୧୦୦୦ ରୁ ୧୨୦୦ଟଙ୍କା ପର୍ଯ୍ୟନ୍ତ ରୋଜଗାର ହୋଇଯାଉଛି । ସେଥିରେ ପରିବାର ଚଳୁଛି । ସେମାନେ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରାତ୍ରୀ ଯାପନ କରୁନାହାଁନ୍ତି । ବିଭିନ୍ନ ସ୍ଥାନ ବୁଲାବୁଲି କରି ଯେଉଁଠି ସଞ୍ଜ ହେଉଛି ସେହି ଅଞ୍ଚଳରେ ମନ୍ଦିର, କ୍ଲବ, କମ୍ୟୁନିଟି ସେଣ୍ଟର ବାରଣ୍ଡା ସେମାନଙ୍କ ପାଇଁ ଆଶ୍ରୟ ସ୍ଥଳ ପାଲଟୁଛି । ପରଦିନ ସକାଳୁ ପୁଣି ଜରି ଗୋଟାଇବାରେ ଲାଗି ପଡୁଛନ୍ତି । ଏମତି ୩ ରୁ ୪ଦିନ ପରେ ସେମାନେ ମୂଳ ବାସ ସ୍ଥାନକୁ ଫେରୁଛନ୍ତି।

ଏହି ପରିବାର ପିଲାମାନଙ୍କୁ ଶିକ୍ଷା ଭଳି ମୌଳିକ ଅଧିକାରର ସୁବିଧା ମିଳି ପାରୁନାହିଁ । ଅଙ୍ଗନୱାଡି କେନ୍ଦ୍ରର ଅଣ୍ଡା, ଛତୁଆ ଓ ପୁଷ୍ଟିକର ଖାଦ୍ୟ ପିଲାମାନଙ୍କ ପାଇଁ ଅପହଞ୍ଚ ହୋଇଛି । ସରକାରୀ ସୁବିଧା କହିଲେ କେବଳ ରାଶନ ସାମଗ୍ରୀ ଭାବେ ମୁଣ୍ଡ ପିଛା ଚାଉଳ ୫ କିଲୋ ମିଳୁଛି। ଏବେ ବି ସେମାନଙ୍କ ପିଲାମାନଙ୍କ ନାମ ରାଶନ କାର୍ଡରେ ଯୋଡା ଯାଇ ନ ଥିବାରୁ ସେମାନଙ୍କୁ ଚାଉଳ ମିଳି ପାରୁନାହିଁ । ସେଇ ଚାଉଳ ଗଣ୍ଡାକ ଛାଡି ଦେଲେ ଆଉ କିଛି ସରକାରୀ ସୁବିଧା ମିଳୁନାହିଁ ବୋଲି ରାମାଙ୍କ ସ୍ତ୍ରୀ ସୁକାନ୍ତି ମୁଣ୍ଡା କହିଛନ୍ତି । ସେମାନଙ୍କ ପାଖରେ ବ୍ୟାଙ୍କ ଜମାଖାତା, ଜବ୍‌କାର୍ଡ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ, ଭୋଟର ପରିଚୟପତ୍ର ଭଳି କେତେକ ଆବଶ୍ୟକ ପ୍ରମାଣପତ୍ର ନାହିଁ । ପିଲାମାନଙ୍କୁ ଆଧାର କାର୍ଡ ମିଳି ପାରିନାହିଁ । ପ୍ରମାଣପତ୍ର ଅଭାବରୁ ସେମାନେ କୌଣସି ସରକାରୀ ଯୋଜନା ପାଇଁ ଆବେଦନ କରିପାରୁ ନାହାଁନ୍ତି । ଏହାଛଡା ସରକାରୀ ଯୋଜନା ସମ୍ପର୍କରେ ସେମାନେ ଅଜ୍ଞ ଥିବାରୁ ସେମାନଙ୍କୁ ଏ ନେଇ କେହି କେବେ ସଚେତନ କରାଉ ନାହାଁନ୍ତି ବୋଲି ଜରି ଗୋଟାଳି ପରିବାର ଅଭିଯୋଗ କରିଛନ୍ତି। ତେବେ ଏହି ବର୍ଗର ପରିବାର ସଦସ୍ୟଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ଉପଲବ୍ଧ କରାଇବା ସହ ପିଲାମାନଙ୍କୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି ହେଉଛି । ଅନ୍ୟପକ୍ଷେ ବିଭିନ୍ନ ବର୍ଗ ଗରିବ ଓ ଦରିଦ୍ର ଶ୍ରେଣୀର ପରିବାରକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ଏଥିପ୍ରତି ଗୁରୁତ୍ୱ ଦେବାକୁ ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି ।

**ବିଦ୍ୟାଳୟ ପ୍ଲାଟିନମ ଜୁବିଲି ପାଳନ ପାଇଁ ପ୍ରସ୍ତୁତି ବୈଠକ**

ମାର୍ଶାଘାଇ, (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ ): ମାର୍ଶାଘାଇ ବ୍ଲକର ମଧୁସାଗର ବିଦ୍ୟାପୀଠର ୭୫ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ କମିଟି ସଭାପତି ଭ୍ରମରବର ରାଉତ, ଭକ୍ତଚରଣ ମଲ୍ଲ ବାଟକୃଷ୍ଣ ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ପୁରୀ ଗଜପତି ଦିବ୍ୟସିଂହ ଦେବ ଓ ସ୍ଥାନୀୟ ବିଧାୟକ ତଥା ସମବାୟ ଖାଦ୍ୟ ଯୋଗାଣ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ନିମନ୍ତ୍ରଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ମା'ସିଦ୍ଧିଦାତ୍ରୀଙ୍କ ଚନ୍ଦ୍ରଘଣ୍ଟା ବେଶ



# ବିକ୍ରି ହେଉଛି ଅନୁପଯୋଗୀ ପାନୀୟଜଳ

■ ଉତ୍ତୋଳନଠାରୁ ଆରମ୍ଭ କରି ବିକିବା ପର୍ଯ୍ୟନ୍ତ ସରକାରୀ ସ୍ୱୀକୃତି ନାହିଁ
■ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବା ଆଶଙ୍କା

ପାରାଦୀପ,୧୭।୧୦(ଶରତ ରାଉତ)



ପାରାଦୀପ ବନ୍ଦର ସହରରେ ଏବେ ଖୋଲାରେ ୨୦ ଲିଟର ବିଶିଷ୍ଟ ପାନୀୟ ଜଳ ବିକ୍ରି ହେଉଛି। ପାରାଦୀପଗଡ ଠାରୁ ଆରମ୍ଭ କରି ଷଣ୍ଢକୁଦ ପର୍ଯ୍ୟନ୍ତ ୧୫ରୁ ଅଧିକ ବ୍ୟବସାୟୀ ଭୂତଳ ଜଳକୁ ସାମାନ୍ୟ ଶୋଧନ କରିବା ପରେ ତାକୁ ବଜାର ଓ ଘରେ ଯୋଗାଇ ଦେଉଛନ୍ତି। ଉକ୍ତ ପାଣିକୁ ବ୍ୟବସାୟୀମାନେ ଭୂତଳରୁ ଉତ୍ତୋଳନ କରିବା ଓ ବଟଲିଂ କରି ବିକିବା ପର୍ଯ୍ୟନ୍ତ କୌଣସି ସରକାରୀ ସ୍ୱୀକୃତି ଅବା ଲାଇସେନ୍ସ ନେଇନାହାନ୍ତି ବୋଲି ପାରାଦୀପର ଖାଦ୍ୟ ନିରୀକ୍ଷକ ପ୍ରୀତିଶ ଦାସ ସୂଚନା ଦେଇଛନ୍ତି। ଏପରିକି ଉକ୍ତ ପାଣି ପିଇବା ପାଇଁ ଅନୁପଯୁକ୍ତ ବୋଲି ସେ କହିଛନ୍ତି। ଖାଦ୍ୟ ନିରୀକ୍ଷକଙ୍କ ପକ୍ଷରୁ କେତେକ ପାଣି ବୋତଲରୁ ନମୁନା ସଂଗ୍ରହ କରାଯାଇଥିଲା। ଏଥିରେ ପିଇବା ପାଣି ପାଇଁ ଯେଉଁ ପାରାମିଟର ରହିବା କଥା ସେଥିରେ ନାହିଁ। ସେଥିପାଇଁ ଉକ୍ତ ପାଣି ବିକ୍ରି ବନ୍ଦ କରିବା ସହ କାରଖାନାକୁ ସିଲ କରିବା ପାଇଁ ସେ ସରକାରୀ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରୀଙ୍କୁ ଏନେଇ ରିପୋର୍ଟ ଦିଆଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଖାଦ୍ୟ ନିରୀକ୍ଷକ ଦାସ ପ୍ରସ୍ତାବ ଦେଇଛନ୍ତି ବୋଲି କହିଛନ୍ତି। ତାଙ୍କ ମତରେ ୨୦ ଲିଟର ବିଶିଷ୍ଟ ପାଣିରେ ଆଇରନ ଅଧିକ ରହୁଛି। ସେଥିରେ ଇକୋଲାଇ ନାମକ ବ୍ୟାକ୍ଟେରିଆ ରହିଛି। ଟିଡିଏସ (ଟୋଟାଲ ଡିଜଲ୍ଭଡ ସଲିଡସ)ଏବଂ ପିଏଚ ପରିମାଣ ଅଧିକ ରହୁଛି। ବିନା ସିଏମ/ଇଏଲ ଲାଇସେନ୍ସରେ ଏପରି ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ବୋଲି ସେ ଆଶଙ୍କାବ୍ୟକ୍ତ କରିଛନ୍ତି। ସେଥିପାଇଁ ପାରାଦୀପର ଦୁଇଟି ପାଣି ପ୍ଲାଣ୍ଟକୁ ଛାଡ଼ିଦେଲେ ଆଉ ସବୁ ପ୍ଲାଣ୍ଟ ସିଲ୍ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏଭଳି ପାଣି ବଟଲିଂ କରି ବିକୁଥିବା ଷଣ୍ଢକୁଦ ବସ୍ତିର ଏସ୍‌ଗୋପିଙ୍କୁ ମଙ୍ଗଳବାର ବଡ଼ପଡ଼ିଆଠାରେ ପଚାରିବାରୁ ସେ କହିଥିଲେ ମୋର ଲାଇସେନ୍ସ ଆନ୍ଧ୍ର ଭାଇଜାଗରୁ ଆଣିଛି। ପାଣି ଭୂତଳରୁ ଉତ୍ତୋଳନ ପାଇଁ ପାରାଦୀପ ପୌରପାଳିକା ସ୍ୱୀକୃତି ଦେଇଛି। ଏସମ୍ପର୍କରେ ପୌରପାଳିକା ଜନସ୍ୱାସ୍ଥ୍ୟ ଅଧିକାରୀ ମାନସ ମୁର୍ମୁଙ୍କୁ ପଚାରିବାରେ କୁହନ୍ତି ଆମେ ଅନୁମତି ଦେଇନାହୁଁ। ଏମିତି ପାଣିକୁ ପାରାଦୀପର ଅଧିକାଂଶ କମ୍ପାନୀ, ସରକାରୀ କ୍ୟାଣ୍ଟିନ ଆଦି ଜାଗାକୁ ସପ୍ଲାଇ କରାଯାଉଥିବା ଜଣାପଡ଼ିଛି। ଗୋପିଙ୍କ ମତରେ ସେ ଦିନକୁ ୨ ରୁ ୩ ହଜାର୨୦ ଲିଟର ବିଶିଷ୍ଟ ବୋତଲ ପାଣି ବିଭିନ୍ନ ଜାଗାକୁ ଦେଉଛନ୍ତି। ବୋତଲ ପିଛା ୨୫ ଟଙ୍କାରେ ବିକ୍ରି ହେଉଛି। ଏପରି ଅନୁପଯୁକ୍ତ ପିଇବା ପାଣିକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ ବ୍ୟବହାର କରାଯାଉଛି। ଏହା ଦ୍ୱାରା ଲୋକେ ଅଜାଣତରେ ଏହି ପାଣି ପିଇ ଦୂରାରୋଗ୍ୟରେ ଆକ୍ରାନ୍ତ ହେବା ଆଶଙ୍କାକୁ ଏଡ଼ାଇଯାଇ ହେବନି।

# କୈବର୍ତ୍ତ ମହାସଂଘର ପତ୍ରିକା ଉନ୍ମୋଚନ



କୈବର୍ତ୍ତ ପତ୍ରିକାର ଉନ୍ମୋଚନ ସମାରୋହରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ତିର୍ତ୍ତୋଲ, ୧୭।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁରସ୍ଥିତ ମା'ଶାରଳା ଠାକୁରାଣୀଙ୍କ ପୀଠ ନିକଟରେ ଶାରଳା ମଣ୍ଡଳ କୈବର୍ତ୍ତ ମହାସଂଘ ଜଗତ୍‌ସିଂହପୁର ଜିଲା ତରଫରୁ କୈବର୍ତ୍ତ ପତ୍ରିକାର ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ପ୍ରହ୍ଲାଦ ବେହେରା ସଭାପତିତ୍ୱ କରିଥିଲେ। ରାଷ୍ଟ୍ରୀୟ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜ ଏହାକୁ ଉନ୍ମୋଚନ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଂଘର ସଭାପତି ଯୋଗେନ୍ଦ୍ର ବେହେରା ଯୋଗଦେଇ ମା' ଶାରଳା ସହ କୈବର୍ତ୍ତମାନଙ୍କ ସମ୍ପର୍କ ଓ ଶାରଳା ମନ୍ଦିରରେ ଚନ୍ଦନଯାତ୍ରା ସମୟରେ କୈବର୍ତ୍ତମାନଙ୍କ ସେବା ଉପରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ବେହେରା, ଅନ୍ୟତମ ବକ୍ତା ଭାବେ ରାଜ୍ୟ ଉପ ସଭାପତି ପ୍ରସନ୍ନ କୁମାର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ଯୁବ ମଞ୍ଚ ସମ୍ପାଦକ ଦିଲୀପ କୁମାର ବେହେରା, ରାଜ୍ୟ ମହିଳା ମଞ୍ଚ ସଭାନେତ୍ରୀ ରଞ୍ଜିତା କାହାଳି, କୁଜଙ୍ଗ ବ୍ଲକ ଅଧକ୍ଷା ନିନାରାଣୀ ସାହୁ, ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଜିଲାପରିଷଦ ସଭ୍ୟା ପୁଷ୍ପାରାଣୀ ବେହେରା, ଆଡ୍‌ଭୋକେଟ ଡ. ସୁନାକର ବେହେରା, ପୂର୍ବତନ ସରପଞ୍ଚ କୈଳାଶ ଚନ୍ଦ୍ର ବେହେରା, ନିରଞ୍ଜନ ରାଉତ, କେଲୁଚରଣ ରାଉତ ଓ ବଇଁଶୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ବ୍ଲକର କର୍ମକର୍ତ୍ତା ସହ ଭଦ୍ରକ ଜିଲା ସଭାପତି, ଯାଜପୁର ଜିଲା ସଭାପତି, ଅନୁଗୋଳ ଜିଲା ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଜଗତ୍‌ସିଂହପୁର ଜିଲା ଶାରଳା ମଣ୍ଡଳ କୈବର୍ତ୍ତ ମହାସଂଘର ଜିଲା କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ବେହେରା, ସମ୍ପାଦକ ମନୋରଞ୍ଜନ ଦଳାଇ, ସଙ୍ଗଠନ ସମ୍ପାଦକ ଅମର ଦାସ, କୋଷାଧ୍ୟକ୍ଷ ପ୍ରଦୀପ ବେହେରା, ଗୋପାଳ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସୋମାଲିକା

### ତିର୍ତ୍ତୋଲ ବିଧାୟକ ବିଜୟଶଙ୍କରଙ୍କ ବିବାହ ଆବେଦନ ପ୍ରସଙ୍ଗ

କଟକ,୧୭।୧୦ (କାର୍ତ୍ତିକ ସାହୁ)

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିବାହ ପଞ୍ଜୀକରଣ ଆବେଦନ ବିରୋଧରେ ତାଙ୍କର ପୂର୍ବତନ ବାନ୍ଧବୀ ସୋମାଲିକା ଦାଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଜୟଶଙ୍କରଙ୍କ କଟକସ୍ଥିତ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଅନ୍ୟ ଜଣେ ମହିଳାଙ୍କୁ ବିବାହ ପାଇଁ କରିଥିବା ଆବେଦନ ଅଗ୍ରାହ୍ୟ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ସେ ଆବେଦନରେ ଦର୍ଶାଇଛନ୍ତି। ବିଜୟଶଙ୍କର କଟକ ଅରୁଣୋଦୟ ମାର୍କେଟ ଅଞ୍ଚଳର ଜଣେ ମହିଳାଙ୍କୁ ବିବାହ ନିମନ୍ତେ କଟକସ୍ଥିତ ସବ୍‌ରେଜିଷ୍ଟ୍ରାର ଅଫିସରେ ଆବେଦନ କରିଥିବା ଜଣାପଡ଼ିବା ପରେ ସୋମାଲିକା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଆସନ୍ତା ୨୧ ତାରିଖକୁ ବିବାହ ନିମନ୍ତେ ସମୟ ଧାର୍ଯ୍ୟ ହୋଇଥିବାରୁ ସୋମାଲିକା ସବ୍‌ରେଜିଷ୍ଟ୍ରାରଙ୍କୁ ଭେଟି ବିଜୟଶଙ୍କରଙ୍କ ବିବାହ ଆବେଦନକୁ ରଦ୍ଦ କରିବାକୁ ଦାବି କରିଥିଲେ। ଅପରପକ୍ଷରେ ବିବାହ ତାରିଖ ନିକଟତର ହେଉଥିବାବେଳେ ବିଜୟଶଙ୍କରଙ୍କ ବିବାହ ଆବେଦନ ବନ୍ଦ କରାଯିବା ନେଇ କୌଣସି ସୂଚନା ମିଳୁନାହିଁ। ଫଳରେ ସୋମାଲିକା ତ୍ୱରିତ ନ୍ୟାୟ ପାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ବିବାହକୁ ବେଆଇନ ଦର୍ଶାଇବା ସହ ଅନୁମତି ପ୍ରଦାନ ନ କରିବା ନିମନ୍ତେ ସୋମାଲିକା ହାଇକୋର୍ଟରେ ଆବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ବିଜୟଶଙ୍କରଙ୍କ ସୋମାଲିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିଲେ। ଉଭୟ ପରିବାର ମଧ୍ୟରେ କଥା ଆଗେଇଥିଲା। ଏପରି କି ଜଗତ୍‌ସିଂହପୁର ସବ୍‌ରେଜିଷ୍ଟ୍ରାରଙ୍କ ପାଖରେ ମଧବିବାହପାଇଁଆବେଦନକରାଯାଇଥିଲା। ହେଲେ ବିବାହ ତାରିଖ ଦିନ ବିଜୟଶଙ୍କର ଜଗତସିଂହପୁର ସବ୍‌ରେଜିଷ୍ଟ୍ରାର ଅଫିସ୍‌କୁ ଯାଇ ନ ଥିଲେ। ସୋମାଲିକା ଏ ବାବଦରେ ପ୍ରଥମେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିବା ପରେ ବିଜୟଶଙ୍କରଙ୍କ ନାମରେ ମାମଲା ରୁଜୁ ହୋଇଥିଲା।



ନବପତ୍ରିକା ଅବସରରେ କନକପୁର ଝଙ୍କଡସ୍ଥିତ ମା'ଶାରଳାଙ୍କ ବିଜେ ପ୍ରତିମାକୁ ସେବାୟତ ଓ ଭକ୍ତମାନେ ପୀଠରୁ ଗୋପାଳଙ୍କ ଗୋଠ ପର୍ଯ୍ୟନ୍ତ ମଙ୍ଗଳବାର ଦାଣ୍ଡଯାତ୍ରାରେ ନେଉଛନ୍ତି।

# ବାଲିକୁଦା ଭାଜପାର ମିଶ୍ରଣ ପର୍ବ କାର୍ଯ୍ୟକର୍ତ୍ତା ସମ୍ମିଳନୀ

## ଯୋଗଦେଲେନି ରାଜ୍ୟ ସଭାପତି

ବାଲିକୁଦା, ୧୭।୧୦(ତାପସ ସ୍ୱାଇଁ)

ବାଲିକୁଦା ଭାଜପା ପକ୍ଷରୁ ମଙ୍ଗଳବାର ଏକ ମିଶ୍ରଣ ପର୍ବ ସମେତ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ଯୁବ ଭାଜପା ନେତା ସତ୍ୟ ସାରଥି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ରାଜ୍ୟ ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ଯତିନ ମହାନ୍ତି, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ନୃସିଂହ ସାହୁ, ଜିଲା କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା, ଜିଲା କୃଷକ ମୋର୍ଚ୍ଚା ସଭାପତି ତପନ ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ହେଲେ ଏହି ସମ୍ମିଳନୀରେ ଯୋଗଦେବାକୁ ଥିବା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ବାଲିକୁଦାର ବହୁ ନେତା ଓ କର୍ମୀଙ୍କୁ ଏଠାରେ ଦେଖିବାକୁ ମିଳି ନଥିଲା । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ସମ୍ପଦ ସ୍ୱାଇଁ, ରାଜକିଶୋର ବେହେରା, ରାଜ୍ୟ ଏସ୍‌ସି ମୋର୍ଚ୍ଚା ଉପ ସଭାନେତ୍ରୀ ସ୍ମିତା ପ୍ରଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶିବବ୍ରତ ଦାସ ପ୍ରମୁଖ ଏହି ସମ୍ମିଳନୀରେ ଅନୁପସ୍ଥିତ ଥିଲେ। ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବହୁ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ବରାଳ, ଜଗନ୍ନାଥ ସ୍ୱାଇଁ, କ୍ଷୀରୋଦ ପରିଡ଼ା, ସୁବୋଧ ବାରିକ, ଟୁକୁନା ରାଉତ, ଦିଲୀପ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଉପସଭାପତି ମୋହିତ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ମହିଳା ମୋର୍ଚ୍ଚା ସଦସ୍ୟା ଅମିତା ଦାସ ଧନ୍ୟବାଦ ଦେଇଥିଲେ। ରାଜ୍ୟ ସଭାପତି ଓ ବାଲିକୁଦାର ବହୁ ନେତୃମଣ୍ଡଳୀ କାର୍ଯ୍ୟକ୍ରମରେ ଯୋଗ ନ ଦେବା ସମ୍ପର୍କରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଓ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶିବବ୍ରତ କହିଛନ୍ତି, ଏହି କାର୍ଯ୍ୟକ୍ରମ ପାଇଁ କୋର କମିଟି ବୈଠକରେ କୌଣସି ନିଷ୍ପତ୍ତି ହୋଇ ନ ଥିଲା। ଏସମ୍ପର୍କରେ ସତ୍ୟ ସାରଥି କହିଛନ୍ତି, ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସେ କେଉଁ କାରଣରୁ ଏଥିରେ ଯୋଗଦେଇ ନ ଥିଲେ ସେ ସମ୍ପର୍କରେ କିଛି କହିପାରିବେ ନାହିଁ।




ମିଶ୍ରଣ ପର୍ବରେ ଯୋଗଦେଇଥିବା ଭାଜପା ନେତୃମଣ୍ଡଳୀ।

# ଗଜଲକ୍ଷ୍ମୀ ଭସାଣିରେ ସାମିଲ ହେବେ ୪୮ ମେଢ଼

କେନ୍ଦ୍ରାପଡ଼ା, ୧୭।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଆସନ୍ତା ୨୮ରୁ ଆରମ୍ଭ ହେବ। ସହର ମଧ୍ୟରେ ଥିବା ମୋଟ ୬୮ଟି ମଣ୍ଡପ ମଧ୍ୟରୁ ୪୮ଟି ମେଢ଼ ଭସାଣିରେ ସାମିଲ ହେବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଟାଉନ ହଲଠାରେ ଏଥିପାଇଁ ଏକ ବୈଠକ ମଙ୍ଗଳବାର ଆୟୋଜିତ ହୋଇ ୨ ପାର୍ଶ୍ୱକୁ ଯାଉଥିବା ମେଢ଼ର ଲଟେରି ମାଧ୍ୟମରେ କ୍ରମାନ୍ୱୟ ସ୍ଥିର କରାଯାଇଛି। ପୁରୁଣା ବସ୍‌ଷ୍ଟାଣ୍ଡ ମେଳଣ ପଡିଆରୁ ନୂଆ ବସଷ୍ଟାଣ୍ଡ ଆଡକୁ ମେଳଣ ପଡିଆ ପ୍ରଥମେ ଛାଡିବା ପାଇଁ ମା' ଥାନପତି କ୍ଲବ ସ୍ଥିର ହୋଇଛି। ପରେ କାକଟ ମଙ୍ଗଳା, ପୌର କାର୍ଯ୍ୟାଳୟ, ଗରାପୁର, ଲ' କଲେଜ, ବଡହାଟ, ଲକରୋଡ, ମହିପାଳ, ବଡହାଟ, ବଣିଆସାହି, ଗଣାମାହାଲ, ବଳଗଣ୍ଡି, ମାଛ ମାର୍କେଟ, ମୀରପାଟଣା, ମଡ଼ିଆଲ, କାକଟ, ଗୁଲନଗର, କାକଟ, ଖଡିଅଙ୍ଗ, ମାଧପୁର, ବଣିଆମାଳ, ଚାଟରାପାଟଣା, ବାସୁଲେଇ ଓ କଜଳା ପୂଜା କମିଟିର ମେଢ଼ ବିସର୍ଜନ ପାଇଁ ମେଳଣ ପଡିଆ କ୍ରମାନ୍ୱୟରେ ଛାଡିବେ। ସେହିପରି ପୁରୁଣା ବସଷ୍ଟାଣ୍ଡଠାରୁ କେଶପୁର ପାର୍ଶ୍ୱକୁ ପ୍ରଥମେ ବ୍ୟାସ ସରୋବର ପୂଜା କମିଟିର ମେଢ଼ ବିସର୍ଜନ ପାଇଁ ମେଳଣ ପଡିଆରୁ ପ୍ରତ୍ୟାବର୍ତ୍ତନ କରିବ। ଏହାପରେ କ୍ରମାନ୍ୱୟରେ ତଳବାରଙ୍ଗ, ସାନ୍ତସାହି, ନସଡିପୁର, ସୁନ୍ଦରାପାଳ, ଏକଣାଖଣ୍ଡି, କନିଆଜୋର, ଜଇପୁରା, ଭଗେଶ୍ୱରପୁର, ଟାଉନ ବଳରାମପୁର, ଗୋପ, ମନକରପୁର, କେଶପୁର, ଅଯୋଦ୍ଧାନଗର, ଟାଉନ ବଳରାମପୁର, ମନକରପୁର, ସୁନାଇଲୋ, ସାନମଙ୍ଗଳା, ଟାଉନ ବଳରାମପୁର, ବଡମଙ୍ଗଳା ଓ ନସଡିପୁର ଦେବୀଦେବଙ୍କ ମେଢ଼ ଭସାଣି ଉତ୍ସବରେ ସାମିଲ ହେବେ। ଏହି ବୈଠକରେ ପ୍ରଶାସନିକ ଅଧିକାରୀ ଓ ପୂଜା କମିଟି କର୍ମକର୍ତ୍ତା ସାମିଲ ହୋଇଥିଲେ।



ବୈଠକରେ ଯୋଗ ଦେଇଥିବା ପୂଜା କମିଟିର କର୍ମକର୍ତ୍ତାମାନେ।

## ତେଜସ୍ୱିନୀଙ୍କୁ ମିଳିଲା ବିଏସ୍‌କେୱାଇ ସହାୟତା

### ଏମ୍ସରେ ହେଉଛି ସୁପର ସ୍ପେସିଆଲିଷ୍ଟ ଚିକିତ୍ସା

ଭୁବନେଶ୍ୱର, ୧୭।୧୦(ଅସମାପିକା ସାହୁ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ପଡ଼ା ଗ୍ରାମ ନିବାସୀ ବିଭୁଦେନ୍ଦ୍ର ପ୍ରତାପ ଦାସଙ୍କ ଶିଶୁକନ୍ୟା ତେଜସ୍ୱିନୀଙ୍କୁ ବିଏସ୍‌କେୱାଇ ସହାୟତା ମିଳିଛି। ଏଥିସହ ତେଜସ୍ୱିନୀଙ୍କ ଭୁବନେଶ୍ୱର ଏମ୍ସରେ ସୁପର ସ୍ପେସିଆଲିଷ୍ଟ ଚିକିତ୍ସା ଚାଲିଛି। ତେଜସ୍ୱିନୀଙ୍କ ଅସୁସ୍ଥତା ବିଷୟ ଗଣମାଧ୍ୟମରୁ ଜାଣିବା ମାତ୍ରେ ତାଙ୍କର ଚିକିତ୍ସା ସହାୟତା ପାଇଁ ରାଜ୍ୟ ବିଏସ୍‌କେୱାଇ ଟିମ୍ ପକ୍ଷରୁ କ୍ଷେତ୍ରସ୍ତରୀୟ ଚେଷ୍ଟା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ସ୍ୱତନ୍ତ୍ର ହେଲ୍‌ଥ ଟିମ୍ ସମ୍ପୃକ୍ତ ଗ୍ରାମକୁ ଯାଇ ତେଜସ୍ୱିନୀଙ୍କ ସମ୍ପର୍କୀୟ ଓ ମାତାପିତାଙ୍କ ସହ ଆଲୋଚନା କରି ଆବଶ୍ୟକ ପରାମର୍ଶ ଦେଇଛି। ସ୍ଥିତି ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ପରିବାରକୁ ୧୭୦୭୦୮୧୧୪୧୮ ନମ୍ବର କାର୍ଡରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଅନ୍ତର୍ଭୁକ୍ତ କରାଯାଇଛି। ବର୍ତ୍ତମାନ ତେଜସ୍ୱିନୀଙ୍କୁ ଏମ୍ସର ହେମାଟୋଲୋଜି ବିଭାଗରେ ଚିକିତ୍ସା ଦିଆଯାଉଛି। ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ କାର୍ଡ ମାଧ୍ୟମରେ ହସ୍ପିଟାଲକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି।

## ଛେଳିପାଳନ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ

ବିରିଡି,୧୭।୧୦(ପ୍ରଶାନ୍ତ କୁମାର ରାଉତ)

ମହିଳାମାନଙ୍କର ଆର୍ଥିକ ବିକାଶ ପାଇଁ ମିଶନଶକ୍ତି ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମିଳିତ ଉଦ୍ୟମରେ ବିରିଡି ବ୍ଲକ ମିଶନ ଶକ୍ତି ଭବନରେ ମଙ୍ଗଳବାର ଛେଳିପାଳନ ନିମନ୍ତେ ୩ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବ୍ଲକର ୧୦ଟି ଏସ୍‌ଏଚ୍‌ଜି(ସ୍ୱୟଂ ସହାୟିକା ଗୋଷ୍ଠୀ) ସଭାନେତ୍ରୀ ଓ ସମ୍ପାଦିକାମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଭିଏଏସ୍ ଡା. ମନୋରଞ୍ଜନ ନନ୍ଦ, ଅତିରିକ୍ତ ଭିଏଏସ୍ ଡା. ସୁବାସ ଜେନା ଓ ମିଶନ ଶକ୍ତି ସଂଯୋଜକ ବିଜୟ କୁମାର ରଣା ଯୋଗଦେଇ ଉପସ୍ଥିତ ୨୦ଟି ମହିଳାଙ୍କୁ ଛେଳି ପାଳନ ଉପରେ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦେଇଥିଲେ। ବିଶେଷ କରି ଛେଳିମାନଙ୍କ ନିମନ୍ତେ ଉନ୍ନତ ଗୁହାଳ, ସେମାନଙ୍କୁ ଚିକିତ୍ସା, ଖାଦ୍ୟ ପ୍ରଦାନ ସହ ଯତ୍ନ କିପରି ନିଆଯିବ ସେ ସମ୍ପର୍କରେ ଅବଗତ କରାଯାଇଥିଲା। ପ୍ରତି ଗ୍ରୁପ୍‌କୁ ରାଜ୍ୟ ସରକାର ୨ଲକ୍ଷ ୩୦ହଜାର ଟଙ୍କା ପ୍ରଦାନ କରିବା ସହ ୧ଲକ୍ଷ ୩୮ହଜାର ଟଙ୍କାର ସରକାରୀ ସହାୟତା ଯୋଗାଇ ଦେଉଛନ୍ତି । ଅବଶିଷ୍ଟ ୯୨ହଜାର ଟଙ୍କା ଏସ୍‌ଏଚଜି ନିଜ ପାର୍ଣ୍ଣିବିନିଯୋଗ କରିବାର ନିୟମ ରହିଛିନ୍ତି।ଏସଏଚ୍‌ଜି ମହିଳାମାନଙ୍କ ମଧ୍ୟରେ ସହଯୋଗିତା, ସମନ୍ୱୟରକ୍ଷା, ଆର୍ଥିବ ସ୍ୱଚ୍ଛତା ରକ୍ଷାକରି ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଅଗ୍ରସର ହେବା ପାଇଁ ସଂଯୋଜକ ରଣା ଗୁରୁତ୍ୱାରୋପ କରିଥିଲେ। ଏହି ତାଲିମ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ ବୋଲି ଭିଏଏସ୍ ଡା. ନନ୍ଦ ପ୍ରକାଶ କରିଛନ୍ତି।

# ଆଖୁଳିପଡ଼ା ପଞ୍ଚାୟତରେ ୮୭ ଲକ୍ଷ ଟଙ୍କାର ଦୁର୍ନୀତି

## ଅଭିଯୋଗ ଆଣି ଭିଜିଲାନ୍ସ ତଦନ୍ତ ଦାବିକଲା କଂଗ୍ରେସ

ରାଜକନିକା,୧୭।୧୦ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଆଖୁଳିପଡ଼ା ପଞ୍ଚାୟତରେ ୮୭ ଲକ୍ଷ ଟଙ୍କାର ଦୁର୍ନୀତି ଅଭିଯୋଗ ଆଣି କଂଗ୍ରେସ ପକ୍ଷରୁ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି। ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନା ଅର୍ଥକୁ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧି ମିଳିମିଶି ହରିଲୁଟ୍ କରିଥିବା ଅଭିଯୋଗ ହୋଇଛି। ପ୍ରାୟ ୮୭ ଲକ୍ଷ ଟଙ୍କାର ମିଥ୍ୟା ବିଲ୍ ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଏକ ଚିଠା ପ୍ରକାଶ କରାଯାଇଛି।

ଏ ସମ୍ପର୍କରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ବିଜେଡି ଶାସନରେ ପଞ୍ଚାୟତ ଅର୍ଥକୁ ମିଳିମିଶି ହରିଲୁଟ କରାଯାଉଛି। ପରିବର୍ତ୍ତନର ଆବଶ୍ୟକତା ଅଛି, ନ ହେଲେ ଲୋକମାନଙ୍କ ଅର୍ଥକୁ ସେମାନେ ଖାଇଯିବେ। ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା କହିଛନ୍ତି, ଏ ସମ୍ପର୍କରେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯୁବନେତା ବିଶ୍ୱଜିତ ତରାଇଙ୍କ ସଂଯୋଜନାରେ ଅନୁଷ୍ଠିତ କଂଗ୍ରେସ ସଭାରେ ସଭାପତି ରଞ୍ଜନ ପାଣି, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ବରୁଣାଡିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ମୁରଲୀଧର ନାୟକ, ଅନୁସୂଚିତ ସେଲ୍ ସଭାପତି ରଞ୍ଜନ ସେଠୀ, ଯୁବନେତା ସତ୍ୟବ୍ରତ ପରିଡ଼ା, ୨୯ନଂ. ଜୋନ୍ ସଭାପତି ରଙ୍ଗଲାଲ ମଲ୍ଲିକ, ସୁଶାନ୍ତ ମଳିକ, ହରେକୃଷ୍ଣ ନାୟକ, କୃତ୍ତିବାସ ଦାସ, କୈଳାସ ନାୟକ, ରତିକାନ୍ତ ନାୟକ, ଚୈତନ୍ୟ ତରାଇ, ସଞ୍ଜୀବ ସାହୁ, ଗଦାଧର ପ୍ରଧାନ, ସୌଭାଗ୍ୟ ପାତ୍ର, ମଧୁସୂଦନ ଦାସ, ରବୀନ୍ଦ୍ର ରାୟ, ରବି କରଣ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଖୁଳିପଡା ପଞ୍ଚାୟତରେ ହୋଇଥିବା ଦୁର୍ନୀତି ନେଇ ପ୍ରଚାରପତ୍ର ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହି ଦୁର୍ନୀତିରେ ସ୍ଥାନୀୟ ରାଜନେତାଙ୍କ ସମ୍ପୃକ୍ତି ଥିବା ନେଇ ଉପସ୍ଥିତ ନେତାମାନେ ମତବ୍ୟକ୍ତ କରିଥିଲେ।

# ଚାଷୀଙ୍କୁ ସାର ଚିନ୍ତା, ଚଢ଼ା ଦରରେ ବିକ୍ରି ହେଉଛି

ପଟ୍ଟାମୁଣ୍ଡାଇ,୧୭।୧୦(କଳ୍ପତରୁ ନାୟକ)



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବର୍ତ୍ତମାନ ଧାନ ଫସଲ ପାଇଁ ୟୁରିଆ, ଗ୍ରୋମୋର ଓ ଡିଏପି ସାରର ଆବଶ୍ୟକ ହେଉଛି। ପ୍ରାଥମିକ ସମବାୟ ସମିତି (ସୋସାଇଟି)ଗୁଡ଼ିକରେ ସାର ମିଳୁ ନ ଥିବା ବେଳେ ବଜାର ଡିଲରମାନଙ୍କ ପାଖରେ ଅଧିକ ପରିମାଣର ସାର ମିଳୁଛି। ଫଳରେ ଚାଷୀମାନେ ବାଧ୍ୟ ହୋଇ ଘରୋଇ ସାର ଡିଲରମାନଙ୍କଠାରୁ ଚଢ଼ା ଦରରେ ଅପମିଶ୍ରିତ ସାର କିଣି କ୍ଷତିଗ୍ରସ୍ତ ହେଉଥିବା ଓଡ଼ିଶା କୃଷକ ସଭା ପଟ୍ଟାମୁଣ୍ଡାଇ ପକ୍ଷରୁ ଅଭିଯୋଗ ହୋଇଛି।

ଓଡ଼ିଶା କୃଷକ ସଭା ଜିଲା ସମ୍ପାଦକ ବିଜୟ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ସମ୍ପାଦକ ସହଦେବ ଦାସ, ଗୁଣମଣି ବେହେରା, ଦାଶରଥି ସାହୁ, ସୁରେନ୍ଦ୍ର ପରିଡା, ପ୍ରତାପ ନାୟକ, ଲକ୍ଷ୍ମଣ ପ୍ରଧାନ, ଶିଶିର ଓଝା, ଅନ୍ତର୍ଯ୍ୟାମୀ ସ୍ୱାଇଁ, ହରେକୃଷ୍ଣ ବାରିକ, ଭୀମସେନ ବେହେରା, ରବୀନ୍ଦ୍ର ମଳିକ, ସୁଦର୍ଶନ ମଳିକ ଓ ମାନସ ବେହେରା ପ୍ରମୁଖ କହିଛନ୍ତି, ରାଜ୍ୟ ସରକାର ଯେମିତି ସୁବିଧାରେ ଚାଷୀମାନେ ସାର ପାଇବେ ସେଥିପାଇଁ ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି। ହେଲେ ସାରର ଚାହିଦାକୁ ଦେଖି ଦଲାଲମାନେ ସକ୍ରିୟ ହେବା ସହ ଚଢ଼ା ଦାମ୍‌ରେ ବିକ୍ରି କରୁଛନ୍ତି। ଚାଷ ତରତର ବଣିଜ ମଠ ଉକ୍ତିକୁ ନେଇ ଚାଷୀ ଏବେ ସାର ପାଇଁ ବ୍ୟାକୁଳ ହେଉଥିବା ବେଳେ ସାର ବ୍ୟବସାୟୀମାନେ ଚାଷୀଙ୍କୁ ଠକି ଚାଲିଛନ୍ତି। ସରକାରୀ ପଞ୍ଜୀକୃତ ଡିଲର ସାର ନ ବିକି ଲୁଚାଛପାରେ ଗାଁ ଗହଳି ଦୋକାନରେ ୨ ଗୁଣା ଦାମ୍‌ରେ ସାର ବିକ୍ରି ହେଉଛି। ଚାଷୀ ଚଢ଼ା ଦରରେ ସାର କିଣି ଶୋଷଣର ଶିକାର ହେଉଛନ୍ତି। ସେପଟେ ସୋସାଇଟି କହୁଛି ସାର ନାହିଁ। ଏଭଳି ସ୍ଥିତିରେ ଚାଷୀ ବା ଆଉ କ'ଣ କରିବ। ବାଧ୍ୟ ହୋଇ ବାହାର ବଜାରରୁ ମିଳୁଥିବା ସାରକୁ ଚଢ଼ା ଦାମରେ କିଣୁଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ ସୋସାଇଟିର ଗୋଦାମ ଅଛି, ହେଲେ ଭିତର ଖାଲି। ସାରର ଏଭଳି ସଙ୍କଟଜନକ ସ୍ଥିତିରେ ଚାଷୀ ଗତି କରୁଛି। ୟୁରିଆ ସାର କିଣିବାକୁ ଗଲେ ଦୋକାନୀ ଅନ୍ୟ ୟୁରିଆ ସାର ସହ ଏକ ଫର୍ଟିଫାଏଡ୍ ସାର ପ୍ୟାକେଟ୍ ନେବାକୁ ବାଧ୍ୟ କରୁଛନ୍ତି। ସାର ଦୋକାନୀମାନେ ନିଜର ମନମାନି କରୁଛନ୍ତି। ଏଭଳିସ୍ଥିତିରେ ସୋସାଇଟି ସମ୍ପାଦକ ବି ହାତ ଟେକି ଦେଉଛନ୍ତି। ଚାଷୀମାନଙ୍କ ଆବଶ୍ୟକ ସମୟରେ ସୋସାଇଟିକୁ ସାର ଯୋଗାଣ ହୋଇନାହିଁ। ବର୍ତ୍ତମାନ ଯେଉଁ କେତେଗୋଟି ସୋସାଇଟି ସାର ଉଠାଇ ଥିଲେ ସେଥିରୁ ଅଧିକାଂଶ ସ୍ଥାନରେ ସାର ସରି ଗଲାଣି। ସେମାନେ ମଧ ରିସ୍କ ନେଇ ଆଉ ସାର ଆଣିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରି ସ୍ଥଳେ ୟୁରିଆ ସାରର ମୂଲ୍ୟ ୨୬୬ ଟଙ୍କା ଧାର୍ଯ୍ୟ ଥିବାବେଳେ ୫୨୦ ଟଙ୍କାରେ ଦୋକାନୀମାନେ ବିକ୍ରି କରୁଛନ୍ତି। ସେହିପରି ଗ୍ରୋମୋର ସାର ୧୭୫୦ ଏବଂ ଡିଏପି ୧୬୫୦ ଟଙ୍କାରେ ଘରୋଇ ଦୋକାନୀମାନେ ଚାଷୀଙ୍କୁ ବିକ୍ରି କରୁଛନ୍ତି। ତାହା ପୁଣି ବ୍ୟାପକ ଅପମିଶ୍ରିତ କଳାବଜାର ସାର ବିକ୍ରି ହେଉଛି। ଏଣୁ ସମସ୍ତ ଚାଷୀଙ୍କୁ ସରକାରୀ ଦରରେ ସାର ଯୋଗାଇବା ସହ ଏହାର କଳାବଜାର ଓ ଅପମିଶ୍ରିତ ରୋକିବାକୁ କେନ୍ଦ୍ରାପଡ଼ା ଜିଲା ଓଡ଼ିଶା କୃଷକ ସଭା ପକ୍ଷରୁ ଦାବି କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ଶରତ କୁମାର ନାୟକଙ୍କୁ ଯୋଗାଯୋଗ କରିବାରେ ଆମର ୨ ଜଣ ଫର୍ଟିଲାଇଜର ଇନ୍ସପେକ୍ଟର ନିଯୁକ୍ତ ହୋଇଛନ୍ତି। ସେମାନଙ୍କୁ ଏହାର ଅନୁଧ୍ୟାନ କରିବା ପାଇଁ ପଠାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୮ ଅକ୍ଟୋବର, ୨୦୨୩

## ଗୋରୁ ବୋଝେଇ ଗାଡ଼ି ଜବତ

ତ୍ରପୁର(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)-ଚମାଖଣ୍ଡି ଥାନା ଅନ୍ତର୍ଗତ ଜଗନ୍ନାଥପୁର ରେଲୱେ ଗେଟ ନିକଟରୁ ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ ଜବତ ହୋଇଛି। ସେଥିରୁ ୧୧ରୁ ଊର୍ଦ୍ଧ୍ୱ ଗାଈ ଉଦ୍ଧାର କରାଯାଇଥିବା ବେଳେ ଗାଡି ଚାଳକ ଫେରାର ହୋଇଯାଇଛନ୍ତି। ସୋମବାର ମଧ୍ୟ ରାତିରେ ଆନ୍ଧ୍ର ଅଭିମୁଖେ ଯାଉଥିବା ୨ଟି ଗୋରୁ ବୋଝେଇ ପିକଅପ ଭ୍ୟାନକୁ ଗୁରୁଣ୍ଡି ଗ୍ରାମର କେତେଜଣ ଯୁବକ ପିଛା କରିଥିଲେ। ଗୋଟିଏ ଗାଡି ଖସି ପଳାଇଥିବା ବେଳେ ରେଳ ଫାଟକ ପଡିଯିବାରୁ ଅନ୍ୟଟି ଯାଇପାରି ନ ଥିଲା। ଯୁବକମାନେ ଗାଡିଟି ଅଟକାଇ ପୋଲିସକୁ ଖବର ଦେଇଥିଲେ। ଚମାଖଣ୍ଡି ଥାନା ପୋଲିସ ପହଞ୍ଚି ଗାଡି ଜବତ କରିଛି।



### ସଂକ୍ଷେପରେ

## ନବରାତ୍ର ପୂଜା ପାଇଁ ଉତ୍ସବମୁଖର ଅଗସ୍ତିନୂଆଗାଁ

ଛତ୍ରପୁର,୧୭।୧୦(ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ଗ୍ରାମର କଲ୍ୟାଣୀ ଯୁବକ ସଂଘ ଦ୍ୱାରା ନିଜସ୍ୱ ମଣ୍ଡପରେ ରବିବାରଠାରୁ ମା' ଦୁର୍ଗାଙ୍କ ନବରାତ୍ର ପୂଜା ଆରମ୍ଭ ହୋଇଛି। ୨୦୦୫ରୁ ସଂଘ ଏହି ପୂଜା କରି ଆସୁଛି। ନବରାତ୍ର ପୂଜା ପାଇଁ ସମଗ୍ର ଅଗସ୍ତିନୂଆଗାଁ ଗ୍ରାମ ଉତ୍ସବମୁଖର ହୋଇଛି । ପ୍ରତ୍ୟେକ ଦିନ ମା'ଙ୍କ ବେଶ, ସନ୍ଧ୍ୟା ଆଳତି, ଚଣ୍ଡୀପାଠ, ମହାପୂଜା ,ବାହ୍ୟ କୁମ୍ଭ ପୂଜା, ହୋମ ଆଦି ପାରମ୍ପରିକ ରୀତିନୀତି ଅନୁସାରେ ହେବ ବୋଲି ସଂଘ ତରଫରୁ ସୂଚନା ମିଳିଛି । ମଙ୍ଗଳବାର ଶୈଳପୁତ୍ରୀ ବେଶ ହୋଇଛି। ମଧ୍ୟାହ୍ନରେ ଋଷିକୂଲ୍ୟା ନଦୀରୁ କଳସ ଯାତ୍ରା କରି ତେଲୁଗୁନୂଆଗାଁ ସ୍ଥିତ ଅଗସ୍ତିଶ୍ୱର ମନ୍ଦିର ପରିସରରୁ ବିଲ୍ୱବରଣ କରି ପୂଜା ଆରମ୍ଭ କରାଯାଇଛି । ପଣ୍ଡିତ ମନୋରଞ୍ଜନ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ପୂଜା ସମ୍ପାଦନ ହେଉଛି। ଅଶୋକ ନାହାକ କର୍ତ୍ତା ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଯୁବକ ସଂଘ ସଦସ୍ୟ ଜୟସେନ ନାହାକ, ବିଭୂତିଭୂଷଣ ବେହେରା, ଦୀପକ ସ୍ୱାଇଁ, ସଞ୍ଜୟ ପଣ୍ଡା, ପଙ୍କଜ ପଲାଇ, ନବ ସ୍ୱାଇଁ, ଅଭିନାଶ ନାହାକ, ଆଲୋକ ଗୌଡ଼, ସମୀର ତରାଇ, ତୋଫାନ ସ୍ୱାଇଁ, ମନୋରଞ୍ଜନ ଜେନା, ସପନ ମହାରଣା, ଆଦିତ୍ୟ ନାହାକ, ସିବା ସ୍ୱାଇଁ, ଶ୍ରୀନୁ ଗୌଡ଼, ବାବୁଲା ପଲେଇ ପ୍ରମୁଖ ସହଯୋଗ କରୁଛନ୍ତି।

## ରଶ୍ମିପ୍ରିୟାଙ୍କ ଚିକିତ୍ସା ପାଇଁ ସହାୟତା କଲେ ତହସିଲଦାର

ବାଲିଗୁଡା,୧୭।୧୦(ସଞ୍ଜୟ କୁମାର ପାଣିଗ୍ରାହୀ):

ପୀଡ଼ିତାଙ୍କ ଚିକିତ୍ସା ପାଇଁ ୧୦ ହଜାର ଟଙ୍କା ସହାୟତା କରିଛନ୍ତି ବାଲିଗୁଡା ତହସିଲଦାର ଡ.ବିଜୟ କୁମାର ସେଠୀ। କନ୍ଧମାଳ ଜିଲା ବାଲିଗୁଡା ଅନ୍ତର୍ଗତ ବାରଖମା ଗ୍ରାମ ନିବାସୀ ଦିସାରା ନାୟକଙ୍କ ଝିଅ ରଶ୍ମିପ୍ରିୟା ତିନିମାସ ତଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ବହୁବାର ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିନଥିଲା। ଦିସାରା ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଲା। ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିଲେ ମଧ୍ୟ ଭୁବନେଶ୍ୱର ଯାଇ ଡାକ୍ତର ଦେଖାଇବାକୁ ତାଙ୍କ ପାଖରେ ପଇସାଟିଏ ନାହିଁ। ରଶ୍ମିପ୍ରିୟା ଦିନକୁ ଦିନ ଅସୁସ୍ଥ ହେଉଥିବା ଦେଖି ବାରଖମା ଅଞ୍ଚଳର ସାମାଜିକକର୍ମୀ ପରମାନନ୍ଦ ବାଲିଗୁଡା ଉପଜିଲାପାଳ ଏମ.ଏସ. ମଧୁମିତା, ତହସିଲଦାର ବିଜୟ କୁମାର ସେଠୀ ଏବଂ ବାରଖମା ଆରଆଇ କାର୍ତ୍ତିକ ବେହେରାଙ୍କୁ ଜରୁରୀକାଳୀନ ପାଣ୍ଠିରୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ତହସିଲଦାର ଉକ୍ତ ପରିବାରକୁ ମଙ୍ଗଳବାର ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ

ଚାନ୍ଦିପୁଟ,୧୭।୧୦(କେ ପ୍ରମୋଦ କୁମାର ଦୋରା)

ଇନ୍ଦିରା ସ୍ମୃତି ମହାବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ +୩ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଗତ ୧୦ ଠାରୁ ୧୭ ତାରିଖ ଯାଏ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେରମ୍, ଚେସ୍, ଭଲିବଲ୍, କବାଡ଼ି, କ୍ରିକେଟ୍, ହାଇଜମ୍ପ, ଲଙ୍ଗଜମ୍ପ, ଜାଭଲିନ ଥ୍ରୋ, ସଟ ପୁଟ୍, ରନିଙ୍ଗ, ଡିସଖସ୍ ଥ୍ରୋ ପ୍ରମୁଖ କ୍ରୀଡ଼ା ହୋଇଥିଲା। ଏବଂ ନୃତ୍ୟ, ଗୀତ, ବକ୍ତୃତା, ଚିତ୍ର କଳା, ରଚନା ଓ ପତ୍ର ଲିଖନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ନାରାୟଣ ବଳିଆରସିଂହ, ରାହୁଲ ନାୟକ, ରଞ୍ଜନ କୁମାର ରଇତ, କୃଷ୍ଣ ଚନ୍ଦ୍ର ପୂଜାରୀ, ଏବଂ ଅଧ୍ୟାପିକା ଏସ ସନ୍ଧ୍ୟାରାଣି ଦୋରା, ବିଷ୍ଣୁପ୍ରିୟା ଶବର, ପ୍ରିୟଦର୍ଶିନୀ ରେଡି ଏବଂ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପରିଶେଷରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଶିଡିରୁ ଖସିପଡି ବୃଦ୍ଧ ମୃତ

ଦିଗପହଣ୍ଡି,୧୭।୧୦(ଅଶେଷ ନାଥ ମିଶ୍ର)

ଛାତ ଉପରୁ ଶିଡିରେ ଆସୁଥିବା ବେଳେ ଖସିପଡି ଜଣେ ୬୬ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ସହର କରଣ ସାହିର ଭାସ୍କର ଗୌଡ । ସୋମବାର ମଧ୍ୟରାତ୍ର ସମୟରେ ଏହି ଘଟଣା ଘଟିଛି। ଶିଡିରୁ ଖସିପଡି ଗୁରୁତର ହେବା ପରେ ଭାସ୍କରଙ୍କୁ ତୁରନ୍ତ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଭାସ୍କରଙ୍କ ମୃତ୍ୟୁ ଘଟିଛି। ରାତିରେ ଗରମରୁ ରକ୍ଷା ପାଇବା ପାଇଁ ଛାତ ଉପରକୁ ଯାଇଥିଲେ। ମଧ୍ୟରାତ୍ରରେ ଶିଡିରୁ ତଳକୁ ଆସୁଥିବା ସମୟରେ କୌଣସି କାରଣ ବଶତଃ ଗୋଡ ଖସି ଗୁରୁତର ହୋଇଛନ୍ତି।

# ଆଇଆରଇଏଲ୍ କମ୍ପାନୀ ଫାଟକ ସମ୍ମୁଖରେ ଧାରଣା

## ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦାବି

ଛତ୍ରପୁର,୧୭।୧୦
(ଦିଲୀପ ସାମଲ/ସନ୍ତୋଷ ପାଢୀ):



ଛତ୍ରପୁର ଉପକଣ୍ଠ ମାଟିଖାଲସ୍ଥିତ ଭାରତୀୟ ବିରଳ ମୃତ୍ତିକା (ଆଇଆରଇଏଲ) କମ୍ପାନୀର କର୍ମଚାରୀଙ୍କ ମୃତ୍ୟୁ ପରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ଥଇଥାନ ଯୋଜନାରେ ନିଯୁକ୍ତି ଦେବାରେ ଅହେତୁକ ବିଳମ୍ବ ଯୋଗୁଁ ମୃତକ ପରିବାର ସଦସ୍ୟମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କୁ ନିଯୁକ୍ତି ଦାବି ନେଇ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ମଙ୍ଗଳବାର ଧାରଣାରେ ବସିଛନ୍ତି। ମୃତକଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ପୂର୍ବରୁ ବହୁବାର ଆନ୍ଦୋଳନ କରାଯାଇଥିଲା। ଏହା ସହିତ କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ, ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଅବଗତ କାରଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ଏହା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ମୃତକଙ୍କ ପରିବାର ବର୍ଗ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ନିଯୁକ୍ତି ପ୍ରଦାନ ଦେବା ନିମନ୍ତେ ବିଭିନ୍ନ ନିୟମାବଳୀ ରହିଥିଲେ ସୁଦ୍ଧା କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ନିଯୁକ୍ତି ଦେବାରେ କାହିଁକି ବିଳମ୍ବ କରୁଛନ୍ତି । ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ମଧ୍ୟ ଆନ୍ଦୋଳନକାରୀମାନେ କହିଛନ୍ତି। ସେମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ଶ୍ରମିକନେତା ଅଜୟ କୁମାର ଚୌଧୁରୀ, ଛତ୍ରପୁର ଏନଏସିର ପୂର୍ବତନ ନଗରପାଳ ତଥା ଆଇନଜୀବୀ ରାମଚନ୍ଦ୍ର ବେହେରା, ନାରୀନେତ୍ରୀ ନିଳାଦ୍ରୀ ପ୍ରଧାନ ଓ ଇଲୁ ଆମିନ ଖାନ ପ୍ରମୁଖ ଧାରଣାରେ ସାମିଲ ହୋଇ ମୃତକଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଦାବି କରିଥିଲେ। ଏହି ଧାରଣାରେ ତପନ କୁମାର ପାତ୍ର, ଜିତୁ ରଣସିଂହ, ରଞ୍ଜିତ କୁମାର ବେହେରା, ମହମ୍ମଦ ନାସିରମୁଦିନ, ଅବନୀକାନ୍ତ ସାହୁ, ବାହିନୀପତି ବେହେରା, ବିନିତା କାଣ୍ଡରେଗା, ପ୍ରମିତା ପ୍ରଧାନଙ୍କ ସମେତ ବହୁ ମୃତକଙ୍କ ପରିବାରର ସଦସ୍ୟ ଉପସ୍ଥିତ ଥିଲେ।

## ଶିଶୁକନ୍ୟାକୁ ହତ୍ୟାକଲେ ମା'

କ.ନୂଆଗାଁ/ବାଲିଗୁଡ଼ା,୧୭।୧୦ (କାଳୀ ପ୍ରସାଦ ତ୍ରିପାଠୀ/ସଞ୍ଜୟ କୁମାର ପାଣିଗ୍ରାହୀ):

ଜଣେ ମା' ନିଜର ୪ ବର୍ଷର ଶିଶୁକନ୍ୟାକୁ ହତ୍ୟା କରି ଜଙ୍ଗଲରେ ପୋତିଦେଇଛନ୍ତି। କନ୍ଧମାଳ ଜିଲା ସାରଙ୍ଗଡ ଥାନା ଅନ୍ତର୍ଗତ ଗୁଟିଙ୍ଗିଆ ଗ୍ରାମରେ ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି । ସାରଙ୍ଗଡ ପୋଲିସ ମଙ୍ଗଳବାର ମାଟିତଳୁ ଶିଶୁର ମୃତଦେହ ବାହାର କରି ହତ୍ୟାକରୀ ମା'ଙ୍କୁ ଗିରଫ କରିଛି। ସେ ହେଲେ ଗୁଟିଙ୍ଗିଆ ଗ୍ରାମର ରାକେଶ ଦଣ୍ଡିଆଙ୍କ ସ୍ତ୍ରୀ ପଦ୍ମିନୀ। ତାଙ୍କର ମାନସିକ ସ୍ଥିତି ଠିକ୍ ନଥିଲା ବୋଲି ପ୍ରାଥମିକ ତଦନ୍ତ ପରେ ପୋଲିସ କହିଛି।

ଗୁଟିଙ୍ଗିଆ ଗ୍ରାମର ରାକେଶ ଦଣ୍ଡିଆ ୫ ବର୍ଷ ପୂର୍ବେ ସେହି ଗାଁର ପଦ୍ମିନୀ ଦଣ୍ଡିଆଙ୍କୁ ବିବାହ କରିଥିଲେ। ସେମାନଙ୍କ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ଝିଅ ସୁରେଖା ସହ ଦମ୍ପତିଙ୍କ ସଂସାର ବେଶ ଖୁସିରେ ଚାଲିଥିଲା। ପରେ କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିପାଇଁ ପଦ୍ମିନୀ ସ୍ୱାମୀଙ୍କୁ ଛାଡ଼ି ୪ ବର୍ଷ ହେବ ଝିଅ ସହିତ ଅଲଗା ରହୁଥିଲେ। ଗତ ଶନିବାର କୌଣସି କାରଣରୁ ପଦ୍ମିନୀ ସୁରେଖାଙ୍କୁ ହତ୍ୟା କରି ଗାଁ ନିକଟସ୍ଥ ବାଡ୍ରିମୁଣ୍ଡା ଜଙ୍ଗଲରେ ପୋତିଦେଇଥିଲେ। ଶନିବାର ନିଜ ନାତୁଣୀ ନିଖୋଜ ହୋଇଥିବା ନେଇ ଅଜା ବିପିନି ବେହେରା ସାରଙ୍ଗଗଡ଼ ଥାନାରେ ଏତଲା ଦେଇଥିଲେ। ପୋଲିସ ଖୋଜାଖୋଜି ଚଳାଇଥିବା ବେଳେ ମଙ୍ଗଳବାର ବାଡ୍ରିମୁଣ୍ଡା ଜଙ୍ଗଲରୁ ମାଟିତଳୁ ସୁରେଖାଙ୍କ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ପଠେଇଛି। ଏ ନେଇ ପୋଲିସ ନଂ. ୧୨୬/୨୩ରେ ମାମଲା ରୁଜୁ କରିଛି। ଘଟଣାସ୍ଥଳକୁ ସାଇଣ୍ଟିଫିକ ଟିମ୍ ଯାଇ ତଦନ୍ତ ଚଳାଇଛି।

## ବେଟି ବଚାଓ ବେଟି ପଢ଼ାଓ କର୍ମଶାଳା

ଛତ୍ରପୁର,୧୭।୧୦
(ଦିଲ୍ଲୀପ ସାମଲ/ସନ୍ତୋଷ ପାଢୀ):

ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ଜିଲା ସମଗ୍ର ଶିକ୍ଷାର ସମିଳନୀ କକ୍ଷରେ ଆଇସିଡିଏସ କ୍ଷେତ୍ର ପରିଦର୍ଶିକା ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ନେଇ 'ବେଟି ବଚାଓ ବେଟି ପଢ଼ାଓ' ଉପରେ ଏକ କର୍ମଶାଳା ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ସରଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଆବେଦା ପରବିନ ଯୋଗଦେଇ ଝିଅ ପୁଅମାନଙ୍କ ଉପରେ ହେଉଥିବା ଅସମାନତା ଉପରେ ଆଲୋଚନା କରିଥିଲେ। ପୁଅମାନଙ୍କୁ ପ୍ରଥମେ ସଚେତନ ହେବାକୁ ପଡିବ, ପୁଅମାନେ ସଚେତନ ହେଇପାରିଲେ ସେମାନେ ଝିଅମାନଙ୍କୁ ଉଚିତ ସମ୍ମାନ ଦେଇପାରିବେ ବୋଲି କହିଥିଲେ। ଏହା ସହ ଏବେବି ଲୁଚା ଛପାରେ ଲିଙ୍ଗ ନିରୂପଣ କରାଯାଉଛି। ଏହାକୁ ରୋକିବାକୁ ହେବ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗ ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପଦକ୍ଷେପମାନ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଏଡିଏମଓ ହରପ୍ରସାଦ ପଣ୍ଡା, ବିଭୁପ୍ରସାଦ ସାମନ୍ତ ଓ କୋର୍ଡିନେଟର ଜ୍ୟୋତି ପ୍ରକାଶ ରଥ ଯୋଗଦେଇ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ତାଲିମଦାତା ଅମୀୟ କୁମାର ତ୍ରିପାଠୀ ଓ ଦେବବ୍ରତ ମାହାନ୍ତ ଯୋଗଦେଇ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ବିଭାଗର ସୁଶାନ୍ତ କୁମାର ସାହୁ ପରିଚାଳନା କରିଥିବା ବେଳେ ସୁଦାମ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଉକ୍ତ ବୈଠକରେ ଜିଲା ଶିଶୁ ସୁରକ୍ଷା ବିଭାଗର କର୍ମଚାରୀ ଶିବ ରଥ ଓ ସୁଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ନିର୍ମାଣ ଦାବିରେ ବ୍ଲକ ଘେରାଉ

ମୋହନା,୧୭।୧୦(ମନ୍ମଥ ମିଶ୍ର)




ଗ୍ରାମବାସୀଙ୍କ ଶୋଭାଯାତ୍ରା ।

ରାସ୍ତା ନିର୍ମାଣ ଦାବିରେ ଗଜପତି ଜିଲା ମୋହନା ବ୍ଲକର ୪ ପଞ୍ଚାୟତବାସୀ ମଙ୍ଗଳବାର ବ୍ଲକ ଓ ଆର୍‌ଡି ଅଫିସ ଘେରାଉ କରିଛନ୍ତି । ମୋହନା ବ୍ଲକ୍‌ର ବଡସିନ୍ଧବା, ଅନ୍ତରବା, ଯୁବ ଓ କର୍ଚ୍ଚବାଡି ପଞ୍ଚାୟତବାସୀ ସ୍ଥାନୀୟ ହାଇସ୍କୁଲ ପଡ଼ିଆରୁ ଏକ ଶୋଭାଯାତ୍ରରେ ବାହାରି ପ୍ରଥମେ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ପହଞ୍ଚି ଧାରଣା ଦେଇଥିଲେ। ରାସ୍ତା ନିର୍ମାଣ ପାଇଁ ଏକ ଦାବିପତ୍ର ନିର୍ବାହୀ ଅଧିକାରୀ ଉମା ଶଙ୍କର ମଲିକଙ୍କୁ ପ୍ରଦାନ କରିଥିଲେ। ଏହା ପରେ ବ୍ଲକ କାର୍ଯ୍ୟାଳୟରେ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ । ରାକେଶପଙ୍କା ଠାରୁ ରାମଗଡ଼ ଦେଇ ଗୁରିଗୁଡ଼ା ଓ ଦେଙ୍ଗମା ଛକ ଯାଏ ୧୦ କିମି ଯାଏଁ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ସେହିପରି ହୁଣ୍ଡିପଦର୍ ଠାରୁ ଖାରିଗୁମା ଠାରୁ ଗାନ୍ଧୀନଗର ଓ ବାରିହାବନ୍ଧା ଗାଁକୁ ସଂଲଗ୍ନ କରୁଥିବା ୧୨ କିମି ରାସ୍ତାରେ ଯାତାୟାତ କରିବା ସମ୍ଭବ ନୁହେଁ। ଗ୍ରାମବାସୀ, ସ୍କୁଲ କଲେଜ୍, ମେଡିକାଲ୍ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା କଷ୍ଟକର ହେଉଛି । ଏହି ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ କରିଛନ୍ତି। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ଆଗାମୀ ନିର୍ବାଚନରେ ୪ ଖଣ୍ଡ ପଞ୍ଚାୟତବାସି ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ମୋହନା ବିଡ଼ିଓ ତପସ୍ୱିନୀ ହାଂସଦା ଦାବିପତ୍ର ଗ୍ରହଣ କରିବା ସହ ଅନୁଧ୍ୟାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ରୋଗୀ ଲହୁଲୁହାଣ

ଦିଗପହଣ୍ଡି,୧୭।୧୦(ଅଶେଷ ନାଥ ମିଶ୍ର)

ଜଣେ ବ୍ୟକ୍ତିଙ୍କୁ ଧାରୁଆ ଅସ୍ତ୍ର ସାହାର୍ଯ୍ୟରେ ଆକ୍ରମଣ କରାଯାଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରିବା ପରେ ବ୍ରହ୍ମପୁର ବଡ ମେଡିକାଲ୍ ସ୍ଥାନାନ୍ତର କରାଯାଇଛି। ସେ ହେଲେ ଏହି ଥାନା ତଥା କଇଁଠଡା ପଞ୍ଚାୟତ ଅନ୍ତର୍ଗତ ବିରଲକ୍ଷ୍ମୀ ନାରାୟଣପୁର ଗ୍ରାମର ବିପ୍ର ଚରଣ ପଣ୍ଡା। ବିପ୍ର ଜଣେ ପକ୍ଷାଘାତ ରୋଗୀ। ମଙ୍ଗଳବାର ପୂର୍ବାହ୍ନରେ ସେ ଚାଲି ଚାଲି ନିଜ ଗ୍ରାମରୁ କଲ୍ୟାଣପୁର ତୋଟା ଅଭିମୁଖେ ଯାଉଥିବା ବେଳେ ପଛପଟୁ କେହି ତାଙ୍କୁ ଆକ୍ରମଣ କରିଥଲେ। ଖବରପାଇ ପରିବାର ଲୋକେ ପହଞ୍ଚି ଗୁରୁତର ବିପ୍ରଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କେଉଁ କାରଣକୁ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏଭଳି ଆକ୍ରମଣ କରାଗଲା ସେ ସମ୍ପର୍କରେ ସ୍ୱଷ୍ଟ ସୂଚନା ମିଳିପାରିନାହିଁ। ଏନେଇ ବିପ୍ରଙ୍କ ପୁଅ ସନ୍ତୋଷ ପଣ୍ଡା ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି।

## କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ରହୁ ନ ଥିବା ଅଭିଯୋଗ

ରାୟଗଡ,୧୭।୧୦(ଜ୍ୟୋତି ପ୍ରସାଦ ପାଣି)

ଗଜପତି ଜିଲା ରାୟଗଡ ତହସିଲ ଅଧିନସ୍ଥ ମଣ୍ଡଳସାହି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା, ଆଦିବାସୀଙ୍କୁ ଆର୍ଥିକ ଓ ମାନସିକ ପ୍ରତାରଣା କରୁଥିବା ଅଭିଯୋଗ ହୋଇଛି। ସୋମବାର ଜଲାଙ୍ଗରେ ହୋଇଥିବା ଅଭିଯୋଗ ଶୁଣାଣି ଶିବିରରେ ଡମ୍ବାଳ ପଞ୍ଚାୟତ ଅନ୍ତର୍ଗତ ମୁନିସିଂ ଗ୍ରାମର ଇସାକ ଭୂୟାଁ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଅଭିଯୋଗ କରିଛନ୍ତି। ମଣ୍ଡଳସାହି ରାଜସ୍ୱ ନିରୀକ୍ଷକ ପ୍ରଭାକର ପାଢ଼ୀ ଉପରିସ୍ଥ ଅଧିକାରୀଙ୍କ ଅଗୋଚରରେ ଦୀର୍ଘ ଦିନ ଧରି କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଫଳରେ ବିଭିନ୍ନ କାମରେ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଦିନସାରା ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରୁଥିବା ଅଭିଯୋଗ କରାଯାଇଛି। ଏପରିକି ୨୦ ଦିନ ବ୍ୟବଧାନରେ ଇସାକ ୨ ଥର ଆରଆଇଙ୍କ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇଥିବା କହିଛନ୍ତି। ତହସିଲଦାର ଲୀଳାବତୀ ଆଚାର୍ଯ୍ୟ କହିଛନ୍ତି ସୁପରଭାଇଜରଙ୍କୁ ତଦନ୍ତ ପାଇଁ ଦାୟିତ୍ୱ ଦିଆଯାଇଛି, ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ। ଆରଆଇ ପାଢୀ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନାହାନ୍ତି।

## ଫୁଲବାଣୀରେ ମେରୀ ମାଟି ମେରୀ ଦେଶ କାର୍ଯ୍ୟକ୍ରମ



ପଦଯାତ୍ରାରେ ଛାତ୍ରୀଛାତ୍ରଙ୍କ ସହିତ ଅତିଥିମାନେ।

ଫୁଲବାଣୀ, ୧୭।୧୦(ରାକେଶ କୁମାର ରାଉତ)

ଗାନ୍ଧୀ ସ୍ମୃତି ଭବନରେ 'ମେରୀ ମାଟି ମେରୀ ଦେଶ' କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଆନନ୍ଦ ଝା, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତ ଅଧିକାରି ଅକ୍ଷୟ କୁମାର ସେଠୀ, ବିଇଡି କଲେଜ ପ୍ରଫେସର ମଧୁପା ସୁନା, ଡ. ଦିଲ୍ଲୀପ କୁମାର ପାଣିଗ୍ରାହୀ, ନେହେରୁ ଯୁବ କେନ୍ଦ୍ର ଅଧିକାରୀ ନଭନିତ୍ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ ପଦଯାତ୍ରା ସର୍କିଟ ହାଉସରୁ ବାହାରି ସହର ପରିକ୍ରମା କରିଥିଲା । ପରେ ଗାନ୍ଧୀ ସ୍ମୃତି ଭବନରେ ସଭା କାର୍ଯ୍ୟ ହୋଇଥିଲା। ଶହୀଦ ସୁନଶିର ମହାନ୍ତିଙ୍କ ସ୍ତ୍ରୀ ଏବଂ ଉମାକାନ୍ତ ଯାନିଙ୍କ ସ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଫୁଲ୍‌ବାଣୀ ବ୍ଲକର ବିଭିନ୍ନ ଗ୍ରାମରୁ ସଂଗ୍ରହ ହୋଇଥିବା ମାଟିକୁ ଜିଲା ପ୍ରଶାସନ ଗ୍ରହଣ କରିଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ବୁଗୁଡା ଚ୍ୟାମ୍ବର ଅଫ୍ କମର୍ସର କର୍ମକର୍ତ୍ତା ନିର୍ବାଚିତ



ବୈଠକରେ ଉପସ୍ଥିତ ସଦସ୍ୟମାନେ ।

ବୁଗୁଡା,୧୭।୧୦(କାଳୀଚରଣ ଦାଶ)

ବୁଗୁଡା ଚ୍ୟାମ୍ବର ଅଫ୍ କମର୍ସର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଏକ ବୈଠକ ସ୍ଥାନୀୟ ବଡଦାଣ୍ଡରେ ଥିବା କଳିଙ୍ଗ ବୈଶ୍ୟ ସମାଜ ପ୍ରଥମ ପେଣ୍ଠ ଗୃହରେ ଜେ. ପ୍ରଦୀପ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଚ୍ୟାମ୍ବର ଅଫ୍ କମର୍ସର ନୂତନ ସଭାପତି ଭାବେ ସତ୍ୟନାରାୟଣ ଦାଶ, ଉପସଭାପତି ଭାବେ ଜେ ପ୍ରଦୀପ କୁମାର ପୃଷ୍ଟି, ସଂପାଦକ ଭାବେ ଜେ ରଜତ କୁମାର ପୃଷ୍ଟି ଓ କୋଷାଧ୍ୟକ୍ଷ ଭାବେ ସୁନିଲ କୁମାର ମିଶ୍ର ନିର୍ବାଚିତ ହୋଇଥିଲେ। ବୈଠକରେ ସର୍ବ ସମ୍ମତି କ୍ରମେ ଘୁମୁସର ଜିଲା ଗଠନ ପାଇଁ ସମର୍ଥନ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଉନା ଜନାର୍ଦନ ପାତ୍ର ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକ ସଂଘର ଦାବିପତ୍ର ପ୍ରଦାନ



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ।

କୁକୁଡାଖଣ୍ଡି,୧୭।୧୦(ପ୍ରତାପ କୁମାର ସାହୁ)

କୁକୁଡାଖଣ୍ଡି ବ୍ଲକ ପରିସରରେ ବରିଷ୍ଠ ନାଗରିକ ସଂଘ ତରଫରୁ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ପଲ୍ଲବୀ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମଧ୍ୟରେ ମଧୁବାବୁ ପେନସନ ଯୋଜନାରେ ସମସ୍ତ ହିତାଧିକାରୀଙ୍କୁ ୫୦୦ଟଙ୍କା ବଦଳରେ ୨୦୦୦ ଟଙ୍କା ଦେବା, ସମସ୍ତ ବରିଷ୍ଠ ନାଗରିକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରବେଶ ଦ୍ୱାର ବ୍ୟବସ୍ଥା, କୁକୁଡାଖଣ୍ଡିର ପରିମଳ ବ୍ୟବସ୍ଥା ସୁଧାରିବା ଏବଂ ସବୁ ଘରକୁ ପାନୀୟ ଜଳ ଯୋଗାଣ ଆଦି ରହିଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ଏ ଚିନ୍ତାମଣି,ସମ୍ପାଦକ ଏ. ସନ୍ୟାସୀ, ବି ଧର୍ମା ରାଓ, ଏ ନନ୍ଦ କିଶୋର, ଶ୍ରୀନିବାସ ରାଉଳ, ଧର୍ମା ରାଓ ଏବଂ ନିତ୍ୟାନନ୍ଦ ଦଳାଇଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## କଳିଙ୍ଗ ସାହିତ୍ୟ ସମାଜର ଆସର

ବ୍ରହ୍ମପୁର,୧୭।୧୦(ସ୍ମୃତି ରଞ୍ଜନ ମହାଲିକ)

କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ସମାଜର ଉପସଭାପତି ଡ. ବନମାଳୀ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ସାହିତ୍ୟ ଆସରରେ ସଂଗଠନ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର ଓ ସଂଯୋଜିକା ପଦ୍ମିନୀ ମିଶ୍ର ମଞ୍ଚାସୀନ ଥିଲେ। ସଭାପତି ଡ଼. ପାଣିଗ୍ରାହୀ ସାହିତ୍ୟ ସମ୍ପର୍କରେ ଆଲୋଚନା କରି ସ୍ୱରଚିତ କବିତା ପାଠ କରିଥିଲେ। ଲିଙ୍ଗରାଜ ଜେନା, ଚନ୍ଦ୍ରଶେଖର ମହାପାତ୍ର, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ବାସନ୍ତୀ ପଣ୍ଡା, ଉଷାରାଣୀ ମହାପାତ୍ର, ମଞ୍ଜୁଲତା ବିଷୋୟୀ, ପୁଷ୍ପିତା ପାତ୍ର ଓ ଦେବୀ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## ଭାଜପା ଜିଲା କାର୍ଯ୍ୟକର୍ତ୍ତା, କୃଷକ ମୋର୍ଚ୍ଚା ସମ୍ମିଳନୀ

ଜି.ଉଦୟଗିରି,୧୭।୧୦
(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ସମନ୍ୱିତ ସଭା ଗୃହଠାରେ ଭାଜପା ଜିଲା କାର୍ଯ୍ୟକର୍ତ୍ତା ଓ କୃଷକ ମୋର୍ଚ୍ଚା ସମ୍ମୀଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ମହେଶ୍ୱର ସାହୁ, ରାଜ୍ୟ କୃଷକ ମୋର୍ଚ୍ଚାର ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ରାଜ୍ୟ ସଂଯୋଜକ ଡଃ ଜଗନ୍ନାଥ ମହାପାତ୍ର, ରାଜ୍ୟ ସଂଯୋଜକ ଜନାର୍ଦ୍ଦନ ଦଳବେହେରା, ଜିଲା ସଭାପତି ଜଗନ୍ନାଥ ସାହୁ, ଜିଲା ଲୋକସଭା ସଂଯୋଜକ ରମେଶ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ମାନ ମାନଗୋବିନ୍ଦ ପ୍ରଧାନ, ସାଧାରଣ ସମ୍ପାଦକ ଲିଙ୍ଗରାଜ ଦଳବେହେରା, ଭାଜପା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁକାନ୍ତ ପାଣିଗ୍ରାହୀ, ଜି.ଉଦୟଗିରି ଗ୍ରାମୀଣ ମଣ୍ଡଳ ସଭାପତି ମାୟା ବନ୍ଧୁ ପ୍ରଧାନ, ଜିଲା ସ୍ୱଚ୍ଛ ଭାରତ ସଂଯୋଜକ ନବ କିଶୋର୍ ପ୍ରଧାନ, ଜିଲା ଉପସଭାପତି ଜ୍ଞାନ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ କୃଷକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ଥଇଥାନ ନୀତିରେ ଅସନ୍ତୋଷ ବିସ୍ଥାପିତ

### ଛେଳିଗଡ଼ ପ୍ରକଳ୍ପ

ଆର.ଉଦୟଗିରି,୧୭।୧୦(ମନୋଜ ପାଢ଼ୀ):

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଛେଳିଗଡରେ କାର୍ଯ୍ୟକାରୀ ହେଉଥିବା ବିଦ୍ୟୁତ ଜଳସେଚନ ପ୍ରକଳ୍ପର ବିସ୍ଥାପିତଙ୍କୁ ଆଜି ପର୍ଯ୍ୟନ୍ତ ଥଇଥାନ କରାଯାଇ ପାରିନାହିଁ। ୧୯୮୫ ରେ ଏହି ପ୍ରକଳ୍ପର ସର୍ଭେ ଆରମ୍ଭ ହୋଇଥିଲା। ଲୋକଙ୍କୁ ବୁଝାସୁଝା କରି ୨୦୦୮- ୦୯ରେ କିଛି ବିସ୍ଥାପିତଙ୍କୁ ସେମାନଙ୍କ କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ହେଲେ ପ୍ରଶାସନର ଅବହେଳା ଯୋଗୁଁ ସବୁ ବିସ୍ଥାପିତଙ୍କୁ ସେମାନଙ୍କର କ୍ଷତି ପୂରଣ ଅର୍ଥ ମିଳିନଥିବା ବିସ୍ଥାପିତ ସଂଗ୍ରାମ ସମିତି ଅଭିଯୋଗ କରିଛି। ୨୦୦୫-୦୬ରେ ବିସ୍ଥାପିତଙ୍କୁ ୫ ଏକର ଜମି ଦେବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଏବେ କିନ୍ତୁ ବିସ୍ଥାପିତଙ୍କୁ ୨ଏକର ଜମି ଓ ଏକର ପିଛା ୮୫ ହଜାର ଟଙ୍କା ହିସାବରେ ତିନି ଏକର ଜମିର ଅର୍ଥ ଦିଆଯାଇଛି। ଏହି ମୂଲ୍ୟ ବଜାର ଦର ଠାରୁ କମ୍ ଥିବା ଅଭିଯୋଗ ହେଉଛି। ତେଣୁ ତିନି ଏକର ଜମିର ଅର୍ଥ ପରିବର୍ତ୍ତେ ଜମି ଦିଆଯାଉ ନଚେତ ବଜାର ଦର ମୂଲ୍ୟରେ ଜମିର ଅର୍ଥ ଦେବାକୁ ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ଚୈତନ୍ୟ ଦାବି କରିଛନ୍ତି। ସୁଗୁବା, ତିଳିଗାଁ, ବିଦ୍ୟାଧରପୁର, ଚଡିଆପଦା ଏବଂ କାକିଲି ୫ଖଣ୍ଡ ଗ୍ରାମର ୩୫୦ ରୁ ୪୦୦ ପରିବାରକୁ ବିଡି ଅଞ୍ଚଳ ବିସ୍ଥାପିତ ଭାବେ ଚିହ୍ନଟ କରାଯାଇଛି। କିନ୍ତୁ ବିସ୍ଥାପିତଙ୍କ ସଂଖ୍ୟା ୯୦୦ରୁ ଊର୍ଦ୍ଧ୍ୱ ହେବ ବୋଲି ସମିତି ପକ୍ଷରୁ କୁହାଯାଉଛି। ସୁଗୁବା ଗ୍ରାମର ୧୦୨ ବିସ୍ଥାପିତ ପରିବାରକୁ ଥଇଥାନ କରିବା ପାଇଁ ଗଞ୍ଜାମ ଜିଲାର ଗଡ ସାମନ୍ତରାପୁରରେ ଦୁଇଟି କଲୋନୀ ନିର୍ମାଣ କରାଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା କଲୋନୀରେ ୧୦୨ ପରିବାର ନଥିବା ବିସ୍ଥାପିତ ସଂଗ୍ରାମ ସମିତି କହିଛି। ସେହିପରି ଚଡିଆପଦା ବିସ୍ଥାପିତ ପରିବାର ପାଇଁ ତରଙ୍ଗ ପାହାଡରେ ଚାଲୁ ରହିଛି ନିର୍ମାଣ କାର୍ଯ୍ୟ। ହେଲେ ନିର୍ମାଣ କାମ କେବେ ଶେଷ ହେବ କାହା ପାଖରେ ଉତ୍ତର ନାହିଁ। ବିସ୍ଥାପିତ ସେମାନଙ୍କ ସମସ୍ୟା ନେଇ ବହୁବାର ପ୍ରକଳ୍ପ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସେ ଏହାର ସମାଧାନ ଦିଗରେ ତତ୍ପରତା ପ୍ରକାଶ କରୁ ନଥିବା ସମିତି ଅଭିଯୋଗ କରିଛି। ଆଲୋଚନା ପାଇଁ ଜିଲାପାଳ ସଂଗ୍ରାମ ସମିତିକୁ ବହୁବାର ଡକାଇଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ଦେଉ ନଥିବା ଅଭିଯୋଗ କରିଛନ୍ତି ବିସ୍ଥାପିତ ସଂଗ୍ରାମ ସମିତି। ତେବେ ଗତ ମାସ ୧୦ ତାରିଖରେ ବ୍ଲକ ପକ୍ଷରୁ ବିଡି ଅଞ୍ଚଳର ଯୁବକଙ୍କ ପାଇଁ ମହେନ୍ଦ୍ରଗଡ ପଞ୍ଚାୟତରେ ଏକ ନିଯୁକ୍ତି ଶିବିର ହୋଇଥିଲା। କିନ୍ତୁ ଏହାର ବିରୋଧ କରିଥିଲେ ଗ୍ରାମବାସୀ। ସେଠାରେ ଲାଗିଥିବା ବିସ୍ଥାପିତଙ୍କ ନାମ ଫଳକ ଉଠାଇ ନେଇଥିଲା ବିସ୍ଥାପିତ ସଂଗ୍ରାମ ସମିତି। ବିସ୍ଥାପିତଙ୍କ ଦାବି ଓ ସମସ୍ୟା ସମ୍ପର୍କରେ ଛେଳିଗଡ ପ୍ରକଳ୍ପ ନିର୍ବାହୀ ଅଧିକାରୀ ବିରେନ୍ଦ୍ର କୁମାର ଜଗତଙ୍କୁ ପଚାରିବାରୁ ସେ କହିଥିଲେ ସେମାନଙ୍କ ପାଇଁ ଦ୍ରୁତଗତିରେ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଆସନ୍ତା ମାର୍ଚ୍ଚ କିମ୍ବା ଜୁନ ମାସ ସୁଦ୍ଧା ସମସ୍ତ ବିସ୍ଥାପିତଙ୍କ ସମସ୍ୟା ଦୂର ହେବ।

## ସଂକ୍ଷେପରେ

### ଲୁଣିବର, ବିଛାଖଣ୍ଡି କଳାପଥର ଖାଦାନ ତଦନ୍ତ କଲା ବିଧାନସଭା ସବ୍‌କମିଟି

**ଧର୍ମଶାଳା,୧୭।୧୦(ବଟକୃଷ୍ଣପରିଡ଼ା):** ଧର୍ମଶାଳା ତହସିଲ ଅଧୀନ ଲୁଣିବର ଓ ବିଛାଖଣ୍ଡି କଳାପଥର ଖାଦାନରେ ମଙ୍ଗଳବାର ବିଧାନସଭାର ପବ୍ଲିକ ଆକାଉଣ୍ଟ ସବ୍‌କମିଟି ଅଧ୍ୟକ୍ଷ ତଥା ବିରୋଧୀ ଦଳ ଉପନେତା ମୋହନ ମାଝିଙ୍କ ନେତୃତ୍ୱରେ ତଦନ୍ତ କରାଯାଇଛି। ମାଝିଙ୍କ ସହ ବିଧାୟକ ସୁକାନ୍ତ କୁମାର ନାୟକ, ବିଧାୟକ ନାଉରୀ ନାୟକ ପ୍ରମୁଖ ଅପରାହ୍ଣରେ ଏହି ୨ ପାହାଡ଼ ତଦନ୍ତ କରି ବେଆଇନ ଖନନ ହେଉଥିବା ଏବଂ ତହସିଲ କୋଟିକୋଟି ଟଙ୍କା ରାଜସ୍ୱ ହରାଇଥିବା ଜାଣିବାକୁ ପାଇଥିଲେ। କମିଟି ସହିତ ଯାଜପୁର ଅତିରିକ୍ତ ଜିଲାପାଳ ଶୁଭେନ୍ଦୁ କୁମାର ସାମଲ, ଯାଜପୁର ଖଣି ଉପନିର୍ଦ୍ଦେଶକ ବିଭୂତି ଭୂଷଣ ବେହେରା, କଳିଙ୍ଗନଗର ପ୍ରଦୂଷଣ କଂଟ୍ରୋଲ ବୋର୍ଡ ଅଧିକାରୀ ପ୍ରମୋଦ କୁମାର ବେହେରା, ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ଓ ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତଦନ୍ତରେ ରାଜସ୍ୱ ନିରୀକ୍ଷକମାନେ ସହଯୋଗ କରିଥିଲେ। ଉପରୋକ୍ତ ଖାଦାନ ଦ୍ୱୟରେ ପଥର ମାଫିଆମାନେ ମେସିନ ସାହାଯ୍ୟରେ ବେଆଇନ ଖନନ କରି ପଥର ଉତ୍ତୋଳନ କରି ପରିବହନ କରିଥାନ୍ତି। ବେଆଇନ ଖନନ ଯୋଗୁ ଚଳିତ ବର୍ଷ ଚାରିଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଓ ୮ ଜଣ ଗୁରୁତର ଆହତ ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାକୁ ଭିତ୍ତିକରି କମିଟି ତଦନ୍ତ କରିଥିବା ଜଣାଯାଇଛି।

### ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀଙ୍କ ବିୟୋଗ

**ଧର୍ମଶାଳା,୧୭।୧୦(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ କୋଟପୁର ଗ୍ରାମର ଶତାୟୁ ମହିଳା ପ୍ରେମଲତା ଜେନାଙ୍କ ମଙ୍ଗଳବାର ଅପରାହ୍ଣରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୫ ବର୍ଷ ବୟସ ହୋଇଥିଲା। ସେ ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ସନାତନ ଜେନାଙ୍କ ସହଧର୍ମିଣୀ ଓ ବରିଷ୍ଠ ବିଜେଡି ନେତା ସନ୍ତୋଷ ଜେନାଙ୍କ ମା'। ଏହି ଖବର ପାଇ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବଡ଼ଚଣା ବିଧାୟକ ଆମର ପ୍ରସାଦ ଶତପଥୀ, ପୂର୍ବତନ ଏମ୍‌ପି ରୀତା ତରାଇ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ୧୨୮ ଗ୍ରାମ ହେରୋଇନ ଜବତ

**ଜଗତ୍‌ସିଂହପୁର, ୧୭।୧୦ (ପ୍ରମୋଦ କୁମାର ନାୟକ)** ଜଗତ୍‌ସିଂହପୁର ଥାନା ଅଧୀନ ସିନଗାରପୁର ହାଟ ନିକଟରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୨୮ ଗ୍ରାମ ହେରୋଇନ(ନିଶା ଦ୍ରବ୍ୟ) ଜବତ ହୋଇଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ମଙ୍ଗୁଳି ଚରଣ ଦାସ। ଜବତ ହେରୋଇନର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ମାମଲା (ନଂ. ୮୪/୨୩-୨୪) ରୁଜୁ କରାଯାଇଛି। ଏହି ଚଢ଼ାଉରେ ଜଗତ୍‌ସିହପୁର ଅବକାରୀ ବିଭାଗର ଓଆଇସି ପ୍ରକାଶ କୁମାର ମଲ୍ଲିକ, ଏସ୍‌ଆଇ ସରୋଜ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଚାଷୀ ବଞ୍ଚାଅ, ଚାଷ ବଞ୍ଚାଅ ଦାବି ତେଜିଲା

**ଯାଜପୁର/ଯାଜପୁର ଟାଉନ,୧୭।୧୦ (ହର୍ଷବର୍ଦ୍ଧନ ବେହେରା/ପ୍ରଯୁକ୍ତା ମହାନ୍ତି)**



ଚାଷୀମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

ମୁହଁରେ ଚାଷୀଙ୍କ କଥା କହି ବିଭାଗୀୟ ଅଧିକାରୀମାନେ ମିଲ୍ ମାଲିକ ଓ ବ୍ୟବସାୟୀଙ୍କ ହିତରେ କାର୍ଯ୍ୟ କରୁଥିବା ମନେ ହେଉଛି। ଏଥିଯୋଗୁ ମଧ୍ୟସ୍ଥି ମାଲାମାଲ ହେଉଥିବାବେଳେ ଚାଷୀ ଶୋଷଣର ଶିକାର ହେଉଛନ୍ତି। ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଥିବା ଚାଷୀକୁଳଙ୍କ ଆର୍ଥିକ ମାନଦଣ୍ଡ ଭାଙ୍ଗି ପଡୁଛି। ଏହାସହ ପ୍ରଶାସନିକ ଅବହେଳା ଏହି କ୍ଷେତ୍ରରେ ଅଧିକ ବାଧକ ସାଜିଛି। ଅନ୍ୟପକ୍ଷେ କଳାପଥର ଖାଦାନ ଯୋଗୁ ନିକଟସ୍ଥ ଚାଷ ଜମିର ଉର୍ବରତା ନଷ୍ଟ ହେଉଛି। ସରକାରୀ ଯୋଜନାସବୁ ଉପଯୁକ୍ତ ଭାବେ ଚାଷୀଙ୍କ ନିକଟକୁ ପହଞ୍ଚି ପାରୁନାହିଁ। ଏହି କାରଣରୁ ହାତୋସାହିତ ହୋଇ ଶେଷରେ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଏହିକ୍ରମରେ ଚାଷୀ ବଞ୍ଚାଅ, ଚାଷ ବଞ୍ଚାଅ ଦାବିରେ ଓଡ଼ିଶା କୃଷକ ବିକାଶ ମଞ୍ଚର ଯାଜପୁର ଶାଖା ପକ୍ଷରୁ ମଙ୍ଗଳବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତରେ ଉପଜିଲାପାଳ ଗୋପୀନାଥ କୁଅଁର ଧାରଣା ସ୍ଥଳକୁ ଆସି କୃଷକ ସଙ୍ଗଠନର ନେତୃବୃନ୍ଦଙ୍କ ଠାରୁ ୧୪ ଦଫା ସମ୍ବଳିତ ଏକ ସ୍ମାରକପତ୍ର ଗ୍ରହଣ କରି ଜିଲାପାଳଙ୍କ ସହିତ ଆଲୋଚନା ପରେ ତାରିଖ ଧାର୍ଯ୍ୟ କରି ସଙ୍ଗଠନର ନେତୃବୃନ୍ଦଙ୍କୁ ଆଲୋଚନା ପାଇଁ ଡକାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

୨୦୨୨ରେ ଫସଲ ବୀମା ରାଶି ତୁରନ୍ତ ଚାଷୀଙ୍କୁ ପ୍ରଦାନ, ୨୦୨୩ ବୀମା ପ୍ରିମିୟମ ରାଶି କୃଷି ଋଣରୁ ମଞ୍ଜୁର ହୋଇଥିବାରୁ ତାହାକୁ ତୁରନ୍ତ ଫେରସ୍ତ, ଚାଷ ଜମିରୁ ଜଳ ନିଷ୍କାସନର ବ୍ୟବସ୍ଥା, ଉଠା ଜଳସେଚନ ପଏଣ୍ଟଗୁଡ଼ିକର ତୁରନ୍ତ ମରାମତି ଓ ଚାଷୀଙ୍କ ବିଦ୍ୟୁତ୍ ଶୁଳ୍କ ଛାଡ଼, ଧାନ ବିକ୍ରିରେ ସ୍ୱଚ୍ଛତା ଓ ଚାଷୀଙ୍କୁ ଅଖା ପଇସା ଓ ମୋଟିଆ ପଇସା ଫେରସ୍ତ, ଚାଷୀଙ୍କ ବକେୟା ଇନ୍‌ପୁଟ ସବ୍‌ସିଡି ଅର୍ଥ ଅବିଳମ୍ବେ ପ୍ରଦାନ, କୃଷକଙ୍କୁ ସୁରକ୍ଷା ଭତ୍ତା ପ୍ରଦାନ, ବୁଲା, ଗୋରୁ ଗାଈ, ଷଣ୍ଢ ପ୍ରାଦୁର୍ଭାବରୁ ଚାଷୀର ଫସଲ ସୁରକ୍ଷା ପାଇଁ ପ୍ରତି ବ୍ଲକରେ ଗୋଶାଳା ନିର୍ମାଣ ଓ ପ୍ରତି ପଞ୍ଚାୟତରେ କାଞ୍ଜିଆ ହୁଦା ନିର୍ମାଣ, ବରୀ ବ୍ଲକର କୃଷ୍ଣନଗର ଚିନି କଳର ପୁନଃଉଦ୍ଧାର, ବ୍ରାହ୍ମଣୀ, ବୈତରଣୀ ଓ ଖରସ୍ରୋତା ନଦୀକୁ ଚିରସ୍ରୋତାରେ ପରିଣତ ଓ ତନ୍ତିଘାଇ ଠାରେ ଏକ ବ୍ୟାରେଜ ନିର୍ମାଣ, ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ କୃଷି ଋଣ ପ୍ରଦାନ ଓ ଋଣ ବଣ୍ଟନରେ ସ୍ୱଚ୍ଛତା ଅବଲମ୍ବନ, ସାରର କଳାବଜାର ରୋକିବା, ଚାଷୀଙ୍କୁ କୀଟନାଶକ, ବିହନ ଆଦି ନିର୍ଦ୍ଧାରିତ ସମୟରେ ପ୍ରଦାନ କରିବା ଇତ୍ୟାଦି ଦାବି ଉପସ୍ଥାପନ କରାଯାଇଥିଲା।

ଓଡ଼ିଶା କୃଷକ ବିକାଶ ମଞ୍ଚର ଜିଲା କାର୍ଯ୍ୟକାରୀ ସଭାପତି ପୁଲିନ ପ୍ରକାଶ ପୁହାଣ ଓ ସାଧାରଣ ସମ୍ପାଦକ ରବୀନ୍ଦ୍ର ଜେନାଙ୍କ ନେତୃତ୍ୱରେ କୁସୁମା ପୋଖରୀଠାରୁ ଚାଷୀମାନଙ୍କ ଶୋଭାଯାତ୍ରା ବାହାରି ଗାନ୍ଧୀ ଛକ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ଏଥିରେ ଭୁବନାନନ୍ଦ ସାମଲ, ପ୍ରଶାନ୍ତ ପଢିହାରି, ପ୍ରଶାନ୍ତ ବେଉରା, କୋରିସା ବିବି, ମନୋରଞ୍ଜନ ଦାଶ, ସନାତନ ସାହୁ, କୁଞ୍ଜ ବିହାରୀ ବେହେରା, ସ୍ମିତା ସାମଲ, ପ୍ରଦୀପ ଜେନା, ଜୟରାମ ନାୟକ, ପଦ୍ମନ କର, ଉପେନ୍ଦ୍ର ରାଉତ, ରବୀନ୍ଦ୍ର ଧଳ, ଧନେଶ୍ୱର ସାମଲ, ସୂର୍ଯ୍ୟମଣି ଦାଶ, ଯୁଧିଷ୍ଠିର ରାଉତ, ସଞ୍ଜୟ ସିଂ, ମନୋଜ ଜେନା, ସୁଧୀର ଭୁଇଁଆ, ଶେଖର ସମ୍ପିତ ଧଳ, ଶେଖ ଅବଦୁଲ କାଲାମ, ରବି ନାରାୟଣ ଜେନା, ଲେୟା କୁତିନ ଖାଁ, ସନ୍ତୋଷ କୁମାର ଦାସ, ସତ୍ୟ ରଞ୍ଜନ ପରିଡା, ଫକୀର ସିଂ, ସନ୍ତୋଷ ଧଳ, ପ୍ରମୋଦ ଓଝା, ସନ୍ତୋଷ ନନ୍ଦ, ତିଳୋତ୍ତମା ସେଠୀ, ସ୍ୱୟଂପ୍ରଭା ସାମଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର ଆଦି ବ୍ଲକର କୃଷକମାନେ ଯୋଗ ଦେଇଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମାସକ ମଧ୍ୟରେ ଚାଷୀଙ୍କ ଦାବି ପୂରଣ ନ ହେଲେ ବ୍ୟାପକ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ନେତୃବୃନ୍ଦ ଜିଲା ପ୍ରଶାସନକୁ ଚେତାବନୀ ଦେଇଥିଲେ।

# ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟାପକ ଗିରଫ

**ଚଣ୍ଡିଖୋଲ,୧୭।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):**

## ନକଲି ପରୀକ୍ଷାର୍ଥୀ ଗିରଫ ଘଟଣା



ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସାଉଡ଼ିଆସ୍ଥିତ ରତ୍ନାକର ସଂସ୍କୃତ ମହାବିଦ୍ୟାଳୟରେ ଜଣେ ପରୀକ୍ଷାର୍ଥୀ ଓ ୨ ନକଲି ପରୀକ୍ଷାର୍ଥୀ ଧରାପଡ଼ି ଗିରଫ ହେବାପରେ ମଙ୍ଗଳବାର ଅଧ୍ୟାପକ ରାମକୃଷ୍ଣ ଶତପଥୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଚଣ୍ଡିଖୋଲ କୋର୍ଟରେ ଜେଏମ୍‌ଏଫସି ପରବିନ ମଣ୍ଡଳ ଜାମିନ ଖାରଜ କରି ତାଙ୍କୁ ରଗଡ଼ି ସବ୍‌ଜେଲକୁ ପଠାଇ ଦେଇଛନ୍ତି। ଗିରଫ ରାମକୃଷ୍ଣଙ୍କ ଘର ବାଲେଶ୍ୱର ଜିଲା ଜଳେଶର ଥାନା ଅନ୍ତର୍ଗତ କମାର ଗଡ଼ିଆ ଗ୍ରାମରେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ଚାଲିଥିବା ଶାସ୍ତ୍ରୀ ଯୁକ୍ତ ୩ ପ୍ରଥମ ବର୍ଷ ପରୀକ୍ଷା ରତ୍ନାକର ସଂସ୍କୃତ ମହାବିଦ୍ୟାଳୟରେ ଅନୁଷ୍ଠିତ ହେଉଛି। ସୋମବାର ପରୀକ୍ଷା ପରିଦର୍ଶନରେ ଆସିଥିବା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ଶ୍ରୀନିବାସ ପଣ୍ଡାଙ୍କ ଅଭିଯୋଗକ୍ରମେ ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ସମ୍ପୃକ୍ତ ୩ଜଣଙ୍କୁ କେସ ନଂ.୩୫୮/୨୩ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ମଙ୍ଗଳବାର ହଲ ନଂ.୫ରେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧ୍ୟାପକ ଶତପଥୀଙ୍କୁ ଗିରଫ କରାଯାଇଥିଲା।

ସାଉଡ଼ିଆସ୍ଥିତ ସଂସ୍କୃତ ମହାବିଦ୍ୟାଳୟକୁ ସୋମବାର ପ୍ରାଧ୍ୟାପକ ପଣ୍ଡା ପରୀକ୍ଷା ସ୍କ୍ୱାର୍ଡ ପରିଦର୍ଶନରେ ଆସିଥିବାବେଳେ ଦେଖିବାକୁ ପାଇଥିଲେ ୨ ପୁଅ ପରୀକ୍ଷାର୍ଥୀଙ୍କ ପାଇଁ ୨ ଝିଅ ପରୀକ୍ଷା ଦେଉଛନ୍ତି। ଏଥିନେଇ ସେ ବାଲିଚନ୍ଦ୍ରପୁର ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ଜଣେ ପରୀକ୍ଷାର୍ଥୀ ଓ ୨ ନକଲି ପରୀକ୍ଷାର୍ଥୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଜଣେ କିରାଣିଙ୍କୁ ସୋମବାର ପୋଲିସ ଅଟକ ରଖିଥିବାବେଳେ ରାତିରେ ଛାଡ଼ି ଦେଇଥିଲା। ପୂର୍ବାହ୍ଣ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇଥିଲାବେଳେ ୧୧ ଟା୧୫ ରେ ସ୍କ୍ୱାଡ୍ ପହଞ୍ଚିବା ପରେ ନକଲି ପରୀକ୍ଷାର୍ଥୀଙ୍କୁ ଧରିଥିଲେ। କିପରି ପରୀକ୍ଷା କେନ୍ଦ୍ରକୁ ୨ ପୁଅଙ୍କ ବଦଳରେ ୨ ଝିଅ ପ୍ରବେଶ କଲେ ଓ ପରୀକ୍ଷା ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଭଳି ପରୀକ୍ଷା କେନ୍ଦ୍ରଗୁଡ଼ିକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ମେଧାବୀ ଛାତ୍ରୀଛାତ୍ର ନକଲି ପରୀକ୍ଷାର୍ଥୀଙ୍କ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି।

# ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ସୃଜନୀର ବାର୍ଷିକ ଉତ୍ସବ


ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଚଣ୍ଡିଖୋଲ,୧୭।୧୦(ଦିଲୀପ ମହାନ୍ତି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଶକୁନ୍ତଳାପୁରସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ସାହିତ୍ୟ ସୃଜନୀର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ ଛତିଆ ଅମରାବତି ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଶ୍ରୀକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଶୁ ସାହିତ୍ୟିକ ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ସାହିତ୍ୟିକ ପ୍ରଫୁଲ୍ଲ ଚନ୍ଦ୍ର ମାଝି, ସମ୍ମାନିତ ବକ୍ତା ଭାବେ ସାମାଜିକ କର୍ମୀ ଅଶୋକ ସାମଲ, ସରୋଜିନୀ ରଥ, ଡ. ବାସନ୍ତୀ ମହାନ୍ତି, ଗାୟକ ସୌରଭ ରଜନୀକାନ୍ତ ପୃଷ୍ଟି, ବ୍ୟଙ୍ଗକବି ଡ. ବୈରାଗୀ ଚରଣ ମଲିକ, ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଶଶଧର ପଣ୍ଡା ଓ ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ରଚିତ ସାହିତ୍ୟ କୃତି ପ୍ରତି ଯୁବପିଢ଼ି ପରିଚିତ ହେବା ଜରୁରୀ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲାବେଳେ ଶକୁନ୍ତଳାପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା ଜାତୀୟ ସଂଗୀତ, ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

ସାମାଜିକ କର୍ମୀ ଦେବଯାନୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ନଟବର ପ୍ରଦାନ ପ୍ରାରମ୍ଭିକ ସୂଚନା ଓ କାର୍ଯ୍ୟକାରୀ ସମ୍ପାଦକ ଅମୂଲ୍ୟ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ନଟବର ପ୍ରଧାନଙ୍କ ତୃତୀୟ କବିତା ସଂକଳନ 'ଅଜାଙ୍କ ରାଗ' ଓ କବୟିତ୍ରୀ ଊର୍ମିଳା ଦାସଙ୍କ କବିତା ସଙ୍କଳନ 'ଫିକା ଫଗୁଣ' ପୁସ୍ତକକୁ ଅତିଥି ଉନ୍ମୋଚନ କରିଥିଲେ। କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ୧୩୦ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ରଞ୍ଜିତା ଦାସ, ପ୍ରିୟଦର୍ଶିନୀ ମିଶ୍ର, ସସ୍ମିତା ପଟ୍ଟନାୟକ, ସଫଳା ଦାସ, ଊର୍ମିଳା ଦାସ, ନୃସିଂହ ଚରଣ ସାହୁ, ଡ. ଅଲେଖ ପ୍ରସାଦ ମହାରଣା, ଡ. ଲକ୍ଷ୍ମୀକାନ୍ତ ଦାସ, ଅମୂଲ୍ୟ ସେନାପତି, ରଶ୍ମିତା ଦାସ, ଇତିଶ୍ରୀ ମହାନ୍ତି, ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଦାସ, ବରିଷ୍ଠ ଉପଦେଷ୍ଟା କାହ୍ନୁଚରଣ ସାହୁଙ୍କ ସମେତ ପ୍ରମୁଖ ୧୭୦ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ବ୍ୟଙ୍ଗକବି ସରୋଜ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

### ୩ ଗାଡ଼ି ଦୁର୍ଘଟଣାଗ୍ରସ୍ତ, ବର୍ତ୍ତିଲେ ଚାଳକ

**ପାଣିକୋଇଲି,୧୭।୧୦(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ୧୬ନମ୍ବର ଜାତୀୟ ରାଜପଥର ପାଣିକୋଇଲି ସଠିପୁର ମଧ୍ୟରେ ମଙ୍ଗଳବାର ମଧ୍ୟାହ୍ନରେ ୩ ଗାଡ଼ିର ସିରିଜ ଦୁର୍ଘଟଣା ଘଟିଛି। ଏଥିରେ ଗାଡି ୩ଟି କ୍ଷତିଗ୍ରସ୍ତହୋଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଜାତୀୟ ରାଜପଥରେ ପାଣିକୋଇଲି ପଟୁ ଏକ କଣ୍ଟେନର (ଏନ୍‌ଏଲ୍-୦୧-ଏଏଫ-୯୮୬୫) ଯାଉଥିବା ବେଳେ ମହାବୀର ପେଟ୍ରୋଲ ପମ୍ପ ନିକଟରେ କଣ୍ଟେନରଟି ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରକ (ଏନ୍‌ଏଲ୍- ୦୨-ଏନ-୬୬୭୬)ପଛରୁ ଧକ୍କା ଦେଇଥିଲା। ଫଳରେ ସେ ଟ୍ରକଟି ଭାରସାମ୍ୟ ହରାଇ ଅନ୍ୟ ଏକ ଟ୍ରକ ପଛରୁ ଧକ୍କା ଦେଇଥିଲା।

### ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

**ପାଣିକୋଇଲି,୧୭।୧୦(ବିକାଶ ମଲ୍ଲିକ):** ଆଉ କିଛି ଦିନ ପରେ ଧରା ଅବତରଣ କରିବେ ମା' ଦୁର୍ଗା। ଏଥି ଲାଗି ପାଣିକୋଇଲି ବଜାରର ଦୁର୍ଗା କମିଟି ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ପାଣିକୋଇଲି ବଜାରରେ ପୂଜା ପାଇ ଆସୁଥିବା ମା'ଦୁର୍ଗାଙ୍କ ପୂଜାର୍ଚ୍ଚନା ଚଳିତ ବର୍ଷ ଷଷ୍ଠୀ ଠାରୁ ଆରମ୍ଭ ହୋଇ ଦଶମୀ ପର୍ଯ୍ୟନ୍ତ ବହୁ ଆଡ଼ମ୍ବରରେ ପାଳନ କରାଯିବ ବୋଲି କମିଟିର ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ମାଝୀ, ଉପଦେଷ୍ଟା ଡାକ୍ତର ନିର୍ମଳ ରଥ, ବିଶମ୍ବର ପରିଡ଼ା, ଆଲୋକ ପରିଡ଼ା, ଆନନ୍ଦ ଚନ୍ଦ୍ର ସାହୁ, ଭାସ୍କର ବୋଇତେଇ ଓ ଏକନ ବେହେରା ପ୍ରମୁଖ ଜଣାଇଛନ୍ତି।

# ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି



ଧର୍ମଶାଳା ପ୍ରେସ୍‌କ୍ଲବରେ କଂଗ୍ରେସର ଖବରଦାତା ସମ୍ମିଳନୀ।

**ଧର୍ମଶାଳା,୧୭।୧୦(ବଟକୃଷ୍ଣ ପରିଡ଼ା):**

## ମୃତ ଚାଷୀ ପରିବାରକୁ ଭେଟିଲା କଂଗ୍ରେସ

ଧର୍ମଶାଳା ବ୍ଲକ ବାଜବାଟୀ ଗ୍ରାମରେ ଫସଲ ନଷ୍ଟ ଯୋଗୁ ବିଷପିଇ ଆତ୍ମହତ୍ୟା କରିଥିବା ଚାଷୀ ନିତ୍ୟାନନ୍ଦ ପରିଡ଼ାଙ୍କ ପରିବାରକୁ ମଙ୍ଗଳବାର କଂଗ୍ରେସର ଏକ ତିନି ଜଣିଆ ପ୍ରତିନିଧିଦଳ ଭେଟିବା ସହ ତାଙ୍କ ଚାଷ ଜମି ବୁଲି ଦେଖିଛନ୍ତି। ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ କୃଷକ ସେଲ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ରାଜ୍ୟ କଂଗ୍ରେସ କମିଟି ସାଧାରଣ ସମ୍ପାଦିକା ରଶ୍ମି ମହାପାତ୍ର ତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏହାପରେ ଉକ୍ତ ପ୍ରତିନିଧିଦଳ ଧର୍ମଶାଳା ପ୍ରେସ୍‌କ୍ଲବକୁ ଆସି ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ମୃତ ଚାଷୀ ପରିବାର ସବୁ ସରକାରୀ ଯୋଜନାରୁ ବାଦ ପଡ଼ିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଚାଷ ପାଇଁ ହାତ ଉଧାରୀ କରି ଚାପରେ ରହିବା ଓ କ୍ରଶର ଯୋଗୁ ଫସଲ ନଷ୍ଟ ହେବାରୁ ନିତ୍ୟାନନ୍ଦ ଆତ୍ମହତ୍ୟା କରିଥିବା ପ୍ରତିନିଧିଦଳ କହିଛନ୍ତି। ପ୍ରତିନିଧିଦଳ ଚାଷୀଙ୍କ ପରିବାରକୁ ୧୦ ହଜାର ଟଙ୍କାର ଆର୍ଥୀକ ସହାୟତା ପ୍ରଦାନ କରିଛନ୍ତି। ସରକାର ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ସହ ତାଙ୍କ ପୁଅକୁ ଆବାସ ଯୋଗାଇ ଦେବା ଲାଗି ଦାବି କରିଛନ୍ତି। ଏନେଇ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଜଣାଯିବା ସହ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରତିନିଧିଦଳରେ ସ୍ଥାନୀୟ ନେତା ମାନସ ରଞ୍ଜନ କର, ମହମ୍ମଦ ତାକୁଲୁଦ୍ଦିନ, କ୍ଷୀରୋଦ ବେହେରା, କୃଷକ ନେତା ବସନ୍ତ ପରିଡ଼ା, ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, ବିଳାଷ ଜେନା ଓ ଉଗ୍ରେସନ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ପାଣି ପାଇଁ ଖଣି ନିଗମ ଅଫିସରେ ମହିଳାଙ୍କ ଧାରଣା

**କାଳିଆପାଣି,୧୭।୧୦(ଅସିତ ମହାନ୍ତ):** କାଳିଆପାଣି ଖଣି ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଓଡ଼ିଶା ଖଣି ନିଗମର କାଳିଆପାଣି ସିଭିଲ ଡିଭିଜନ କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ଚିରୁଗୁଣିଆ ଗାଁର ମହିଳାମାନେ ମଙ୍ଗଳବାର ଧାରଣା ଦେଇଛନ୍ତି। ଗାଁର ୫୦ରୁ ଊର୍ଦ୍ଧ୍ୱ ମହିଳା ଏହି ଧାରଣାରେ ସାମିଲ ହୋଇଛନ୍ତି। ଏକ ମାସ ହେବ ପାନୀୟ ଜଳ ସମସ୍ୟା ଯୋଗୁଁ ଚିରୁଗୁଣିଆ ଗାଁର ୬୦ରୁ ଊର୍ଦ୍ଧ୍ୱ ପରିବାର ଗୋଟିଏ ନଳକୂପ ଉପରେ ଭରସା କରି ଚାଲିଛନ୍ତି। ତେବେ ନଳକୂପ ଜଳସ୍ତର କମିବା ଯୋଗୁ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗ୍ରାମଟି ଖଣି ସଂଲଗ୍ନ ହୋଇଥିବାରୁ ଖଣି ନିଗମ କଲୋନିରେ ଯୋଗାଣ କରାଯାଉଥିବା ପାନୀୟ ଜଳ ଏଠାରେ ଯୋଗାଇ ଦେବାକୁ ମହିଳାମାନେ ଦାବି କରି ଆସୁଥିଲେ। ହେଲେ ସମସ୍ୟା ସମାଧାନ ନ ହେବାରୁ ସେମାନେ ଆନ୍ଦୋଳନ କରିଥିଲେ। ମହିଳାଙ୍କୁ ବିଦ୍ୟୁତ୍ ବିଭାଗ ଅଧିକାରୀ ଅମ୍ରିତା ଖୁଜୁର ଭେଟି ସେମାନେ ଲିଖିତ ଅଭିଯୋଗ କଲେ ଜଳ ଯୋଗାଣ କରାଯିବ ବୋଲି କହିଥିଲେ। ପରେ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ପହଞ୍ଚି ଧାରଣାରତ ମହିଳାଙ୍କୁ ବୁଝାଶୁଝା କରି ପଠାଇବା ସହ ତୁରନ୍ତ ପାନୀୟ ଜଳ ଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।


ଓଡ଼ିଶା ଖଣି ନିଗମର କାଳିଆପାଣି ସିଭିଲ ଡିଭିଜନ କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ମହିଳାମାନେ ଧାରଣା ଦେଇଛନ୍ତି।

# ଖଣି ଅଞ୍ଚଳରେ ବେଲଗାମ ଓଭର୍‌ଲୋଡ୍ ଗାଡ଼ି

- ପିଲାଙ୍କ ଯାତାୟାତ ପ୍ରଭାବିତ
- ପଥଚାରୀ ଅସୁରକ୍ଷିତ

**କାଳିଆପାଣି,୧୭।୧୦(ଅସିତ ମହାନ୍ତ):**



ଓଭରଲୋଡ୍ ହୋଇଥିବା ହାଇୱା।

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳରେ ବେଲଗାମ ହୋଇପଡ଼ିଛି ଓଭର ଲୋଡ୍ ଗାଡ଼ି। ଫଳରେ ସ୍କୁଲ୍ ପିଲାଙ୍କ ଯାତାୟାତ ପ୍ରଭାବିତ ହୋଇଥିବାବେଳେ ପଥଚାରୀ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ହେଲେ ପ୍ରଶାସନ ଜାଣି ଅଜଣା ପରି ହେଉଥିବା ଅଭିଯୋଗ ହୋଇଛି। ଖଣି ଅଞ୍ଚଳରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି) କଲୋନି, ଇମ୍ପା ଖଣି କଲୋନି, ଟାଟା ଖଣି କଲୋନି ପାଇଁ ବାଲି, ଚିପ୍ସ, ମେଟାଲ, କ୍ରଶର ଡଷ୍ଟ ଆସୁଥିବାବେଳେ ଇମ୍ପା ଭୂତଳ ଖଣି ପାଇଁ ବାଲି ଓ ଡଷ୍ଟ ଆସୁଛି। ଏବେ ଓଏମ୍‌ସି ପକ୍ଷରୁ ଆଦର୍ଶ ବିଦ୍ୟାଳୟ ଓ କଲୋନୀ ରାସ୍ତା ନିର୍ମାଣ ଚାଲୁଛି। ସେଥିପାଇଁ ଶହଶହ ଟ୍ରିପ ଡଷ୍ଟ ଆସୁଛି। ହେଲେ ଡଷ୍ଟ ଆଣି ଆସୁଥିବା ହାଇୱା ଡାଲାଠାରୁ ୨ ଫୁଟ ଉଚ୍ଚର ଲୋଡ୍ କରୁଛି। ଏସବୁ ବିନା ପାଲ ଢଙ୍କାରେ ପରିବହନ ହେଉଛି। ହାଇୱାଗୁଡ଼ିକ ମାଲମାଲ ହୋଇ ଟମକା-ମଙ୍ଗଳପୁର ରାସ୍ତାରେ ଆସୁଥିବାରୁ ହାଇୱାରୁ ଡଷ୍ଟ ଉଡ଼ି ରାସ୍ତା ଧୂଳିମୟ ହୋଇଯାଉଛି, ଯଦ୍ଵାରା ପଥଚାରୀ ଓ ବାଇକ୍‌ଆରୋହୀ ଯିବାଆସିବା ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି।

ଗତ ଶନିବାର ଭୀମଟାଙ୍ଗର ଗ୍ରାମ ନିକଟରେ ଲାଇନ୍ ହୋଇ ଡଷ୍ଟ ବୋଝେଇ କରି ଯାଉଥିବା ହାଇୱାରୁ ଡଷ୍ଟ ଉଡ଼ି ଜଣେ ବାଇକ୍ ଆରୋହୀଙ୍କ ଆଖିରେ ପଡ଼ିବାରୁ ସେ ରାସ୍ତାରେ ପଡ଼ି ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଓଭର ଲୋଡ ନେଇ ଶହଶହ ହାଇୱା ଆସୁଥିବାବେଳେ କାହାର କାଗଜ ପତ୍ର ଯାଞ୍ଚ କରାଯାଉନି। ଫଳରେ ଦୁର୍ଘଟଣା ଘଟାଇ ହାଇୱ ଡ୍ରାଇଭରମାନେ ଫେରାର ହୋଇଯାଉଛନ୍ତି। ପ୍ରତିଦିନ ଓଭର ଲୋଡ ଗାଡ଼ି ପାଇଁ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସୁକିନ୍ଦା ତହସିଲଦାର ନମ୍ରତା ମୋଦିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। କାଳିଆପାଣି ଥାନା ଏସ୍‌ଆଇ ସୁଦାମ ନନ୍ଦୀଙ୍କୁ ପଚାରିବାରୁ ସେ କହିଛନ୍ତି, ମଝିରେ ମଝିରେ ଯାଞ୍ଚ କରାଯାଉଛି। ଅନ୍ୟପକ୍ଷରେ ଏମାନଙ୍କ ପାଇଁ କ'ଣ ନିୟମ ଲାଗୁ ହୋଇନି କି ବୋଲି ସ୍ଥାନୀୟ ଯୁବ ସାମାଜିକ କର୍ମୀ ଦିଲୀପ ପାତ୍ର ଓ ରବୀନ୍ଦ୍ର ଭଞ୍ଜ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ

### କେନ୍ଦ୍ରାପଡ଼ାର ବିକାଶ ପାଇଁ ଜନମଞ୍ଚର ଆହ୍ୱାନ

ପଟ୍ଟାମୁଣ୍ଡାଇ, ୧୭।୧୦ (ଅକ୍ଷୟ ବିଶ୍ୱାଳ)

କେନ୍ଦ୍ରାପଡ଼ା ଜିଲାର ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଶିଳ୍ପ, ଗମନାଗମନ, ପର୍ଯ୍ୟଟନ, ମାନବ ସମ୍ବଳର ବିକାଶ ସହ ନିଯୁକ୍ତି, ବିପର୍ଯ୍ୟୟ ନିବାରଣ ପ୍ରସଙ୍ଗରେ ବିଚାରବିମର୍ଶ ସୋମବାର ଶିକ୍ଷକ ନେତା ବୀରେନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ପଟ୍ଟାମୁଣ୍ଡାଇ ବ୍ଲକ ବେଲତଳ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାର ପ୍ରାରମ୍ଭରେ ସଙ୍ଗଠନର ବରିଷ୍ଠ ସଦସ୍ୟ ଉମେଶ ଚନ୍ଦ୍ର ସାମଲ, ଇସ୍ରାଏଲ ଓ ଗାଜା ଯୁଦ୍ଧରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ସ୍ମୃତିରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲାରେ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଆବଶ୍ୟକ ଜଳସେଚନ, ଶିଳ୍ପ ପ୍ରତିଷ୍ଠା, ବ୍ରାହ୍ମଣୀ ବନ୍ୟା ଜଳର ନିଷ୍କାସନ ପାଇଁ ଯୋଜନା, କେନ୍ଦ୍ରାପଡ଼ାଠାରୁ ଭଦ୍ରକ ଓ ଭିତରକନିକା ତଥା ତିର୍ତ୍ତୋଲକୁ ରେଳ ସଂଯୋଗ, ନୂଆ ବ୍ଲକ ଓ ସବ୍‌ଡିଭିଜନ ପ୍ରତିଷ୍ଠା ଆଦି ପ୍ରସ୍ତାବ ଦିଆଯାଇଛି। ଆଗାମୀ ନିର୍ବାଚନ ପୂର୍ବରୁ ସରକାର ଏ ସମ୍ପର୍କରେ ପଦକ୍ଷେପ ନେବା ସହ ସେଥି ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ଜନଜାଗରଣ ପାଇଁ ଆହ୍ୱାନ ଦିଆଯାଇଛି। ବୈଠକରେ ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ପ୍ରାକ୍ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଗୌରାଙ୍ଗ ବେହେରା, ଶିକ୍ଷକ ନେତା ରବୀନ୍ଦ୍ର ପରିଡ଼ା, କାଉନସିଲର ମଳୟ ଓଝା, ବର୍ଷୀୟାନ ସଭ୍ୟ କୃପାସିନ୍ଧୁ ସାମଲ, ଶିକ୍ଷକ ନେତା ଗୋକୁଳ ଚରଣ ରାଉତ, ବରିଷ୍ଠ ସଭ୍ୟ ଅନାଦି ଦାସ ଓ ଅନ୍ତର୍ଯ୍ୟାମୀ ପରିଡା, ପୂର୍ବତନ ସମିତିସଭ୍ୟ ସର୍ବେଶ୍ୱର ସେଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଜନମଞ୍ଚର ପରବର୍ତ୍ତୀ ବୈଠକ ରାଜନଗରରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି।

### ରକ୍ତଦାନ ଶିବିରରେ ୧୬୭ ୟୁନିଟ ସଂଗ୍ରହ

ରାଜନଗର, ୧୭।୧୦ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ ପ୍ରତିହାରୀ ଦେଢମାସ ତଳେ ବ୍ଲକ ବିଜେଡି ସଭାପତି ପଦରୁ ବହିଷ୍କୃତ ହୋଇଥିଲେ। ମଙ୍ଗଳବାର ଅଶୋକ ଭାଇ ଫ୍ୟାନ କ୍ଲବ ଓ ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ରାଜନଗର ବ୍ଲକର ଆରାଧ୍ୟା ଦେବୀ ମା'ମାଟିଆ ମଙ୍ଗଳାଙ୍କ ପୀଠରେ ଆୟୋଜନ ହୋଇଥିଲା। ଏହି ରକ୍ତଦାନ ଶିବିରରେ ୧୬୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ସାନବଡଗୋପାଳପୁର ପଞ୍ଚାୟତର ତ୍ରିନାଥବଜାରସ୍ଥିତ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନଠାରୁ ବାଇକ୍ ଶୋଭାଯାତ୍ରାରେ ଅଶୋକ ୮ କିମି ଦୂରରେ ଅନୁଷ୍ଠିତ ହେଉଥିବା ରକ୍ତଦାନ ଶିବିର ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଏକ ସଭା ହୋଇଥିଲା। ଏହାକୁ ଅଶୋକ ଭାଇ ଫ୍ୟାନ୍ କ୍ଲବର ସଭାପତି ଅରକ୍ଷିତ ରାଉତ, ସମ୍ପାଦକ ରୋହିତ ରାଉତଙ୍କ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଯୁବକମାନେ ଯୋଗ ଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ।

# ପ୍ରବାସୀଙ୍କ ଫେରିବା ବାଟକୁ ଚାହିଁଛନ୍ତି ପରିବାର

କେନ୍ଦ୍ରାପଡ଼ା, ୧୭।୧୦ (ଜଗନ୍ନାଥ ଧଳ)


ବାହାରେ ଥିବା ପ୍ରବାସୀ ଶ୍ରମିକ ରୋଷେଇ କରି ଖାଉଛନ୍ତି।


ବାହାର ରାଜ୍ୟର ଏକ ସୂତା ମିଲରେ ଓଡ଼ିଆ ଶ୍ରମିକ କାମ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଞ୍ଚଳର ୨୫ ଶ୍ରମିକ ମ୍ୟାନ୍‌ମାର ଓ ଚାଇନା ମଧ୍ୟବର୍ତ୍ତୀ ଲାଓସ୍‌ରେ ଫସି ରହିଛନ୍ତି। ସେମାନଙ୍କ ନିର୍ଯାତନା କାହାଣୀ ଜାଣିବା ପରେ ରାଜ୍ୟ ସରକାରଙ୍କ ଉଦ୍ୟମରେ ଫେରି ଆସିବେ ବୋଲି ପରିବାର ସଦସ୍ୟ ଆଶା ରଖିଛନ୍ତି। ତେବେ ଏହି ଜିଲାର ପ୍ରବାସୀ ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି। ୨୦୨୨ ମହାକାଳପଡ଼ା ବ୍ଲକ କୁମ୍ଭାରପଡ଼ା ଗାଁର ମାଗୁଣି ସ୍ୱାଇଁଙ୍କ ପୁଅ କମଳାକାନ୍ତ (୨୫) ପରିବାର ପ୍ରତିପୋଷଣ ପାଇଁ ଶ୍ରୀଲଙ୍କା ଯାଇଥିଲେ। କଲମ୍ବୋଠାରେ ଅଶୋକ ଷ୍ଟିଲ୍ ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍‌ରେ ମାସିକ ୧୬ ହଜାର ଟଙ୍କାରେ କାମ କରୁଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ପରିବାର ନିକଟରେ ପହଞ୍ଚିଥିଲା। ସେହିପରି ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକର ଅଜୟ ମଲ୍ଲିକ, ମନୋରଞ୍ଜନ ଖୁଣ୍ଟିଆ, ପ୍ରଫୁଲ୍ଲ ସେଠୀ, ହିମାଂଶୁ ମହାନ୍ତି, ବିକାଶ ବେଉରା, ସତ୍ୟେନ୍ଦ୍ର ଯାଦବ, ପ୍ରକାଶ ନାୟକ, ଦୀପକ ଭୂୟାଁ, ବଳରାମ ମଲ୍ଲିକ, ମନୋଜ ମଲ୍ଲିକ ପ୍ରମୁଖ ୧୨ ଜଣ ଦୁବାଇକୁ କର୍ମ ଅନ୍ୱେଷଣରେ ଯାଇଥିଲେ। ଡିପ୍ଲୋମା ଓ ଆଇଟିଆଇ ପାସ୍ କରି ଯାଇଥିବା ଏହି ଯୁବକଙ୍କୁ ଠିକାଦାର ନେଇଥିବା ବେଳେ ସେଠାରେ ଏମାନଙ୍କୁ ଛାଡ଼ି କେଉଁଆଡ଼େ ପଳାଇଯାଇଥିଲେ। କୌଣସି ପ୍ରକାର ଅଜୟ ଘରକୁ ଫେରିଥିବା ବେଳେ ୧୧ ଯୁବକ ଏବେ ଦୁବାଇରେ ଫସିଯାଇଥିବା ଖବର ପ୍ରକାଶ ପରେ ପ୍ରଶାସନିକ ଅଧିକାରୀ ଓ ଜିଲାର କେତେଜଣ ରାଜନେତାଙ୍କ ଉଦ୍ୟମ ପରେ ଘରକୁ ଫେରିଥିଲେ। ଏ ନେଇ ଆଳି ଥାନା ଓ ଜିଲା ପ୍ରଶାସନକୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଥିଲା। ପ୍ରବାସରେ ଥିବା କେନ୍ଦ୍ରାପଡ଼ାର ଏହି ଶ୍ରେଣୀର ଯୁବବର୍ଗ ଏବେ ବି ମୃତ୍ୟୁ ଓ ନିର୍ଯାତନାର ସାମ୍ନା କରୁଛନ୍ତି।

- କର୍ମନିଯୁକ୍ତି ପାଇଁ ଜିଲାରେ ସୁଯୋଗ ନାହିଁ
- ନିର୍ଯାତନା, ମୃତ୍ୟୁ ମଧ୍ୟରେ ପ୍ରବାସୀ ଶ୍ରମିକଙ୍କ ଭାଗ୍ୟ
- ଲାଓସ୍‌ରେ ଫସିଛନ୍ତି ରାଜକନିକାର ୨୫ ଶ୍ରମିକ

ସ୍ଥାନୀୟ ଅଞ୍ଚଳରେ କର୍ମନିଯୁକ୍ତି ସମସ୍ୟା ସମାଧାନ ହୋଇପାରୁ ନ ଥିବାରୁ ଏପରି ଘଟଣା ନଜରକୁ ଆସୁଛି। ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ, ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ, ଚିତ୍ତରଞ୍ଜନ ଦାସ, ସୁଶାନ୍ତ କୁମାର ନାୟକ ପ୍ରମୁଖ କହିଛନ୍ତି, ପ୍ରବାସୀ ଶ୍ରମିକଙ୍କ ନିର୍ଯାତନା କାହାଣୀ ଏହି ଜିଲାରେ ନୂଆ ନୁହେଁ। ସେହିପରି ନିର୍ଯାତନା କାହାଣୀ ପ୍ରତିମାସରେ ଶୁଣିବାକୁ ମିଳୁଛି। ଗତ କରୋନା ସଂକ୍ରମଣ କାଳରେ ଏହି ଜିଲାକୁ ମୋଟ ୫୮,୭୩୭ ଜଣ ପ୍ରବାସୀ ଆସିଥିବା ଜିଲା ଜରୁରିକାଳୀନ ବିଭାଗରେ ପଞ୍ଜୀକୃତ ହୋଇଛି। ତେବେ ଜିଲାର ୧୬ ଲକ୍ଷ ଲୋକଙ୍କ ମଧ୍ୟରୁ ପ୍ରବାସୀଙ୍କ ସଂଖ୍ୟା ପ୍ରାୟ ୪୭ ପ୍ରତିଶତ ଶ୍ରମିକ କର୍ମ ଅନ୍ୱେଷଣରେ ବାହାରକୁ ଯାଉଥିବା ଏକ ସାମାଜିକ ସଙ୍ଗଠନର ସର୍ଭେ ରିପୋର୍ଟରୁ ତଥ୍ୟ ମିଳିଛି। ଅଦ୍ୟାବଧି ଜିଲାରେ କ୍ଷୁଦ୍ର, ମଧ୍ୟମ ତଥା ବୃହତ୍ ଶିଳ୍ପ ନାହିଁ। ସେହିପରି ରାଜ୍ୟର ନଦୀପଥରେ ଦ୍ୱିତୀୟ ବୃହତମ ହୋଇଥିଲେ ମଧ୍ୟ ଜଳ ପରିଚାଳନା ପାଇଁ କୃଷି କ୍ଷେତ୍ର ବିପର୍ଯ୍ୟସ୍ତ ହୋଇଛି। ଜାତୀୟ ଉଦ୍ୟାନ ଓ ରାମସାର ସାଇଟ୍ ଭାବେ ଭିତରକନିକା ମାନ୍ୟତା ପାଇଥିଲେ ମଧ୍ୟ ପର୍ଯ୍ୟଟନ ଶିଳ୍ପ ରୁଗ୍ଣ ଅବସ୍ଥାରେ ଅଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ଅଭାବରୁ ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଏପରିସ୍ଥିତିରେ ଜିଲାର ଯୁବବର୍ଗ ବାଧହୋଇ ପ୍ରବାସକୁ ଦାଦନ ଖଟିବାକୁ ଯାଉଛନ୍ତି। ଏହି ଯୁବବର୍ଗଙ୍କୁ ଶ୍ରମିକ ଦଲାଲ ଅର୍ଥ ପ୍ରଲୋଭନ ଦେଖାଇ ନେଉଥିଲେ ମଧ୍ୟ ଏମାନଙ୍କର ଲାଇସେନ୍ସ ନାହିଁ। ଫଳରେ ପ୍ରବାସରେ ନିର୍ଯାତିତ ଅଥବା ମୃତ୍ୟୁ ହେଲେ ପ୍ରଶାସନ ନିକଟରେ ଖବର ପହଞ୍ଚି ପାରୁନାହିଁ। ଏପରିକି ସରକାରୀ କ୍ଷତିପୂରଣରୁ ଶ୍ରମିକଙ୍କ ପରିବାର ବଞ୍ଚିତ ହେଉଛନ୍ତି। ଗ୍ରାମୱାରି ଶ୍ରମିକ ଚିହ୍ନଟକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ପଞ୍ଜୀକୃତ କଲେ ଶ୍ରମିକଙ୍କ ନିର୍ଯାତନା କାହାଣୀ କମିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଶ୍ରମିକଙ୍କ ପଞ୍ଜୀକରଣ ସମ୍ପର୍କରେ ଡିଭିଜନାଲ ଶ୍ରମ କମିଶନର ପ୍ରଦୀପ୍ତ ମହାନ୍ତିଙ୍କୁ ପଚାରିବାରେ ଶ୍ରମିକ ଚିହ୍ନଟ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି। ଜିଲାର ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟରେ ନିଜ ନାମ ପଞ୍ଜୀକୃତ କରି ବାହାରକୁ ଯିବାକୁ ସେ ପରାମର୍ଶ ଦେଇଛନ୍ତି।

## ବ୍ୟାଙ୍କ ଶାଖାରେ ଟଙ୍କା ନ ଥିବାରୁ ଗ୍ରାହକ ହନ୍ତସନ୍ତ

**କଟକ କ୍ରେଡିଟ୍ କୋ ଅପରେଟିଭ୍ ଲିଃ**

ରାଜକନିକା, ୧୭।୧୦ (ସଞ୍ଜୟ କୁମାର ଦାଶ)


ବ୍ୟାଙ୍କକୁ ଆସି ମହିଳାପୁରୁଷମାନେ ଟଙ୍କା ଉଠାଇ ନ ପାରି ବସି ରହିଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକରେ ଥିବା କଟକ କ୍ରେଡିଟ୍ କୋ ଅପରେଟିଭ୍ ଲିଃ ବ୍ୟାଙ୍କ ଶାଖାରେ ଟଙ୍କା ନ ଥିବାରୁ ଗ୍ରାହକମାନେ ଉଠାଣ କରିବାରେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଦୂରଦୂରାନ୍ତରୁ ଆସୁଥିବା ଏହି ବ୍ୟାଙ୍କର ଗ୍ରାହକ ଭିଡ଼ରୁ ବଞ୍ଚିବା ପାଇଁ ସକାଳ ସମୟରେ ବା ବ୍ୟାଙ୍କ ଖୋଲିବା ସମୟ ପୂର୍ବରୁ ଆସି ଧାଡ଼ିରେ ଛିଡ଼ା ହୋଇଥାନ୍ତି। ସେଇ ପରିପେକ୍ଷୀରେ ମଙ୍ଗଳବାର ସକାଳ ସମୟରୁ ଦୂରଦୂରାନ୍ତରୁ ଆସିଥିବା ଗ୍ରାହକମାନେ ସବୁଦିନ ପରି ଧାଡିରେ ଛିଡା ହୋଇଥିଲେ। ନିର୍ଦ୍ଧାରିତ ସମୟରେ ବ୍ୟାଙ୍କ ଖୋଲିଲା। କେହି ଜଣେ କର୍ମଚାରୀ ଆସି ଗ୍ରାହକମାନଙ୍କୁ କହିଲେ, ଆଜି ବ୍ୟାଙ୍କରେ ଟଙ୍କା ନାହିଁ ଶୁକ୍ରବାର ଆସନ୍ତୁ। ସାଇକେଲ, ବାଇକ୍‌ରେ ଦୂରଦୂରାନ୍ତରୁ ଆସିଥିବା ଗ୍ରାହକ କର୍ମଚାରୀଙ୍କ କଥା ଶୁଣି ହତବାକ୍ ହୋଇଯାଇଥିଲେ। ଏମିତିକି ବ୍ୟାଙ୍କ ସମ୍ମୁଖରେ ଭିଡ଼ ନ କରିବାକୁ ମଧ୍ୟ କହିଥିଲେ। ବ୍ୟାଙ୍କ କର୍ମଚାରୀଙ୍କ ଏଭଳି କଥା ଶୁଣି ଧାଡ଼ିରେ ଛିଡାହୋଇଥିବା ବୟସ୍କ ମହିଳାପୁରୁଷମାନେ ଅଭିଯୋଗ କରିଛନ୍ତି। ତେବେ ଦୁଃଖ କଷ୍ଟ କରି ଉପାର୍ଜନ କରିଥିବା ଟଙ୍କା ଯଦି କାମରେ ନ ଲାଗି ବ୍ୟାଙ୍କରେ ସାଇତା ହେବ ଲୋକମାନଙ୍କର ଲାଭ କ'ଣ ହେବ ବୋଲି ପ୍ରଶ୍ନ କରିଛନ୍ତି। ଏମିତିକି କେହି କେହି ଆମେ ଟଙ୍କା ଖର୍ଚ୍ଚ କରି ବାରମ୍ବାର ଆସି ଟଙ୍କା ନ ଥିବା କାରଣରୁ ଫେରୁଛୁ କହି କ୍ଷୋଭ ପ୍ରକାଶ କରିଥିଲେ। ଆଗକୁ ଦୁର୍ଗାପୂଜା ଥିବାରୁ ଖର୍ଚ୍ଚ କରିବାକୁ ଆମ ଟଙ୍କା ଉଠାଣ କରିପାରୁନାହୁଁ ଏହାଠାରୁ ଦୁଃଖର ବିଷୟ ବା କ'ଣ ହୋଇପାରେ । ଅନ୍ୟପଟେ କଟକ ମୁଖ୍ୟ ଶାଖାରୁ ଆମର ଟଙ୍କା ସୋମବାର ଓ ଗୁରୁବାର ଆସେ। ସୋମବାର ଟଙ୍କା ନ ଥିବା କାରଣରୁ ଆସିନାହିଁ। ତେଣୁ ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ଆସିବ, ଗ୍ରାହକମାନେ ଶୁକ୍ରବାର ଆବଶ୍ୟକ ଅନୁସାରେ ଉଠାଣ କରିପାରିବେ ବୋଲି ଶାଖା ପ୍ରବନ୍ଧକ ରବୀନ୍ଦ୍ର ସେନାପତି କହିଛନ୍ତି।

## ୧୨୮ ଗ୍ରାମ ହେରୋଇନ ଜବତ

ଜଗତ୍‌ସିଂହପୁର, ୧୭।୧୦ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅଧୀନ ସିନଗାରପୁର ହାଟ ନିକଟରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୨୮ ଗ୍ରାମ ହେରୋଇନ ଜବତ ହୋଇଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ମଙ୍ଗୁଳି ଚରଣ ଦାସ। ଜବତ ହେରୋଇନର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ମାମଲା (ନଂ. ୮୪/୨୩-୨୪) ରୁଜୁ କରାଯାଇଛି। ଏହି ଚଢ଼ାଉରେ ଜଗତ୍‌ସିଂହପୁର ଅବକାରୀ ବିଭାଗର ଓଆଇସି ପ୍ରକାଶ କୁମାର ମଲ୍ଲିକ, ଏସ୍‌ଆଇ ସରୋଜ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଜରିସାହି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ସୁରଭି ପ୍ରତିଯୋଗିତାରେ ଛାତ୍ରୀମାନଙ୍କ ନୃତ୍ୟ ପରିବେଷଣ।

ରାଜକନିକା, ୧୭।୧୦ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଜରିସାହି ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ସୁରଭି ଓ ଓଡ଼ିଶା ମିଲେଟ୍ସ ମିଶନ ପ୍ରତିଯୋଗିତା କୋଠସାହି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଖଗେଶ୍ୱର ପଢ଼ିହାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ (ଡେରାବିଶ ବ୍ଲକ) ନରହରି ସୂତାର, ସମ୍ମାନିତ ଅତିଥି ଭାବେ ବିଆର୍‌ସିସି କୈଳାସ ଚନ୍ଦ୍ର ସାହୁ, ଏବିଇଓ ସୁରୁଚିପ୍ରଭା ଦାଶ, କଣ୍ଟପଡ଼ା ସରପଞ୍ଚ ବିଜୟାଲକ୍ଷ୍ମୀ ବେହେରା, ଅବସରପ୍ରାପ୍ତ ଏବିଇଓ ଗୁରୁଚରଣ ଭୂୟାଁ ଓ ଅବସରପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। କ୍ଲଷ୍ଟରସ୍ତରୀୟ ୧୪ ସ୍କୁଲର ୧୬୪ଜଣ ଛାତ୍ରୀଛାତ୍ର ୨୧ଟି ବିଭାଗର ପ୍ରତିଯୋଗିତାରେ ଭାଗନେଇଥିଲେ। ଅପରାହ୍ଣରେ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ସିଆର୍‌ସିସି ଖଗେଶ୍ୱର ପଢିହାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ କାଳିପ୍ରସାଦ ନାୟକ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ବଳ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସୁରଭି କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ପ୍ରଧାନ ଶିକ୍ଷକ ରାଜକିଶୋର ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାନସ ରଞ୍ଜନ ମଲ୍ଲିକ, ସାମାଜିକ କର୍ମୀ ହୃଷୀକେଶ ବେହେରା, ସହକାରୀ ଶିକ୍ଷକ ରମାକାନ୍ତ ନାୟକ ପ୍ରମୁଖଙ୍କୁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଓ ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରାଧନ ଶିକ୍ଷକ ପାଢ଼ୀ ଧନ୍ୟବାଦ ଦେଇଥିଲେ। ଏଥିରେ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କୋଠସାହି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟାସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଜବରଦଖଲରେ ପାଳିମୀ ଗୋଚର, ଅନାବାଦୀ ଜମି

ଆଳି, ୧୭।୧୦ (ବନମାଳୀ ସେନାପତି)


ସରକାରୀ ଜମିରେ ଘର ନିର୍ମାଣ କରାଯାଇଛି।

କେନ୍ଦ୍ରାପଡ଼ା ଜିଲା ଆଳି ତହସିଲରେ ଅନାବାଦୀ, ଗୋଚର ଜମି ବହୁ କମ୍ ପରିମାଣର ଥିବା ବେଳେ ପ୍ରାୟ ସବୁ ଜମି ଜବରଦଖଲରେ ରହିଛି। ଆଳି ଅଞ୍ଚଳରେ ଏହି ଜବରଦଖଲ ଏବେ ଚିନ୍ତାର ବିଷୟ ପାଲଟିଛି। ତହସିଲ ଅନ୍ତର୍ଗତ ପାଳିମୀ ଗ୍ରାମବାସୀ ଜବରଦଖଲରେ ଥିବା ପ୍ଲଟ୍ ଉଚ୍ଛେଦ ନିମନ୍ତେ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଏରଡଙ୍ଗ ରାଜସ୍ୱ ସର୍କଲ ଅନ୍ତର୍ଗତ ପାଳିମୀ ଗ୍ରାମର ପୂର୍ବ ସୀମାରେ ଥିବା ପ୍ଲଟ୍ ନଂ. ୧୨୪୬ ସରକାରୀ ଗୋଚର ଜମିକୁ ଉକ୍ତ ସୀମା ସଂଲଗ୍ନ ଗଣେଶ୍ୱରପୁର ମୌଜାର କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚଞ୍ଚକତା କରି ନିଜ ନାମରେ ପଟ୍ଟା କରି ନେଇ ଘରବାରି କରି ନେଇଛନ୍ତି। ପ୍ଲଟ୍ ନଂ. ୧୨୪୭ ଓ ୧୨୪୮ ସରକାରୀ ଗୋଚର ଜମିକୁ ଜବରଦାଖଲ କରି ବାଡ ବନ୍ଦୀ କରିବା ସହ ବଗିଚା ତିଆରି କରିଛନ୍ତି। ଏ ବିଷୟରେ ସେମାନେ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ ଏଯାଏ କିଛି ପଦକ୍ଷେପ ନିଆଯାଇନାହିଁ। ସେମାନଙ୍କର ଗୋରୁ ଚାରଣ ଓ ଚଳପ୍ରଚଳ ପାଇଁ ବହୁ ଅସୁବିଧା ହେଉଛି। ତେଣୁ ସେମାନେ ଏ ବିଷୟରେ ମୁଖ୍ୟ ଶାସନ ସଚିବ, ରାଜସ୍ୱ ସଚିବ, ୫-ଟି ସଚିବ, ଆର୍‌ଡିସି କଟକ, ଜିଲାପାଳ କେନ୍ଦ୍ରାପଡ଼ା ଓ ତହସିଲଦାର ଆଳିଙ୍କ ନିକଟରେ ସାମୂହିକ ଅଭିଯୋଗ କରିଛନ୍ତି। ଯଦି ତୁରନ୍ତ ଏହା ଉପରେ କିଛି ପଦକ୍ଷେପ ନିଆ ନ ଯାଏ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ରାଜନଗର, ୧୭।୧୦ (ଭାସ୍କର ରାଉତରାୟ)

ରାଜନଗର ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟ ସୁମିତ୍ରା ସେଠୀ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସୁଧାଂଶୁବାଳା ଦାସ, ଶିକ୍ଷାବିତ୍ ବିଜୟ କୁମାର ଜେନା, ଶିକ୍ଷକ ଶୁଭ୍ରଜ ବରାଳ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସିଆରସିସି ମଧୁସୂଦନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସମିତା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ। ତର୍କ, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ପ୍ରଭୃତି ବିଭାଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ରାଜନଗରରେ ୨ ରାଜନୈତିକ ଦଳର ବିକ୍ଷୋଭ

ରାଜନଗର, ୧୭।୧୦ (ଭାସ୍କର ରାଉତରାୟ)



ରାଜନଗର ବ୍ଲକ ବିଜେଡି ପକ୍ଷରୁ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ରାଜନଗର ଯୁବ କଂଗ୍ରେସ ପକ୍ଷରୁ ଡିଏଫ୍‌ଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଆସନ୍ତା ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନଗର ରାଜନୀତିରେ ଅନେକ ରାଜନୈତିକ ଦୃଶ୍ୟ ଏବେ ଦେଖିବାକୁ ମିଳୁଛି। ମଙ୍ଗଳବାର ଦିନତମାମ ରାଜନଗର ବ୍ଲକରେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଥିଲା। ଗୋଟିଏ ପଟରେ ବିଜେଡି ପକ୍ଷରୁ ଗୋଚର ଜମିରେ ଥିବା କଂଗ୍ରେସ କାର୍ଯ୍ୟାଳୟକୁ ଉଚ୍ଛେଦ ଦାବି ନେଇ ତହସିଲଦାରଙ୍କୁ ଦାବିପତ୍ର ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅପରପକ୍ଷରେ କଂଗ୍ରେସ ପକ୍ଷରୁ ଜଙ୍ଗଲ ଜମିରେ ଗଢି ଉଠିଥିବା ହୋଟେଲଗୁଡ଼ିକୁ ଉଚ୍ଛେଦ ପାଇଁ ଡିଏଫ୍‌ଓଙ୍କୁ ଦାବିପତ୍ର ଓ ବିକ୍ଷୋଭ ପ୍ରଦର୍ଶନ ସମୟର ଦୃଶ୍ୟ ରାଜନୈତିକ ଦୃଶ୍ୟପଟ୍ଟକୁ ଅଧିକ ଚଞ୍ଚଳ କରିଛି।

ବିଜେଡିର କର୍ମୀମାନେ ତନ୍ତି ପୋଖରୀ ନିକଟରୁ ଶୋଭାଯାତ୍ରାରେ ଆସି ରାଜନଗର ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜନଗର-ପଟ୍ଟାମୁଣ୍ଡାଇ ମୁଖ୍ୟ ରାସ୍ତା ଓ ପାଣିନାଳକୁ ବନ୍ଦ କରି ଗୋଚର ଜମିରେ ବେଆଇନ ଭାବେ କଂଗ୍ରେସ କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଗର୍ଜନପୁର ମୌଜାର ଖାତା ନଂ. ୨୦୭, ପ୍ଲଟ ନଂ. ୬୨୭ ଗୋଚର କିସମ ଜମିରେ ସରକାରୀ ଜମିକୁ ଜବରଦଖଲ କରି କଂଗ୍ରେସ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। ବେଆଇନ ଭାବେ କଂଗ୍ରେସ କାର୍ଯ୍ୟାଳୟ ନିର୍ମାଣ ଯୋଗୁ ସେଠାରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି ଓ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ତୁରନ୍ତ ବେଆଇନ ଭାବେ ନିର୍ମାଣ ହୋଇଥିବା କଂଗ୍ରେସ କାର୍ଯ୍ୟାଳୟକୁ ୭ଦିନ ଭିତରେ ଉଚ୍ଛେଦ କରିବାକୁ ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଦାବିପତ୍ର ରାଜନଗର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି,

- ଯୁବ କଂଗ୍ରେସ ପକ୍ଷରୁ ଡିଏଫ୍‌ଓ ଅଫିସ୍, ବିଜେଡି ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ
- ଜଙ୍ଗଲ ଜମିରୁ ହୋଟେଲ, ଗୋଚର ଜମିରୁ କଂଗ୍ରେସ କାର୍ଯ୍ୟାଳୟ ଉଚ୍ଛେଦ ଦାବି

ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲ୍ଲିକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, କେନ୍ଦ୍ରାପଡ଼ା ଜିଲା ଓବିସି ସେଲ୍ ସଭାପତି ବିଜୟ ନାୟକ, ଆମ୍ବାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ନରହରି ଜେନା, ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ ପ୍ରମୁଖ ଶତାଧିକ ବିଜେଡି କର୍ମୀ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ତ୍ରିନାଥବଜାରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରୁ ଯୁବ କଂଗ୍ରେସ ସଭାପତି ପ୍ରଭାତ କୁମାର ରାଉଳ, ଛାତ୍ର କଂଗ୍ରେସର ସଭାପତି ସତ୍ୟବ୍ରତ ପାଣି, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ବେହେରା ନେତୃତ୍ୱରେ ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟବ୍ରତ ସାମଲ, ଓଁକାର ଜେନା, ଦେବାଶିଷ ମହାନ୍ତି ଓ ସହଦେବ ସାହୁ, ସମୀର ଜେନା, ଶୁକଦେବ ଭଦ୍ର ପ୍ରମୁଖ କର୍ମୀମାନେ ଶୋଭାଯାତ୍ରାରେ ବାହାରି ଡିଏଫ୍‌ଓ ଅଫିସ ସମ୍ମୁଖରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାଙ୍କୁଆଳ ମୌଜାର ଖାତା ନଂ. ୧୦, ପ୍ଲଟ ନଂ. ୩୬ରେ ଜଙ୍ଗଲ ଜମିରେ ହୋଟେଲ ନିର୍ମାଣ ହୋଇଛି। ଏହି ହୋଟେଲର ମାଲିକାନାରେ ସ୍ଥାନୀୟ ବିଜେଡି ନେତାଙ୍କ ସହଭାଗିତା ଥିବାରୁ ବନ ବିଭାଗ ଜଙ୍ଗଲ ଜମିକୁ ଉଚ୍ଛେଦ ନ କରି କୁମ୍ଭକର୍ଣ୍ଣ ନିଦରେ ଶୋଇଛି ବୋଲି ଅଭିଯୋଗ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ଭିତରକନିକାରେ ଥିବା ସମସ୍ତ ହୋଟେଲ ଓ ଜବରଦଖଲ ଉଚ୍ଛେଦ କରିବାକୁ କଂଗ୍ରସ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ତହସିଲଦାରଙ୍କୁ ମଧ୍ୟ ଦାବିପତ୍ର ଦିଆଯାଇଛି।

## ସଂକ୍ଷେପରେ

### ୨ ବାଣ ବ୍ୟବସାୟୀ ଜେଲ ଗଲେ

**ନୟାଗଡ଼,୧୭।୧୦(ଲୋକନାଥ ମିଶ୍ର):** ନୟାଗଡ଼ ସଦର ଥାନା ପୋଲିସ ୨ ବାଣ ବ୍ୟବସାୟୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ରାଇପୁର ଗାଁର ପ୍ରଭାତ ନାୟକ ଓ ଖଦାଳ ନାୟକଙ୍କୁ ନୟାଗଡ଼ ସବ୍‌ଜେଲ କୁ ପଠାଯାଇଛି।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ଓଡ଼ଗାଁ,୧୭।୧୦(ଆଦର୍ଶ କୁମାର ପଟ୍ଟନାୟକ):** ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ପୋଲିସ ଜଣେ ନାବାଳିକାଙ୍କୁ



ଭୟଭୀତ କରି ବଳାତ୍କାର କରିବା ସହିତ ଜାତିଆଣ ଆକ୍ଷେପ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଗନ୍ନାଥ ସାହୁ (୨୫) ଓରଫ ଜଗା ଗତ ୧୩ ତାରିଖରେ ଜଣେ ନାବାଳିକାଙ୍କ ଘରେ ପଶି ବଳାତ୍କାର କରିଥିଲେ । ଏଥି ସହିତ ନାବାଳିକାଙ୍କୁ ଜାତିଆଣ ଆକ୍ଷେପ କରିଥିଲେ । ଏପରି କି ସେ ସ୍ନେକ ହେଲ୍ପ ଲାଇନରେ କାମ କରୁଥିବାରୁ ନାବାଳିକାଙ୍କ ଘରେ ସାପ ଆଣି ଛାଡ଼ି ଦେବାକୁ ଧମକ ଦେଇଥିଲେ। ଗତ ୧୫ ତାରିଖରେ ନାବାଳିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୧୪/୨୩) ରୁଜୁ କରି ତଦନ୍ତ କରିଥିଲା । ଏହି ମାମଲାର ଗୁରୁତ୍ୱ ଥିବାରୁ ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ ଏହାର ତଦନ୍ତ କରୁଥିଲେ। ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ବିଦେଶୀ ମଦ ଜବତ, ଜଣେ ଗିରଫ

**ରଣପୁର,୧୭।୧୦(ସୁକାନ୍ତ କିଶୋର ଡାକୁଆ):** ନୟାଗଡ଼ ଜିଲା ରଣପୁର ଥାନା ଅଧୀନରେ ଥିବା ସୁନାଖଳା ଫାଣ୍ଡି ପୋଲିସ ମଙ୍ଗଳବାର ଆଙ୍କୁଳ ପାଟଣା ସାହିରେ ଚଢ଼ାଉ କରି ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରିଛି । ତାଙ୍କ ଘରୁ ବିଦେଶୀ ମଦ ଜବତ କରାଯାଇଛି। ଗିରଫ ବ୍ୟବସାୟୀ ହେଲେ ସର୍ବେଶ୍ୱର ସାହୁ(୫୩) । ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଫାଣ୍ଡି ଅଧିକାରୀ ପ୍ରୀତି ପ୍ରକାଶ ମହାନ୍ତିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସର୍ବେଶ୍ୱର ନିଜ ଘରେ ବିଦେଶୀ ମଦ ରଖି ବିଭିନ୍ନ ସମୟରେ ଆଖ ପାଖ ଅଞ୍ଚଳକୁ ଚାଲାଣ କରିଥାଆନ୍ତି । ପୋଲିସ ତାଙ୍କ ଘର ଉପରେ ଚଢ଼ାଉ କରି ୨୫ ବୋତଲ ବିଦେଶୀ ମଦ ଜବତ କରିଥିଲା ।

# ବିଭାଗ ଦେଉଛି ବିଭ୍ରାନ୍ତିକର ତଥ୍ୟ

**ନୂଆଗାଁ,୧୭।୧୦ ( ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତର ଗୁଡୁପାଙ୍ଗି ଗ୍ରାମବାସୀ ଗତ ୮ ମାସ ହେଲା ପାନୀୟ ଜଳ ଯୋଗାଣରୁ ବଞ୍ଚିତ ହୋଇଛନ୍ତି । ଏ ସଂକ୍ରାନ୍ତରେ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ଏହାର ଉତ୍ତର ରଖିବା ସହ ତଦନ୍ତ ରିପୋର୍ଟ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜଣାଇବା ପାଇଁ ନୟାଗଡ଼ ଜିଲାପାଳ, ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ କାର୍ଯ୍ୟାଳୟରୁ ନୟାଗଡ଼ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଟୁଇଟ୍ କରାଯାଇଥିଲା। ଉକ୍ତ ଟୁଇଟ୍ ପ୍ରତିଉତ୍ତରରେ ନୟାଗଡ଼ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ (ଚିଠି ନଂ.୪୩୫୬) ବିଭ୍ରାନ୍ତକର ତଥ୍ୟ ଦିଆଯାଇଥିବା ଅଭିଯୋଗ ହେଉଛି ।

ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତର ୪ ୱାର୍ଡ ( ୪, ୫, ୬, ୭)ର ୩ ଶହ ପରିବାରର ପ୍ରାୟ ୨୨୦୦ ଜନସଂଖ୍ୟାଙ୍କୁ ନେଇ ଗୁଡୁପାଙ୍ଗି ଗ୍ରାମ ଗଠିତ । ଗ୍ରାମବାସୀଙ୍କ କହିବାନୁଯାୟୀ, ସେମାନଙ୍କ ବ୍ୟବହାର ନିମନ୍ତେ ୫ ନଳକୂଅ ଓ ୨ ଖୋଲା କୂଅ ରହିଛି । ସେଥିରୁ ପାଣି ବ୍ୟବହାର କରି ଗ୍ରାମର ଶରତ ନାୟକ, ବାଲୁଙ୍କେଶ୍ୱର ନାୟକ, ଦାଶରଥୀ ପରିଡ଼ା, ପରମାନନ୍ଦ ସାହୁ, ରବି ବେହେରା,

**୮ ମାସ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ଘଟଣା**



ଅଚଳ ହୋଇ ପଡିଥିବା ପମ୍ପ ହାଉସ୍ ।

ହଜାରୀ ନାୟକଙ୍କ ସମେତ ଅନେକ ଲୋକ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି । ଏପରି କି ଉକ୍ତ ଜଳ ଉତ୍ସରୁ ପାଣି ବ୍ୟବହାର କରି ଏବେ ବି ଅନେକ ଲୋକ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଏଥିପାଇଁ ଗୁଡୁପାଙ୍ଗି ଗ୍ରାମକୁ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲା । ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ହୋଇଥିଲା । ଗୁଡୁପାଙ୍ଗି ଗ୍ରାମରେ କାମ କରୁଥିବା ପମ୍ପ ଅପରେଟରଙ୍କୁ ମହିପୁର ଆରଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟକୁ ବଦଳି କରାଯିବା ପରେ ଦୀର୍ଘ ୮ ମାସ ହେଲା ସେଠାରେ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଯାହାଫଳରେ ଗୋଟିଏ ଖୋଲା କୂଅ ଓ ଗାଁର ଅନତି ଦୂରରେ ଥିବା ନଦୀର ଚୁଆ ପାଣି ଗ୍ରାମବାସୀଙ୍କ ଜୀବନ ରଖିଛି ବୋଲି କହିଛନ୍ତି ଗ୍ରାମବାସୀ । ଏ ବାବଦରେ ଆରଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଲିପ୍‌ସା ମହାନ୍ତିଙ୍କୁ ପଚାରିବାରେ ପାଣି ପମ୍ପରେ ବିଦ୍ୟୁତ୍ ବ୍ୟବସ୍ଥାରେ ତ୍ରୁଟି ଯୋଗୁ ମୋଟର ପମ୍ପ ଚାଲୁ ନାହିଁ । ଯାହା ଫଳରେ ୧୫ ଦିନ ହେଲା ଜଳ ଯୋଗାଣ ବନ୍ଦ ଅଛି। ତାହାକୁ ମରାମତି ପାଇଁ ବିଦ୍ୟୁତ୍ ବିଭାଗକୁ ଜଣାଇଛୁ ବୋଲି କହିଥିଲେ । କିନ୍ତୁ ଟୁଇଟର ପ୍ରତି ଉତ୍ତରରେ ୨୦୧୧ ମସିହାର ଲୋକ ସଂଖ୍ୟା ଦିଆଯିବା ସହ ୨୩ଟି ନଳକୂଅରୁ ଜଳ ସରବରାହ ହେଉଛି ଏବଂ ପମ୍ପ ଅପରେଟର ନ ଥିବା ଯୋଗୁ ଜଳ ଯୋଗାଣ ବନ୍ଦ ଥିବା ତଥ୍ୟ ଦିଆଯାଇଛି, ଯାହାକି ସମ୍ପୂର୍ଣ୍ଣ ଭୁଲ୍ ତଥ୍ୟ ବୋଲି ଗ୍ରାମବାସୀ କହିଛନ୍ତି । ଏପରି ତଥ୍ୟ ବାବଦରେ ଯନ୍ତ୍ରୀ ମହାନ୍ତିଙ୍କୁ ପଚାରିବାରେ ଟୁଇଟରରେ ଅନ୍ ଲାଇନରୁ ତଥ୍ୟ ଦିଆଯାଇଛି । ପ୍ରକୃତରେ ୮ଟି ନଳକୂଅ ଅଛି । ନୂଆ ପମ୍ପ ଅପରେଟର ନିଯୁକ୍ତି କରି ଜଳ ଯୋଗାଇବାକୁ ସରପଞ୍ଚଙ୍କୁ କୁହାଯାଇଥିବା ସେ କହିଛନ୍ତି ।

# ମା'କାଉଁରୀଙ୍କ ଷୋଡ଼ଶୀ ବେଶ



**ନୟାଗଡ଼,୧୭।୧୦(ଲୋକନାଥ ମିଶ୍ର):** ପାର୍ବଣ ଅବକାଶରେ ନୟାଗଡ଼ ବ୍ଲକର ଗୋବିନ୍ଦପୁରସ୍ଥ ମା'କାଉଁରୀ ଠାକୁରାଣୀଙ୍କ ଆଶ୍ୱିନ ପର୍ବ ନବପତ୍ରିକା ଚାଲୁ ରହିଛି। ମା'କାଉଁରୀ ୩ୟ ଦିବସରେ ପିତଳ ଶ୍ରୀମୁଖରେ ଷୋଡ଼ଶୀ ବେଶରେ ଦର୍ଶନ ଦେଇଛନ୍ତି । ମା'ଙ୍କ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମୁଛି । ମଙ୍ଗଳବାର ଭୋର ସମୟରେ ମାଜଣା ପରେ ସୂର୍ଯ୍ୟପୂଜା ହୋଇଥିଲା । ପରେ ଚଣ୍ଡୀପାଠ କରାଯାଇ ଭୋଗ ଲାଗି କରାଯାଇଥିଲା। ପୂର୍ବାହ୍ନ ସାଢ଼େ ୧୦ଟାରେ ଅନ୍ନଭୋଗ ହୋଇଥିଲା। ଅପରାହ୍ନ ୪ଟାରେ ଜାଲେରୀ ଭୋଗ, ସନ୍ଧ୍ୟା ୬ଟାରେ ଟେରାଭୋଗ, ୮ଟାରେ ନୀତି ଭୋଗ, ରାତିରେ ଶଙ୍ଖୁଡି ଭୋଗ ପରେ ପହୁଡ଼ ପଡ଼ିଥିଲା ।

# ଆଡକଟାରେ ଉଦ୍ୟାନ କୃଷି ବିଭାଗ କର୍ମଶାଳା

**ଗଣିଆ,୧୭।୧୦(ସନ୍ତୋଷ କୁମାର ପ୍ରଧାନ):** ନୟାଗଡ଼ ଜିଲା ଗଣିଆ ବ୍ଲକ ଉଦ୍ୟାନ କୃଷି ବିଭାଗ ତରଫରୁ ଆଡକଟାସ୍ଥିତ ଉଦ୍ୟାନକୃଷି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଉଦ୍ୟାନ କୃଷି ବିଭାଗର ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୬୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସରକାରଙ୍କ ଉଦ୍ୟାନ କୃଷି ବିଭାଗ ତରଫରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇଥିଲେ। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା , ସମ୍ମାନୀତ ଅତିଥି ଭାବେ ଆତ୍ମା କମିଟି ଅଧ୍ୟକ୍ଷା ଗୀତାରାଣୀ ରାଉତ,




କର୍ମଶାଳାରେ ଯୋଗଦେଇଥିବା ଅତିଥି।

ଉଦ୍ୟାନ ବିଭାଗ ସହକାରୀ କୃଷି ଅଧିକାରୀ ୟସମିନ ଗୁଲଜାର, ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଗୀତାଞ୍ଜଳି ସୁବୁଦ୍ଧି, ଏପିକଲ ଜିଲା ସଂଯୋଜକ ଅବିନାଶ ଦାଶ, କରଡାପଡା ସରପଞ୍ଚ ପ୍ରମୋଦିନୀ ସାହୁ, ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି, କିଶୋରପ୍ରସାଦ ସରପଞ୍ଚ ଗୀତାରାଣୀ ବେହେରା, ଉଦ୍ୟାନ କୃଷି ଓଭରସିଅର କେଦାର ଚରଣ ବାରିକ, ଫିଲ୍ଡ ଅଫିସର ଗଙ୍ଗାଧର ସ୍ୱାଇଁ, ଉଦ୍ୟାନ ସାଥୀ ଦୀପକ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ଅଧିକାରୀମାନେ ସରକାରଙ୍କ ଆଳୁ ମିଶନ, ମସଲା ମିଶନ, ଛତୁ ମିଶନ, ଘର ଅଗଣାରେ ସବୁଜ ପରିବା ଚାଷ,ଜିଆ ଚାଷ ପରି ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀଙ୍କୁ ପ୍ରୋତ୍ସାହିତ କରିଥିଲେ। ପାରମ୍ପରିକ ପନିପରିବା ଚାଷ ବଦଳରେ ନୂତନ ଜ୍ଞାନକୌଶଳକୁ ଆପଣେଇ ଲାଭଜନକ ପନିପରିବା ଚାଷ କରିପାରିଲେ ଅଳ୍ପ ଜମିରେ ଅଧିକ ଲାଭ ପାଇପାରିବା ସହ ପରିବାର ପ୍ରତିପୋଷଣରେ ବେଶ୍ ସହାୟକ ହେବ ବୋଲି ଉପସ୍ଥିତ ଅତିଥି ଓ ବିଭାଗୀୟ ଅଧିକାରୀମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ବର୍ଷା ନାହିଁ, ଜମି ଫାଟିଲା

- ଧାନ ଗଛ ଶୁଖିଲା ପରେ ମରୁଡ଼ିର ପଦଧ୍ୱନି
- କୁଆଁରିଆ ଡ୍ୟାମ୍‌ରୁ ଜଳ ଛାଡିବାକୁ ନିବେଦନ
- ଅତିରିକ୍ତ ଜିଲାପାଳଙ୍କୁ ଭେଟିଲେ ଚାଷୀ

**ନୟାଗଡ଼,୧୭।୧୦(ଲୋକନାଥ ମିଶ୍ର)**

ବର୍ଷା ନ ଥିବାରୁ ନୟାଗଡ଼ ଜିଲାର ଜମି ଫାଟି ଧାନ ଗଛ ଶୁଖିବା ଆରମ୍ଭ ହୋଇଛି । ଜିଲାର ବିଭିନ୍ନ ଅଞ୍ଚଳରେ ମରୁଡ଼ିର ପଦଧ୍ୱନୀ ଶୁଣିବାକୁ ମିଳିଲାଣି । ଏଭଳିସ୍ଥଳେ ଦଶପଲ୍ଲା କୁଆଁରିଆ ଡ୍ୟାମ୍‌ରୁ ଜଳ ଅଧିକ ପରିମାଣରେ ଛାଡିବାକୁ ଅତିରିକ୍ତ ଜିଲାପାଳଙ୍କୁ ଭେଟି ନୂଆଗାଁ ବ୍ଲକ ସୋରଡ଼ାର ଚାଷୀ ଅନୁରୋଧ କରିଛନ୍ତି । ଏନେଇ ଚାଷୀ ଧନେଶ୍ୱର ଦଳେଇ କୁହନ୍ତି, ମୋ ଗାଁ ସୋରଡ଼ାରେ ୩୩୦ ପରିବାରର ୨ ହଜାର ଲୋକ ବାସ କରନ୍ତି । ଆମ ଗାଁରେ ୫୦୦ ଏକର ଜମି ଅଛି । ସ୍ଥାନୀୟ ଲୋକଙ୍କ ପାଇଁ ଧାନ ପ୍ରମୁଖ ଚାଷ ଅଟେ। ବର୍ଷା ନ ଥିବାରୁ ଧାନ ଜମି ଶୁଖି ଗଲାଣି। ମାଟି ଶୁଖିଯିବାରୁ ଧାନ ଗଛ ଶୁଖି ପାଳ ହେବା ଆରମ୍ଭ ହୋଇଛି। ଏଭଳିସ୍ଥଳେ କୁଆଁରିଆ ଡ୍ୟାମ କର୍ତ୍ତୃପକ୍ଷ କେନାଲରେ ଯେଉଁ ପାଣି ଛାଡୁଛନ୍ତି ସୋରଡା ଅଞ୍ଚଳରେ ମାଡୁ ନାହିଁ । କାରଣ କେନାଲରେ ପାଣି ସୋରଡ଼ା ଅଞ୍ଚଳକୁ ଆସୁ ନାହିଁ । ଏଣୁ କୁଆଁରିଆ ଡ୍ୟାମ୍ କର୍ତ୍ତୃପକ୍ଷ ଅଧିକ ପାଣି ଛାଡିବାକୁ ନିବେଦନ କରାଯାଇଛି ।



ଜଣେ ଚାଷୀ ଶୁଖିଯାଇଥିବା ଧାନ ଗଛ ଜିଲାପାଳଙ୍କୁ ଦେଖାଇବାକୁ ଆଣିଛନ୍ତି।

ଘଟଣା ସମ୍ପର୍କରେ ଧାନଗଛ ନମୁନା ସହ ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରାଇଛୁ ବୋଲି ସେ କହିଛନ୍ତି।

ନୟାଗଡ଼ର ଚାଷୀ ଅମିୟ ନାୟକ କୁହନ୍ତି, ଆଉ ୩ରୁ ୪ଦିନ ବର୍ଷା ନ ହେଲେ ମରୁଡି ଭୟଙ୍କର ହେବ । ଜଳସେଚନର ସୁବିଧା ନ ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ କୁହନ୍ତି, ସୋରଡ଼ାର ଚାଷୀ ମୋତେ ମଙ୍ଗଳବାର ଭେଟିଛନ୍ତି । ଧାନ ଫସଲକୁ ମରୁଡ଼ିରୁ ରକ୍ଷା ଉଦ୍ଦେଶ୍ୟରେ ଚାଷୀ ପାଇଁ ପାଣିର ଆବଶ୍ୟକତା ରହିଛି । ତେବେ କୁଆଁରିଆ ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# ଜିଲାସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ



ଦୌଡ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।




ମଞ୍ଚାସୀନ ଅତିଥି

**ନୟାଗଡ଼,୧୭।୧୦(ଲୋକନାଥ ମିଶ୍ର)**

ନୟାଗଡ଼ ଷ୍ଟାଡିୟମରେ ଜିଲାସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ 'ଉତ୍ସାହ' ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହାକୁ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ଉଦ୍‌ଘାଟନ କରିଛନ୍ତି। ଉତ୍ସାହ ବୁଧବାର ଉଦ୍‌ଯାପିତ ହେବ। ଏହି ଅବସରରେ ୩ ଶିଶୁ ପରିଚର୍ଯ୍ୟା କେନ୍ଦ୍ରର ୧୦୦ ଜଣ ଅନ୍ତେବାସୀ ଯୋଗ ଦେଇଥିଲେ। ନୟାଗଡ଼ କ୍ରୀଡ଼ା ଛାତ୍ରାବାସ ଓ ନୟାଗଡ଼ କଳା ପରିଷଦର ଛାତ୍ରମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗୀମାନେ ୧୦୦ ଓ ୨୦୦ ମିଟର ଦୌଡ, ଲମ୍ବା ଡିଆଁ, ଉଚ୍ଚ ଡିଆଁ, କ୍ୟାରାମ ଓ ଚେସ୍ ପ୍ରତିଯୋଗୀତାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଆୟୋଜନ କରାଯାଇଥିଲା। ଏଥିରେ ଜିଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ୧୮ରେ ହେବାକୁ ଥିବା ଜିଲାସ୍ତରୀୟ 'ମହକ' କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।

# ଆନ୍ତଃ ବିଦ୍ୟାଳୟସ୍ତରୀୟ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ





ବିଜୟୀ ପ୍ରତିଯୋଗିମାନଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

**ନୟାଗଡ଼,୧୭।୧୦(ଲୋକନାଥ ମିଶ୍ର)**

ନୟାଗଡ଼ ସହରର କେସି କ୍ଲବରେ ଦୁଇଦିନ ଧରି ଚାଲୁଥିବା ଆନ୍ତଃ ବିଦ୍ୟାଳୟସ୍ତରୀୟ ଚେସ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ବରିଷ୍ଠ ବର୍ଗରେ ସ୍ୱୟଂ ପ୍ରକାଶ ସାହୁ ଓ କନିଷ୍ଠ ବର୍ଗରେ ଶୁଭସ୍ମିତା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବରିଷ୍ଠ ବର୍ଗରେ ଜାଗୃତି ଘଡ଼େଇ ଦ୍ୱିତୀୟ, ତୃତୀୟରେ ଧର୍ମେଶ ରାୱଲ,ଚତୁର୍ଥରେ ରାଜା ପ୍ରଧାନ ଏବଂ ପଞ୍ଚମରେ କ୍ରୀଷ୍ଣ ରାଓ ଦୋରା ବିଜୟ ହୋଇ ପୁରସ୍କୃତ ହୋଇଛନ୍ତି। ସେହିପରି କନିଷ୍ଠ ବର୍ଗରେ ଦ୍ୱିତୀୟ ସ୍ଥାନରେ କୁଇନ କନସାଇନ ହରିଚନ୍ଦନ, ତୃତୀୟରେ ଏସ୍.ଅର୍ପିତ ସାହୁ,ଚତୁର୍ଥରେ ଲୋକନାଥ ସାହୁ ଏବଂ ପଞ୍ଚମରେ ପ୍ରତୀକ୍ଷା ଦାସ ପୁରସ୍କୃତ ହୋଇଛନ୍ତି। ନୟାଗଡ଼ ଜିଲା ଚେସ୍ ଆସୋସିଏଶନ ଏବଂ କେସି କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଚେସ୍ ଆସୋସିଏଶନ ସଭାପତି ଶ୍ରୀଧର ସାହୁ ପୌରୋହିତ୍ୟ କରିଥିଲେ । ସଭାରେ ସମ୍ପାଦକ ରିତେଶ ରଥ, କେସି କ୍ଲବ ସଭାପତି ଭାଗିରଥି ଦାସ ଏବଂ ସମ୍ପାଦକ ସଂଗ୍ରାମ ଗୁମାନସିଂ ପ୍ରମୁଖ ମଞ୍ଚସୀନ ଥିଲେ। ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୬୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରି ୬ ରାଉଣ୍ଡ ଖେଳିଥିଲେ। ସ୍ୱସ୍ ଲିଗ୍‌ରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟକୁ ଆର୍ବିଟର ବିଷ୍ଣୁପ୍ରସାଦ ପୁରୋହିତ ପରିଚାଳନା କରିଥିଲେ। ଚେସ ଆସୋସିଏଶନ କୋଷାଧ୍ୟକ୍ଷ ତାରୁନ ଖାଁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଲକ୍ଷ୍ମୀଧର ସାହୁ, ଉମାକାନ୍ତ ମିଶ୍ର, ବାଲାରସେନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# କାଗଜ କଲମରେ ସୀମିତ ପଲିଥିନ କଟକଣା

**ଖଣ୍ଡପଡ଼ା,୧୭।୧୦(ଅଜୟ କୁମାର ମହାରଣା)**

ଗାଁ ହେଉ ଅବା ସହର ସବୁଠି ପଲିଥିନର ମୋହ ତୁଟାଇ ପାରୁନାହାନ୍ତି ଗ୍ରାହକ କି ବ୍ୟବସାୟୀ । ବିଭିନ୍ନ ସାମଗ୍ରୀ ସହିତ ମାଛ, ମାଂସ, ବିସ୍କୁଟ, ମିକ୍ସର, ପନିପରିବା ଆଦି ଆଣିବା ପାଇଁ ଗ୍ରାହକମାନଙ୍କୁ ଆଉ ଘରୁ ବ୍ୟାଗ ନେବା ଦରକାର ପଡୁନି । ବ୍ୟବସାୟ ପ୍ରତିଷ୍ଠାନର ମାଲିକମାନେ ଯେତେ ବାରଣ କଲେ ମଧ୍ୟ ଗ୍ରାହକ ବାଧ୍ୟ କରୁଛନ୍ତି ପଲିଥିନିରେ ସାମଗ୍ରୀ ଦିଅ । ବ୍ୟବସାୟ ଦୃଷ୍ଟିରୁ ଦୋକାନୀ ବାଧ୍ୟ ହେଉଛି ପଲିଥିନି ଖଣ୍ଡେ ଦେବାକୁ। ସାରା ରାଜ୍ୟରେ ଏମିତି ଚାଲିଛି । ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ବାଦ ପଡିନି।

ଖଣ୍ଡପଡ଼ା ଏନ୍‌ଏସି ସମେତ, ଖଳିସାହି, କଣ୍ଟିଲୋ, ବାଣପୁର, ସିଧାମୂଳା କୋସକା, ଢୋଲମରା, କୁମ୍ଭାରପଡ଼ା, ବନମାଳୀପୁର, ଜଗନ୍ନାଥପ୍ରସାଦ ଆଦି ସମସ୍ତ ପଞ୍ଚାୟତ ଅଞ୍ଚଳରେ ଥିବା ବ୍ୟବସାୟ ପ୍ରତିଷ୍ଠାନରେ ପଲିଥିନ ବହୁଳ ବ୍ୟବହାର ହେଉଛି । ପଲିଥିନର ଅତ୍ୟଧିକ ବ୍ୟବହାର ଯୋଗୁ ଆଉ କେହି କାଗଜ ଠୁଙ୍ଗା ପ୍ରସ୍ତୁତ କରୁ ନାହାନ୍ତି। ପୂର୍ବରୁ ପଲିଥିନର ପ୍ରଚଳନ ନ ଥିବା ବେଳେ ବହୁ ଲୋକ କାଗଜ ଠୁଙ୍ଗା ତିଆରି କରି ପରିବାର ପ୍ରତିପୋଷଣ କରୁଥିଲେ । ରାଜ୍ୟ ସରକାର ୨୦୧୮ ଅକ୍ଟୋବର ୨ରୁ



ଖଣ୍ଡପଡ଼ା ରାସ୍ତା ପାର୍ଶ୍ୱରେ ଗଦା ହୋଇଛି ପଲିଥିନ ।

ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରିଥିବା ବେଳେ ବ୍ୟବସାୟୀମାନେ ଏହାର ଖୋଲାଖୋଲି ଉଲ୍ଲଂଘନ କରି ଆସୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଆଖି ବୁଜି ଦେଇଥିବା ପରିଲକ୍ଷିତ ହେଉଛି । ପଲିଥିନ କଟକଣାକୁ ଉଲ୍ଲଂଘନ କରୁଥିବା ସଂସ୍ଥା ଓ ବ୍ୟବସାୟୀମାନଙ୍କୁ ଜେଲ ଏବଂ ଜରିମାନା ଦଣ୍ଡରେ ଦଣ୍ଡିତ କରିବାର ନିୟମ ରହିଛି । ହେଲେ ସବୁ ନିୟମ ସରକାରୀ ନାଳିଫିତା ତଳେ ଚାପି ହୋଇ ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ବିପୁଳ ପରିମାଣର ପଲିଥିନ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷଣ ହେଉଛି। ଗାଁଠାରୁ ସହର ଏବଂ ପର୍ଯ୍ୟଟନସ୍ଥଳୀରେ କୁଢ କୁଢ ପଲିଥିନ ପଡି ରହିଥିବା ଦେଖିବାକୁ ମିଳୁଛି। ବିଶେଷ କରି ସହର ହେଉ ଅବା ଗାଁ ଗହଳିର ବିଭିନ୍ନ ସ୍ଥାନରେ ପଡିଥିବା ଆବର୍ଜନା ମଧ୍ୟରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପ୍ରତିଶତ କେବଳ ପଲିଥିନ ରହିଛି। ନାଳ ନର୍ଦ୍ଦମାଠାରୁ ଆରମ୍ଭ କରି ଡଷ୍ଟବିନ ପର୍ଯ୍ୟନ୍ତ କୁଢ କୁଢ ପଲିଥିନି ଯୁକ୍ତ ଆବର୍ଜନା ପଡୁଛି। ସେହିପରି ବାହାରେ ପଡୁଥିବା ପଲିଥିନଗୁଡିକୁ ସମ୍ପ୍ରତି ଗାଈଗୋରୁ ଖାଇବା ଯୋଗୁ ରୋଗାକ୍ରାନ୍ତ ହେଉଛନ୍ତି। ଜିଲା ପ୍ରଶାସନ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରି ଏହାର ବ୍ୟବହାରକୁ ବନ୍ଦ କରିପାରିଲେ ପରିବେଶ ସୁରକ୍ଷିତ ରହି ପାରିବ । ପଲିଥିନି ପଡି ସୃଷ୍ଟି ହେଉଥିବା ଅସ୍ୱାସ୍ଥ୍ୟକର ପରିବେଶରୁ ମୁକ୍ତି ମିଳିବ ବୋଲି ପରିବେଶବିତ୍‌ମାନେ କହିଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜିବୀ ମହଲରୁ ଦାବି ହେଉଛି। ଏହା ବ୍ୟତୀତ କାଗଜ ଠୁଙ୍ଗା ପ୍ରସ୍ତୁତ କରୁଥିବା ଲୋକମାନଙ୍କୁ କର୍ମସଂସ୍ଥାନ ମିଳିପାରିବ ବୋଲି ମତ ପ୍ରକାଶ ପାଇଛି ।

**ସାବୁନ କାରଖାନାରେ ବିସ୍ଫୋରଣ: ୪ ମୃତ**

ଉତ୍ତରପ୍ରଦେଶର ମିରଟ ଜିଲା ଲୋହିଆନଗରସ୍ଥିତ ଏକ ସାବୁନ ଫ୍ୟାକ୍ଟ୍ରିରେ ମଙ୍ଗଳବାର ବିସ୍ଫୋରଣ ଘଟି ୪ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣରେ କାରଖାନାର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ବିସ୍ଫୋରଣ ସମୟରେ ମେଶିନ୍‌ରେ ଡିଟରଜେଣ୍ଟ ତିଆରି କିମ୍ବା ସେଗୁଡ଼ିକର ପ୍ୟାକେଜିଂ ହେଉଥିଲା ବୋଲି ଜିଲାପାଳ ଦୀପକ ମୀନା କହିଛନ୍ତି।

# ବୋମାବର୍ଷା ବନ୍ଦ ନ କଲେ ଭୟଙ୍କର ପରିଣାମ

## ଇସ୍ରାଏଲ୍‌କୁ ଆୟାତୋଲ୍ଲାଙ୍କ ଚେତାବନୀ


ଆୟାତୋଲ୍ଲା ଅଲି ଖୋମିନି

ତେହରାନ/ବ୍ରସେଲ୍ସ, ୧୭।୧୦

ଗାଜା ଉପରେ ଇସ୍ରାଏଲ୍ ବୋମାମାଡ଼ ବନ୍ଦ ନ କଲେ ଏହାକୁ ବିରୋଧ କରୁଥିବା ଶକ୍ତିକୁ କେହି ଅଟକାଇପାରିବେ ନାହିଁ ବୋଲି ମଙ୍ଗଳବାର ଇରାନର ସୁପ୍ରିମ୍ ଲିଡର ଆୟାତୋଲ୍ଲା ଅଲି ଖୋମିନି ଚେତାବନୀ ଦେଇଛନ୍ତି। ହମାସ୍ ଆତଙ୍କବାଦୀମାନେ ଗାଜା ସୀମା ଅତିକ୍ରମ କରି ଇସ୍ରାଏଲ୍‌ରେ ଅତର୍କିତ ଆକ୍ରମଣ କରିବା ସହ ୧,୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିଥିଲେ। ଏହାର ଜବାବରେ ଇସ୍ରାଏଲ୍ ଗାଜା ଷ୍ଟ୍ରିପ୍ ଉପରେ ଆକାଶମାର୍ଗରୁ ବୋମାମାଡ଼ ଜାରି ରଖିଛି। ଯୁଦ୍ଧ ବନ୍ଦ କରିବା ଲାଗି ଇସ୍‌ଲାମିକ୍ ରିପବ୍ଲିକ୍ ଉକ୍ତ ଅଞ୍ଚଳର ସମସ୍ତ ସହଯୋଗୀମାନଙ୍କ ସହ ଯୋଗାଯୋଗ ଜାରି ରଖିଛି। ହମାସ୍ ନିୟନ୍ତ୍ରିତ ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ୍‌ର ବୋମା ଓ ରକେଟ ଆକ୍ରମଣରେ ୨,୭୫୦ରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହେଲାଣି, ଯେଉଁଥିରୁ ଅଧିକାଂଶ ହେଉଛନ୍ତି ସାଧାରଣ ନାଗରିକ। ଏଭଳି ଜାରି ରହିଲେ ମୁସଲମାନ ଏବଂ ପ୍ରତିରୋଧୀ ଶକ୍ତି ଧୈର୍ଯ୍ୟ ହରାଇବେ ଏବଂ ସେମାନଙ୍କୁ କେହି ଅଟକାଇପାରିବେ ନାହିଁ ବୋଲି ଆୟାତୋଲ୍ଲା କହିଛନ୍ତି।

### ଯୁଦ୍ଧକୁ ନେଇ ଇୟୁ ନେତାଙ୍କ ଭର୍ଚୁଆଲ ସମିଟ୍

ଯୁଦ୍ଧ ପରିପ୍ରେକ୍ଷୀରେ କେତେକ ରାଷ୍ଟ୍ର ଇସ୍ରାଏଲ୍‌କୁ ସମର୍ଥନ କରୁଥିବାବେଳେ ଅନ୍ୟମାନେ ପାଲେଷ୍ଟାଇନ୍‌କୁ ସମର୍ଥନ ଜଣାଇଛନ୍ତି। ଏଭଳି କୋଳାହଳ ଜାରି ରହିଥିବାବେଳେ ବ୍ରସେଲ୍ସ ୟୁରୋପୀୟ ୟୁନିୟନ(ଇୟୁ)ର ନେତାମାନଙ୍କ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇ ସଦ୍‌ଭାବନା ସ୍ଥାପନ ଲାଗି ଆହ୍ୱାନ ଦିଆଯାଇଛି। ଏ ଦିଗରେ ବୈଶ୍ୱିକ ସ୍ତରରେ ଏକ ବଡ଼ କୂଟନୈତିକ ପ୍ରଭାବ ପକାଇବା ପାଇଁ ସେମାନେ ଉଦ୍ୟମ କରୁଛନ୍ତି। ସୋମବାର ରାତିରେ ବ୍ରସେଲ୍ସରେ ଆକ୍ରମଣ ହୋଇ ୨ ସୁଇଡେନ୍ ନାଗରିକଙ୍କ ମୃତ୍ୟୁ ଘଟିଥିବାରୁ ବିପଦକୁ ସମ୍ମୁଖୀନ ହେବା ଲାଗି ଏକାଠି ହେବାକୁ ଇୟୁ ନେତାମାନେ ଆହ୍ୱାନ ଦେଇଛନ୍ତି। ଇୟୁ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ ଶୁକ୍ରବାର ଇସ୍ରାଏଲ୍ ଯାଇ ସମସ୍ୟା ସମାଧାନ ଲାଗି ଉଦ୍ୟମ କରିବାକୁ ଅଧିକାଂଶ ସଦସ୍ୟ ରାଷ୍ଟ୍ର ଅନୁଭବ କରୁଛନ୍ତି।


ଇସ୍ରାଏଲର ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ରେ ଆହତ ପାଲେଷ୍ଟିନୀୟ ଶିଶୁକୁ ଜଣେ ବ୍ୟକ୍ତି ଉଦ୍ଧାର କରୁଛନ୍ତି।

### ଆଉ ଜଣେ ହମାସ୍ କମାଣ୍ଡର ନିହତ

କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ୍‌ର ଏୟାର ଷ୍ଟ୍ରାଇକ୍‌ରେ ହମାସ୍ ଆତଙ୍କବାଦୀ ସଂଗଠନ କାସାମ ବ୍ରିଗେଡ୍‌ର ଶୀର୍ଷ କମାଣ୍ଡର ମଙ୍ଗଳବାର ନିହତ ହୋଇଛନ୍ତି। ଆୟାମନ ନୋଫାଲ ହେଉଛନ୍ତି ହମାସ୍‌ର ହାଇପ୍ରୋଫାଇଲ୍ ଆତଙ୍କବାଦୀ। ଦୁଇ ଦିନ ପୂର୍ବରୁ ହମାସ୍ କମାଣ୍ଡର ବିଲାଲ ଅଲ୍ କେଡ୍ରା ଆକ୍ରମଣରେ ପ୍ରାଣ ହରାଇଥିଲେ। ଏହାର ଦିନକ ପୂର୍ବରୁ ଅନ୍ୟତମ ହମାସ୍ କମାଣ୍ଡର ମୁରାଦ ଅବୁ ମୁରାଦ ନିହତ ହୋଇଥିଲେ।

## ଗାଜାରେ ଉତ୍କଟ ଜଳସଙ୍କଟ

### ଚିକିତ୍ସା ମିଳୁ ନ ଥିବାରୁ ଚିନ୍ତା ପ୍ରକଟ କଲା ଜାତିସଂଘ

ଗାଜା ସିଟି, ୧୭।୧୦

ଯୁଦ୍ଧ ପ୍ରଭାବିତ ଗାଜା ଷ୍ଟ୍ରିପ୍‌ରେ ଉତ୍କଟ ଜଳାଭାବ ଦେଖାଦେଇଛି। ପାନୀୟ ଜଳ ଅଭାବରୁ ସେଠାରେ ମାନବ ସ୍ୱାସ୍ଥ୍ୟକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଜଳ ସଙ୍କଟରୁ ଲୋକଙ୍କ ଜୀବନ ଯାଇପାରେ ବୋଲି ଜାତିସଂଘର ପାଲେଷ୍ଟାଇନ୍ ଦାୟିତ୍ୱରେ ଥିବା ଫିଲିପେ ଲାଜାରିନି କହିଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରେ ଇସ୍ରାଏଲ୍ ଗାଜାକୁ ମୁଖ୍ୟ ଜଳଯୋଗାଣ ପାଇପ୍‌ଲାଇନକୁ ବିଚ୍ଛିନ୍ନ କରିଦେଇଛି। ଏଥିସହିତ ଭୂମଧ୍ୟସାଗରରୁ ପ୍ଲାଣ୍ଟ ଯୋଗେ ବିଶୋଧିତ ହେଉଥିବା ଜଳଯୋଗାଣ ମଧ୍ୟ ବନ୍ଦ ହୋଇଯାଇଛି। ଗାଜାର ୪୭ ପ୍ରତିଶତ ଲୋକେ ଜଳ ବିନା ହାହାକାର କରୁଛନ୍ତି। ଜଳ ସମେତ ଇସ୍ରାଏଲ୍ ଗାଜାକୁ ବିଦ୍ୟୁତ୍ ଓ ଇନ୍ଧନ ଯୋଗାଣ ବନ୍ଦ କରିଦେଇଛି। ସେଠାରେ ତେଲ ଓ ବିଜୁଳି ମଧ୍ୟ ଖୁବ୍ କମ୍ ସମୟ ମଧ୍ୟରେ ଶେଷ ହେବାକୁ ଯାଉଛି। ପାନୀୟ ଜଳ ପାଇଁ ଲୋକଙ୍କୁ ଲାଇନ୍‌ରେ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ ପଡୁଛି। ଲୋକେ ବଞ୍ଚିବା ପାଇଁ ଲୁଣିପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଆଗାମୀ ଦିନରେ ଜଳଯୋଗାଣ ବନ୍ଦ ରହିଲେ ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହେବ ବୋଲି କୁହାଯାଉଛି।

ଯୁଦ୍ଧରେ ୪,୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି ଓ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ଗାଜା ଦକ୍ଷିଣ ଭାଗ ଛାଡ଼ି ପଳାଇଗଲେଣି। ଇସ୍ରାଏଲ୍ ବୋମାମାଡ଼ରେ ଗାଜା ଷ୍ଟ୍ରିପ୍‌ର ଅଧିକାଂଶ ଅଞ୍ଚଳ ଧ୍ୱଂସ ସ୍ତୂପରେ ପରିଣତ ହୋଇଛି। ଗାଜାର ୫୦,୦୦୦ରୁ ଊର୍ଦ୍ଧ୍ୱ ଗର୍ଭବତୀ ମହିଳା ଓ ଯୁଦ୍ଧ ଆହତମାନଙ୍କୁ ଔଷଧ ଓ ଡାକ୍ତରୀ ସେବା ମିଳୁ ନ ଥିବାରୁ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି। ଯୁଦ୍ଧରେ ଆହତମାନଙ୍କୁ ଚିକିତ୍ସା ସୁବିଧା ନ ମିଳିବା ଯୁଦ୍ଧ ଆଇନ ଏବଂ ଅନ୍ତର୍ଜାତୀୟ ମାନବୀୟ ଆଇନର ଉଲ୍ଲଂଘନ ବୋଲି ଜାତିସଂଘ କହିଛି।

## ଲେବାନନ୍-ଇସ୍ରାଏଲ୍ ସୀମାରେ ଘମାଘୋଟ ଲଢ଼େଇ

ବେରୁଟ୍, ୧୭।୧୦

ଗାଜା ଉପରେ ଇସ୍ରାଏଲ ପକ୍ଷରୁ ଆକ୍ରମଣ ଜାରି ରହିଥିବାବେଳେ ମଙ୍ଗଳବାର ଲେବାନନ୍ ସୀମାରେ ଇସ୍ରାଏଲ୍ ସୈନ୍ୟ ଓ ଲେବାନନ୍ ସୈନ୍ୟଙ୍କ ମଧ୍ୟରେ ପୁଣିଥରେ ସଂଘର୍ଷ ହୋଇଛି। ଲେବାନନ୍ ପଟୁ ଏକ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର ମଙ୍ଗଳବାର ସକାଳେ ଉତ୍ତର ଇସ୍ରାଏଲ୍‌ର ମେଟୁଲା ସହରରେ ପଡ଼ିବା ପରେ ଉତ୍ତେଜନା ଦେଖାଦେଇଥିଲା। ଏହି ମିଶାଇଲ ମାଡ଼ରେ ୩ ଜଣ ଆହତ ହୋଇଛନ୍ତି। ଏଥିପାଇଁ ଲେବାନନ୍‌ର କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ସୀମାନ୍ତରୁ ଲୋକମାନଙ୍କୁ ସୁରକ୍ଷିତ ଅଞ୍ଚଳକୁ ଚାଲିଯିବା ଲାଗି ଇସ୍ରାଏଲ୍ ନିର୍ଦ୍ଦେଶ ଦେଇଛି। ଲେବାନନ୍ କ୍ଷେପଣାସ୍ତ୍ର ମାଡ଼ର ଜବାବରେ ଇସ୍ରାଏଲ୍ ତୋପ ଏବଂ ହ୍ୱାଇଟ୍ ଫସ୍‌ଫରସ୍‌ରେ ଆକ୍ରମଣ କରିଛି।

## ସଂକ୍ଷେପରେ

### ସୁପ୍ରିମକୋର୍ଟରେ ଶିବସେନା ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପ୍ରସଙ୍ଗ

### ସମୟସୀମା ଧାର୍ଯ୍ୟ ପାଇଁ ବାଚସ୍ପତିଙ୍କୁ ଶେଷ ସୁଯୋଗ

ନୂଆଦିଲ୍ଲୀ, ୧୭।୧୦ (ପି.ଟି.): ଶିବସେନାରେ ବିଭାଜନ ପରେ ଉଭୟ ଗୋଷ୍ଠୀ ଅନ୍ୟ ଗୋଷ୍ଠୀର ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ଦାବି କରିବା ସତ୍ତ୍ୱେ ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନରୱେକର ନିଷ୍ପତ୍ତି ନେବାରେ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ କେବେ ନିଷ୍ପତ୍ତି ନେବେ ତାହାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବା ପାଇଁ ସର୍ବୋଚ୍ଚ ଅଦାଲତ ବାଚସ୍ପତିଙ୍କୁ ଶେଷ ସୁଯୋଗ ଦେଇଛନ୍ତି। ତୁରନ୍ତ ବିଧାୟକମାନଙ୍କ ଆବେଦନକୁ ବାଚସ୍ପତି ବିଚାରକୁ ନିଅନ୍ତୁ। ଦଶହରା ଛୁଟି ବେଳେ ଏହି କାର୍ଯ୍ୟ ଶେଷ କରିବାରେ ବାଚସ୍ପତିଙ୍କ ସହ ବ୍ୟକ୍ତିଗତ ଭାବେ ନିୟୋଜିତ ରହିବେ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩୦କୁ ଧାର୍ଯ୍ୟ ହୋଇଛି।

## ସିସୋଡିଆଙ୍କ ଜାମିନ ଆବେଦନ ଉପରେ ରାୟ ସଂରକ୍ଷିତ



ନୂଆଦିଲ୍ଲୀ, ୧୭।୧୦

ଦିଲ୍ଲୀ ଅବକାରୀ ନୀତି କେଳେଙ୍କାରୀ ସହ ଜଡ଼ିତ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ଜେଲରେ ଥିବା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ମନୀଷ ସିସୋଡିଆ ନିୟମିତ ଜାମିନ ପାଇଁ କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ତାଙ୍କ ରାୟ ସଂରକ୍ଷିତ ରଖିଛନ୍ତି। ସିସୋଡିଆଙ୍କ ଓକିଲ ଅଭିଷେକ ମନୁ ସିଂଘଭି ଏବଂ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କ ଯୁକ୍ତି ଶୁଣିବା ପରେ ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ ୨ଟି ଅଲଗା ଜାମିନ ଆବେଦନ ଉପରେ ରାୟ ସଂରକ୍ଷିତ ରଖିଥିଲେ। ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଯୁକ୍ତି ଉପସ୍ଥାପନ କରିଥିଲେ। ଅବକାରୀ ଦୁର୍ନୀତି ମାମଲାରେ ସିସୋଡିଆଙ୍କୁ ଗତ ଫେବୃୟାରୀ ୨୬ରେ ସିବିଆଇ ଗିରଫ କରିଥିଲା ଓ ସେବେଠାରୁ ସେ ଜେଲରେ ରହିଛନ୍ତି। ସିବିଆଇ ଏତଲା ଆଧାରରେ ମନିଲଣ୍ଡରିଂ ମାମଲାରେ ଇଡି ତାଙ୍କୁ ତିହାର ଜେଲରେ ଜେରା କରିବା ପରେ ମାର୍ଚ୍ଚ ୯ରେ ଗିରଫ କରିଥିଲା। ଦୁର୍ନୀତି ମାମଲାରେ ତାଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ମେ' ୩୦ରେ ଖାରଜ କରିଦେଇଥିଲେ। ସେହିପରି ମନିଲଣ୍ଡରିଂ ମାମଲାରେ ତାଙ୍କ ଜାମିନ ଆବେଦନ ଜୁଲାଇ ୩ରେ ଖାରଜ ହୋଇଯାଇଥିଲା।


ନୂଆଦିଲ୍ଲୀର ବିଜ୍ଞାନ ଭବନରେ ୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଚଳିତ ବର୍ଷର ଦାଦା ସାହେବ ଫାଲ୍‌କେ ପୁରସ୍କାର ଗ୍ରହଣ କରୁଛନ୍ତି ବର୍ଷୀୟାନ ଅଭିନେତ୍ରୀ ୱାହିଦା ରେହମାନ। ନିକଟରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ଉପସ୍ଥିତ। (ଫଟୋ-ଚମନ ଗୌତମ)

## ରାଘବ ଚଢ଼ାଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

### ସରକାରୀ ବଙ୍ଗଳା ଖାଲି କରିବେ ନାହିଁ

ନୂଆଦିଲ୍ଲୀ, ୧୭।୧୦ (ପି.ଟି.)

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏମ୍‌ପି ରାଘବ ଚଢ଼ାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ମଙ୍ଗଳବାର ଆଶ୍ୱସ୍ତି ମିଳିଛି। ତାଙ୍କୁ ସରକାରୀ ବଙ୍ଗଳା ଖାଲି କରିବାକୁ ପଡ଼ିବ ନାହିଁ। ବଙ୍ଗଳା ଖାଲି କରିବା ଲାଗି ତଳକୋର୍ଟର ରାୟକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ ରାଜ୍ୟ ସଭା ସଚିବାଳୟ ତାଙ୍କୁ ବଙ୍ଗଳା ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ତଳକୋର୍ଟ ଏହାକୁ କାଏମ୍ ରଖିଥିଲେ। ତଳକୋର୍ଟ ତାଙ୍କ ରାୟରେ କହିଥିଲେ, ବଙ୍ଗଳା ମଞ୍ଜୁରୀ ବାତିଲ ହୋଇଥିବାରୁ ରାଘବ ସମ୍ପୂର୍ଣ୍ଣ ରାଜ୍ୟ ସଭା ସଦସ୍ୟତା କାର୍ଯ୍ୟକାଳ ପର୍ଯ୍ୟନ୍ତ ସରକାରୀ ବଙ୍ଗଳା ରଖିବା ଅଧିକାର ଦାବି କରିପାରିବେ ନାହିଁ। ତଳକୋର୍ଟଙ୍କ ରାୟକୁ ରାଘବ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ, ଯାହାକୁ ସଚିବାଳୟ ବିରୋଧ କରିଥିଲା।

### ପ୍ରଶ୍ନ ପାଇଁ ଲାଞ୍ଚ ବିବାଦ

## ନିଶିକାନ୍ତଙ୍କ ବିରୋଧରେ ମାନହାନି ମାମଲା କଲେ ମହୁଆ

ନୂଆଦିଲ୍ଲୀ, ୧୭।୧୦

ଟିଏମ୍‌ସି ଏମ୍‌ପି ମହୁଆ ମୈତ୍ର ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ପାଇଁ ଜଣେ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଇଥିଲେ ବୋଲି ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଅଭିଯୋଗ କରିଥିଲେ। ମହୁଆ ତାଙ୍କ ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ମଙ୍ଗଳବାର ମାନହାନି ମାମଲା ଦାଏର କରିଛନ୍ତି। ଏଥିସହିତ ସୁପ୍ରିମକୋର୍ଟ ଆଇନଜୀବୀ ଜୟଅନନ୍ତ ଦେହଦ୍ରାଇ ଏବଂ କେତେଜଣ ଗଣମାଧ୍ୟମ ସଂସ୍ଥା ବିରୋଧରେ ମଧ୍ୟ ଟିଏମ୍‌ସି ନେତ୍ରୀ ମାନହାନି ମାମଲା ଦାଏର କରିଥିବା ଜଣାପଡ଼ିଛି। ବିଚାରପତି ସଚିନ୍ ଦତ୍ତଙ୍କ ଖଣ୍ଡପୀଠ ଶୁକ୍ରବାର ଉକ୍ତ ପିଟିଶନ୍‌ର ଶୁଣାଣି କରିବେ। ସୂଚନାଯୋଗ୍ୟ, ଜୟଅନନ୍ତ ହେଉଛନ୍ତି ମହୁଆଙ୍କ ପୂର୍ବତନ ପାର୍ଟନର। ପୋଷା କୁକୁରକୁ ହେପାଜତକୁ ନେବା ନେଇ ସେମାନଙ୍କ ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ଟିଏମ୍‌ସି ନେତ୍ରୀ ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ପାଇଁ ବ୍ୟବସାୟୀ ଦର୍ଶନ ହୀରାନନ୍ଦନୀଙ୍କଠାରୁ ଚାନ୍ଦା ନେଇଥିବା ଭାଜପା ଏମ୍‌ପି ନିଶିକାନ୍ତ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

## ଲଣ୍ଡନରେ ବିକ୍ଷୋଭ ବେଳେ ଗ୍ରେଟା ଥନ୍‌ବର୍ଗ ଗିରଫ

ଲଣ୍ଡନ, ୧୭।୧୦

ବ୍ରିଟେନ୍‌ର ଲଣ୍ଡନ ସହରରେ ତୈଳ ଓ ଗ୍ୟାସ୍ କମ୍ପାନୀ ବିରୋଧରେ ବିକ୍ଷୋଭ କରୁଥିବା ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ୨୦୧୮ରେ ସୁଇଡେନ୍ ପାର୍ଲାମେଣ୍ଟ ଆଗରେ ଜଳବାୟୁ ସୁରକ୍ଷା ନେଇ ସପ୍ତାହବ୍ୟାପୀ ବିକ୍ଷୋଭ କରିବା ପରେ ସେ ଯୁବ ଜଳବାୟୁ କର୍ମୀଙ୍କ ବିଶ୍ୱବ୍ୟାପୀ ଚେହେରା ଭାବେ ପରିଚୟ ହାସଲ କରିଥିଲେ। ଚଳିତ ବର୍ଷ ସୁଇଡେନ୍, ନରୱେ ଏବଂ ଜର୍ମାନୀରେ ଜଳବାୟୁ ସୁରକ୍ଷା ଆନ୍ଦୋଳନରେ ସାମିଲ ହୋଇ ସେ ଏକାଧିକ ଥର ଗିରଫ ହୋଇଛନ୍ତି କିମ୍ବା ତାଙ୍କୁ ବିକ୍ଷୋଭ ସ୍ଥଳରୁ ପୋଲିସ ତଡ଼ିଦେଇଛି। ଗ୍ରେଟା 'ଅଏଲି ମନି ଆଉଟ୍' ସ୍ଲୋଗାନ୍ ଲେଖାଥିବା ଏକ ବ୍ୟାଜ୍ ପିନ୍ଧିଥିବାବେଳେ ତାଙ୍କୁ ଦୁଇଜଣ ପୋଲିସ ଅଫିସର ଧରିଥିବା ଭିଡିଓ ଫୁଟେଜ୍‌ରୁ ଦେଖିବାକୁ ମିଳିଛି।



ଲଣ୍ଡନରେ ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କୁ ପୋଲିସ ଗିରଫ କରୁଛି।

## 'ଉଭୟ ପକ୍ଷଙ୍କୁ ଖୁସି କରିବା ଭଳି ରାୟ'

ନୂଆଦିଲ୍ଲୀ, ୧୭।୧୦

ସୁପ୍ରିମକୋର୍ଟ ମଙ୍ଗଳବାର ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ଦେବାକୁ ମନା କରିଦେଇଥିବାବେଳେ ଏଲ୍‌ଜିବିଟିକ୍ୟୁ+ ସମୁଦାୟ, ଆବେଦନକାରୀ ଓ ଆକ୍ଟିଭିଷ୍ଟମାନେ ଏଭଳି ସମ୍ପର୍କ ରଖୁଥିବା ବ୍ୟକ୍ତିଙ୍କୁ ଆଇନଗତ ସୁରକ୍ଷା ଦିଆଯିବା ଉଚିତ ବୋଲି ଦାବି କରିଛନ୍ତି। ଏହି ମାମଲାର ଜଣେ ଆବେଦନକାରୀ ପ୍ରଣବ ସୁପ୍ରିମକୋର୍ଟ ରାୟର ସକାରାତ୍ମକ ଦିଗ ଉପରେ ନିଜ ମତ ରଖି କହିଛନ୍ତି, ସାମ୍ବିଧାନିକ ପୀଠ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେଇନାହାନ୍ତି। କିନ୍ତୁ ସେମାନେ ଆମକୁ କେତେକ ନିର୍ଦ୍ଦିଷ୍ଟ ଅଧିକାର ପ୍ରଦାନ କରିଛନ୍ତି। ତେଣୁ ଏହାର ସକାରାତ୍ମକ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ମୋ ମୃତ୍ୟୁ ପରେ ମୋ ମୃତଦେହ ଉପରେ ପାର୍ଟନର ଦାବି କରିପାରିବେ। ମୁଁ ପୋଲିସର ଦ୍ୱାରସ୍ଥ ହୋଇପାରିବି। ଏହି ରାୟରେ ସୁରକ୍ଷାଗତ ଓ ସ୍ୱାସ୍ଥ୍ୟସେବା ସମ୍ପର୍କିତ ସୁଯୋଗ ରହିଛି। ତେବେ ଉଭୟ ପକ୍ଷଙ୍କୁ ଖୁସି କରିବା ଓ ସମାଜକୁ ସନ୍ତୁଳିତ କରିବା ପାଇଁ ଏହା ଏକ କୂଟନୈତିକ ରାୟ ବୋଲି ପ୍ରଣବ କହିଛନ୍ତି। ଅନ୍ୟ ଜଣେ ଆବେଦନକାରୀ ଶରିଫ ରଙ୍ଗନେକରଙ୍କ ମତରେ ଆଇନରେ ପରିବର୍ତ୍ତନ ଆଣିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରା ନ ଯିବା ଚିନ୍ତାଜନକ। ସେମାନେ ଏହା ଉପରେ କିଛି ସ୍ପଷ୍ଟ କରିନାହାନ୍ତି। ଆକ୍ଟିଭିଷ୍ଟ ଡ. ମାଇଲି ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତିର ଅଭାବକୁ ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରିଛନ୍ତି। ସେ ଏହି ପ୍ରସଙ୍ଗରେ ବ୍ୟବସ୍ଥାପିକା ପକ୍ଷରୁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି କହିଛନ୍ତି।

### ଅନୁରୋଧ ରଖିଲେ ପୀଠ: ତୁଷାର ମେହେଟ୍ଟା



ସୁପ୍ରିମକୋର୍ଟରେ ଶୁଣାଣି ବେଳେ ସମଲିଙ୍ଗୀ ମିଳନ ସମ୍ପର୍କିତ ପ୍ରସଙ୍ଗକୁ ପାର୍ଲାମେଣ୍ଟ ଉପରେ ଛାଡ଼ିଦେବା ପାଇଁ ପୀଠଙ୍କୁ ଅନୁରୋଧ କରିଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ରାୟକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ପୀଠ ମୋ ଅନୁରୋଧ ରକ୍ଷା କରିଥିବାରୁ ଖୁସି। ସମସ୍ତ ୪ଟି ଯାକ ରାୟ ଆମ ଦେଶର ଆଇନବିଜ୍ଞାନ ଏବଂ ବୌଦ୍ଧିକ ପ୍ରକ୍ରିୟା ଅନୁସାରେ ଦିଆଯାଇଛି।



## ରାୟକୁ ଆର୍‌ଏସ୍‌ଏସ୍, ଭିଏଚ୍‌ପିର ସ୍ୱାଗତ

ସମଲିଙ୍ଗୀ ବିବାହ ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ରାୟକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ସ୍ୱାଗତ କରାଯାଇଛି। ଆର୍‌ଏସ୍‌ଏସ୍ ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ସୁନୀଲ ଆମ୍ବେଡକର କହିଛନ୍ତି, ସମଲିଙ୍ଗୀ ବିବାହ ଉପରେ ଶୀର୍ଷ ଅଦାଲତଙ୍କ ରାୟ ସ୍ୱାଗତଯୋଗ୍ୟ। ଆମ ଗଣତାନ୍ତ୍ରିକ ସଂସଦୀୟ ବ୍ୟବସ୍ଥା ସମସ୍ତ ପ୍ରସଙ୍ଗ ଗମ୍ଭୀରତା ସହ ଆଲୋଚନା କରି ଉପଯୁକ୍ତ ନିଷ୍ପତ୍ତି ନେଇପାରିବ। ସେହିପରି ଭିଏଚ୍‌ପି ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଅଶୋକ କୁମାର କହିଛନ୍ତି, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟର ପକ୍ଷମାନଙ୍କ ଯୁକ୍ତି ଶୁଣିବା ପରେ ଅଦାଲତ ଦେଇଥିବା ରାୟକୁ ନେଇ ଆମେ ସନ୍ତୁଷ୍ଟ। ସମଲିଙ୍ଗୀ ବିବାହ ମୌଳିକ ଅଧିକାର ନୁହେଁ। ଏପରି କି ସେମାନେ କୌଣସି ଶିଶୁକୁ ପୋଷ୍ୟ ଭାବେ ଗ୍ରହଣ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଯଥାର୍ଥ ରାୟ ଦେଇଛନ୍ତି।

### ସୁପ୍ରିମକୋର୍ଟରେ ବିଚାର ପ୍ରକ୍ରିୟା

**୨୦୧୮ ସେପ୍ଟେମ୍ବର ୬:** ସାମ୍ବିଧାନିକ ପୀଠ ସର୍ବସମ୍ମତିକ୍ରମେ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଦଫା ୩୭୭ ସମାନତା ଅଧିକାର ଉଲ୍ଲଂଘନ କରୁଥିବା ଦର୍ଶାଇ ଏହାକୁ ଆଂଶିକ ଭାବେ ଅପରାଧମୁକ୍ତ କଲେ।
**୨୦୨୨ ନଭେମ୍ବର ୨୫:** ଦୁଇ ପୁରୁଷ ସମଲିଙ୍ଗୀ ଯୋଡ଼ି ସମଲିଙ୍ଗୀ ବିବାହକୁ ସ୍ୱତନ୍ତ୍ର ବିବାହ ଆଇନ ଅଧୀନରେ ସ୍ୱୀକୃତି ପ୍ରଦାନ ସକାଶେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହେଲେ। ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ କଲେ।
**୨୦୨୩ ଜାନୁୟାରୀ ୬:** ସୁପ୍ରିମକୋର୍ଟ ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରଦାନ ପାଇଁ ଦାଖଲ ସମସ୍ତ ଆବେଦନକୁ ବିଭିନ୍ନ ହାଇକୋର୍ଟରୁ ସର୍ବୋଚ୍ଚ ଅଦାଲତକୁ ସ୍ଥାନାନ୍ତର ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଲେ। ଏହି ପ୍ରସଙ୍ଗରେ ମୋଟ ୨୧ ପିଟିଶନ ଦାଖଲ ହୋଇଥିଲା।
**ମାର୍ଚ୍ଚ ୧୨:** ସମଲିଙ୍ଗୀ ବିବାହ ସ୍ୱୀକୃତିକୁ ସୁପ୍ରିମକୋର୍ଟରେ ବିରୋଧ କଲା କେନ୍ଦ୍ର।
**ମାର୍ଚ୍ଚ ୧୩:** ସାମ୍ବିଧାନିକ ପୀଠ ଗଠନ ପାଇଁ ସୁପ୍ରିମକୋର୍ଟଙ୍କ ପ୍ରସ୍ତାବ।
**ଏପ୍ରିଲ ୧୫:** ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କଲେ ସୁପ୍ରିମକୋର୍ଟ।
**ଏପ୍ରିଲ ୧୮:** ସୁପ୍ରିମକୋର୍ଟରେ ଶୁଣାଣି ଆରମ୍ଭ।
**ମେ' ୧୧:** ବିଚାର ଶେଷ, ରାୟ ସଂରକ୍ଷିତ।
**ଅକ୍ଟୋବର ୧୭:** ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବାକୁ ମନାକଲେ ସୁପ୍ରିମକୋର୍ଟ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



CLASSIFIED DISPLAY
MORE SPACE • SAME PRICE

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha

GNM
Duration : 3 Year, Eligibility : +2 Pass (Any Stream) 40% Mark

ANM
Duration : 2 Year, Eligibility : +2 Pass (Any Stream)

DMRT
DMLT
Duration : 2 Year, Eligibility : +2 Science

CBCA
Certified Blood Collection Assistant
Duration : 6 months, Eligibility : 10+

Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

BIJAYA FINANCE
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ମଧ୍ୟପ୍ରଦେଶ ଲାଗି କଂଗ୍ରେସର ନିର୍ବାଚନୀ ଇସ୍ତାହାର**

# ୨୫ ଲକ୍ଷର ସ୍ୱାସ୍ଥ୍ୟବୀମା, ଓବିସିଙ୍କ ପାଇଁ ୨୭% କୋଟା

ନୂଆଦିଲ୍ଲୀ,୧୭।୧୦

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ମଙ୍ଗଳବାର ୧୦୬ ପୃଷ୍ଠାର ଇସ୍ତାହାର ପ୍ରକାଶ ପାଇଛି, ଯେଉଁଥିରେ ୫୯ ପ୍ରତିଶ୍ରୁତି ଦିଆଯାଇଛି। ପ୍ରଦେଶ କଂଗ୍ରେସ ସଭାପତି କମଲନାଥ ଦଳୀୟ ଇସ୍ତାହାର ଉନ୍ମୋଚନ କରିଛନ୍ତି। ଏଥିରେ ରାଜ୍ୟବାସୀଙ୍କୁ ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସହ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ନିମନ୍ତେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଏବଂ ରାଜ୍ୟରେ ଏକ ଆଇପିଏଲ୍ ଟିମ୍ ଗଠନର ପ୍ରତିଶ୍ରୁତି ରହିଛି। କୃଷକ, ମହିଳା, ସରକାରୀ କର୍ମଚାରୀଙ୍କ ସମେତ ସମାଜର ସବୁ ବର୍ଗଙ୍କ ପାଇଁ କଂଗ୍ରେସ ପକ୍ଷରୁ ଭିନ୍ନ ଭିନ୍ନ ପ୍ରତିଶ୍ରୁତି ଦିଆଯାଇଛି। କଂଗ୍ରେସ ମଧ୍ୟପ୍ରଦେଶରେ ସରକାର ଗଢ଼ିଲେ ସମସ୍ତଙ୍କୁ ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସାଙ୍ଗକୁ ଦୁର୍ଘଟଣା ପାଇଁ ୧୦ ଲକ୍ଷ ଟଙ୍କା ବୀମା ସୁବିଧା ଯୋଗାଇ ଦିଆଯିବ ବୋଲି କମଲନାଥ ଏହି ଅବସରରେ କହିଛନ୍ତି। ଏହା ବ୍ୟତୀତ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ଼ କରାଯିବ ଏବଂ ମହିଳାମାନଙ୍କୁ ମାସିକ ୧,୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ନିର୍ବାଚନୀ ଇସ୍ତାହାରରେ କୁହାଯାଇଛି। ସେହିପରି ୫୦୦ ଟଙ୍କାରେ ଏଲ୍‌ପିଜି, ମାଗଣା ସ୍କୁଲ୍ ଶିକ୍ଷା ସାଙ୍ଗକୁ ପୁରୁଣା ପେନ୍‌ସନ ଯୋଜନା କାର୍ଯ୍ୟକାରୀ କରାଯିବ। ଯୁବବର୍ଗଙ୍କୁ ୨ ବର୍ଷ ପାଇଁ ବେରୋଜଗାର ଭତ୍ତା ମାସିକ ୧,୫୦୦ରୁ ୩,୦୦୦ ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସୂଚନାଯୋଗ୍ୟ ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ଲାଗି ନିର୍ବାଚନ ନଭେମ୍ବର ୧୭ରେ ଅନୁଷ୍ଠିତ ହେବାକୁ ଯାଉଛି।



କଂଗ୍ରେସ ପକ୍ଷରୁ ମଙ୍ଗଳବାର ଭୋପାଳଠାରେ ଦଳୀୟ ଇସ୍ତାହାର ଉନ୍ମୋଚନ କରାଯାଉଛି।

# ଆଜିଠୁ ଯୁବମୋର୍ଚ୍ଚା ପକ୍ଷରୁ ଜିଲା ମୁଖ୍ୟାଳୟରେ ଆନ୍ଦୋଳନ

**ଛାତ୍ରବୃତ୍ତି ହଡପ ଅଭିଯୋଗ**

**ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର):** ସ୍ୱଚ୍ଛ ଶାସନର ଯେଉଁ ଡିଣ୍ଡିମ ରାଜ୍ୟ ସରକାର ପିଟୁଛନ୍ତି ତାହା କେବଳ ଏକ ପ୍ରହେଳିକା। ଛାତ୍ରୀଛାତ୍ର ଓ ଯୁବବର୍ଗଙ୍କ ଉଦ୍ଦେଶ୍ୟରେ ଆସୁଥିବା ଟଙ୍କାକୁ ଏହି ସରକାର ହଡପ କରିଛନ୍ତି। ସ୍କଲାରଶିପ୍ ଏବଂ ବିଶେଷ ଭାବେ ଦକ୍ଷତା ବିକାଶ ପାଇଁ ଆସୁଥିବା କୋଟି କୋଟି ଟଙ୍କାକୁ ବାଟମାରଣା କରାଯାଇଥିବା ସିଏଜି ରିପୋର୍ଟରେ ପ୍ରକାଶ ପାଇଛି। ତେବେ ଏସ୍‌ଟି ଏସ୍‌ସି ଛାତ୍ରଙ୍କ ବୃତ୍ତି ଓ ଦକ୍ଷତା ବିକାଶ ପାଣ୍ଠି ହଡପ ପ୍ରତିବାଦରେ ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଳାଷ କହିଛନ୍ତି, ବୁଧବାରଠାରୁ ରାଜ୍ୟର ସମସ୍ତ ଜିଲା ମୁଖ୍ୟାଳୟରେ ଆରମ୍ଭ ହେଉଥିବା ଆନ୍ଦୋଳନ ପରବର୍ତ୍ତୀ ସମୟରେ ତୃଣମୂଳ ସ୍ତର ପର୍ଯ୍ୟନ୍ତ ବ୍ୟାପକ କରାଯିବ।

# ଦେବାଶିଷ ବିଜୁ ଯୁବ ଜନତା ଦଳ ଉପସଭାପତି

ଭୁବନେଶ୍ୱର,୧୭।୧୦(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଯୁବ ଜନତା ଦଳରେ ୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ମଙ୍ଗଳବାର ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଦେବାଶିଷ ଖାଡେଙ୍ଗାଙ୍କୁ ବିଜୁ ଯୁବ ଜନତା ଦଳର ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସୌମ୍ୟ ରଞ୍ଜନ ଧଳଙ୍କୁ ସାଧାରଣ ସମ୍ପାଦକ ଏବଂ ହୃଷୀକେଶ ମେକାପଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

# କଳା ସାମ୍ରାଜ୍ୟର ପତନ ଘଟିବ: ନିରଞ୍ଜନ



ସମାବେଶରେ ଉପସ୍ଥିତ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

**ବନ୍ତ,୧୭।୧୦(ହରିନାରାୟଣ ମହାନ୍ତି):** ରାଜ୍ୟରେ ବିଜେଡି ସରକାର ଦୁର୍ନୀତିଗ୍ରସ୍ତ ହେବା ସହ ସରକାରୀ ଯୋଜନାକୁ ଦଳୀୟ ଭିତ୍ତିରେ ବାଣ୍ଟି ଚାଲିଛନ୍ତି। ସେହିପରି କେନ୍ଦ୍ରର ମୋଦି ସରକାର ରାଜନୈତିକ ଫାଇଦା ପାଇଁ ଦେଶକୁ ବିଭାଜନ କରିବାକୁ ଚାହୁଁଛନ୍ତି ବୋଲି ମଙ୍ଗଳବାର ଭଦ୍ରକ ଜିଲା ବନ୍ତ ଡିଗିପୋଖରୀଠାରେ ଅନୁଷ୍ଠିତ ଜନ-ଜାଗ୍ରତ ସମାବେଶରେ ପୂର୍ବତନ ପିସିସି ସଭାପତିନିରଞ୍ଜନ ପଟ୍ଟନାୟକ କହିଛନ୍ତି। ରାଜ୍ୟ ସରକାର ପୁରୁଣା ଯୋଜନାର ନାମ ବଦଳାଇ ଲୋକଙ୍କୁ ବିଭ୍ରାନ୍ତି କରୁଥିବା ବେଳେ ସ୍ଥାନୀୟ ବିଧାୟକ ଏବଂ ତାଙ୍କ ପ୍ରତିନିଧିଙ୍କ ଇଙ୍ଗିତରେ

**କଂଗ୍ରେସର ଜନ-ଜାଗ୍ରତ ସମାବେଶ**

ବିଡିଓ ବ୍ଲକ ବିଜେଡି ସଭାପତି ପରି କାର୍ଯ୍ୟ କରୁଛନ୍ତି। ସେହିପରି କଂଗ୍ରେସ ଭଦ୍ରକରେ ବାପ ପୁଅ କଳା ସାମ୍ରାଜ୍ୟର ପତନ ଘଟାଇବ ବୋଲି ସେ କହିଥିଲେ।

ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ପିସିସି ମୁଖପାତ୍ର ପଦ୍ମାକର ଗୁରୁ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀଧର ସାହୁ, ଯୁବନେତା ଜ୍ୟୋତି ନାୟକ, ଇଂ. ଲକିମାଷ୍ଟର ସ୍ୱାଇଁ, ପ୍ରଦ୍ୟୁମ୍ନ ଦାସ, ପୂର୍ବତନ ସରପଞ୍ଚ ମୁସ୍ତାକ୍ ଅଲିଖାଁ, ଜିଲା ଯୁବ ସଭାପତି ହେମନ୍ତ ମହାପାତ୍ର, ବ୍ଲକ ସଭାପତି ସାୟଦ୍ ସିଦ୍ଦିକ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୩ଜଣ ୱାର୍ଡସଭ୍ୟାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହା ପରେ ଶୋଭାଯାତ୍ରାରେ ଯାଇ ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ବିଡିଓଙ୍କ ମାଧ୍ୟମରେ ଦାବିପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଇଂ.ସୁଧାଂଶୁ ଶେଖର ନାୟକ, ଶ୍ରୀକାନ୍ତ ନାୟକ, ସାୟଦ୍ ମଇଫୁଜ୍, ପ୍ରଦୀପ ନାୟକ, ଅକ୍ଷୟ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

**ଭାଜପାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ**

# ସଂଗୃହୀତ ମାଟି ଦିଲ୍ଲୀ ଯାଇ ସ୍ମାରକୀ ପ୍ରତିଷ୍ଠା ହେବ

**ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର):** ରାଷ୍ଟ୍ର ପାଇଁ ବଳିଦାନ ଦେଇଥିବା ଅମର 'ବୀର'ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଦେଶବ୍ୟାପୀ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଦେଶର ଅଖଣ୍ଡତା ପାଇଁ ଯେଉଁ ଯବାନମାନେ ଲଢୁଛନ୍ତି ସେମାନଙ୍କ ସ୍ମୃତି ରକ୍ଷା ପାଇଁ ଘର ଘର ବୁଲି କଳସରେ 'ମାଟି ସଂଗ୍ରହ' କରାଯାଉଛି। ଦେଶର ପ୍ରତି ଗାଁ, ପଞ୍ଚାୟତ, ବ୍ଲକ, ସହର, ନଗର, ପୌରପାଳିକା ଅଞ୍ଚଳରେ ବୀର ସ୍ୱାଧୀନତା ସଂଗ୍ରାମୀ ଓ ଯବାନଙ୍କ ବଳିଦାନ ସ୍ମୃତିରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି। କଳସରେ ସଂଗୃହୀତ ମାଟି ଏକାଠି ହୋଇ ଦିଲ୍ଲୀ ଯିବ, ସେଠାରେ ଶହୀଦଙ୍କ ପାଇଁ ଏହା ଏକ ବଡ଼ ସ୍ମାରକୀ ପ୍ରତିଷ୍ଠା କରାଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ତେବେ ଏହି କାର୍ଯ୍ୟକ୍ରମ ଲାଗି ଭାଜପା ପକ୍ଷରୁ ରାଜ୍ୟର କୋଣ ଅନୁକୋଣରୁ ସଂଗୃହୀତ ମାଟି କଳସକୁ ପ୍ରଥମେ ବ୍ଲକ ସ୍ତରରେ ଏକାଠି କରାଯିବ। ଆସନ୍ତା ୨୮ରେ ସମସ୍ତ ବ୍ଲକରୁ ମାଟି କଳସକୁ ଭୁବନେଶ୍ୱରକୁ ଅଣାଯିବ । ଏହା ପରେ ଉକ୍ତ କଳସ ଦିଲ୍ଲୀ ପଠାଯିବ । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

# ରାଜ୍ୟ ଠିକାଦାରଙ୍କୁ ମିଳୁନି ପାନୀୟଜଳ ବିଭାଗର ପ୍ରକଳ୍ପ କାମ: କଂଗ୍ରେସ

**ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର):** ଓଡ଼ିଶା ସରକାରଙ୍କ ଯେତେଗୁଡ଼ିଏ ପାନୀୟଜଳ ବିଭାଗର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ଏସବୁ କାମ ରାଜ୍ୟର ଜଣେହେଲେ ଠିକାଦାରଙ୍କୁ ମିଳୁନାହିଁ। ରାଜ୍ୟର ସମସ୍ତ ପାନୀୟଜଳ ପ୍ରକଳ୍ପ ବର୍ତ୍ତମାନ ରାଜ୍ୟ ବାହାରର ବଡ଼ ବଡ଼ ଠିକାଦାରଙ୍କ ହାତକୁ ଟେକି ଦିଆଯାଇଛି। କିନ୍ତୁ ରାଜ୍ୟ ସରକାର ଏଠାକାର ଠିକାଦାରଙ୍କୁ ଖୋଦ୍ ନିଜ ସାବତପୁଅଠାରୁ ହୀନ ଦୃଷ୍ଟିରେ ଦେଖୁଛନ୍ତି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ରାଜ୍ୟ ବାହାର ଠିକାଦାରଙ୍କୁ ବଡ଼ ଠିକା କାମ ଦେଇ କୋଟି କୋଟି ଟଙ୍କା ଅର୍ଥ ରୋଜଗାର କରିବା ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଏହା ଏକ ବଡ଼ ଘୋଟାଲା। ରାଜ୍ୟର ଶହ ଶହ କୋଟି ଟଙ୍କାଙ୍କୁ ମିଳିତ ଷଡ଼ଯନ୍ତ୍ରରେ ରାଜ୍ୟ ରାଜକୋଷରୁ ଲୁଟ୍ କରାଯାଉଛି। ମାଳ ମାଳ ପ୍ରତିଶ୍ରୁତି ସରକାର ଦେଉଛନ୍ତି, କିନ୍ତୁ କୌଣସି ଗୋଟିଏ ହେଲେ ବି ପାଳନ ହେଉନାହିଁ। ସମସ୍ତଙ୍କ ଘରକୁ ପାଇପ ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବର୍ତ୍ତମାନ କୌଣସି ଗୋଟିଏ ଗାଁରେ ସମସ୍ତଙ୍କ ଘରକୁ ପାନୀୟଜଳ ଯୋଗାଇ ଦିଆଯାଇ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟରେ ସମୁଦାୟ ୨୦୫ଟି ପାନୀୟଜଳ ପ୍ରକଳ୍ପର ଘୋଷଣା କରାଯାଇ ଟେଣ୍ଡର କରାଯାଇଛି। ଏହି ସମସ୍ତ ପାନୀୟଜଳ ପ୍ରକଳ୍ପର ଚୁକ୍ତି ମୂଲ୍ୟ ୩୪୮୦୬.୬୪ କୋଟି ଟଙ୍କା ଥିଲା। ହେଲେ ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ରାଜ୍ୟ ସରକାର ଏସବୁ ପ୍ରକଳ୍ପ ମଧ୍ୟରୁ ୧୭ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ସରିଯାଇଛି ବୋଲି ଘୋଷଣା କରିସାରିଥିଲେ ମଧ୍ୟ ପ୍ରକୃତ ଗ୍ରାଉଣ୍ଡ ଜିରୋର ସ୍ଥିତି ଓଲଟା ବୋଲି ସେ କହିଛନ୍ତି।


# Classified Everyday
0674-2580101, 2549949



MATRIMONIAL

GROOM WANTED

60 ବୟସ୍କା Govt. ଚାକିରିଆ Retd. ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (Urgent required). 9040735426. D-1564

ବୟସ- 34, Government Job divorce ଏକୁଟିଆ ରହୁଥିବା ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଦରକାର। 8260950613. D-1594



AUTOMOBILE

SALE

TATA HYVA (Model-3118) 2018, 5 Nos., TATA HYVA (Model-2518) 2016, 4 Nos. - 9348369473, 7504690838. D-75235



REAL ESTATE

SALE

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot- 300/-. 7978663279. D-75231

Plot sale near AIIMS Hospital, Bhubaneswar. Contact: 9777433701. D-75240

Commercial plot suitable for Health Clinic or any Other Business purpose 3 sides road facing to NH Nakhara to Niali road frontage 60 foot facing to south 10000sft. 8 k.m. from Nakhara. 8249851363. D-75049

ଘରବାରି ବାସୋଉପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। 9439924161. D-75236

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

**Twincity Grand Bazar, (Nakhara NH-16)** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। **8249310759.** D-75238

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

PURCHASE

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି **yellow zone** ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। **9799798009**ରେ **Whatsapp** କରନ୍ତୁ। D-74589

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



CONSTRUCTION

**Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring-SNV Construction- 9439295469.** D-75226





**Full body relax massage refresh your body with trend therapist. 9827090587.** D-1580

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75051

**Full body massage by expert therapist positively health benefits. 9938843929.** D-75159

Newly open health benefits Spa special offer @ 999. Contact: 7749034655. D- 75157

Spa Kerala body Massage only best Therapist @699/- Bhubaneswar. 9337672475. D-1535

**Relax, Refresh your body, Mind at Saikrupa Spa with best therapies. 8984068077.** D-1502

Newly open spa positively Health benefits with expert therapist. 9040286886. D-75152

AFFIDAVIT

I, Swalekha Khatoon, W/o Shaikh Abdul Rahim, resident of Village- Kazimohalla, PO/PS-Puruna Bazar, Dist.-Bhadrak, PIN-756100, Odisha declare by this affidavit No. 1673 dtd-08.09.23, that now onwards I shall be known as SWALEHA KHATOON for all future purposes. D-1590

By virtue of an affidavit sworn before the Executive Magistrate, Tangi-Choudwar, Vide No. 1704 / 23 dated 13.10.2023, I, Ranjita Mohapatra have changed my surname from Sarangi to Mohapatra. Ranjita Mohapatra and Ranjita Sarangi are one and same person for all purposes. D-1598

By virtue of an affidavit before Notary Public, Cuttack, dt. 16.10.2023, that I have changed my surname Das to Mohapatra, as I married to Sambit Kumar Mohapatra. Swagatika Mohapatra and Swagatika Das is one and same person. I shall be known as Swagatika Mohapatra for all purposes. D-1596

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Samira Kant Singh, S/o Late Prahallad Dalai, resident of At/ Po: Dalatota, Ps: Sadara Khordha, Dist.- Khordha-752056, declare by virtue of an affidavit No. 3594 dated 16.10.2023 executed before the Executive Magistrate, Khordha that now onwards my name will be SAMIR KANTA SINGH for all future purposes. D-75160

I, Madhumita Jena, W/o Anjan Kumar Parida, At/ Po- Gopei, Ps- Patkura, Dist.- Kendrapara, Odisha have changed my name from Minakshi Parida to Madhumita Jena, Vide affidavit No. 51 dated 22.09.2023 in the Court of Executive Magistrate, Kendrapara. Henceforth, I shall be known as Madhumita Jena for all purpose including inclusion of my husband's service record. D-75052

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶାନ୍ତିଲତା ପ୍ରଧାନ
ସ୍ୱାମୀ ଡ଼ଃ ମହେଶ୍ୱର ପ୍ରଧାନ
ବଡହିରା, ତାଳଚେର
ଆବିର୍ଭାବ: ୦୧।୦୮।୧୯୬୦
ତିରୋଧାନ: ୨୯।୦୯।୨୦୨୨
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମହାଦେବ ସୀଦ୍ଧେଶ୍ୱରଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା, ଆଶୀର୍ବାଦ ଭିକ୍ଷା କରି ତୁମ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-:ଶୋକସନ୍ତପ୍ତ:-
ମହେଶ୍ୱର, ପୁତ୍ର: ଯଶୋବନ୍ତ, ବୋହୂ:ଜ୍ୟୋତିର୍ମୟୀ, ଝିଅ: ମମତା, କବିତା, ଜ୍ୱାଇଁ: ସୁଜିତ, ନାତୁଣୀ: ସାରା, ଶ୍ରିଯା, ନାତି: ଶିହାନ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୫୯୪

### ଦଶାହ ଉପଲକ୍ଷେ



ସ୍ୱର୍ଗତ କାଶୀନାଥ ପୂଜାପଣ୍ଡା
ରାମାୟଣୀ ନିବାସ, ଶ୍ରୀରାମ ନଗର, ଲେନ୍-୧୬, ଓଲ୍ଡ ଟାଉନ, ଭୁବନେଶ୍ୱର-୨
ଆବିର୍ଭାବ: ୧୦।୧୧।୧୯୩୭
ତିରୋଧାନ: ୦୯।୧୦।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରଣାମ ଜଣାଉଛୁ ।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ
ଧ-୧୫୮୩

**ଶେୟାର ବଜାର କାରବାରରେ ଉତ୍ସାହ**

**ନୂଆଦିଲ୍ଲୀ:** ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସଇ)ର ସେନ୍‌ସେକ୍ସ ୨୬୧ (୨୬୧.୧୬) ପଏଣ୍ଟ ବୃଦ୍ଧି ଘଟି ୬୬,୪୨୮ (୬୬,୪୨୮.୦୯) ଅଙ୍କରେ କାରବାର ବନ୍ଦ ରହିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୮୦ (୭୯.୭୫) ପଏଣ୍ଟ ବଢ଼ି ୧୯,୮୧୧ (୧୯,୮୧୧.୫୦) ଅଙ୍କରେ କାରବାର ବନ୍ଦ ରହିଥିଲା।

# ଭିତ୍ତିଭୂମି ନିର୍ମାଣ କ୍ଷେତ୍ରକୁ ଗୁରୁତ୍ୱ

## ୨୦୩୦ ସୁଦ୍ଧା ୧୪୩ ଲକ୍ଷ କୋଟି ବ୍ୟୟ କରିବ ଭାରତ



ଭୁବନେଶ୍ୱର,୧୭।୧୦(ଅଭୟ ଦାଶ)

ଦେଶର ଭିତ୍ତିଭୂମି ବିକାଶ ନିମନ୍ତେ କେନ୍ଦ୍ର ସରକାର (ଭାରତ) ଆସନ୍ତା ୭ ବର୍ଷ ମଧ୍ୟରେ ପ୍ରାୟ ୧୪୩ ଲକ୍ଷ କୋଟି ଟଙ୍କା ବ୍ୟୟ (ଖର୍ଚ୍ଚ) କରିବ ବୋଲି ରେଟିଂ ଏଜେନ୍ସି କ୍ରିସିଲ ଏକ ରିପୋର୍ଟରେ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ଏପରିକି ମଙ୍ଗଳବାର ରେଟିଂ ଏଜେନ୍ସି କ୍ରିସିଲର ରିପୋର୍ଟ ଅନୁଯାୟୀ ଆର୍ଥିକ ବର୍ଷ ୨୦୨୩-୨୪ ରୁ ୨୦୨୯-୩୦ ମଧ୍ୟରେ ଭାରତ ପାଖପାଖି ୧୪୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବ ବୋଲି ଏଜେନ୍ସି ଉକ୍ତ ଆକଳନ କରିବା ସହ କହିଛି ଯେ, ଏହି ରାଶି ଗତ ୭ ବର୍ଷ (ଆର୍ଥିକ ବର୍ଷ ୨୦୧୬-୧୭ରୁ ୨୦୨୨-୨୩) ମଧ୍ୟରେ ଖର୍ଚ୍ଚ କରାଯାଇଥିବା ୬୭ଲକ୍ଷ କୋଟି ଟଙ୍କା ତୁଳନାରେ ଦୁଇ ଗୁଣାରୁ ଅଧିକ ହେବ ବୋଲି କୁହାଯାଇଛି। ଏପରିକି ସମୀକ୍ଷାଧୀନ ଅବଧି ମଧ୍ୟରେ ମୋଟ ୩୬.୬ ଲକ୍ଷ କୋଟି ଟଙ୍କା କେବଳ ସବୁଜ ପ୍ରକଳ୍ପରେ ଖର୍ଚ୍ଚ କରାଯିବାକୁ ଥିବାବେଳେ ଯାହା ୨୦୧୭-୨୩ ମଧ୍ୟରେ ହୋଇଥିବା ବ୍ୟୟର ୫ଗୁଣାରୁ ବି ଅଧିକ ହେବ ବୋଲି କ୍ରିସିଲ ତା'ର 'ଇନ୍‌ଫ୍ରାଷ୍ଟ୍ରକ୍ଚର ଇୟର ବୁକ୍ ୨୦୨୩'ରେ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ସେହିଭଳି ଭାରତର ଭିତ୍ତିଭୂମି ବିକାଶ ଖର୍ଚ୍ଚ ୨୦୧୭-୨୦୨୩ ଆର୍ଥିକ ବର୍ଷଗୁଡିକ ତୁଳନାରେ ୨୦୨୪-୩୦ ଆର୍ଥିକ ବର୍ଷ ମଧ୍ୟରେ ଦୁଇ ଗୁଣା ହୋଇ ୧୪୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯିବ। ଏ ସମ୍ପର୍କରେ କ୍ରିସିଲ ଲମିଟେଡର ଏମ୍‌ଡି ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମୀଷ ମେହେଟ୍ଟା କହିଛନ୍ତି, ଆମର ଆକଳନ ଅନୁଯାୟୀ ଆର୍ଥିକବର୍ଷ ୨୦୩୦-୩୧ ପର୍ଯ୍ୟନ୍ତ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ହାରାହାରି ୬.୭% ହାରରେ ବୃଦ୍ଧି ଘଟିବ। ବିଶେଷକରି ଏହା ଏକ ଦ୍ରୁତ ବୃଦ୍ଧି ପାଉଥିବା ଦେଶ ହୋଇଥିବାବେଳେ ଖୁବଶୀଘ୍ର ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଯିବ। ସେହିପରି ଆର୍ଥିକବର୍ଷ ୨୦୩୦-୩୧ ପର୍ଯ୍ୟନ୍ତ ପ୍ରତି ବ୍ୟକ୍ତି ଆୟ ବର୍ତ୍ତମାନର ୨୫୦୦ ଡଲାରରୁ ବଢ଼ି ୪୫୦୦ ଡଲାରକୁ ପହଞ୍ଚିବ। ଫଳରେ ଭାରତ ଏକ ମଧ୍ୟମ ଆୟକାରୀ ଦେଶରେ ପରିଣତ ହେବ। ଅପରପକ୍ଷରେ ମେହେଟ୍ଟା କହିଛନ୍ତି, ନୀତିଗତ ହସ୍ତକ୍ଷେପ ଓ ଅନୁକୂଳ ନିବେଶ ପରିବେଶ ସହଯୋଗରେ ଏହା ସମ୍ଭବ ହେବ। ଏପରିକି ସବୁକ୍ଷେତ୍ରରେ 'କ୍ରିସିଲ ଇନ୍‌ଫ୍ରାଇନଡେକ୍ସ' ସ୍କୋରରେ ବୃଦ୍ଧି ହୋଇଛି, କ୍ରିସିଲ ଇନଫ୍ରାଷ୍ଟ୍ରକ୍ଚର ଇୟରବୁକ୍ ୨୦୨୩ରେ ଏକ ନୂଆ ଜାତୀୟ ସୂଚକାଙ୍କ 'କ୍ରିସିଲ ଇନଫ୍ରାଇନଡେକ୍ସ'କୁ ସାମିଲ କରିଛନ୍ତି। ଯାହା ଭିତ୍ତିଭୂମି ବିକାଶ ଉପରେ କେନ୍ଦ୍ରିତ ରହିଛି, ମେହେଟ୍ଟା କହିଛନ୍ତି ଯେ ସଡକ ଓ ରାଜମାର୍ଗ, ବିଦ୍ୟୁତ ଟ୍ରାନ୍ସମିଶନ, ରିନେୱେଲ ଏନର୍ଜୀ ଓ ବନ୍ଦର କ୍ଷେତ୍ରର ମୋଟ ସ୍କୋର ୧୦ରେ ୭ରୁ ଅଧିକ ରହିଛି, ଯାହା ଗତ କିଛି ବର୍ଷରେ ହୋଇଥିବା ସୁଧାର ଓ ବୃଦ୍ଧିର ଗତିକୁ ଦର୍ଶାଉଛି।

ରେଟିଂ ଏଜେନ୍ସି କହିଛି, ଭିତ୍ତିଭୂମି ବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକଳ୍ପଗୁଡ଼ିକ ହାରାହାରି ଆକାରରେ ବୃଦ୍ଧି ହେବ ଓ ଏଥିରେ ବହୁ ସଂଖ୍ୟାରେ ବିଶାଳ ପ୍ରକଳ୍ପ ସବୁ ଯୋଡ଼ି ହେବେ।

# ୟୁକୋ ବ୍ୟାଙ୍କର ମୁଦ୍ରା ବିନିମୟ ମେଳା



ଭୁବନେଶ୍ୱର,୧୭।୧୦

ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ୟୁକୋ ବ୍ୟାଙ୍କ ସମ୍ବଲପୁର ମୁଖ୍ୟ ଶାଖା ପକ୍ଷରୁ ସମ୍ବଲପୁରର ଗୋଲ୍ ବଜାରସ୍ଥିତ ଏଚ୍‌ପି ପେଟ୍ରୋଲ ପମ୍ପଠାରେ ନୋଟ୍ ଏବଂ ମୁଦ୍ରା ବିନିମୟ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ରାଜେଶ କୁମାର ଉଦ୍‌ଘାଟନ କରିଥିଲେ। ଏହି ମେଳା ୟୁକୋ ବ୍ୟାଙ୍କର ଗ୍ରାହକମାନଙ୍କ ସମେତ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ବିଶେଷକରି ଚିରା, ଫଟା ନୋଟ୍ ବଦଳରେ ନୂଆ ନୋଟ୍ ଓ ମୁଦ୍ରା ମିଳୁଥିବାରୁ ଲୋକମାନେ ଏଥିରେ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଥିଲେ। ଏହି ମୁଦ୍ରା ବିନିମୟ ମେଳାରେ ନୋଟ୍ ବଦଳରେ ମୁଦ୍ରା ଏବଂ ମୁଦ୍ରା ବଦଳରେ ନୋଟ୍ ସହ ଚିରାଫଟା ନୋଟ୍‌ର ବଦଳ ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

# ସାମ୍‌ସଙ୍ଗ ଗାଲାକ୍ସିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୭।୧୦

ଭାରତର ସର୍ବବୃହତ୍ ଇଲେକ୍‌ଟ୍ରୋନିକ୍ସ କମ୍ପାନୀ ସାମ୍‌ସଙ୍ଗର ବହୁ ପ୍ରତୀକ୍ଷିତ ତଥା ନୂତନ ଉତ୍ପାଦ 'ସାମ୍‌ସଙ୍ଗ ଗାଲାକ୍ସି ଜେଡ୍ ଫ୍ଲିପ୍ ୫'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ଗ୍ରାହକମାନଙ୍କ ପାଇଁ ଉକ୍ତ ମଡେଲ ୟେଲୋ କଲରରେ ଉପଲବ୍ଧ ହେଉଥିବାବେଳେ ସାମ୍‌ସଙ୍ଗର ଏହା ୫ମ ଜେନେରେଶନ ଫୋଲ୍‌ଡେବଲ୍ ସ୍ମାର୍ଟଫୋନ୍ ଭାବେ ପାର୍ବଣ ବଜାରରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ଏହା ଗ୍ରାହକମାନଙ୍କୁ ଅନେକ ବିକଳ୍ପ ପ୍ରଦାନ କରୁଥିବାବେଳେ ସାମ୍‌ସଙ୍ଗର ଅତୁଳନୀୟ ପକେଟେବଲ୍ ଡିଭାଇସ୍‌କୁ ଚଳିତ ପାର୍ବଣ ଋତୁରେ ପାଇପାରିବେ। ସେହିଭଳି ସାମ୍‌ସଙ୍ଗ ଗାଲାକ୍ସି ଜେଡ୍ ଫ୍ଲିପ୍ ୫କୁ ଭାରତରେ ମିଣ୍ଟ, ଗ୍ରାଫାଇଟ୍, କ୍ରିମ୍ ଓ ଲାଭେଣ୍ଡର ଆଦି ରଙ୍ଗ(କଲର)ରେ ଡିଜାଇନ କରାଯାଇଛି। ବିଶେଷକରି ରି ଫ୍ରେସିଂ ନ୍ୟୁ ୟେଲୋର ଯୋଗ ସହିତ ସାମ୍‌ସଙ୍ଗ ଗାଲାକ୍ସି ଜେଡ୍ ଫ୍ଲିପ ୫ ଗ୍ରାହକମାନଙ୍କର ବର୍ତ୍ତମାନ ଅଧିକ କଲରର ପସନ୍ଦ ରହିଛି, ସେହିପରି ପାର୍ବଣ ଉତ୍ସାହକୁ ଦୃଷ୍ଟିରେ ରଖି ସାମ୍‌ସଙ୍ଗ ସମସ୍ତ ଗାଲାକ୍ସି ଜେଡ୍ ଫ୍ଲିପ ୫ ଭାରିଆଣ୍ଟର ସୀମିତ ଅବଧି ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏହି ଅଫର ସହିତ ସାମ୍‌ସଙ୍ଗ ଗାଲାକ୍ସି ଜେଡ୍ ଫ୍ଲିପ୍ ୫ର ଗ୍ରାହକମାନେ ବ୍ୟାଙ୍କ କ୍ୟାଶବ୍ୟାକ୍ ଓ ଅପଗ୍ରେଡ୍ ବୋନସ ପ୍ରତ୍ୟେକ ୭୦୦୦ ଟଙ୍କା ପାଇପାରିବେ, ଯାହାଦ୍ୱାରା ସମୁଦାୟ ଲାଭ ୧୪,୦୦୦ ଟଙ୍କା ହେବ। ବିକଳ୍ପ ଭାବେ ଏହି ନୂତନ ଭାରିଆଣ୍ଟକୁ ମଧ୍ୟ ୩୦ମାସର ଲୋ-କଷ୍ଟ ଇଏମ୍‌ଆଇ ୩୩୭୯ ଟଙ୍କାରେ ପ୍ରମୁଖ ଫାଇନାନ୍ସର ଯଥା ବଜାଜ୍ ଫାଇନାନ୍ସ ଲିମିଟେଡ୍ ଏଚ୍‌ଡିଏଫ୍‌ସି ସହାୟତାରେ କ୍ରୟ କରାଯାଇପାରିବ। ଯେଉଁ ଗ୍ରାହକମାନେ ଇଏମ୍‌ଆଇ ବିକଳ୍ପକୁ ଚାହୁଁନାହାନ୍ତି ସେମାନେ ତାଙ୍କର ନୂତନ କ୍ରୟ କ୍ଷେତ୍ରରେ ଅପଗ୍ରେଡ୍ ସୁବିଧା ୧୪,୦୦୦ ଟଙ୍କା ପାଇପାରିବେ।

# ତନିଷ୍କର ସ୍ୱତନ୍ତ୍ର ପୂଜା କଲେକ୍ସନ

ଭୁବନେଶ୍ୱର,୧୭।୧୦




ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତନିଷ୍କ ପକ୍ଷରୁ ଚଳିତ ବର୍ଷ ପାର୍ବଣ ଉପଲକ୍ଷେ ସ୍ୱତନ୍ତ୍ର ପୂଜା କଲେକ୍ସନ 'ଏଶାନି'କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ବିଶେଷକରି ପ୍ରତି ଓଡ଼ିଆ ନାରୀଙ୍କ ମଧ୍ୟରେ ରହିଥିବା ଶକ୍ତିର ଭାବନାକୁ ମା' ଦୁର୍ଗାଙ୍କ ବିଭିନ୍ନ ଅବତାର ମାଧ୍ୟମରେ ଉପସ୍ଥାପନ କରିବା ପାଇଁ ତନିଷ୍କର ଉକ୍ତ କଲେକ୍ସନ ଏକ ସମର୍ପଣ ବୋଲି କୁହାଯାଇଛି। 'ଏଶାନି' କଲେକସ୍ନ ଝୁଲଣ ଗୋସ୍ୱାମୀ, ସାହାନା ବାଜପେୟୀ, ପାରୋମିତା ବାନାର୍ଜୀ ଏବଂ ମିମି ଚକ୍ରବର୍ତ୍ତୀଙ୍କ ଭଳି ଦୃଢ଼ ମହିଳାଙ୍କ ପ୍ରେରଣାଦାୟୀ କାହାଣୀକୁ ସମ୍ମାନିତ କରୁଛି। ସେହିପରି ଉକ୍ତ କଲେକ୍ସନ ସୁନା ଗହଣାର ଏକ ବ୍ୟାପକ ରେଞ୍ଜ, ଯାହାକି କାରିଗରମାନଙ୍କ ଦ୍ୱାରା ଅତି ନିଖୁଣ ଭାବେ ପ୍ରସ୍ତୁତ ହୋଇଛି। ଏପରିକି ଫ୍ଲୋରାଲ ମୋଟିଭ୍ ସହ ଚୋକର ଆଦି ରହିଛି, ଯାହାକି ପେଣ୍ଡାଲଗୁଡ଼ିକର ଭାବପୂର୍ଣ୍ଣ ବିବରଣୀ ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ, ଆଡ୍‌ଜଷ୍ଟେବଲ ଟାଇ-ହାର, ମୋଡା ହୋଇଥିବା ତା'ର ଷ୍ଟ୍ରାପ ଏବଂ ସୂକ୍ଷ୍ମ ଷ୍ଟାମ୍ପରେ ପ୍ରସ୍ତୁତ କାନଫୁଲ ଏବଂ ଅତି ସୁନ୍ଦର ଡିଜାଇନ୍ ଚୁଡ଼ି ଆଦି ଉକ୍ତ କଲେକ୍ସନରେ ସାମିଲ ରହିଛି। ବିଶେଷକରି ପରମ୍ପରା, ଚିତ୍ରକଳା ଏବଂ ନବସୃଜନକୁ ମିଶାଇ ପ୍ରସ୍ତୁତ 'ଏଶାନି' କଲେକ୍ସନ ଓଡ଼ିଶାର ସମସ୍ତ ତନିଷ୍କ ଷ୍ଟୋରରେ ଉପଲବ୍ଧ। ଚଳିତ ବର୍ଷର ପାର୍ବଣ ଉପଲକ୍ଷେ ତନିଷ୍କ ମଧ୍ୟ ଆକର୍ଷଣୀୟ ଅଫର ଆଣିଛି, ଯାହାକି ପାର୍ବଣ ଖୁସିକୁ ଆହୁରି ବଢ଼ାଇବ। ଗ୍ରାହକ ସୁନା ଗହଣାର ଗଢ଼ା ମଜୁରି ଏବଂ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇବେ। ଏହି ଅଫର ସୀମିତ ସମୟ ପାଇଁ ବୈଧ ବୋଲି ତନିଷ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଏଓଜିବିଓର ୪ର୍ଥ ଦ୍ୱିବାର୍ଷିକ ସାଧାରଣ ସଭା

ଭୁବନେଶ୍ୱର,୧୭।୧୦

ଆସୋସିଏଶନ୍ ଅଫ୍ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଫିସର୍ସ (ଏଓଜିବିଓ) ସଂଘର ୪ର୍ଥ ଦ୍ୱିବାର୍ଷିକ ସାଧାରଣ ସଭା ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଆଇଆର୍‌ଆର୍‌ବିଇଏର ସେକ୍ରେଟାରି ଜେନେରାଲ ଭେଙ୍କଟେଶ୍ୱର ରେଡ୍ଡି, ଏନ୍‌ଏଫ୍‌ଆର୍‌ଆର୍‌ବିଓର ସେକ୍ରେଟାରି ସଏଦ୍ ଖାନ୍ ଏବଂ ସିଆଇଟିୟୁର ସଭାପତି ଜନାର୍ଦ୍ଦନ ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି)ର ଅଧ୍ୟକ୍ଷ ରିଷି ସିଂ ବର୍ତ୍ତମାନ ସମୟରେ ଓଜିବିର ଆର୍ଥିକ ସ୍ଥିତି ଉପରେ ବିସ୍ତୃତ ଆଲୋକପାତ କରିବା ସହ ବ୍ୟାଙ୍କର ଉନ୍ନତି ତଥା ଓଡ଼ିଶାର ଜନସାଧାରଣଙ୍କ ଆର୍ଥିକ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରିବାକୁ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କର୍ମଚାରୀଙ୍କୁ ସମସ୍ତ ସୁବିଧା ସୁଯୋଗ ଠିକ୍ ସମୟରେ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯିବାର ପ୍ରତିଶ୍ରୁତି ମଧ୍ୟ ସିଂ ଦେଇଥିଲେ। ସଂଘର ସଭାପତି ଅସିତ୍ କୁମାର ଖଣ୍ଡାଇ ଉକ୍ତ ସଭା ପରିଚାଳନା କରିଥିଲାବେଳେ ସମ୍ପାଦକ ସତ୍ୟବ୍ରତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ନନ୍ଦ ସଂଘର ଦ୍ୱିବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲାବେଳେ ଆସୋସିଏଶନ୍‌ର ବହୁ କର୍ମକର୍ତ୍ତା ଉକ୍ତ ରିପୋର୍ଟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଓଜିବିର ମହାପ୍ରବନ୍ଧକ ଶ୍ୱେତବ କୁମାର ଉପସ୍ଥିତ ରହି ବ୍ୟାଙ୍କର ଉନ୍ନତିରେ କାମ କରିବାକୁ କର୍ମଚାରୀମାନଙ୍କୁ ପ୍ରେରଣା ଦେଇଥିଲାବେଳେ ମହାପ୍ରବନ୍ଧକ ତୃପ୍ତି ରଞ୍ଜନ ସ୍ୱାଇଁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ।

ଏନ୍‌ଏଫ୍‌ଆର୍‌ଆର୍‌ବିଓର ଜଏଣ୍ଟ ସେକ୍ରେଟାରି ମହେଶ୍ୱର ମହାରଣା, ଏଓଜିବିଇଏଫ୍‌ର ସଭାପତି ଅକ୍ଷୟ କୁମାର ସାହୁ, ସାଧାରଣ ସମ୍ପାଦକ ପୁଲିନ୍ ମିଶ୍ର, ବିଇଏଫ୍‌ଆଇର ସଭାପତି ପ୍ରକାଶ ଚନ୍ଦ୍ର ରାଏ, ସାଧାରଣ ସମ୍ପାଦକ ତ୍ରିନାଥ ସାହୁ ପ୍ରମୁଖ ଉକ୍ତ ସଭାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସଂଘ ପକ୍ଷରୁ ପ୍ରଦୀପ ଷଡ଼ଙ୍ଗୀ, ପ୍ରଫୁଲ୍ଲ କୁମାର ଭଞ୍ଜ, ନୀଳକଣ୍ଠ ବିଶ୍ୱାଳ, ମନୋଜ କୁମାର ମହାନ୍ତି, ଶ୍ୟାମ ସୁନ୍ଦର ଦାସ, ବିପିନ ବିହାରୀ ଦାସ, ବେବିନା ଶତପଥୀ ଓ ନିମନ୍ତ୍ରିତ ଅନ୍ୟ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା।

**ଫୁର୍‌ସତ୍**

# ପୁରୁଷଙ୍କୁ ସ୍ତନ କର୍କଟ

ଲଣ୍ଡନ



ସାଧାରଣତଃ ମହିଳାଙ୍କ ସ୍ତନ କର୍କଟ ହେବା ଶୁଣିଛେ। ହେଲେ ନିକଟରେ ଜଣେ ପୁରୁଷଙ୍କ ସ୍ତନ କର୍କଟ ହୋଇଥିବା ଜଣାପଡ଼ିଛି। ଫ୍ଲୋରିଡ଼ାର ବାସିନ୍ଦା ୪୩ ବର୍ଷୀୟ ଜ୍ୟାକ୍ ୟାର୍‌ବ୍ରୋଗ୍ ୫ ବର୍ଷ ବୟସରେ ସାଙ୍ଗମାନଙ୍କ ସହ ପୋଖରୀରେ ପହଁରୁଥିଲେ। ସେତେବେଳେ ତାଙ୍କ ବାମ ଛାତିରେ କିଛି ଅନୁଭୂତ ହୋଇଥିଲା। ହେଲେ ତାହା ଏକ ଛୋଟ ଆଘାତ ବୋଲି ସେ ଭାବି ତାକୁ ଛାଡ଼ି ଦେଇଥିଲେ। ପରେ ତାହା ବଢ଼ି ବହୁ ବଡ଼ ଆକାର ପାଲଟିଗଲା। ଏହାପରେ ସେ ଡାକ୍ତରଙ୍କ ପାଖକୁ ଗଲେ। ସେଠାରେ ତାଙ୍କୁ ସ୍ତନ କର୍କଟ ହୋଇଥିବା ଡାକ୍ତର ଯାଞ୍ଚ ପରେ କହିଥିଲେ। ଏହା ୪ର୍ଥ ଷ୍ଟେଜରେ ପହଞ୍ଚିଥିଲା। ଡାକ୍ତର ସେହି କର୍କଟର ଅଂଶକୁ କାଟି ଦେଲେ। କେମୋଥେରାପି ପରେ ୩୬ରୁ ଅଧିକ ବିକିରଣର ଉପଚାର ହେଲା। ସେ ଏବେ ବି କର୍କଟ ସହ ଲଢୁଛନ୍ତି। ସେ ପ୍ରତି ୩ ସପ୍ତାହରେ ଥରେ କେମୋ ନେବା ସହ ବିଭିନ୍ନ ଔଷଧ ସେବନକରୁଛନ୍ତି। ଜ୍ୟାକ୍ କହିଛନ୍ତି, କର୍କଟକୁ ଲୁଚାଇବା ତାଙ୍କର ସବୁଠୁ ବଡ଼ ଭୁଲ୍ ଥିଲା। ସଙ୍କେତ ମିଳିବା ପରେ ବି ସେ ଡାକ୍ତରଙ୍କଠାରୁ ଲୁଚୁଥିଲେ। ଆମେରିକାନ୍ କ୍ୟାନ୍‌ସର ସୋସାଇଟି ଅନୁସାରେ, ୨୦୨୩ରେ ୨୮୦୦ରୁ ଅଧିକ ଏପରି ଘଟଣା ଦେଖିବାକୁ ମିଳିଲାଣି। ସେଥିମଧ୍ୟରୁ ୫୩୦ ଜଣ ପୁରୁଷଙ୍କ ସ୍ତନ କର୍କଟରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପ୍ରତିବର୍ଷ ୩ ଲକ୍ଷ ମହିଳାଙ୍କ ସ୍ତନ କର୍କଟ ହେଉଥିବାବେଳେ ୪୩ ହଜାର ମହିଳାଙ୍କ ମୃତ୍ୟୁ ଘଟୁଛି। ଆମେରିକାନ୍ କ୍ୟାନ୍‌ସର ସୋସାଇଟି ମୁତାବକ, ଖୁବ୍‌ଶୀଘ୍ର ଏହି ରୋଗ ଚିହ୍ନଟ ହୋଇପାରିଲେ ୯୯ ପ୍ରତିଶତ ଏହାର ନିରାକରଣ ହେବା ସମ୍ଭାବନା ରହିଛି।

# ବିବାହ ଶାଢ଼ି ପିନ୍ଧି ପୁରସ୍କାର ଗ୍ରହଣ କଲେ



ଆଲିଆ ଭଟ୍ଟ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସମେତ ଆଉ କେତେଜଣ ଅଭିନେତ୍ରୀ ଅଭିନେତା ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। 'ଗଙ୍ଗୁବାଇ କାଠିଆୱାଡି' ଚଳଚ୍ଚିତ୍ର ପାଇଁ ଆଲିଆଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ମିଳିଛି। ସେ ଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ପହଞ୍ଚି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ତେବେ ଏହା ଆଲିଆଙ୍କ ପାଇଁ ବେଶ୍ ଖାସ୍ ହୋଇଥିବାବେଳେ ସେ ଏକ ସ୍ୱତନ୍ତ୍ର ଶାଢ଼ି ପିନ୍ଧିଥିଲେ। ଉକ୍ତ ଶାଢ଼ିକୁ ସେ ତାଙ୍କ ବିବାହରେ ପିନ୍ଧିଥିଲେ। ସେ ମଥାରେ ଲାଲ ରଙ୍ଗର ଟିକିଲି, କେଶରେ ଧଳା ରଙ୍ଗର ଗୋଲାପଫୁଲ ଲଗାଇଥିବା ଫଟୋ ବେଶ୍ ଭାଇରାଲ ହେଉଛି। ପୁରସ୍କାର ବିତରଣ ଉତ୍ସବରେ ଆଲିଆ ସ୍ୱାମୀ ରଣବୀର କପୁରଙ୍କ ସହ ନିଜରକୁ ଆସିଥିଲେ। ତେବେ ଆଲିଆ ସଞ୍ଜୟ ଲୀଲା ଭଂସାଲୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡି'ରେ ନିଜକୁ ଶ୍ରେଷ୍ଠ ଭାବେ ପ୍ରତିପାଦିତ କରିଥିଲେ। ଏହି ସିନେମା ୫ଟି ମୁଖ୍ୟ ବର୍ଗରେ ଜାତୀୟ ପୁରସ୍କାର ଜିତିଛି। ପ୍ରଶଂସକମାନେ ଫିଲ୍ମକୁ ବହୁ ଭଲପାଇବା ଦେଇଥିଲେ। ଆଲିଆ ୧୯୯୯ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଶେଷଥର ପାଇଁ ସେ ଇଂଲିଶ୍ ଫିଲ୍ମ 'ହାର୍ଟ ଅଫ୍ ଷ୍ଟୋନ୍'ରେ ନଜରକୁ ଆସିଥିଲେ।

# ସାଥୀ ନ ପାଇ ନିଜକୁ ବାହାହେଲେ



ଲଣ୍ଡନ

ଅନେକେ ନିଜ ବିବାହ ପାଇଁ ସ୍ୱପ୍ନ ଦେଖିଥାନ୍ତି। ସେଥିପାଇଁ ସଞ୍ଚୟ ମଧ୍ୟ କରିଥାନ୍ତି। ହେଲେ ଜଣେ ମହିଳା ତାଙ୍କ ବିବାହ ପାଇଁ ଅନେକ ବର୍ଷ ଧରି ସଞ୍ଚୟ କରିଥିଲେ ମଧ୍ୟ ଉପଯୁକ୍ତ ସାଥୀ ନ ପାଇବାରୁ ସେ ନିଜକୁ ବିବାହକରି ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ସ୍ୱପ୍ନର ବାହାଘର ପାଇଁ ସେ ଦୀର୍ଘ ୨୦ ବର୍ଷ ଧରି ସଞ୍ଚୟ କରି ରଖିଥିବା ୧୦ ହଜାର ପାଉଣ୍ଡ ଅର୍ଥାତ୍ ୧୦ ଲକ୍ଷ ଟଙ୍କା ଏଥିରେ ଖର୍ଚ୍ଚ କରିଛନ୍ତି। ଇଂଲଣ୍ଡ ଫେଲିକ୍ସଷ୍ଟୋଇର ୪୨ ବର୍ଷୀୟା ସାରାହା ୱିଲକିନଶନ କ୍ରେଡିଟ୍ କଣ୍ଟ୍ରୋଲର ଭାବେ କାର୍ଯ୍ୟ କରନ୍ତି। ସାରାହା ବହୁ ବର୍ଷ ଧରି ମନ ମୁତାବକ ସାଥୀଟିଏ ଖୋଜି ନ ପାଇବାରୁ ଶେଷରେ ସେ ନିଜକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ଏକ ଭବ୍ୟ ଉତ୍ସବର ଆୟୋଜନ କରିଥିଲେ। ଉତ୍ସବରେ ସେ ନିଜକୁ ଏକ ଡାଇମଣ୍ଡର ମୁଦି ପିନ୍ଧାଇଛନ୍ତି। ନିଜର ପ୍ରାୟ ୪୦ ଜଣ ସମ୍ପର୍କୀୟଙ୍କ ଉପସ୍ଥିତିରେ ପାରମ୍ପରିକ ଶୈଳୀରେ ବିବାହ ସମ୍ପନ୍ନ କରିଥିଲେ। ଏଥିପାଇଁ ସେ ଏକ ସ୍ୱତନ୍ତ୍ର କେକ୍ ବରାଦ ଦେଇଥିଲେ; ଯେଉଁଥିରେ ଜଣେ କନ୍ୟା ଏକ ବେଙ୍ଗକୁ କିସ୍ କରୁଥିବା ଦେଖାଯାଇଥିଲା।

# ୩୪୦୦ ବର୍ଷର ମମି ଆକୃତି ମୃତଦେହ



କାଏରୋ

ନିକଟରେ ମିଶରରେ ପ୍ରାଚୀନ କବର ମିଳିଛି। ଏଥିରେ 'ମୃତକଙ୍କ ବହି' ସହ ୩୪୦୦ ବର୍ଷ ପୁରୁଣା ମମି ଆକୃତି ମୃତଦେହ ରହିଛି। କୁହାଯାଉଛି, ଏଥିରେ ପ୍ରାଚୀନ ମିଶରର ନ୍ୟୁ କିଙ୍ଗଡମ୍‌ର ପୂଜାରୀଙ୍କ ମୃତଦେହ ସାମିଲ ହୋଇଥାଇପାରେ। ରିପୋର୍ଟ ମୁତାବକ, ମିଶର ରାଜଧାନୀ କାଏରୋଠାରୁ ୨୨୦ କି.ମି. ଦକ୍ଷିଣରେ ମିନ୍ୟାରେ ଟୁନା ଇଏଲ୍ ଗେବେଲ ନେକ୍ରୋପଲିସ୍‌ର ଅଲ୍ ଘୁରାଇଫା ଅଞ୍ଚଳରେ ଏହା ଘଟିଛି। ମିଶର ମିନିଷ୍ଟ୍ରି ଅଫ୍ ଟୁରିଜମ୍ ଆଣ୍ଡ ଆଣ୍ଟିକ୍ୱିଟିଜ୍ ଅନୁସାରେ, କବରସ୍ଥାନରେ ବଡ଼ ସଂଖ୍ୟାରେ ପଥର କାଟି ତିଆରି ହୋଇଥିବା କବର ଏବଂ ଅନେକ ଆର୍କିଓଲୋଜିକାଲର ଅବଶେଷ ରହିଛି। ପ୍ରତ୍ୟେକ କବରରେ ବହୁ ପରିମାଣର ପ୍ରାଚୀନ ବସ୍ତୁ ରଖାଯାଇଛି; ଯେଉଁଥିରେ 'ମୃତକଙ୍କ ବହି' ଭଳି ପାପିରସ୍ ମିଳିଛି। ଏହା ପ୍ରାୟ ୫୦ ଫୁଟ ଲମ୍ବା ଏବଂ ତାହା ଭଲ ସ୍ଥିତିରେ ରହିଛି। 'ମୃତକଙ୍କ ବହି' ହେଉଛି ଏକ ପ୍ରାଚୀନ ମିଶରର ଅନ୍ତ୍ୟେଷ୍ଟି ପାଠ। ଏହା ସାଧାରଣତଃ ପାପିରସ୍‌ରେ ପତ୍ରରେ ଲେଖାଯାଏ। ସେଥିରେ ଅନେକ ପ୍ରକାର ମନ୍ତ୍ର ଲେଖାଯାଇଥାଏ। ବିଶ୍ୱାସ ରହିଛି ଏହା ପରଲୋକରେ ମୃତକଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। କବରରେ ୨ ମହିଳାଙ୍କ ନାମ ସାମିଲ ଥିବା ତାବୁଲ ମିଳିଛି, ଯେଉଁଥିରୁ ପ୍ରାଚୀନ ମିଶରର ଦେବତାଙ୍କ ଝିଅ ଡିଜ୍‌ହୁତିଙ୍କର। ଏହି କବରସ୍ଥଳ ନ୍ୟୁ କିଙ୍ଗଡମ୍ ଯୁଗର ବୋଲି ବିଶ୍ୱାସ କରାଯାଏ।



# ଭାରତ ୩, ବାଂଲାଦେଶ ୧


ବୀରେନ୍ଦ୍ର ସେହ୍ୱାଗ

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ବାଂଲାଦେଶ ସହିତ ଖେଳିବ। ଏହି ମ୍ୟାଚଟି ପୁଣେର ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ହେବ। ଭାରତ ଓ ବାଂଲାଦେଶ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୪ଟି ବିଶ୍ୱକପ୍ ମ୍ୟାଚ ହୋଇଛି। ଏଥିରୁ ଭାରତ ୩ଟିରେ ବିଜୟୀ ହୋଇଥିବାବେଳେ ବାଂଲାଦେଶ ଗୋଟିଏ ଜିତିଛି। ବର୍ତ୍ତମାନର ଫର୍ମ ଦୃଷ୍ଟିରୁ ଏହି ମ୍ୟାଚ ପାଇଁ ଯଦିଓ ଭାରତ ପଲା ଭାରି ରହିଛି ତେବେ ବାଂଲାଦେଶ ନିକଟରେ ବିପର୍ଯ୍ୟୟ ସୃଷ୍ଟି କରିବାର ଦକ୍ଷତା ରହିଛି। ତେଣୁ ଏହି ମ୍ୟାଚ ଉପରେ ନିଶ୍ଚିତ ସମସ୍ତଙ୍କ ନଜର ରହିବ। ଉଭୟ ଦଳର ରେକର୍ଡ ଦୃଷ୍ଟିରୁ ଭାରତର ସର୍ବାଧିକ ସ୍କୋର ୩୭୦ ଓ ବାଂଲାଦେଶର ୨୮୬ ରହିଛି। ସେହିପରି ଭାରତର ସର୍ବନିମ୍ନ ସ୍କୋର ୧୯୧ ଓ ବାଂଲାଦେଶର ୧୯୨ ରହିଛି।

**● ୨୦୦୭: ବାଂଲାଦେଶ ୫ ଉଇକେଟରେ ବିଜୟୀ**

୨୦୦୭ ମାର୍ଚ୍ଚ ୧୭ରେ ପୋର୍ଟ ଅଫ୍ ସ୍ପେନ୍‌ର କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ଦୁଇ ଦଳ ମଧ୍ୟରେ ପ୍ରଥମ ବିଶ୍ୱକପ୍ ମୁକାବିଲା ହୋଇଥିଲା। ଏଥିରେ ବାଂଲାଦେଶ ୫ ଉଇକେଟରେ ଭାରତକୁ ହରାଇ ଚକିତ କରିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ସୌରଭ ଗାଙ୍ଗୁଲିଙ୍କ ୬୬ ରନ ସତ୍ତ୍ୱେ ୪୯.୩ ଓଭରରେ ୧୯୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଯୁବରାଜ ସିଂ ୪୭ ରନ କରିଥିଲେ। ବାଂଲାଦେଶ ବୋଲରଙ୍କ ମଧ୍ୟରେ ମାଶ୍ରାଫେ ମୋର୍ତାଜା ୪ଟି ଏବଂ ମହମ୍ମଦ ରଫିକ ଓ ଅବଦୁର ରଜାକ ୩ଟି ଲେଖାଏ ଉଇକେଟ ନେଇଥିଲେ। ୧୯୨ ରନର ବିଜୟ ଲକ୍ଷ୍ୟକୁ ବାଂଲାଦେଶ ୪୮.୩ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ତାମିମ ଇକବାଲ (୫୧), ମୁଶ୍‌ଫିକର ରହିମ (୫୬) ଓ ଶାକିବ ଅଲ୍ ହାସନ (୫୩) ଅର୍ଦ୍ଧଶତକ ହାସଲ କରି ଦଳକୁ ବିଜୟୀ କରିଥିଲେ।

**● ୨୦୧୧: ଭାରତ ୮୭ ରନରେ ବିଜୟୀ**

ପରବର୍ତ୍ତୀ ବିଶ୍ୱକପ୍ ଅର୍ଥାତ୍ ୨୦୧୧ ସଂସ୍କରଣରେ ଭାରତ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା। ମୀରପୁରର ଶେର ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଫେବୃୟାରୀ ୧୯ରେ ଅନୁଷ୍ଠିତ ମ୍ୟାଚରେ ଭାରତ ୮୭ ରନରେ ବାଂଲାଦେଶକୁ ଏହାର ଘରୋଇ ପରିବେଶରେ ହରାଇ ଦେଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ବୀରେନ୍ଦ୍ର ସେହ୍ୱାଗ (୧୪୦ ବଲ୍‌ରୁ ୧୭୫ ରନ, ୧୪ ଚୌକା, ୫ ଛକା)ଙ୍କ ବିସ୍ଫୋରକ ଶତକ ଏବଂ ବିରାଟ କୋହଲି (୮୩ ବଲ୍‌ରୁ ୧୦୦ ରନ, ୮ ଚୌକା, ୨ ଛକା)ଙ୍କ ଅପରାଜିତ ଶତକ ସହାୟତାରେ ୪ ଉଇକେଟ ହରାଇ ୩୭୦ ରନର ବିଶାଳ ସ୍କୋର ଛିଡ଼ା କରିଥିଲା। ଏହାଥିଲା ବିଶ୍ୱକପ୍‌ରେ କୋହଲିଙ୍କ ପ୍ରଥମ ଶତକ। ଜବାବରେ ବାଂଲାଦେଶ ୫୦ ଓଭରରେ ୯ ଉଇକେଟ ହରାଇ ୨୮୩ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ତାମିମ ଇକବାଲ ସର୍ବାଧିକ ୭୦ ଓ ଶାକିବ ଅଲ୍ ହାସନ ୫୫ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ମୁନାଫ ପଟେଲ ସର୍ବାଧିକ ୪ଟି ଉଇକେଟ ନେଇଥିଲେ।

**● ୨୦୧୫: ଭାରତ ୧୦୯ ରନରେ ବିଜୟୀ**

ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ୨୦୧୫ ମାର୍ଚ୍ଚ ୧୯ରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭାରତ ୧୦୯ ରନରେ ବାଂଲାଦେଶକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ରୋହିତ ଶର୍ମାଙ୍କ ଶତକ ଏବଂ ସୁରେଶ ରାଇନାଙ୍କ ଅର୍ଦ୍ଧଶତକ ସହାୟତାରେ ୫୦ ଓଭରରେ ୬ ଉଇକେଟ ହରାଇ ୩୦୨ ରନ କରିଥିଲା। ରୋହିତ ୧୨୬ ବଲ୍‌ରୁ ୧୩୭ ଓ ରାଇନା ୫୭ ବଲ୍‌ରୁ ୬୫ ରନ କରିଥିଲେ। ବାଂଲାଦେଶର ତାସକିନ ଅହମଦ ୩ଟି ଉଇକେଟ ନେଇଥିଲେ। ବଡ଼ ସ୍କୋରର ପିଛା କରିଥିବା ବାଂଲାଦେଶ ଚାପର ବଶବର୍ତ୍ତୀ ହୋଇ ୪୫ ଓଭରରେ ୧୯୩ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳର କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରିପାରି ନ ଥିବାବେଳେ ଭାରତ ପକ୍ଷରୁ ଉମେଶ ଯାଦବ ସର୍ବାଧିକ ୪ଟି ଉଇକେଟ ନେଇଥିଲେ।


ରୋହିତ ଶର୍ମା

**● ୨୦୧୯: ଭାରତ ୨୮ ରନରେ ବିଜୟୀ**

ଶେଷଥର ପାଇଁ ଉଭୟ ଦଳ ମଧ୍ୟରେ ଗତ ବିଶ୍ୱକପ୍‌ରେ ଇଂଲଣ୍ଡର ଏଜ୍‌ବାଷ୍ଟନଠାରେ ମୁକାବିଲା ହୋଇଥିଲା। ଏଥିରେ ଭାରତ ୨୮ ରନରେ ବାଂଲାଦେଶକୁ ହରାଇ ବିଜୟ ଧାରା ବଜାୟ ରଖିଥିଲା। ରୋହିତ ଶର୍ମା (୧୦୪ ରନ, ୯୨ ବଲ୍, ୭ ଚୌକା, ୫ ଛକା)ଙ୍କ ଶତକ ଏବଂ ଲୋକେଶ ରାହୁଲ (୭୭)ଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୩୧୪ ରନ କରିଥିଲା। ବିପକ୍ଷ ଦଳର ମୁସ୍ତାଫିଜୁର ରହମନ ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ବାଂଲାଦେଶ ୪୮ ଓଭରରେ ୨୮୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଶାକିବ ଅଲ୍ ହାସନ ସର୍ବାଧିକ ୬୬ ଓ ମହମ୍ମଦ ସୈଫୁଦ୍ଦିନ ୫୧* ରନ କରିଥିଲେ। ଭାରତର ଯଶପ୍ରୀତ୍ ବୁମ୍‌ରା ୪ଟି ଓ ହାର୍ଦ୍ଦିକ ପାଣ୍ଡ୍ୟା ୩ଟି ଉଇକେଟ ନେଇଥିଲେ।

**ଦିନିକିଆ ବିଶ୍ୱକପ**

**(ଆଜିର ମ୍ୟାଚ)**

**ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ**

ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ଣ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ଅର୍ଦ୍ଧଶତକ ହାସଲ ପରେ ନେଦରଲାଣ୍ଡ ଅଧିନାୟକ ସ୍କଟ୍ ଏଡ୍‌ୱାର୍ଡ୍ସ।


ଟପ୍ ଅର୍ଡରରେ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଭାନ୍ ମିକେରାନ୍।

# ଗୁର୍‌ବାଜଙ୍କୁ ଭର୍ତ୍ସନା ସହ ୧ ଡିମେରିଟ୍ ପଏଣ୍ଟ

**ନୂଆଦିଲ୍ଲୀ, ୧୭।୧୦(ପି.ଟି.)**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷ ମ୍ୟାଚ ବେଳେ ଆଫଗାନିସ୍ତାନ ବ୍ୟାଟର ରହମାନୁଲ୍ଲା ଗୁର୍‌ବାଜ ଆଉଟ ହେବା ପରେ ବିରକ୍ତି ପ୍ରକାଶ କରି ବାଉଣ୍ଡାରି ଦଉଡ଼ି ଓ ଏକ ଚେୟାରକୁ ତାଙ୍କ ବ୍ୟାଟ୍‌ରେ ପ୍ରହାର କରିଥିଲେ। ଫଳତଃ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ତାଙ୍କୁ ବିଧିବଦ୍ଧ ଭାବେ ଭର୍ତ୍ସନା କରାଯାଇଛି। ଏହାଛଡ଼ା ତାଙ୍କ ଶୃଙ୍ଖଳା ରେକର୍ଡରେ ଗୋଟିଏ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ୨୪ ମାସ ମଧ୍ୟରେ ଏହା ହେଉଛି ତାଙ୍କର ପ୍ରଥମ ଅପରାଧ। ଆଫଗାନିସ୍ତାନ ଇନିଂସର ୧୯ତମ ଓଭରରେ ଗୁର୍‌ବାଜ ଆଉଟ ହେବାପରେ ଏହି ଘଟଣା ଘଟିଥିଲା। ଗୁର୍‌ବାଜ ତାଙ୍କ ଦୋଷ ସ୍ୱୀକାର କରିବା ସହ ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ ରେଫରିଜ୍‌ର ଜେଫ୍ କ୍ରୋଙ୍କ ଦ୍ୱାରା ହୋଇଥିବା ଦଣ୍ଡବିଧାନକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା। ଦୁଇ ଫିଲ୍ଡ ଅମ୍ପାୟର ରଡ୍ ଟକର ଓ ଶାର୍ଫୁଦୋଲ୍ଲା ଇବ୍‌ନେ ଶାହିଦ, ତୃତୀୟ ଅମ୍ପାୟର ପଲ୍ ରିଫେଲ ଓ ଚତୁର୍ଥ ଅମ୍ପାୟର ପଲ୍ ୱିଲସନ ଗୁରୁବାଜଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଆଚରଣବିଧିର ଧାରା-୧ ଉଲ୍ଲଂଘନ କଲେ ଏକ ବିଧିବଦ୍ଧ ଭର୍ତ୍ସନା, ସମ୍ପୃକ୍ତ ଖେଳାଳିଙ୍କ ମ୍ୟାଚ ଫି'ର ସର୍ବାଧିକ ୫୦ ପ୍ରତିଶତ ଜରିମାନା ଏବଂ ଏକ କିମ୍ବା ଦୁଇ ଡିମେରିଟ୍ ପଏଣ୍ଟରେ ଦଣ୍ଡର ବ୍ୟବସ୍ଥା ରହିଛି।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୩ | ୩ | ୦ | ୬ | +୧.୮୨୧ |
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୬ | +୧.୬୦୪ |
| ଦକ୍ଷିଣ ଆଫ୍ରିକା | ୩ | ୨ | ୧ | ୪ | +୧.୩୮୫ |
| ପାକିସ୍ତାନ | ୩ | ୨ | ୧ | ୪ | -୦.୧୩୭ |
| ଇଂଲଣ୍ଡ | ୩ | ୧ | ୨ | ୨ | -୦.୦୮୪ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | -୦.୬୫୨ |
| ବାଂଲାଦେଶ | ୩ | ୧ | ୨ | ୨ | -୦.୬୯୯ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | -୦.୭୩୪ |
| ନେଦରଲାଣ୍ଡ୍ସ | ୩ | ୧ | ୨ | ୨ | -୦.୯୯୩ |
| ଶ୍ରୀଲଙ୍କା | ୩ | ୦ | ୩ | ୦ | -୧.୫୩୨ |


ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମ।


ବର୍ଷା ପରେ ପାଣି ଶୁଖାଇବା ପାଇଁ ସୁପର ସପର ବ୍ୟବହାର କରାଯାଇଛି।

# ବିଶ୍ୱକପ୍‌ରେ କୁମ୍ବଲେଙ୍କ ରେକର୍ଡ

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଲେଗ୍ ସ୍ପିନର ଅନିଲ କୁମ୍ବଲେ। ଇଞ୍ଜିନିୟରିଂ କରିବା ପରେ ଫଟୋଗ୍ରାଫର ଓ ପରବର୍ତ୍ତୀ ସମୟରେ ଭାରତୀୟ ଦଳ ପକ୍ଷରୁ ସେ ଖେଳିଥିଲେ। ଜୁମ୍ବୋ ନାମରେ ପରିଚିତ ଏହି ଖେଳାଳି ଜଣଙ୍କ ଭାରତୀୟ ଟେଷ୍ଟ ଇତିହାସରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ୧୮ ମ୍ୟାଚ୍ ଖେଳି ୩୧ ଉଇକେଟ ନେଇଥିବା କୁମ୍ବଲେଙ୍କ ଜନ୍ମଦିନରେ ବିଶ୍ୱକପ୍‌ର କିଛି ସ୍ମରଣୀୟ ଇନିଂସ ଓ ଘଟଣା ସମ୍ପର୍କରେ ଆଲୋଚନା.....

ବେଙ୍ଗାଲୁରୁସ୍ଥିତ ମାଇସୋରରେ ୧୭ ଅକ୍ଟୋବର ୧୯୭୦ରେ ଅନିଲ କୁମ୍ବଲେଙ୍କ ଜନ୍ମ। ଆରମ୍ଭରୁ ପେସ୍ ବୋଲିଂ କରୁଥିବା ବେଳେ ପରବର୍ତ୍ତୀ ସମୟରେ ଲେଗ୍ ସ୍ପିନ୍ ବୋଲିଂ କରିଥିଲେ। ବଲ୍‌କୁ ଟର୍ନ କରାଇବାରେ ଏତେ ଦକ୍ଷ ନ ଥିଲେ ମଧ୍ୟ ଉଇକେଟ ହାସଲ ପାଇଁ ସେ ପିଚ୍ ଉପରେ ନିର୍ଭରଶୀଳ ରୁହନ୍ତି ନାହିଁ। ଜଣେ ଦୃଢ଼ମନା କ୍ରିକେଟର ଭାବରେ କୁମ୍ବଲେ ବେଶ୍ ପ୍ରସିଦ୍ଧ। ୱେଷ୍ଟଇଣ୍ଡିଜ୍ ଗସ୍ତରେ ଥିବା ସମୟରେ ବଲ୍ ବାଜି ମୁହଁ ଫାଟି ଯାଇଥିବା ବେଳେ ବ୍ୟାଣ୍ଡେଜ ବାନ୍ଧି ବୋଲିଂ କରିଥିଲେ। ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବରେ କାର୍ଯ୍ୟ କରି ସାରିଥିବା କୁମ୍ବଲେ ମଙ୍ଗଳବାର ୫୩ ବର୍ଷରେ ପଦାର୍ପଣ କରିଛନ୍ତି। ଭାରତୀୟ ଦଳର ସ୍ପିନର ଭାବରେ ଉଭୟ ଘରୋଇ ଓ ବିଦେଶୀ ପିଚ୍‌ରେ ସଫଳତା ହାସଲ କରିଥିବା କୁମ୍ବଲେ ୧୩୨ ଟେଷ୍ଟରୁ ୬୧୯ ଉଇକେଟ ନେଇଥିବା ବେଳେ ୨୭୧ ଦିନିକିଆରୁ ୩୩୭ ଉଇକେଟ ନେଇଛନ୍ତି। ଟେଷ୍ଟ କ୍ରିକେଟରେ ପ୍ରଥମ ଭାରତୀୟ ତଥା ବିଶ୍ୱର ଦ୍ୱିତୀୟ ଖେଳାଳି ଭାବରେ ଗୋଟିଏ ଇନିଂସରେ ୧୦ ଉଇକେଟ ସଫଳତା ହାସଲ କରିଥିଲେ କୁମ୍ବଲେ। ୧୯୯୬ରେ ପ୍ରଥମ ବିଶ୍ୱକପ୍ ଖେଳିଥିବା କୁମ୍ବଲେ ୨୦୦୭ରେ ଖେଳିଥିଲେ ଅନ୍ତିମ ବିଶ୍ୱକପ୍। ଦିନିକିଆ ବିଶ୍ୱକପ୍‌ରେ ୧୮ ମ୍ୟାଚ୍ ଖେଳି ସେ ଅକ୍ତିଆର କରିଥିଲେ ୩୧ ଉଇକେଟ। ୩୨ ରନ୍ ଦେଇ ୪ ଉଇକେଟ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଏହା ସହିତ ସେ ସମୁଦାୟ ୧୪ଟି କ୍ୟାଚ୍ ନେଇଛନ୍ତି। ୧୭୩.୧ ଓଭର ବୋଲିଂ କରିଥିବା ଏହି ବୋଲର ଜଣଙ୍କ ୫ ଓଭର ମେଡେନ୍ ପକାଇଥିବା ବେଳେ ୧୩.୭୩ର ଚମତ୍କାର ଆଭରେଜ୍ ରହିଛି।

**➤୧୯୯୬:** ୧୯୯୬ରେ ଭାରତୀୟ ଦଳ ପାଇଁ ଚମତ୍କାର ପ୍ରଦର୍ଶନ କରିଥିବା କୁମ୍ବଲେ ବିଶ୍ୱକପ୍‌ରେ ୭ ମ୍ୟାଚ୍‌ରୁ ଅକ୍ତିଆର କରିଥିଲେ ୧୫ ଉଇକେଟ। ଏହା ସହ ସେ ଉକ୍ତ ସଂସ୍କରଣର ସର୍ବାଧିକ ଉଇକେଟ ହାସଲକାରୀ ବୋଲର ପାଲଟିଥିଲେ। ଓଡ଼ିଶାର ଐତିହାସିକ ବାରବାଟୀ ଷ୍ଟାଡିୟମରେ କୁମ୍ବଲେ ନିଜର ବିଶ୍ୱକପ୍ ପଦାର୍ପଣ କରିଥିବା ବେଳେ ନେଇଥିଲେ ୩ ଉଇକେଟ।


ଅନିଲ କୁମ୍ବଲେ

**➤୧୯୯୯:** ୧୯୯୯ ବିଶ୍ୱକପ୍‌ରେ ପୂର୍ବ ସଫଳତା ଦୋହରାଇବାରେ ସଫଳ ହୋଇ ନ ଥିଲେ। ୭ଟି ଯାକ ମ୍ୟାଚ ଖେଳିଥିଲେ ମଧ୍ୟ ସେ ମାତ୍ର ୮ ଉଇକେଟ ନେଇଥିଲେ। ତେବେ ଇଂଲିଶ ପରିବେଶରେ ତାଙ୍କର ଇକୋନୋମି ଓ କଞ୍ଜୁସ ବୋଲିଂ ଦଳକୁ ଫାଇଦା ପ୍ରଦାନ କରିଥିଲା।

**➤୨୦୦୩:** ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଏହି ସଂସ୍କରଣରେ ହରଭଜନ ସିଂ ଭାରତର ପ୍ରଥମ ପସନ୍ଦର ସ୍ପିନର ରହିଥିଲେ। କୁମ୍ବଲେ ଦ୍ୱିତୀୟ ସ୍ପିନର ରହିଥିବା ବେଳେ ୩ ମ୍ୟାଚ୍ ଖେଳି ନେଇଥିଲେ ୫ ଉଇକେଟ। ଏହା ସହିତ ବିଶ୍ୱକପ୍‌ରେ ସେ ନିଜର ସର୍ବଶ୍ରେଷ୍ଠ ବୋଲିଂ ଫିଗର(୪/୩୨) ମଧ୍ୟ ରେକର୍ଡ କରିଥିଲେ।

**➤୨୦୦୭:** ଭାରତ ଏହି ସଂସ୍କରଣର ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ତେବେ କୁମ୍ବଲେଙ୍କୁ ମାତ୍ର ଗୋଟିଏ ମ୍ୟାଚ୍ ଖେଳିବାର ସୁଯୋଗ ମିଳିଥିବା ବେଳେ ସେ ନେଇଥିଲେ ୩ ଉଇକେଟ।

ବିଶ୍ୱକପ୍‌ରେ କୁମ୍ବଲେ ୧୮ ମ୍ୟାଚ୍‌ରୁ ୩୧ ଉଇକେଟ ନେଇଥିବା ବେଳେ ଭାରତୀୟଙ୍କ ମଧ୍ୟରେ ଏହା ଚତୁର୍ଥ ଶ୍ରେଷ୍ଠ ପ୍ରଦର୍ଶନ। ଜାହିର ଖାନ୍ ଓ ଜାଭାଗଲ ଶ୍ରୀନାଥ ୪୪ ଉଇକେଟ ସହ ଯୁଗ୍ମ ଭାବରେ ପ୍ରଥମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ମହମ୍ମଦ ଶାମି ଓ ଅନିଲ କୁମ୍ବଲେ ଉଭୟ ୩୧ ଲେଖାଏ ଉଇକେଟ ନେଇଛନ୍ତି।

## ପନିପରିବା ଚାଷ



ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଚ୍ଚୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶୁଁଢ଼ାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ।



## ଡାଲିଜାତୀୟ ଫସଲର ଉନ୍ନତ କିସମ

ମୁଗର ଉନ୍ନତ କିସମ ମଧ୍ୟରେ ରହିଛି ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓୟୁଏମ୍୧୧-୫(କାମଦେବ), ସୁଜାତା ଓ ଧଉଳି, ଆଇପିଏମ୍-୦୨-୧୪ ଏବଂ ଆଇପିଏମ୍-୦୨-୦୩ । ବିରିର ଉନ୍ନତ କିସମଗୁଡ଼ିକ ହେଲା ଟି-୯, ପନ୍ତ ୟୁ-୩୦, ପନ୍ତ ୟୁ-୩୫, ପ୍ରସାଦ, ଉଜ୍ଜ୍ୱଳା, ଶେଖର-୨, ସାରଳା ଏବଂ ମାହୁରି, ଶଶି । ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ । ଅଧିକ ଅମଳକ୍ଷମ ବୁଟ କିସମଗୁଡ଼ିକ ହେଉଛି : ରାଧେ, ଆନେଗିରି-୧, ମୋତି, ଆଇସିସିଭି-୨, ଆଇସିସିଭି -୧୦ ଏବଂ ପୁଷା-୩୭୨। ଉନ୍ନତ କିସମ ମସୁର ମଧ୍ୟରେ ରହିଛି ବି-୭୭, ପୁଷା-୮, କେ-୭୫, ପନ୍ତ ଏଲ୍-୪୦୬ ଏବଂ ପନ୍ତ ଏଲ୍-୬୩୯। ଉନ୍ନତ କିସମ ମଟର : ରଚନା, ଟି-୧୬୩, ଇସି-୩୩୮୬, ସ୍ୱର୍ଣ୍ଣରେଖା ଏବଂ ଅର୍କେଲ।

# ପ୍ରାଣୀସମ୍ପଦର ସୁରକ୍ଷା



ଡା. ବୀର କିଶୋର ପରିଡ଼ା

ସାଧାରଣତଃ ପ୍ରାଣୀଙ୍କ ଉତ୍ପାଦନ ପ୍ରଣାଳୀରେ ୨ପ୍ରକାର ପ୍ରଭାବ ଜଳବାୟୁର ପରିବର୍ତ୍ତନ ବା ବାହ୍ୟ ଉତ୍ତାପ ବୃଦ୍ଧି ଯୋଗୁ ସୃଷ୍ଟି ହୋଇଥାଏ। ପ୍ରଥମଟି ହେଲା- ଏହା ସିଧାସଳଖ ପ୍ରାଣୀଙ୍କ ସ୍ୱାସ୍ଥ୍ୟ, ବୃଦ୍ଧିହେବା ପ୍ରକ୍ରିୟା, ପ୍ରଜନନ ଓ ପୁଷ୍ଟି ଉପରେ ପ୍ରଭାବ ଯୋଗୁ ଦୁର୍ବଳ କାର୍ଯ୍ୟଦକ୍ଷତା, ନୂଆ ନୂଆ ରୋଗର ପ୍ରାଦୁର୍ଭାବ, ପ୍ରାଣୀଙ୍କ ରୋଗ ବିସ୍ତାରରେ ପରିବର୍ତ୍ତନ ଓ କୀଟପତଙ୍ଗଙ୍କ ସଂଖ୍ୟା ବୃଦ୍ଧି ଆଦି ଦେଖାଦେଇଥାଏ। ଅନ୍ୟପକ୍ଷରେ ଉତ୍ତାପ ବୃଦ୍ଧି ପରୋକ୍ଷ ଭାବରେ ପ୍ରାଣୀଙ୍କ ଖାଦ୍ୟଶସ୍ୟର ଉପଲବ୍ଧତା, ତନ୍ତୁବହୁଳ ଘାସ ଓ ସବୁଜ ଘାସର ଅଭାବ, ଚାରଣଭୂମି ଉପରେ ପ୍ରଭାବ, ଶସ୍ୟଜାତୀୟ ଖାଦ୍ୟ ଉତ୍ପାଦନ, ଏହାର ଗୁଣାତ୍ମକ ମାନ ଓ ମୂଲ୍ୟ ଇତ୍ୟାଦି ଉପରେ ପ୍ରଭାବ ପକାଇଥାଏ। ଜଳବାୟୁ ପରିବର୍ତ୍ତନକୁ ଆଧାରକରି ଗୋସମ୍ପଦର ସୁରକ୍ଷା ନିମନ୍ତେ ବିଭିନ୍ନ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରନ୍ତୁ।

➤ଅନବରତ ବିଦ୍ୟମାନ ରହିଥିବା କାର୍ଯ୍ୟକ୍ରମଗୁଡ଼ିକ ବଜାୟ ରଖିବା। ଉଦାହରଣ ଟିକାକରଣ, ସବୁଜ ଘାସଚାଷର ବିକାଶ, ଦକ୍ଷତା ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ, ସ୍ଥାନୀୟ ଗୋସମ୍ପଦର ସଂରକ୍ଷଣ ଓ ବିକାଶ ଇତ୍ୟାଦି। ପ୍ରାଣୀଙ୍କୁ ନିୟମିତ ବ୍ୟବଧାନରେ ବିଭିନ୍ନ ସଂକ୍ରାମକ ରୋଗ ବିରୋଧରେ ଟିକାକରଣ କରିବା।

➤ଗୋବର ଗ୍ୟାସ୍ ଟ୍ୟାଙ୍କି ସହ ଗ୍ୟାସ୍ ସିଲିଣ୍ଡର ପ୍ୟାକିଂ କରିବା । ଚାଷୀଙ୍କ ଦ୍ୱାରଦେଶରେ ସହଜ ଓ ସୁଲଭ ଉପାୟରେ ମିଥେନ୍ ଗ୍ୟାସ୍ ଉତ୍ପାଦନ କରିବା। ଜଳବାୟୁ ପରିବର୍ତ୍ତନ ଭିତ୍ତିକ ରୋଗ ଉପରେ ପ୍ରାଣୀଙ୍କ ରକ୍ତ ପରୀକ୍ଷା ପୂର୍ବକ ସର୍ବେକ୍ଷଣ କରାଇବା।

-ଉନ୍ନତ ପ୍ରଜାତି ପ୍ରାଣୀଙ୍କର ବିକାଶ ନିମନ୍ତେ ଜୈବପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଓ ପ୍ରାଣୀ ପ୍ରଜନନ ଦକ୍ଷତା ଅଭିବୃଦ୍ଧି ନେଇ କାର୍ଯ୍ୟକରିବା। ପ୍ରାଣୀ ପାଳକମାନଙ୍କ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ - ଉଦାହରଣ ସବୁଜ ଘାସ ଉତ୍ପାଦନ, ଘାସ ସଂରକ୍ଷଣ, ଆବର୍ତ୍ତନୀୟ ଚରାଇବା ପଦ୍ଧତି, ବାୟୋଗ୍ୟାସ୍ ଉତ୍ପାଦନ ଇତ୍ୟାଦି।

➤ପ୍ରାଣୀଙ୍କ ସମ୍ପର୍କିତ ଆଗୁଆ ରୋଗ ସୂଚନା ନେଇ ଗବେଷଣା ଅବ୍ୟାହତ ରଖିବା।

**ଗୋରୁଗାଈଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରଶମିତ କରିବା ନେଇ ବିଭିନ୍ନ ଉପାୟ :** ଗୋପାଳନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ନେଇ ଗୋପାଳକ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା । ଗୋପାଳକ ତଥା ଚାଷୀମାନେ ଜୈବିକ କମ୍ପୋଷ୍ଟ ଖତ ପ୍ରସ୍ତୁତି ପ୍ରଣାଳୀକୁ ଅଧିକ ଲୋକପ୍ରିୟତା କରିବା । ଡାଏରୀ ଫାର୍ମ ନେଇ ସମସ୍ତ ଉପକରଣ ଯଥା - ଘାସକଟା ଯନ୍ତ୍ର, ବ୍ରସ୍ କଟର, ପ୍ରେସର ୱାସର ଆଦି ଉପରେ ସବ୍‌ସିଡି ବ୍ୟବସ୍ଥା । ଗୋପାଳନର ସଫଳ କାହାଣୀକୁ ଅଧିକ ଲୋକଲୋଚନକୁ ଆଣିବା । ପ୍ରାଣୀ ସ୍ୱାସ୍ଥ୍ୟ ସେବାର ବେଗ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଉନ୍ନତୀକରଣ କରାଇବା ଏବଂ ଗୋପାଳକ ମାନଙ୍କୁ ପ୍ରତିଷେଧକ ଟିକାକରଣ ଓ ପ୍ରାଣୀ ସ୍ୱାସ୍ଥ୍ୟର ଯତ୍ନ ନେଇ ଶିକ୍ଷା ପ୍ରଦାନ କରାଇବା । ସବୁଜ ଗୋଖାଦ୍ୟ ଫସଲ ଉତ୍ପାଦନ ନିମନ୍ତେ ପ୍ରୋତ୍ସାହନ ପ୍ରଦାନ କରିବା - ପ୍ରକୃତରେ କହିବାକୁ ଗଲେ ପନ୍ନାଁ ଅପେକ୍ଷା ଘାସରେ ଅଧିକ କ୍ଷୀର ମିଳିଥାଏ। ଫାର୍ମର ସମସ୍ତ ବର୍ଜ୍ୟ ବସ୍ତୁକୁ ଘାସରୂପକ ପଦାର୍ଥ ଭାବେ ବ୍ୟବହାର କରିବା ନେଇ ବାୟୋଗ୍ୟାସ୍ ଓ ସୋଲାର ୟୁନିଟ୍‌ମାନ ସ୍ଥାପନ କରିବା । ଜୈବିକ ଚାଷ ଉପରେ ଗୁରୁତ୍ୱାରୋପ କରିବା ସହ ଗୋପାଳନକୁ ପ୍ରୋତ୍ସାହନ ଦେବା । ଅଧିକ ଉତ୍ପାଦନକ୍ଷମ ଦୁଧିଆଳୀ ଗାଈଙ୍କୁ ବୀମାଭୁକ୍ତ କରାଇବା। ପାରମ୍ପରିକ ରୀତିରେ ଗୋପାଳନ ସମ୍ପର୍କିତ ବୈଷୟିକ ଜ୍ଞାନକୌଶଳକୁ ତର୍ଜମା କରିବା ସହ ଡକୁମେଣ୍ଟେଶନ କରାଇବା। ପ୍ରାକୃତିକ ଭାବେ ବଢୁଥିବା ବହୁ ସ୍ଥାନୀୟ ବନ୍ୟଜାତୀୟ ଘାସର ଚିହ୍ନଟ, ସଂରକ୍ଷଣ ଓ ବିକାଶ କରାଇବା । ଜଙ୍ଗଲ ବୃଦ୍ଧି କରାଇବା ନେଇ ପ୍ରତି ଗ୍ରାମପଞ୍ଚାୟତ ସ୍ତରରେ ସ୍ଥାନୀୟ ଜାତିର ବୃକ୍ଷରୋପଣ କରାଇବା। ଗୋଚିକିତ୍ସା ନିମନ୍ତେ ଔଷଧୀୟ ଗଛ ଓ ସ୍ଥାନୀୟ ଗଛପତ୍ରର ଚେର ଆଦିର ବ୍ୟବହାର ନେଇ ପ୍ରମାଣପତ୍ର ବା ଡକୁମେଣ୍ଟଶନ ପ୍ରସ୍ତୁତ କରିବା । ଅଧିକ କରିବା । ସ୍ଥାନୀୟ ପ୍ରଜାତିର ଗାଈ ଯଥା ବିଞ୍ଝାରପୁରୀ, ଘୁମୁସରୀ, ମୋଟୁ, ଖରିଆର୍, ଚିଲିକା ମଇଁଷି, କଳାହାଣ୍ଡି ମଇଁଷି ଆଦିର ସଂରକ୍ଷଣ ଓ ବିକାଶ କରାଇବା । ଜଳବାୟୁ ପରିବର୍ତ୍ତନ ଯୋଗୁ ଅତ୍ୟଧିକ ଉତ୍ତାପ ବୃଦ୍ଧି, ଅନିୟମିତତା ବର୍ଷା ବା ସ୍ୱଳ୍ପବର୍ଷା, ବନ୍ୟା, ଝଡ଼ତୋଫାନ, ଲଗାଣବର୍ଷା, ଅଧିକ ଶୀତ ଦାଉରୁ ଗୋରୁଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାରକରି ଗୁହାଳ ନିର୍ମାଣ କରିବା। ମରୁଡ଼ି ସହନଶୀଳ ଘାସ ତଥା ହିମିଡ଼ିକୋଲା, କଙ୍ଗୋସିଗ୍‌ନାଲ୍ ଆଦି ଘାସ ଚାଷ କରାଇବା । ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଧିକ ଉତ୍ପାଦନକ୍ଷମ ଉନ୍ନତ ଗୋପାଳନ ନିମନ୍ତେ ପ୍ରାଧାନ୍ୟ ଦେବା। ବିଭିନ୍ନ କୀଟ ଯଥା ମଶା, ଡାଆଁଶ, ଟିଙ୍କ, ଉଚ୍ଚୁଣି ଆଦି ଦାଉରୁ ଗୋରୁଙ୍କୁ ମୁକ୍ତ ରଖିବା । ବିଭିନ୍ନ ନୂଆ ନୂଆ



ପୁରାତନ ତଥା ଉନ୍ନତ ପ୍ରାଣୀ ପାଳନ ପଦ୍ଧତି ଅନୁସରଣ କରିବା ସହ ଜଳବାୟୁ ପରିବର୍ତ୍ତନକୁ ଆଧାରକରି ପ୍ରାଣୀ ପାଳନ କରିବା । ଚାଷୀମାନେ ପ୍ରାଣୀ ପାଳନକୁ ଅନ୍ୟାନ୍ୟ ଫାର୍ମିଂର ପରିପୂରକ ଭାବେ ଗ୍ରହଣ କରିବା ଏବଂ ଜୈବିକ ପଦ୍ଧତିରେ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ପ୍ରାଣୀ ପାଳନକୁ ଉପଯୋଗୀ କରିବା। ବୈଜ୍ଞାନିକ ପ୍ରଣାଳୀରେ ଗୋପାଳନ, ଅଣ ପାରମ୍ପରିକ ଉତ୍ପତ୍ତି ସ୍ଥଳ ବା ଉତ୍ସ, ସବୁଜ ଗୋଖାଦ୍ୟ ଆଦି ଉପରେ ସୂଚନା ବିଭିନ୍ନ ଗଣମାଧ୍ୟମରେ ଟୋଲ୍‌ଫ୍ରି ନମ୍ବରରେ ପ୍ରଦାନ କରାଇବା। ଅଧିକ ଗବେଷଣା କରିବା । ମହିଳାଙ୍କ ଆକାଉଣ୍ଟରେ ଦୁଗ୍ଧ ସଂଗ୍ରହ ପଇସା ଜମାକରି ଗୋପାଳନ ଦିଗରେ ସେମାନଙ୍କୁ ଉତ୍ସାହିତ କରିବା । ଗୁହାଳ ତିଆରି ନିମନ୍ତେ ଉତ୍ସୁକ ଗୋପାଳକମାନଙ୍କୁ ଋଣ ବ୍ୟବସ୍ଥା କରିବା। ପ୍ରତ୍ୟେକ ଗ୍ରାମ ନିକଟରେ ଚାରଣଭୂମି ସ୍ୱତନ୍ତ୍ର ଚିହ୍ନଟକରି ସୁରକ୍ଷିତ ରଖିବା । ଆଗ୍ରୋଫରେଷ୍ଟ୍ରି ଓ ଜଙ୍ଗଲଜମି ଅଞ୍ଚଳରେ ସବୁଜ ଘାସଚାଷ ବା ସିଲ୍‌ଭି ପାଶ୍ଚର କରାଇବା । ଜଙ୍ଗଲଜମିକୁ ଅନଧିକାର ବା ଜବରଦଖଲ ଉଚ୍ଛେଦ କରାଇବା । ଘରେ ଘରେ ବା ଅନୁଷ୍ଠାନଗୁଡ଼ିକରେ ବଳକା ଘାସ ସବୁଜ ଗୋଖାଦ୍ୟ ଫସଲର ଗଚ୍ଛିତ ନେଇ ଶୁଷ୍କ ଘାସ ବା ହେ, ସାଇଲେଜ୍ ଆଦି ପ୍ରସ୍ତୁତ କରିବା ସହ ସଂରକ୍ଷଣ କରିବା। ଜଳବାୟୁ ପରିବର୍ତ୍ତନ ନେଇ ଗୋରୁଙ୍କଠାରେ ଦେଖାଦେଉଥିବା ବିଭିନ୍ନ ରୋଗ ଯଥା ଚର୍ମବିନ୍ଦି ରୋଗ, ରକ୍ତକୃମି ରୋଗ ଆଦି ଉପରେ ଗୋପାଳକଙ୍କ ଅବଗତି ନିମନ୍ତେ ପ୍ରଚାର ଓ ପ୍ରସାର କରିବା । ମରୁଡ଼ି ଦେଖାଦେବା ସମୟରେ ଗୋସମ୍ପଦର ସୁରକ୍ଷା ନେଇ ଅଧିକ ଯତ୍ନଶୀଳ ହେବା। ସଂକ୍ରାମକ ରୋଗ ବିରୋଧରେ ଟିକାକରଣ ନେଇ ଗୋପାଳକମାନେ ପଦକ୍ଷେପ ଗ୍ରହଣ ରୋଗ ଯଥା - ଚର୍ମବିନ୍ଦି ରୋଗ ସହ ରକ୍ତ କୃମିଜନିତ ରୋଗ ଯଥା - ଥାଇଲେରିଆ, ଟ୍ରିପାନୋସୋମିଆ, ରକ୍ତ ପରିସ୍ରା ବା ବେବିସିଓସିସ୍ ଆଦି ରୋଗର ତୁରନ୍ତ ଚିହ୍ନଟ, ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା। ସମନ୍ୱିତ ଚାଷ ସହ ଗୋପାଳନ, ଛେଳିମେଣ୍ଢା, ଘୁଷୁରି, କୁକୁଡ଼ା, ବତକ ପାଳନ ଆଦି ଗ୍ରହଣ କରିବା।

-ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ...



➤ଉନ୍ନତ କିସମ ସୂର୍ଯ୍ୟମୁଖୀ ଯଥା- ମଡର୍ନ, ଇ.ସି.-୬୮୪୧୪, ଇ.ସି.-୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପିଏସି-୩୬, କେବିଏସ୍‌ଏଚ୍-୧, କେବିଏସ୍‌ଏଚ୍-୪୪ ଓ ଏମ୍‌ଏସ୍‌ଏଫ୍‌ଏଚ୍-୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।

➤ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭-୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ। ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

➤ମାଣ୍ଡିଆ କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ । କେଣ୍ଡାଗୁଡ଼ିକ ୩-୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ ।

➤ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା: ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି-୨୬୨ ସଂଗ୍ରହ କରନ୍ତୁ ।

➤ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ତିନି ଚାରୋଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି, ଦେବୀ, ଧରଣୀ, ଟି.ଜି.-୩୮, ଟି.ଏସ୍.ଭି.-୨ ଓ କାଦିରୀ-୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

## ରାଶି ବୁଣିବା ପୂର୍ବରୁ...



ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫-୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ + ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

## ଆଖୁ କିଆରିରୁ ପାଣି ନିଷ୍କାସନ

ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କ୍ୱିନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ବିଷ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ । ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁପି କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଲିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



## ଧାନଚାଷରେ ରୋଗପୋକ ପରିଚାଳନା



ଧାନଚାଷରେ ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି/ ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା କୀଟନାଶକକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ୧ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗକଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରିରୁ ଲେଡ଼ାପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି।

# କିଶୋରଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଭେଲିନ୍ ଥ୍ରୋ ତାରକା କିଶୋର ଜେନାଙ୍କୁ ଦେଢ଼କୋଟି ଟଙ୍କାର ଚେକ୍ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

## ■ ଦେଢ଼କୋଟି ଟଙ୍କା ପୁରସ୍କାର ରାଶି ପ୍ରଦାନ କଲେ
## ■ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଅଭିନନ୍ଦନ ଜଣାଇଲେ

ଭୁବନେଶ୍ୱର,୧୭।୧୦
(ଅନିଲ ଦାସ)

ନିକଟରେ ଚାଇନାର ହାଙ୍ଗଝୋଠାରେ ଶେଷ ହୋଇଥିବା ଏସୀୟ କ୍ରୀଡ଼ା-୨୦୨୩ରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ ସହ ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ରେ ନିଜର ସ୍ଥାନ ସୁନିଶ୍ଚିତ କରିଥିବା ଓଡ଼ିଶାର ଜାଭେଲିନ୍ ତାରକା କିଶୋର ଜେନାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦେଢ଼ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। କିଶୋର ସେଠାରେ ବ୍ୟକ୍ତିଗତ ଶ୍ରେଷ୍ଠ ୮୭.୫୪ ମିଟର ଜାଭେଲିନ୍ ଥ୍ରୋ କରି ରୌପ୍ୟ ପଦକ ପାଇଥିଲେ। କିଶୋର ଓଡ଼ିଶା ପାଇଁ ଗୌରବର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ ଦୋହରାଇଛନ୍ତି ଏବଂ ଏହି ଐତିହାସିକ ସଫଳତା ପାଇଁ ତାଙ୍କୁ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ସେ ରାଜ୍ୟ ପାଇଁ ଅଧିକ ଗୌରବ ଆଣିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିବା ସହ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି. କେ. ପାଣ୍ଡିଆନ ଉପସ୍ଥିତ ରହି କିଶୋରଙ୍କ ଐତିହାସିକ ଯାତ୍ରା ପାଇଁ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ପ୍ରୟାସ ଓ ସଫଳତାକୁ ସ୍ୱୀକୃତି ଦେଇଥିବାରୁ କିଶୋର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏଥିସହ କ୍ରୀଡ଼ାବିତ୍‌ମାନେ ଯେପରି ନିଜ କ୍ରୀଡ଼ା ପ୍ରତି ଧ୍ୟାନ କେନ୍ଦ୍ରିତ କରିପାରିବେ ସେଥିନେଇ ରାଜ୍ୟ ସରକାର ସମସ୍ତ ପ୍ରକାର ସାହାଯ୍ୟ ଓ ପ୍ରୋତ୍ସାହନ ଯୋଗାଇ ଦେଉଥିବାରୁ ସେ ଓଡ଼ିଶା ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ବିଶ୍ୱ ଆଥ୍‌ଲେଟିକ୍ସ ଦୁନିଆରେ ପୁରୀର ଏହି ଜାଭେଲିନ୍ ତାରକା ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି। ଏହି ବର୍ଷଟି ତାଙ୍କ ପାଇଁ ଅନେକ ସଫଳତା ଆଣିଦେଇଛି । ଏସୀୟ କ୍ରୀଡ଼ା ପ୍ରସ୍ତୁତି ସମୟରେ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପରେ ପଞ୍ଚମ ସ୍ଥାନ ଅଧିକାର କରି ସେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିବାରୁ ତାଙ୍କର ଏହି ସ୍ୱୀକୃତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ । କିଶୋର କ୍ରମାଗତ ଭାବରେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନକୁ ଅତିକ୍ରମ କରିଛନ୍ତି ଏବଂ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଏହି ଧାରାକୁ ବଜାୟ ରଖିବା ନିମନ୍ତେ ଆଶା ରଖିଛନ୍ତି ।

# ଦୀପଙ୍କର ଓଡ଼ିଶା ହକି ପ୍ରମୋଶନ କାଉନସିଲ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୭।୧୦
(ତପନ ସ୍ୱାଇଁ)



ଦୀପଙ୍କର ମହାପାତ୍ର

ଓଡ଼ିଶା ହକି ପ୍ରମୋଶନ କାଉନସିଲର ନିର୍ଦ୍ଦେଶକଭାବେ ଦୀପଙ୍କର ମହାପାତ୍ରଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ସେ ଓଡ଼ିଶା ହକି ପ୍ରମୋଶନ କାଉନ୍ସିଲର ପରିଚାଳନାକୁ ଓଭରଅଲ୍ ତଦାରଖ କରିବା ସହ ରାଜ୍ୟରେ କିପରି ହକି ଅଧିକ ଲୋକପ୍ରିୟ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବେ। ନିଯୁକ୍ତ ହେବାପରେ ସେ ରାଜ୍ୟ ହକି ଇକୋସିଷ୍ଟମ ସମ୍ପର୍କରେ ଅନୁଷ୍ଠାନର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସମସ୍ତେ ମିଶି ହକିର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ସେ ଉତ୍ସାହିତ କରିଥିଲେ। ଓଡ଼ିଶା ଏବେ ହକିର ଗ୍ଲୋବାଲ ହବ୍‌ରେ ପରିଣତ ହୋଇଛି। ତାଙ୍କ ନେତୃତ୍ୱରେ ହକି ପ୍ରମୋଶନ କାଉନ୍‌ସିଲ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କ ପାଇଁ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି କରିବା ସହ ଜାତୀୟ ଦଳରେ ଯେପରି ଓଡ଼ିଶାର ଅଧିକ ପ୍ରତିନିଧିତ୍ୱ ରହିବ ସେ ଲକ୍ଷ୍ୟରେ କାର୍ଯ୍ୟ କରିବ।






# ପୁଣି ଚର୍ଚ୍ଚାରେ ସାନିଆ-ଶୋଏବ

**ମୁମ୍ବାଇ,୧୭।୧୦:** ଭାରତୀୟ ଟେନିସ୍ ଷ୍ଟାର ସାନିଆ ମିର୍ଜା ଓ ପାକିସ୍ତାନୀ କ୍ରିକେଟର ଶୋଏବ ମଲିକଙ୍କ ଡିଭୋର୍ସ ପୁଣି ଥରେ ଚର୍ଚ୍ଚାର ବିଷୟ ପାଲଟିଛି। ସାନିଆଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରି ଏହି ଚର୍ଚ୍ଚାର ମୁଖ୍ୟ କାରଣ ପାଲଟିଛି। 'ଯଦି ମୁଁ କଥା ହେଉଛି ତେବେ ମୁଁ ତୁମ ବିଷୟରେ ଚିନ୍ତା କରୁଛି ମାତ୍ର ଯଦି ମୁଁ ନୀରବ ତେବେ ସମ୍ପର୍କ ଶେଷ' ବୋଲି ସାନିଆ ସୋମବାର ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଷ୍ଟୋରି ରଖିଥିଲେ। ଉଭୟ ସାନିଆ ଓ ଶୋଏବ ବର୍ଷେରୁ ଅଧିକ ସମୟ ଧରି ଅଲଗା ରହୁଛନ୍ତି। ସାନିଆ ୫ ବର୍ଷର ପୁଅ ସହ ଦୁବାଇରେ ରହୁଥିବା ବେଳେ ଶୋଏବ ପାକିସ୍ତାନରେ ରହୁଛନ୍ତି। ସମୟ ସମୟରେ ସାନିଆ-ଶୋଏବଙ୍କ ଡିଭୋର୍ସକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଉଭୟ ସେଲିବ୍ରିଟି ଏହାକୁ ନେଇ କିଛି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ନିକଟରେ ଅନ୍ତର୍ଜାତୀୟ ଟେନିସ୍‌ରୁ ଅବସର ଗ୍ରହଣ କରିଥିବା ସାନିଆଙ୍କ ଷ୍ଟୋରି ପରେ ସେ ଓ ଶୋଏବ ଅଲଗା ହେଉଥିବା ନେଇ ଫ୍ୟାନଙ୍କ ମଧ୍ୟରେ ଆଲୋଚନା ହେଉଛି।

କିଛି ଦିନ ପୂର୍ବରୁ ସାନିଆ ନିଜ ଇନ୍‌ଷ୍ଟାଗ୍ରାମରୁ ସବୁ ଫଟୋ ଡିଲିଟ୍ କରି ଦେଇଥିଲେ। ବର୍ତ୍ତମାନ ସାନିଆଙ୍କ ଆଇଡିରେ ଶୋଏବଙ୍କ ଗୋଟିଏ ବି ଫଟୋ ନାହିଁ। ଅନ୍ୟ ପକ୍ଷରେ ଶୋଏବ ମଧ୍ୟ ନିଜ ଇନଷ୍ଟା ବାୟୋ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ସେ ଜଣେ ସୁପର ଓମ୍ୟାନଙ୍କ ସ୍ୱାମୀ ବୋଲି ଲେଖିଥିବା ବେଳେ ବର୍ତ୍ତମାନ ଜଣେ ଚମତ୍କାର ଶିଶୁର ପିତା ବୋଲି ଲେଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ତାନୀ ଅଭିନେତ୍ରୀ ଓ ମଡେଲ ଆୟେଶା ଓମାରଙ୍କ ସହିତ ଫଟୋଶୁଟ୍ ପରେ ଉଭୟଙ୍କ ସମ୍ପର୍କ ଖରାପ ହେବା ନେଇ ଆଲୋଚନା ହୋଇଥିଲା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ